ଧରିତ୍ରୀ
DHARITRI
ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଜୁଲାଇ ୨୩/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, July 23/2025 | Page 14 | ₹ 7.00 | BERHAMPUR
୫୧ଶ ଭାଗ ୨୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 238 | ମୂଲ୍ୟ ₹୭/-




**ହରମନପ୍ରୀତ୍‌ଙ୍କ ଶତକ**

ଇଂଲଣ୍ଡ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ମହିଳା କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଭାରତୀୟ ବ୍ୟାଟର ହରମନପ୍ରୀତ୍ କୌର। **୧୪**

**୧୦** **ଖୁବ୍‌ଶୀଘ୍ର କାଜୋଲ, ଟ୍ୱିଙ୍କଲଙ୍କ ଟକ୍ ଶୋ**

ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ ଭିଡିଓ ପକ୍ଷରୁ ମଙ୍ଗଳବାର ଏକ ନୂତନ ଟକ୍ ଶୋ'ର ଘୋଷଣା କରାଯାଇଛି। ଅଭିନେତ୍ରୀ କାଜୋଲ ଏବଂ ଟ୍ୱିଙ୍କଲ ଖାନ୍ନା ଏହି ଶୋ'କୁ ହୋଷ୍ଟ କରିବେ।






ଶ୍ରାବଣ ମାସରେ ଶ୍ରଦ୍ଧାଳୁମାନେ 'କନ୍‌ୱର୍ ଯାତ୍ରା' ଅବସରରେ ହରିଦ୍ୱାରସ୍ଥିତ ହର୍ କି ପୁରୀ ଗଙ୍ଗାଘାଟରୁ ଜଳ ଉଠାଉଛନ୍ତି।

# ଏସ୍‌ଆଇଟି ତଦନ୍ତ ଅନାବଶ୍ୟକ: ହାଇକୋର୍ଟ

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ଏସ୍‌ଆଇଟି ତଦନ୍ତ ପାଇଁ ହାଇକୋର୍ଟରେ ହୋଇଥିବା ଆବେଦନ ଖାରଜ ହୋଇଯାଇଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ କରୁଥିବା ତଦନ୍ତ ଠିକ୍ ବାଟରେ ଯାଉଛି। ଏଥିରେ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍ (ଏସ୍‌ଆଇଟି) ତଦନ୍ତର ଆବଶ୍ୟକତା ନାହିଁ ବୋଲି ମଙ୍ଗଳବାର ଉଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଏଥିସହିତ ଛାତ୍ରୀ ମୃତ୍ୟୁକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଆନ୍ଦୋଳନ ଏବଂ ବିକ୍ଷୋଭ କରାଯାଇ ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିବା ଅଭିଯୋଗରେ ଉଭୟ ବିଜେଡି ଏବଂ କଂଗ୍ରେସ ରାଜ୍ୟ ସଭାପତିଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି।




**ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା**

## ବିଜେଡି, କଂଗ୍ରେସକୁ ନୋଟିସ ଜାରି କଲେ କୋର୍ଟ

କଟକ,୨୨।୭(କାର୍ତ୍ତିକ ସାହୁ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ମାମଲାକୁ ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମାନସ ରଞ୍ଜନ ପାଠକଙ୍କ ଖଣ୍ଡପୀଠ ଏହି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତରେ ସନ୍ତୋଷ ପ୍ରକାଶ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଏସ୍‌ଆଇଟି ଦ୍ୱାରା ତଦନ୍ତ କରାଇବା ନିମନ୍ତେ ହୋଇଥିବା ଆବେଦନକୁ ହାଇକୋର୍ଟ ଆବଶ୍ୟକ ନାହିଁ ବୋଲି କହିଛନ୍ତି। ତେବେ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ବିଜୁ ଜନତା ଦଳ ଓ କଂଗ୍ରେସ ପକ୍ଷରୁ କରାଯାଇଥିବା ଓଡ଼ିଶା ବନ୍ଦ ଆନ୍ଦୋଳନ ପାଇଁ ଉଭୟ ଦଳର ରାଜ୍ୟ ସଭାପତିଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବାଲେଶ୍ୱର ଛାତ୍ରୀ ମୃତ୍ୟୁ ମାମଲାର ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ଏସ୍‌ଆଇଟି ଗଠନ କରାଯାଇ ଦକ୍ଷ ଅଧିକାରୀଙ୍କ ଦ୍ୱାରା ନିରପେକ୍ଷ ତଦନ୍ତ କରିବାକୁ ଆଇନଜୀବୀ ଶିବଶଙ୍କର ମହାନ୍ତି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମାମଲାର ତଦନ୍ତ ଶେଷ କରିବା ନିମନ୍ତେ ହାଇକୋର୍ଟ ଆଦେଶ ଦେବାକୁ ସେ ଆବେଦନରେ ଉଲ୍ଲେଖ କରିଛନ୍ତି। ସେହିପରି ପୋଲିସ ଡିଜି କ୍ରାଇମବ୍ରାଞ୍ଚ ତଦନ୍ତର ଷ୍ଟାଟସ୍ ରିପୋର୍ଟ ଦାଖଲ, ୟୁନିଭରସିଟି ଗ୍ରାଣ୍ଟସ କମିଶନ (ୟୁଜିସି) ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ତଦନ୍ତ ରିପୋର୍ଟ ଓ କାର୍ଯ୍ୟାନୁଷ୍ଠାନ ଦାଖଲ କରିବାକୁ ଏବଂ ରାଜ୍ୟ ଓ କେନ୍ଦ୍ର ସରକାର ☞ପୃଷ୍ଠା-୪

# ଏସ୍‌ଆଇଆର୍ ଝଡ଼ରେ ସଂସଦ ଅଚଳ

■ ବିହାର ବିଧାନସଭାରେ ପ୍ରବଳ ହଟ୍ଟଗୋଳ

■ ଭୋଟରଙ୍କ ନାଗରିକତ୍ୱ ଛଡ଼ାଇନେବା ପାଇଁ ଷଡ଼ଯନ୍ତ୍ର: ତେଜସ୍ୱୀ

**ବିହାର ବିଧାନସଭା ଭୋଟ ପୂର୍ବରୁ ଭାରତର ନିର୍ବାଚନ କମିଶନ (ଇସିଆଇ) ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପାଇଁ ଚଳାଇଥିବା ସ୍ପେଶିଆଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର୍) ପ୍ରସଙ୍ଗ ମଙ୍ଗଳବାର ସଂସଦରେ ଅଚଳାବସ୍ଥା ସୃଷ୍ଟି କରିଛି। କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସମେତ ବିରୋଧୀ ପକ୍ଷ ଏହା ଉପରେ ବିତର୍କ ଦାବିରେ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ହଟ୍ଟଗୋଳ କରିବାରୁ ବାରମ୍ବାର ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ହୋହଲ୍ଲା, ସ୍ଲୋଗାନ ମଧ୍ୟରେ ଉଭୟ ସଦନକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ବିହାର ବିଧାନସଭା ମଧ୍ୟ ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନ ଏସ୍‌ଆଇଆର୍ ବିରୋଧୀ ବିକ୍ଷୋଭର ଝଡ଼ରେ ଥମିଯାଇଛି।**




ପାର୍ଲାମେଣ୍ଟ ପରିସରରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଡିଏମ୍‌କେର କାନିମୋଝିଙ୍କ ସମେତ ବିରୋଧୀ ସଦସ୍ୟମାନେ ଏସ୍‌ଆଇଆର୍ ଉପରେ ବିତର୍କ ଦାବି କରି ବିକ୍ଷୋଭ କରୁଛନ୍ତି।

ନୂଆଦିଲ୍ଲୀ/ପାଟନା,୨୨।୭(ପି.ଟି./ଏଜେନ୍ସି)

ବିହାର ବିଧାନସଭା ନିର୍ବାଚନ ଆସନ୍ତା ସେପ୍ଟେମ୍ବର ଆଡ଼କୁ ହେବାକୁ ଥିବାବେଳେ ଇସିଆଇ ଭୋଟର ତାଲିକା ସଂଶୋଧନରେ ଲାଗିଛନ୍ତି। ନିର୍ବାଚନ କମିଶନ ଆଗକୁ ସାରା ଦେଶରେ ଏସ୍‌ଆଇଆର୍ କରାଇବାକୁ ଯାଉଥିବାରୁ ବିରୋଧୀ ଦଳଗୁଡ଼ିକ ଏହାକୁ ଭୋଟରଙ୍କ ନାଗରିକତ୍ୱ ଛଡ଼ାଇନେବା ପାଇଁ ଷଡ଼ଯନ୍ତ୍ର ରୂପେ ଅଭିହିତକରି ଏହା ଉପରେ ବିତର୍କ ଦାବି କରିଛନ୍ତି। ମଙ୍ଗଳବାର ଲୋକ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଯାଇ ହଟ୍ଟଗୋଳ କରିଥିଲେ। ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ୍ ଓ ଦିଲୀପ ସାଇକିଆ ବିରୋଧୀ ଏମ୍‌ପିମାନଙ୍କୁ ନିଜ ଆସନକୁ ଯାଇ ଗୃହକାର୍ଯ୍ୟ ଚଳାଇଦେବାକୁ ବାରମ୍ବାର ଅନୁରୋଧ କରିଥିଲେ। କିନ୍ତୁ ଉଭୟଙ୍କ କଥା କେହି ଶୁଣି ନ ଥିଲେ। ଅପରାହ୍ଣରେ ବାଚସ୍ପତି ଓମ୍ ବିର୍ଲା ସ୍ଲୋଗାନ ଦେବା ଓ ପ୍ଲାକାର୍ଡ ଦେଖାଇବା ଗୃହର ମର୍ଯ୍ୟାଦା ହାନି କରୁଛି କହି ମୁଲତବୀ ଘୋଷଣା କରିଥିଲେ। ବିରୋଧ ଓ ବିକ୍ଷୋଭ ଜାରି ରହିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ☞ପୃଷ୍ଠା-୪

# ଆକାଂକ୍ଷୀ ବ୍ଲକ ସଂଖ୍ୟା ୪୦ ଛୁଇଁଲା

**କେନ୍ଦୁଝରର ୫ ଓ ମୟୂରଭଞ୍ଜର ୬ ନୂଆ ବ୍ଲକ ସାମିଲ**

ଭୁବନେଶ୍ୱର,୨୨।୭ (ରବିନାରାୟଣ ଜେନା)

ଓଡ଼ିଶାର ଆକାଂକ୍ଷୀ ବ୍ଲକ ସଂଖ୍ୟା ୪୦କୁ ବୃଦ୍ଧି ପାଇଛି। ପୂର୍ବରୁ ୨୯ରେ ସୀମିତ ଥିବାବେଳେ ମଙ୍ଗଳବାର ନୀତି ଆୟୋଗଙ୍କ ପକ୍ଷରୁ ଆଉ ୧୧ଟି ନୂଆ ବ୍ଲକ ଏଥିରେ ଯୋଡ଼ାଯାଇଛି। ସେଥିମଧ୍ୟରେ କେନ୍ଦୁଝର ଜିଲାର ୫ଟି ଓ ମୟୂରଭଞ୍ଜ ଜିଲାର ୬ଟି ନୂଆ ବ୍ଲକ ସାମିଲ ହୋଇଥିବା ନୀତି ଆୟୋଗଙ୍କ ବିଜ୍ଞପ୍ତିରୁ ଜଣାପଡ଼ିଛି।

**ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ରଖିଲା ନୀତି ଆୟୋଗ**

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବ୍ଲକଗୁଡ଼ିକୁ ସାମିଲ କରିବା ପାଇଁ ନିକଟରେ ନୀତି ଆୟୋଗଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ରକ୍ଷାକରି ନୀତି ଆୟୋଗ ☞ପୃଷ୍ଠା-୪

# 'ଆଧାର' ଗ୍ରହଣ କଲେନାହିଁ ଇସିଆଇ

ନୂଆଦିଲ୍ଲୀ,୨୨।୭(ପି.ଟି.)

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଚାଲିଥିବା ସ୍ପେଶିଆଲ ଇଣ୍ଟେନ୍‌ସିଭ ରିଭିଜନ୍ (ଏସ୍‌ଆଇଆର୍) ଭୋଟର ତାଲିକାରେ ଶୁଦ୍ଧତା ଆଣିବ ବୋଲି ଦର୍ଶାଇ ନିର୍ବାଚନ କମିଶନ (ଇସି) ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ପରାମର୍ଶକୁ ଅଗ୍ରାହ୍ୟ କରିଦେଇଛନ୍ତି। ଅଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ୍ ଦେବା ପାଇଁ ଏହି ପ୍ରକ୍ରିୟା ଚାଲିଥିବାରୁ ଆଧାର କାର୍ଡ, ଭୋଟର ଆଇଡି ଏବଂ ରାଶନ୍ କାର୍ଡକୁ ମତଦାନର ମାପକାଠି ରୂପେ ଗ୍ରହଣ କରାଯାଇପାରିବ ନାହିଁ। ଏହା କେବଳ ପରିଚୟ ଚିହ୍ନଟ ପାଇଁ ଉଦ୍ଦିଷ୍ଟ ବୋଲି ଇସିଆଇଙ୍କ ପକ୍ଷରୁ ଦାଖଲ ଏକ ସତ୍ୟପାଠରେ ଦର୍ଶାଯାଇଛି।

ବିହାରରେ ଭୋଟର ତାଲିକା ସଂଶୋଧନ ପାଇଁ ନିର୍ବାଚନ କମିଶନଙ୍କ ଏସ୍‌ଆଇଆର୍ ନିଷ୍ପତ୍ତିକୁ ଚ୍ୟାଲେଞ୍ଜକରି ସୁପ୍ରିମକୋର୍ଟରେ ୧୦ରୁ ଉର୍ଦ୍ଧ୍ୱ ପିଟିଶନ ଦାଖଲ ହୋଇଛି। ଜୁଲାଇ ୧୦ରେ ସୁପ୍ରିମକୋର୍ଟ ସେଗୁଡ଼ିକର ଶୁଣାଣି କରି ଭୋଟର ପଞ୍ଜୀକରଣ ପାଇଁ ଆଧାର କାର୍ଡ, ଭୋଟର ପରିଚୟପତ୍ର ଓ ରାଶନ୍ କାର୍ଡକୁ ଗ୍ରହଣ କରିବା ଲାଗି ବିଚାର କରିବାକୁ ଇସିଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ନଭେମ୍ବର ଆଡ଼କୁ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏବେ କାହିଁକି ରିଭିଜନ୍ କରାଯାଉଛି ବୋଲି ଅଦାଲତ ପ୍ରଶ୍ନ ଉଠାଇଥିଲେ। ଜୁଲାଇ ୨୮ରେ ଏହାର ପରବର୍ତ୍ତୀ ଶୁଣାଣି ହେବାକୁ ଥିବାବେଳେ ଇସିଙ୍କ ପକ୍ଷରୁ ମଙ୍ଗଳବାର ସର୍ବୋଚ୍ଚ ଅଦାଲତରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ଇସି ଏଥିରେ ଦର୍ଶାଇଛନ୍ତି, ଅନେକ ଆଇନଗତ ଆହ୍ୱାନ ରହିଥିଲେ ମଧ୍ୟ ଆଧାର, ଭୋଟର ଆଇଡି ଓ ରାଶନ୍ କାର୍ଡକୁ ଏସ୍‌ଆଇଆର୍-୨୦୨୫ ପାଇଁ ସୀମିତ ଉଦ୍ଦେଶ୍ୟରେ ପଞ୍ଜୀକରଣ ନିମନ୍ତେ ବିଚାର କରାଯାଉଛି। ତେବେ ଏସ୍‌ଆଇଆର୍ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ଅଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ୍‌ଦେବା ପାଇଁ ଉଦ୍ଦିଷ୍ଟ। ମତଦାନ ଅଧିକାର ସମ୍ବିଧାନର ଅନୁଚ୍ଛେଦ ୩୨୬ ଅଧୀନରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନଗଦ ଟଙ୍କାକୁ ଫେରିବା

# କୋଟିଆକୁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ବସ୍ ସେବା: ମନ୍ତ୍ରୀ

ଭୁବନେଶ୍ୱର,୨୨।୭(ସୁନିତ୍ ମିଶ୍ର)

କୋଟିଆ ପାଇଁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ କରାଯିବ। କୋଟିଆର ସମନ୍ୱିତ ବିକାଶ ପାଇଁ ସରକାର ଲକ୍ଷ୍ୟ ରଖିଥିବା ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଜେନା ଆହୁରି କହିଛନ୍ତି, କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। ଯିଏ ଯେତେ ଦାବିକଲେ ମଧ୍ୟ କୋଟିଆ ଓଡ଼ିଶାରେ ରହିଛି, ଆଗକୁ ମଧ୍ୟ ରହିବ। ନିର୍ବାଚନ ସମୟରେ କୋଟିଆ ଉପରେ ଆନ୍ଧ୍ରର ଆଖି ରହୁଛି। ତାକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଚଳାଇଛନ୍ତି। ମନ୍ତ୍ରୀ ଜେନା ଆହୁରି କହିଛନ୍ତି, ଖଣି ଖାଦାନରେ କୋଟିଆ ଭରପୂର ରହିଛି। ସେଠାକାର ଏକ ପାହାଡ଼କୁ ସୁନାପାହାଡ଼ ବୋଲି କୁହାଯାଏ। ତାକୁ ଚିହ୍ନଟକରି ତା'ର ସଦୁପଯୋଗ କରିବା ପାଇଁ ଖଣି ବିଭାଗ ☞ପୃଷ୍ଠା-୪

# ୩ ହକି ପ୍ରଶିକ୍ଷକ ଗିରଫ

## ନାବାଳିକା ହକି ପ୍ରଶିକ୍ଷାର୍ଥୀଙ୍କୁ ଗଣବଳାତ୍କାର ଘଟଣା

ଯାଜପୁର/ଯାଜପୁର ଟାଉନ (ହର୍ଷବର୍ଦ୍ଧନ ବେହେରା/ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି),୨୨।୭

ଯାଜପୁର ଟାଉନ ଥାନା ଅନ୍ତର୍ଗତ ମାନସାପୋଲ ନିକଟସ୍ଥ ଜଣେ ନାବାଳିକା ହକି ପ୍ରଶିକ୍ଷାର୍ଥୀଙ୍କୁ ଗଣବଳାତ୍କାର ଘଟଣାରେ ୩ ହକି ପ୍ରଶିକ୍ଷକଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା କିଶନନଗର ଥାନା ଅନ୍ତର୍ଗତ ଓଦପଡା ଗ୍ରାମର ସନ୍ଦୀପ ସ୍ୱାଇଁ ଓରଫ ବଣ୍ଟି(୨୬), କଟକ ଜିଲା ନେମାଳ ଥାନା ଅନ୍ତର୍ଗତ ମଲିକାପୁର ଗ୍ରାମର ସାର୍ଥକ ମହାନ୍ତି ଓରଫ ପିକୁନ(୨୨) ଏବଂ କଟକ ଜିଲା କିଶନନଗର ଥାନା ଅନ୍ତର୍ଗତ ହୁଲିପୁର ଗ୍ରାମର ସାଗର କୁମାର ନାୟକ ଓରଫ ମିଠୁ(୨୭)। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସାଗର ଓ



ସାର୍ଥକ କଟକ ହକି ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକ ହୋଇଥିବାବେଳେ ସନ୍ଦୀପ ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ରରେ ଗତ ୧୦ ମାସ ହେଲା ଯୋଗ ଦେଇଥିଲେ। ଅନ୍ୟ ଜଣେ ପ୍ରଶିକ୍ଷକଙ୍କ ଏହି ଘଟଣାରେ ସଂପୃକ୍ତି ନ ଥିବାରୁ ତାଙ୍କୁ ସାକ୍ଷୀ ରୂପେ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, ଗତ ରବିବାର ରାତିରେ ଜଣେ ନାବାଳିକା ହକି ପ୍ରଶିକ୍ଷାର୍ଥୀ ୪ ପ୍ରଶିକ୍ଷକଙ୍କ ନାମରେ ଯାଜପୁର ଥାନାରେ ଅସଦାଚରଣ ଓ ଜଣକ ନାମରେ ବଳାତ୍କାର କରିଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇଲା ପରେ ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ତୁରନ୍ତ ମାମଲା ରୁଜୁ କରି କଟକ ଜିଲାର ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଧରିବା ସହ ଯାଜପୁର ଥାନାରେ ଅଟକ ରଖି ପଚରାଉଚରା କରିଥିଲେ। ହକି ପ୍ରଶିକ୍ଷକ ସନ୍ଦୀପ ପୂର୍ବରୁ ଧମକ ଚମକ ଦେଇ ନାବାଳିକା ହକି ଖେଳାଳିଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ଗତ ୩ ତାରିଖରେ ପ୍ରଶିକ୍ଷକ ସାର୍ଥକ ଓ ସାଗର ବିଭିନ୍ନ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ☞ପୃଷ୍ଠା-୪

# ଶକ୍ତିଶାଳୀ ପାସ୍‌ପୋର୍ଟ ତାଲିକା: ୭୭ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ,୨୨।୭

ହେନ୍‌ଲେ ପାସ୍‌ପୋର୍ଟ ସୂଚକାଙ୍କ-୨୦୨୫ (କ୍ୱାର୍ଟର ୨)ରେ ଭାରତର ସ୍ଥିତିରେ ଉନ୍ନତି ଘଟିଛି। ଚଳିତ ସୂଚକାଙ୍କରେ ଭାରତ ୮ ସ୍ଥାନ ଉପରକୁ ଉଠି ୭୭ତମ ସ୍ଥାନରେ ପହଞ୍ଚିଛି। ୬ ମାସ ତଳେ ହେନ୍‌ଲେ ପକ୍ଷରୁ ଜାରି କରାଯାଇଥିବା ସୂଚକାଙ୍କରେ ଭାରତର ପାସ୍‌ପୋର୍ଟ ୮୫ତମ ସ୍ଥାନରେ ଥିଲା। ଏହି ସୂଚକାଙ୍କ ଅନୁଯାୟୀ, ଭାରତୀୟ ପାସ୍‌ପୋର୍ଟଧାରୀ ବିନା ଭିଜାରେ କିମ୍ବା ଭିଜା ଅନ୍ ଆରାଇଭାଲ ସୁବିଧା ସହ ବିଶ୍ୱର ୫୯ ଦେଶକୁ ସମ୍ପ୍ରତି ଭ୍ରମଣ କରିପାରୁଛନ୍ତି। ଗତ ଜାନୁଆରୀରେ ପ୍ରକାଶ ପାଇଥିବା ରିପୋର୍ଟଅନୁଯାୟୀ, ଭାରତୀୟ ପାସ୍‌ପୋର୍ଟଧାରୀ ବିନା ଭିଜାରେ ୫୭ ଦେଶକୁ ଯାତ୍ରା କରିପାରୁଥିଲେ। ଥାଇଲାଣ୍ଡ, ଇଣ୍ଡୋନେସିଆ, ଶ୍ରୀଲଙ୍କା, ଭୁଟାନ, ନେପାଳ ଆଦି ପର୍ଯ୍ୟଟନ ବହୁଳ ଦେଶଗୁଡ଼ିକୁ ଭାରତୀୟମାନେ ବିନା ଭିଜାରେ ଯାତାୟାତ କରିପାରୁଥିବା ବେଳେ ଆମେରିକା, ଅଷ୍ଟ୍ରେଲିଆ,

**ହେନ୍‌ଲେ ପାସ୍‌ପୋର୍ଟ ସୂଚକାଙ୍କ**




**ସିଙ୍ଗାପୁର ଶୀର୍ଷରେ, ନିମ୍ନରେ ଆଫଗାନିସ୍ତାନ**

ବ୍ରିଟେନ୍ ପରି ଦେଶକୁ ଯିବା ପାଇଁ ଭାରତୀୟଙ୍କୁ ଭିଜା ଆବେଦନ କରିବାକୁ ପଡୁଛି। ଏହି ସୂଚକାଙ୍କ ଅନୁଯାୟୀ, ସିଙ୍ଗାପୁରର ପାସ୍‌ପୋର୍ଟ ହେଉଛି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପାସ୍‌ପୋର୍ଟ। ସମ୍ପ୍ରତି ସିଙ୍ଗାପୁରର ନାଗରିକମାନେ ବିନା ଭିଜାରେ ୧୯୩ ଦେଶକୁ ଯାତ୍ରା କରିପାରୁଛନ୍ତି। ଜାପାନ ଏବଂ ଦକ୍ଷିଣ କୋରିଆ ଏହି ସୂଚକାଙ୍କରେ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଭୟ ଦେଶର ଲୋକେ ବିନା ଭିଜାରେ ୧୯୦ ଦେଶକୁ ଭ୍ରମଣ କରିପାରୁଛନ୍ତି। ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ଆୟର୍ଲାଣ୍ଡ, ସ୍ପେନ୍ ପରି ୟୁରୋପୀୟ ସଂଘର ୭ ଦେଶ ଏହି ସୂଚକାଙ୍କରେ ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ସବୁ ଦେଶଗୁଡ଼ିକର ଜନସାଧାରଣ ବିନା ଭିଜାରେ ୧୮୯ ଦେଶକୁ ଯାତାୟାତ କରିପାରୁଛନ୍ତି। ଆଫଗାନିସ୍ତାନର ପାସ୍‌ପୋର୍ଟ ସବୁଠାରୁ ଦୁର୍ବଳ ହୋଇଥିବା ଏହି ରିପୋର୍ଟ କହିଛି। ଆଫଗାନିସ୍ତାନର ନାଗରିକମାନେ ବିନା ଭିଜାରେ ସମ୍ପ୍ରତି କେବଳ ୨୫ ଦେଶକୁ ଭ୍ରମଣ କରିପାରୁଛନ୍ତି। ତେବେ ଆମେରିକା ଏବଂ ବ୍ରିଟେନ୍‌ର ପାସ୍‌ପୋର୍ଟ ସାମାନ୍ୟ ଦୁର୍ବଳ ହୋଇଥିବା ଏହି ରିପୋର୍ଟ କହିଛି। ଏକଦା ଶକ୍ତିଶାଳୀ ପାସ୍‌ପୋର୍ଟ ଭାବେ ପରିଚିତ ଥିବା ଆମେରିକା ଏବଂ ବ୍ରିଟେନ୍ ଏହି ସୂଚକାଙ୍କରେ ଯଥାକ୍ରମେ ୧୦ମ ଏବଂ ଷଷ୍ଠ ସ୍ଥାନରେ ରହିଛନ୍ତି। ବ୍ରିଟେନ୍‌ର ଜନସାଧାରଣ ବିନା ଭିଜାରେ ୧୮୬ ଦେଶ ଏବଂ ଆମେରିକାର ଜନସାଧାରଣ ୧୮୨ ଦେଶ ଭ୍ରମଣ କରିପାରୁଛନ୍ତି। ହେନ୍‌ଲେ ପକ୍ଷରୁ ଜାରି କରାଯାଉଥିବା ସୂଚକାଙ୍କରେ ଗତ ୧୦ ବର୍ଷ ମଧ୍ୟରେ ଆମେରିକା ୮ ସ୍ଥାନ ତଳକୁ ଖସିଥିବା ବେଳେ ବ୍ରିଟେନ୍ ୫ ସ୍ଥାନ ତଳକୁ ଖସିଛି। ୧୦ ବର୍ଷ ମଧ୍ୟରେ ଭେନଜୁଏଲାର ପାସପୋର୍ଟ ସର୍ବାଧିକ ୧୫ ସ୍ଥାନ ତଳକୁ ଖସି ସଦ୍ୟ ସୂଚକାଙ୍କରେ ୪୫ତମ ସ୍ଥାନରେ ପହଞ୍ଚିଛି।

## ସଂକ୍ଷେପରେ

### ଟିକସ ଛାଡ଼ ମାମଲାରେ କଂଗ୍ରେସକୁ ଝଟକା

ନୂଆଦିଲ୍ଲୀ, ୨୨।୭

ଏକ ଆୟକର ମାମଲାରେ ମଙ୍ଗଳବାର କଂଗ୍ରେସକୁ ଝଟକା ଲାଗିଛି। ୨୦୧୭-୧୮ର ଏକ ଟିକସ ଛାଡ଼ ମାମଲାରେ କଂଗ୍ରେସ ଦଳର ଆବେଦନକୁ ଆୟକର ଆପିଲେଟ ଟ୍ରିବ୍ୟୁନାଲ (ଆଇଟିଏଟି) ଖାରଜ କରିଦେଇଛନ୍ତି। ଆଇଟିଏଟି ପକ୍ଷରୁ ଟିକସ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ବଜାୟ ରଖାଯାଇ କୁହାଯାଇଛି, ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରାପ୍ତ ଦାନ ଉପରେ କଂଗ୍ରେସ ଦଳକୁ ଆୟକର ଦେବାକୁ ପଡ଼ିବ। ପ୍ରକାଶ ଯେ, ଆର୍ଥିକ ବର୍ଷ ୨୦୧୭-୧୮ରେ କଂଗ୍ରେସ ଦଳକୁ ଦାନ ଆକାରରେ ମିଳିଥିବା ୧୯୯ କୋଟି ଟଙ୍କା ଉପରେ ଟିକସ ପୈଠ ପାଇଁ ଆୟକର ବିଭାଗ ପକ୍ଷରୁ ନୋଟିସ ଆସିଥିଲା। ଏହି ନୋଟିସକୁ କଂଗ୍ରେସ ବିରୋଧ କରିଥିଲା। ୧୯୯ କୋଟି ଟଙ୍କା ଦାନ ଆକାରରେ ମିଳିଥିବାରୁ ଏହା ସମ୍ପୂର୍ଣ୍ଣ ଟିକସମୁକ୍ତ ହେବା ଉଚିତ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଥିଲା।

### ଅନ୍‌ଲାଇନ ବେଟିଂ ଆପ୍ ତଦନ୍ତ: ଗୁଗଲ, ମେଟାକୁ ଇଡି ସମନ

ନୂଆଦିଲ୍ଲୀ, ୨୨।୭

ଏକ ଅନ୍‌ଲାଇନ ବେଟିଂ ଆପ୍ ସହ ଜଡ଼ିତ ଅର୍ଥ ହେରଫେର ମାମଲାର ତଦନ୍ତ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସୋମବାର ଟେକ୍ନୋଲୋଜି କମ୍ପାନୀ ଗୁଗଲ ଏବଂ ମେଟାକୁ ପୁଣିଥରେ ସମନ ଜାରି କରାଯାଇଛି। ମାମଲାର ତଦନ୍ତ ପାଇଁ ଆସନ୍ତା ୨୮ରେ ନୂଆଦିଲ୍ଲୀସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହେବାକୁ ଉଭୟ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଏହି ମାମଲାରେ ସୋମବାର ହାଜର ହେବା ପାଇଁ ଉଭୟ କମ୍ପାନୀକୁ ସମନ କରାଯାଇଥିଲେ ମଧ୍ୟ ଜରୁରୀ କାଗଜପତ୍ର ସହ ଗୁଗଲ ଏବଂ ମେଟାର ପ୍ରତିନିଧି ହାଜର ହୋଇ ନ ଥିଲେ। ଉଭୟ କମ୍ପାନୀ ନିଜ ପ୍ଲାଟ୍‌ଫର୍ମରେ ବିଜ୍ଞାପନ ମାଧ୍ୟମରେ ବେଟିଂ ଆପର ପ୍ରଚାର କରୁଥିବା ନେଇ ଅଭିଯୋଗ ହୋଇଥିଲା।

### ୭/୧୧ ଟ୍ରେନ୍ ବିସ୍ଫୋରଣ: ହାଇକୋର୍ଟ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

ମୁମ୍ବାଇ, ୨୨।୭

୨୦୦୬ରେ ହୋଇଥିବା ୭/୧୧ ମୁମ୍ବାଇ ଟ୍ରେନ୍ ବିସ୍ଫୋରଣ ଘଟଣାରେ ୧୮୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୮୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ମୁମ୍ବାଇ ଆଣ୍ଟି ଟେରୋରିଜମ୍ ସ୍କ୍ୱାଡ୍ ୧୩ ଜଣଙ୍କୁ ଅଭିଯୁକ୍ତ କରିଥିବାବେଳେ ୨୦୧୫ରେ ମହାରାଷ୍ଟ୍ର କଣ୍ଟ୍ରୋଲ ଅଫ୍ ଅର୍ଗାନାଇଜଡ୍ କ୍ରାଇମ୍ ଆକ୍ଟ (ଏମ୍‌ସିଓସିଏ) କୋର୍ଟ ସେଥିମଧ୍ୟରୁ ୧୨ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରଥିଲେ ଏବଂ ଜଣଙ୍କୁ ଦୋଷମୁକ୍ତ କରିଥିଲେ। ଏମ୍‌ସିଓସିଏ କୋର୍ଟ ୫ ଜଣଙ୍କୁ ଫାଶୀ ଏବଂ ୭ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ବମ୍ବେ ହାଇକୋର୍ଟ ସୋମବାର ସାକ୍ଷ୍ୟ ପ୍ରମାଣ ଅଭାବରୁ ସମସ୍ତ ୧୨ ଦୋଷୀଙ୍କୁ ଦୋଷ ମୁକ୍ତ କରିଥିଲେ। ମଙ୍ଗଳବାର ମହାରାଷ୍ଟ୍ର ସରକାର ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆସନ୍ତା ୨୪ ତାରିଖରେ ସର୍ବୋଚ୍ଚ ଅଦାଲତରେ ଏହାର ଶୁଣାଣି ହୋଇପାରେ।

# ଧନକର: ଇସ୍ତଫା ନା ବିଦା

**ଭି.ଭି. ଗିରି ଏବଂ ଆର୍. ଭେଙ୍କଟରମଣଙ୍କ ପରେ ଜଗଦୀପ ଧନକର ତୃତୀୟ ଉପରାଷ୍ଟ୍ରପତି, ଯିଏକି ନିଜ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଇସ୍ତଫା ଦେଇଛନ୍ତି। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭରୁ ଧନକରଙ୍କ ଅଚାନକ ଇସ୍ତଫା ଅନେକ ପ୍ରଶ୍ନ ଛିଡ଼ା କରାଇଛି। ଉପରାଷ୍ଟ୍ରପତି ରାଜ୍ୟ ସଭା ଅଧ୍ୟକ୍ଷ ହୋଇଥିବାରୁ ଗୃହରେ ଧନକରଙ୍କ ଆସନରେ ଶାସକ ମେଣ୍ଟ କାହାକୁ ବସାଇବାକୁ ଯାଉଛି, ତା'ଉପରେ ସମସ୍ତଙ୍କ ନଜର ରହିଛି।**

ନୂଆଦିଲ୍ଲୀ,୨୨।୭

ବରିଷ୍ଠ ନେତାମାନଙ୍କ ସ୍ୱାଭାବିକ ଅବସର ବୟସ ୭୫ ବର୍ଷ ହେବା ଉଚିତ ବୋଲି ଜୁଲାଇ ୯ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ କହିଥିଲେ। ମହାରାଷ୍ଟ୍ରର ନାଗପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତକରି ସେ ଦେଇଥିବା ଏହି ମନ୍ତବ୍ୟକୁନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ୨୦୨୫ ସେପ୍ଟେମ୍ବରରେ ଭାଗବତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୭୫ ବର୍ଷ ପୂରିବାକୁ ଯାଉଛି। ମୋଦି ୨ ମାସ ମଧ୍ୟରେ ୭୫ ବର୍ଷରେ ପଦାର୍ପଣ କରିବାକୁ ଥିବାରୁ ଭାଗବତ ତାଙ୍କ ଉଦ୍ଦେଶ୍ୟରେ ଏହି ପରାମର୍ଶ ଦେଇଥିବା କଂଗ୍ରେସ ଓ ଶିବସେନା ୟୁବିଟି ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଅନୁମାନ ଲଗାଇଲେ। ସେହି ୯ ତାରିଖ ରାତିରେ ଅହମଦାବାଦରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଧ୍ୟ ନିଜ ଅବସର ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ଶାହା କହିଥିଲେ, ରାଜନୀତିରୁ ସନ୍ୟାସ ନେବା ପରେ ସେ ଗୁଜରାଟ ଯାଇ ନିଜ ସମ୍ପୂର୍ଣ୍ଣ ଜୀବନ ବେଦ, ଉପନିଷଦ ଓ ନାଚୁରାଲ ଫାର୍ମିଂ (ପ୍ରାକୃତିକ ଉପାୟରେ କୃଷି) କ୍ଷେତ୍ରରେ ଉତ୍ସର୍ଗ କରିଦେବେ। ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି କୃଷିରୁ ଉତ୍ପାଦନ ବୃଦ୍ଧି ଓ ରୋଗମୁକ୍ତ ଜୀବନ ଭଳି ଅନେକ ଲାଭ ମିଳିଥାଏ। ଏହାର ଦିନକ ପରେ ଅର୍ଥାତ୍ ଜୁଲାଇ ୧୦ରେ ଉପରାଷ୍ଟ୍ରପତି ଜଗଦୀପ ଧନକର ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ସବୁକିଛି ଠିକ୍‌ଠାକ୍ ଚାଲିଲେ ସେ ନିଜ ସାମ୍ବିଧାନିକ ଦାୟିତ୍ୱ ତୁଲାଇସାରିବା ପରେ ୨୦୨୭ ଅଗଷ୍ଟ ୧୦ରେ ଅବସର ନେବେ। ନିଜକୁ ଜଣେ 'କୃଷକ ପୁତ୍ର' ଭାବେ ଅଭିହିତ କରି ଅନେକ ସମୟରେ ଚାଷୀମାନଙ୍କ ସଶକ୍ତୀକରଣକୁ ଗୁରୁତ୍ୱ ଦେଇଆସିଥିବା ଧନକର ଏଭଳି ମନ୍ତବ୍ୟ ଦେବା ପରେ ସେ ମଧ୍ୟ ପରବର୍ତ୍ତୀ ଜୀବନକାଳରେ ଚାଷକାର୍ଯ୍ୟରେ ମନୋନିବେଶ କରିପାରନ୍ତି ବୋଲି ଅନେକେ ଧରିନେଇଥିଲେ। ତେବେ ସଂସଦ ମୌସୁମୀ ଅଧିବେଶନର ପ୍ରଥମ ଦିନ ସୋମବାର ଧନକର ରାଜ୍ୟ ସଭାକୁ ଯାଇ ସଭାକାର୍ଯ୍ୟ ତୁଲାଇଥିଲେ। ରାଜ୍ୟ ସଭା ଅଧ୍ୟକ୍ଷ ଧନକର ଉଚ୍ଚ ସଦନରେ ଦିନସାରା ରହିବା ଭିତରେ ଅବସର ସମ୍ପର୍କରେ ଘୋଷଣା କରିପାରି ଥାଆନ୍ତେ। କିନ୍ତୁ ଦୀର୍ଘ ସମୟ କାର୍ଯ୍ୟ ତୁଲାଇବା ପରେ ମଧ୍ୟ ସେ ସେପରି କରି ନ ଥିଲେ। ପାର୍ଲାମେଣ୍ଟରୁ ନିଜ ସରକାରୀ ବାସଭବନକୁ ଯିବା ପରେ ରାତିରେ ହଠାତ୍ ନିଜ 'X' ହ୍ୟାଣ୍ଡଲରେ ସେ ଉପରାଷ୍ଟ୍ରପତି ପଦରୁ ତତ୍କାଳ ଇସ୍ତଫା ଦେଇଥିବା ଘୋଷଣା କଲେ। ଏଥିସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରକୁ ସୋସିଆଲ ମିଡିଆରେ ଶେୟାର କଲେ। ଅର୍ଥାତ୍ ଧନକର ସୋମବାର ରାତିରେ ହିଁ ଇସ୍ତଫା ଦେବେ ବୋଲି ଦିନବେଳା ତାଙ୍କ ମନରେ ନ ଥିଲା କିମ୍ବା ଏ ସମ୍ପର୍କରେ ସେ ଆଦୌ ଅବଗତ ନ ଥିଲେ। ଘରକୁ ଯିବା ପରେ କୌଣସି ଆଡୁ ତାଙ୍କ ଉପରେ ପଦ ଛାଡ଼ିବାକୁ ଚାପ ପଡ଼ିଥାଇପାରେ ବୋଲି ଦିଲ୍ଲୀ ମହଲରେ କୌତୂହଳର ସହ ଚିନ୍ତା କରାଯାଉଛି। ଏହା ପୂର୍ବରୁ ଭାଜପା ଲାଲକୃଷ୍ଣ ଆଡ୍‌ଭାନୀ ଓ ମୁରଲୀ ମନୋହର ଜୋଷୀଙ୍କ ଭଳି ବରିଷ୍ଠ ନେତାଙ୍କୁ ୭୫ ବର୍ଷ ବୟସରେ ଅଣାନୁଷ୍ଠାନିକ ଭାବେ ଅବସର ଦେଇଥିଲା। ନରେନ୍ଦ୍ର ମୋଦି ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରେ ଏହି ବରିଷ୍ଠ ନେତାମାନଙ୍କୁ ମାର୍ଗଦର୍ଶକ ମଣ୍ଡଳକୁ ହଟାଇ ଦିଆଯାଇଥିଲା। ତେଣୁ ଭାଗବତ ଓ ଶାହାଙ୍କ ମନ୍ତବ୍ୟ ପରେ ୭୪ ବର୍ଷୀୟ ଧନକରଙ୍କୁ ବିଦା କରାଯାଇଥାଇପାରେ ଏବଂ ହଠାତ୍ କୌଣସି ଆଡୁ ଚାପର ବଶବର୍ତ୍ତୀ ହୋଇ ପଦତ୍ୟାଗ କରିବାକୁ ବାଧ୍ୟ ହୋଇଥାଇପାରନ୍ତି ବୋଲି ରାଜନୈତିକ ବିଶ୍ଳେଷକମାନେ ଅନୁମାନ କଲେଣି।

୧୯୫୧ ମେ' ୧୮ରେ ରାଜସ୍ଥାନର ଝୁନ୍‌ଝୁନ୍‌ୱାଲା ଜିଲା କିଥାନା ଗ୍ରାମର ଏକ ଜାଟ୍ ପରିବାରରେ ଜନ୍ମିତ ଧନକର ପେସାରେ ଜଣେ ଆଇନଜୀବୀ। ଜନତା ଦଳରୁ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ। ୧୯୮୯ରୁ ୧୯୯୧ ପର୍ଯ୍ୟନ୍ତ ଝୁନ୍‌ଝୁନ୍‌ୱାଲା ସଂସଦୀୟ ଆସନରୁ ସେ ଲୋକ ସଭାରେ ପ୍ରତିନିଧିତ୍ୱ କରିଥିଲେ। ଧନକର ୧୯୯୧ରେ କଂଗ୍ରେସ ଓ ୨୦୦୩ରେ ଭାଜପାରେ ଯୋଗଦେଇଥିଲେ। ୨୦୧୯ ଜୁଲାଇ ୨୦ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ରୂପେ ନିଯୁକ୍ତ କରିଥିଲେ। ରାଜ୍ୟପାଳ ହେବା ପରେ ଧନକର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଅନେକ ପ୍ରସଙ୍ଗରେ ମୁହାଁମୁହିଁ ହୋଇ ବିବାଦୀୟ ହୋଇଥିଲେ। ସେତେବେଳେ ତାଙ୍କ ଆଚରଣ ଏପରି ଥିଲା ଯେ, ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଧନକରଙ୍କୁ 'ବାସ୍ତବ ବିରୋଧୀ ଦଳ ନେତା'ର ଆଖ୍ୟା ଦେଇଥିଲା। ୨୦୨୨ ଜୁଲାଇ ୧୬ରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଧନକରଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରିଥିଲା। ନିର୍ବାଚନରେ ବିଜୟୀ ହୋଇ ଅଗଷ୍ଟ ୧୧ରେ ଉପରାଷ୍ଟ୍ରପତି ହୋଇଥିବା ଏହି ବର୍ଷୀୟାନ ନେତା ଇତିମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ମତାମତ ରଖି ବିବାଦୀୟ ହୋଇଥିଲେ। ନ୍ୟାୟିକ ନିଯୁକ୍ତିକୁ ମୋଦି ସରକାର ନିଜ ନିୟନ୍ତ୍ରଣରେ ରଖିବାକୁ ଉଦ୍ୟମ କରୁଥିବା ଦର୍ଶାଇ ସୁପ୍ରିମକୋର୍ଟ ଏଥିରେ ରୋକ ଲଗାଇଥିଲେ। ସେହିପରି ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ନିର୍ବାଚିତ ସରକାରଙ୍କ ଦ୍ୱାରା ବିଧାନସଭାରେ ପାରିତ ୧୨ ବିଲ୍ ଅଟକାଇବା ଏବଂ ରାଷ୍ଟ୍ରପତି ସେଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମୋହର ନ ଦେବା ଆଦି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପକୁ ମଧ୍ୟ ଧନକର ସମାଲୋଚନା କରି ଅଦାଲତଙ୍କୁ ନିଜ ନ୍ୟାୟିକ ପରିସୀମା ଦେଖାଇବାକୁ ଉଦ୍ୟମ କରିଥିଲେ। ଧନକର ୨୦୨୭ ଅଗଷ୍ଟ ୧୦ରେ ଅବସର ନେଇଥାଆନ୍ତେ। କିନ୍ତୁ ଅବସରକୁ ୨ ବର୍ଷରୁ ଅଧିକ ସମୟ ବାକି ଥିବାବେଳେ ଧନକର ଇସ୍ତଫା ଦେଇ ରାଜନୈତିକ ମହଲରେ ଅନେକ କଳ୍ପନାଜଳ୍ପନାକୁ ଜନ୍ମ ଦେଇଛନ୍ତି।



ଜଗଦୀପ ଧନକର

ଭାରତର ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କ ଇସ୍ତଫାପତ୍ରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଗ୍ରହଣ କରିନେଇଛନ୍ତି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କିନ୍ତୁ ସୋମବାର ଦିନସାରା ରାଜ୍ୟ ସଭା ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବା ପରେ ରାତିରେ ଘରକୁ ଯାଇ ୯ଟା ୨୫ରେ ହଠାତ୍ ସୋସିଆଲ ମିଡିଆରେ ତାଙ୍କ ପଦତ୍ୟାଗ ଘୋଷଣାକୁ ବିରୋଧୀ ଦଳ ଗ୍ରହଣ କରିପାରିନାହାନ୍ତି। ଧନକର ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇନାହାନ୍ତି, ବରଂ ଏହା ପଛରେ କିଛି ଗଭୀର କାରଣ ରହିଛି ବୋଲି କଂଗ୍ରେସ ଏବଂ ଆପ୍ ଦାବି କରିବା ସହ ଏହା ଉପରେ ସରକାରଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ଏହି ପ୍ରସଙ୍ଗ କେବଳ ସଂସଦରେ ଉଠିବା ସହ ପାୱାର କରିଡରରେ ହଇଚଇ ସୃଷ୍ଟି କରିଛି ଏବଂ ଦେଶବାସୀଙ୍କ ମନକୁ ମଧ୍ୟ ଆନ୍ଦୋଳିତ କରିଛି। ଇତିମଧ୍ୟରେ ଏହି ସାମ୍ବିଧାନିକ ପଦବୀରେ କାହାକୁ ବସାଯିବ ସେନେଇ ଭାଜପା ଓ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତାଙ୍କ କସରତ ଆରମ୍ଭ ହୋଇଛି।

"ଜଗଦୀପ ଧନକର ବିଭିନ୍ନ ପଦପଦବୀରେ ରହି ଦେଶର ସେବା କରିଛନ୍ତି। ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି।
**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

"ଇସ୍ତଫାର ପ୍ରକୃତ କାରଣ କେବଳ ଧନକର ଜାଣିଛନ୍ତି। ସରକାର ମଧ୍ୟ ଜାଣିଥାଇପାରନ୍ତି।
**-ମଲ୍ଲିକାର୍ଜୁନ ଖାର୍ଗେ, ରାଜ୍ୟ ସଭାର ବିରୋଧୀ ଦଳ ନେତା**

"ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନକରଙ୍କ ଅପ୍ରତ୍ୟାଶିତ ଇସ୍ତଫାର କାରଣ ସମ୍ପର୍କରେ ସରକାର ସ୍ପଷ୍ଟୀକରଣ ଦେବା ଜରୁରୀ।
**-କେ.ସି. ବେଣୁଗୋପାଳ, କଂଗ୍ରେସ ସାଧାରଣ ସମ୍ପାଦକ**

"ଧନକରଙ୍କ ଇସ୍ତଫା ଉପରେ ସରକାରଙ୍କ ନୀରବତା ଏବଂ ପ୍ରଧାନମନ୍ତ୍ରୀଙ୍କ ବିଳମ୍ବିତ ପ୍ରତିକ୍ରିୟା ଅନେକ ପ୍ରଶ୍ନ ଛିଡ଼ା କରାଇଛି। ତାଙ୍କୁ ଉପରାଷ୍ଟ୍ରପତି ପଦ ବଜାୟ ରଖିବାକୁ କୌଣସି ଉଦ୍ୟମ ହୋଇ ନ ଥିବା ଏଥିରୁ ସ୍ପଷ୍ଟ ବୁଝାପଡୁଛି।
**-ସଞ୍ଜୟ ସିଂ, ଆପ୍ ରାଜ୍ୟ ସଭା ସଦସ୍ୟ**

"ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କ ସ୍ୱାସ୍ଥ୍ୟ ଭଲ ଅଛି। ତାଙ୍କ ଇସ୍ତଫା ସମ୍ପର୍କରେ କିଛି କହିବି ନାହିଁ।
**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



ଗାଜାରେ ଇସ୍ରାଏଲର ଆକ୍ରମଣ ଯୋଗୁ ପାଲେଷ୍ଟିନୀୟମାନେ କିପରି କ୍ଷତିଗ୍ରସ୍ତ ହୋଇଛନ୍ତି, ତାହା ଦର୍ଶାଇବାକୁ ଯାଇ ଲଣ୍ଡନରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ୩୦ରେ ଇସ୍ରୋର ମିଶନ ନିସାର

ବେଙ୍ଗାଲୁରୁ, ୨୨।୭

ଆମେରିକୀୟ ମହାକାଶ ସଂସ୍ଥା ନାସା ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ମିଳିତ ନିସାର ମିଶନ ଆସନ୍ତା ୩୦ ତାରିଖ ସନ୍ଧ୍ୟା ୫.୪୦ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଲଞ୍ଚିଂ ହେବ। ଶକ୍ତିଶାଳୀ ଉପଗ୍ରହ ନିସାରକୁ ଜିଏସ୍‌ଏଲ୍‌ଭି-ଏଫ୍୧୬ ରକେଟ ଜରିଆରେ ଲଞ୍ଚ କରାଯିବ। ଜିଏସ୍‌ଏଲ୍‌ଭି-ଏଫ୍୧୬ ରକେଟ ଏହି ଉପଗ୍ରହକୁ ୭୪୩ କି.ମି. ଉଚ୍ଚ ସୂର୍ଯ୍ୟ ସମକାଳୀନ କକ୍ଷପଥରେ ସ୍ଥାପନ କରିବ।

## ଅବତରଣ ବେଳେ ଏୟାର ଇଣ୍ଡିଆ ବିମାନରେ ନିଆଁ




ନୂଆଦିଲ୍ଲୀ, ୨୨।୭

ହଂକଂରୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ବିମାନବନ୍ଦରରେ ଲାଣ୍ଡିଂ କରୁଥିବା ସମୟରେ ଏୟାର ଇଣ୍ଡିଆର ଏଆଇ ୩୧୫ ବିମାନର ଅକ୍ସିଲାରି ପାୱାର ୟୁନିଟ୍ (ଏପିୟୁ)ରେ ନିଆଁ ଲାଗିଯାଇଥିଲା। ତେବେ ବିମାନରେ ଥିବା ସମସ୍ତ ସୁରକ୍ଷିତ ଥିବା ନେଇ ମଙ୍ଗଳବାର ଏୟାର ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ଏୟାର ଇଣ୍ଡିଆର ମୁଖପାତ୍ର କହିଛନ୍ତି, ବିମାନଟି ଅବତରଣ କରିବା ପରେ ଏହାର ଏପିୟୁରେ ନିଆଁ ଲାଗିଯାଇଥିଲା।

### ସମସ୍ତ ଯାତ୍ରୀ ସୁରକ୍ଷିତ

ସେତେବେଳେ ଯାତ୍ରୀମାନେ ବିମାନରୁ ଓହ୍ଲାଉଥିଲେ। ନିଆଁ ଲାଗିଥିବା ହେତୁ ବିମାନଟିର ସାମାନ୍ୟ କ୍ଷତି ହୋଇଛି। ଘଟଣାର ତଦନ୍ତ କରାଯିବ ବୋଲି ଏୟାର ଇଣ୍ଡିଆ କହିଛି। ପ୍ରକାଶ ଯେ, ଏପିୟୁ ହେଉଛି ଏକ ଛୋଟ ଗ୍ୟାସ୍ ଟର୍ବାଇନ୍ ଇଞ୍ଜିନ, ଯାହା ସାଧାରଣତଃ ବିମାନର ପଛ ପାର୍ଶ୍ୱରେ ରହିଥାଏ।

## କେରଳରୁ ଅଷ୍ଟ୍ରେଲିଆ ଗଲା ବ୍ରିଟିଶ୍ ଫାଇଟର ଜେଟ୍

ଥିରୁଭାନନ୍ତପୁରମ, ୨୨।୭



କେରଳର ଥିରୁଭାନନ୍ତପୁରମ ବିମାନବନ୍ଦରରେ ପ୍ରାୟ ମାସେ ଧରି ଫସିରହିଥିବା ବ୍ରିଟିଶ୍ ଫାଇଟର ଜେଟ୍ 'ଏଫ୍-୩୫ ବି' ମଙ୍ଗଳବାର ସକାଳେ ଅଷ୍ଟ୍ରେଲିଆର ଡାର୍‌ୱିନ ଅଭିମୁଖେ ଉଡ଼ାଣ ଭରିଛି। ମରାମତି ଏବଂ ରକ୍ଷଣାବେକ୍ଷଣ ପରେ ଏହି ବିମାନ ଉଡ଼ାଣ ଭରିଛି। ଗତ ଜୁନ୍ ୧୪ରେ ବୈଷୟିକ ତ୍ରୁଟି ଯୋଗୁ ଏହି ବିମାନଟି କେରଳର ଥିରୁଭାନନ୍ତପୁରମ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ଏହାର ମରାମତି ଏବଂ ସୁରକ୍ଷା ଯାଞ୍ଚ ନିମନ୍ତେ ବ୍ରିଟିଶ୍ ଇଞ୍ଜିନିୟରମାନଙ୍କ ଏକ ଟିମ୍ ଥିରୁଭାନନ୍ତପୁରମ ଆସିଥିଲେ। ଗତ ୬ରେ ସେମାନେ ବିମାନର ସୁରକ୍ଷା ଯାଞ୍ଚ ପ୍ରକ୍ରିୟା ଶେଷ କରିଥିଲେ। ମରାମତି ଏବଂ

### ଜୁନ୍ ୧୪ରେ ଜରୁରୀ ଅବତରଣ କରିଥିଲା

ପୁନରୁଦ୍ଧାର ପ୍ରକ୍ରିୟା ସମୟରେ ଭାରତୀୟ ଅଧିକାରୀ ଏବଂ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସହଯୋଗ ଯୋଗୁ ବ୍ରିଟେନ୍ ପକ୍ଷରୁ କୃତଜ୍ଞତା ପ୍ରକାଶ କରାଯାଇଥିଲା। ବ୍ରିଟିଶ୍ ରୟାଲ ନାଭିର ୧୧ କୋଟି ଆମେରିକୀୟ ଡଲାର ମୂଲ୍ୟର ଏହି ଫାଇଟର ଜେଟ୍ ବିଶ୍ୱର ସବୁଠାରୁ ଉନ୍ନତ ଯୁଦ୍ଧ ବିମାନ ମଧ୍ୟରୁ ଅନ୍ୟତମ।



ପ୍ରୟାଣର ୧୦ମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି
ସପ୍ରେମ ସ୍ମୃତିରେ...
ପଦ୍ମିନୀ ରଥ
ଆବିର୍ଭାବ : ତା ୨୬.୧୦.୧୯୬୨
ତିରୋଧାନ : ତା ୧୩.୦୮.୨୦୧୫

'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'
ତା ୨୩.୦୭.୨୦୨୫ (ବୁଧବାର)
ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା
ମୁଖ୍ୟପୁରୋଧା
ପରମପୂଜ୍ୟ ଶ୍ରୀ ସତ୍ୟାନନ୍ଦ ଦାସ
ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ
ପୂର୍ବାହ୍ନ ୧୧.୩୦ ଘଟିକା
ସ୍ଥାନ: ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, କଟକ
ସ୍ମୃତିଚାରଣ କାର୍ଯ୍ୟକ୍ରମ:ସଂଧ୍ୟା ୭.୦୦ ଘଟିକା
ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ
ରାଜେନ୍ଦ୍ର ନଗର, କଟକ
ଆପଣଙ୍କ ପ୍ରତୀକ୍ଷାରେ
ରଥ ପରିବାର
କଏରାପାରୀ, ଟାଙ୍ଗୀ, କଟକ

SRI DURGA CONDEV PVT. LTD.
DRIEMS UNIVERSITY
PADMINI care
PRAMOD HOTELS & RESORTS




# ଡାକ୍ତର କରୁଣାକର ରାଉତଙ୍କୁ ବହିଷ୍କାରକଲେ ମୁଖ୍ୟମନ୍ତ୍ରୀ

■ ଭିଜିଲାନ୍ସ କୋର୍ଟ କରୁଣାକରଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା
■ ପୂର୍ବରୁ ନିଲମ୍ବନ ସହ ଦଣ୍ଡବିଧାନ ମଧ୍ୟ କରାଯାଇଥିଲା

ଭୁବନେଶ୍ୱର,୨୨।୭ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଯାଜପୁର ଜିଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ମେଡିକାଲ ଅଫିସର ଡାକ୍ତର କରୁଣାକର ରାଉତଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଡାକ୍ତର ରାଉତ ବର୍ତ୍ତମାନ ଭଦ୍ରକ ଜିଲା ସଦର ମହକୁମା ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ଏବଂ କ୍ୟାନ୍‌ସର ବିଭାଗର ବରିଷ୍ଠ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ଦୁର୍ନୀତି ବିରୋଧରେ କଡ଼ା ଆଭିମୁଖ୍ୟ ଜାରି ରଖି ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କରୁଣାକରଙ୍କ ନାମରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ତାଙ୍କ ନାମରେ ମଧ୍ୟ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ କରାଯାଇଥିଲା। ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ସହ ଅନ୍ୟାନ୍ୟ ଦଣ୍ଡବିଧାନ ମଧ୍ୟ କରାଯାଇଥିଲା। ଇତିମଧ୍ୟରେ ଭିଜିଲାନ୍ସ କୋର୍ଟ ପକ୍ଷରୁ ରାୟ ପ୍ରକାଶ ପାଇ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି।

ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଆସିଛନ୍ତି। କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଅନେକ ସମୟରେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଉଚ୍ଚପଦସ୍ଥ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଦୁର୍ନୀତି ଅଭିଯୋଗରେ ଚଢ଼ାଉ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# ଦିଲ୍ଲୀ ଗସ୍ତରେ ଭାଜପା ସଭାପତି ମନମୋହନ

■ କିଛି ବଡ ନିଷ୍ପତ୍ତି ଉପରେ ମୋହର ଲାଗିପାରେ ବୋଲି ଚର୍ଚ୍ଚା
■ ସାଙ୍ଗରେ ଦଳର ସଙ୍ଗଠନ ମନ୍ତ୍ରୀ ଯାଇଛନ୍ତି

ଭୁବନେଶ୍ୱର,୨୨।୭(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଙ୍ଗଳବାର ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ତାଙ୍କ ସହ ଭାଜପା ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ମଧ୍ୟ ଗସ୍ତ କରିଛନ୍ତି। ଦଳର ଏହି ୨ ଶୀର୍ଷ ନେତୃତ୍ୱ ଏକାସଙ୍ଗେ ଦିଲ୍ଲୀ ଗସ୍ତରେ ଯିବା ରାଜନୈତିକ ମହଲରେ ଭିନ୍ନ ଭିନ୍ନ ପ୍ରକାରର ଚର୍ଚ୍ଚା ବଢ଼ାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଫେରିବା ପରେ ଏହି ୨ ଶୀର୍ଷ ନେତାଙ୍କ ଗସ୍ତ ସରକାରରେ ଆଉ କିଛି ନୂଆ ନିଯୁକ୍ତି ଆଦି ବିଷୟକୁ ଅଧିକ ଖୋରାକ୍ ଯୋଗାଇଛି। ଭାଜପା ସରକାରରେ ଆଉ ୬ଟି ମନ୍ତ୍ରୀ ପଦ ଖାଲି ପଡିଛି। ସରକାର ପୂରଣକୁ ବର୍ଷେ ପୂରଣ ହୋଇସାରିଲାଣି। ତେଣୁ ଆଉ ଅଧିକ ଦିନ ପାଇଁ ଏହି ମନ୍ତ୍ରୀ ପଦ ଖାଲି ରଖିବାକୁ ଦଳ ଚାହୁଁ ନ ଥାଇପାରେ ବୋଲି ଚର୍ଚ୍ଚା ହେଉଛି। ରାଜ୍ୟ ସରକାରଙ୍କ ବିରୋଧରେ କିଛିଦିନ ହେଲା ବିରୋଧୀ ଦଳ କେତେକ ଗୁରୁତର ଅଭିଯୋଗ ଆଣିଥିବା ଯୋଗୁ କେତେଜଣଙ୍କୁ ମନ୍ତ୍ରୀ ପଦରୁ ବିଦା କରିପାରନ୍ତି ବୋଲି ମଧ୍ୟ କୁହାଯାଉଛି। ଅନ୍ୟପଟେ ଦଳର ରାଜ୍ୟ ସଭାପତି ଚୟନ ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସାଙ୍ଗକୁ ଖାଲି ପଡିଥିବା ନିଗମ ଓ ବୋର୍ଡରେ ଭାଜପା ନେତାଙ୍କୁ ଥଇଥାନ କରାଯାଇ ପଦବୀ ପୂରଣ କରାଯିବ ବୋଲି ଶୁଣାଯାଉଥିଲା। ଏନେଇ ଦଳର କେତେଜଣ ବରିଷ୍ଠ ନେତା ମଧ୍ୟ କହିଥିଲେ। ସେହିପରି ମନମୋହନ ମଧ୍ୟ କିଛିଦିନ ତଳେ ଖାଲି ପଡିଥିବା ମନ୍ତ୍ରୀ ପଦବୀ ପୂରଣ ଏବଂ ବୋର୍ଡ ଓ ନିଗମରେ ନିଯୁକ୍ତି ଖୁବ୍‌ଶୀଘ୍ର ହେବ ବୋଲି କହିଥିଲେ। ତେଣୁ ରାଜ୍ୟରେ ଭାଜପାର ସଭାପତି ଭାବେ ମନମୋହନ ୪ର୍ଥ ଥର ଲାଗି ଦାୟିତ୍ୱ ନେଇସାରିବା ପରେ କେନ୍ଦ୍ରରେ ଥିବା ଦଳର କେତେଜଣ ଶୀର୍ଷ ନେତାଙ୍କୁ ଧନ୍ୟବାଦ ଶୁଣାଇବା ପାଇଁ ସେ ଏହି ଗସ୍ତ କରିଥାଇପାରନ୍ତି ବୋଲି ମଧ୍ୟ ଶୁଣିବାକୁ ମିଳୁଛି। ସାଙ୍ଗରେ ଦଳର ସଙ୍ଗଠନ ମନ୍ତ୍ରୀ ଗସ୍ତ କରିଥିବାରୁ ଏହି ଅବସରରେ ଉଭୟ ଦୀର୍ଘଦିନ ଧରି ଚର୍ଚ୍ଚାରେ ଥିବା ପଦ ପଦବୀ ପୂରଣ କଥା ଚୂଡ଼ାନ୍ତ କରି ଫେରାନ୍ତି ବୋଲି କୁହାଯାଉଛି। ଏପରିକି ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଫେରିବା ପରେ ରାଜ୍ୟପାଳଙ୍କ ସହ ଦେଖାକରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କଥା ହେଇସାରିଛନ୍ତି ଏବଂ ମନମୋହନ ସେଥିରେ ଚୂଡ଼ାନ୍ତ ମୋହର ଲଗାଇବାକୁ ଯାଇଥାଇପାରନ୍ତି ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି।

# ଜରାଶ୍ରମ ପାଇଖାନାରେ ବୃଦ୍ଧଙ୍କ ଆତ୍ମହତ୍ୟା

ବାସୁଦେବପୁର,୨୨।୭ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତର ଅପର୍ତିପୁର ଗ୍ରାମଠାରେ ଥିବା ଏକ ଜରାଶ୍ରମରେ ରହୁଥିବା ସାଗର ଦାସ(୭୦) ସୋମବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। ବୃଦ୍ଧାଶ୍ରମ ପରିସରରେ ଥିବା ଏକ ପାଇଖାନା ଗୃହରେ ସେ ବେକରେ ଗାମୁଛା ଲଗାଇ ଜୀବନ ହାରିଛନ୍ତି। ସୂଚନା ଅନୁଯାୟୀ, ମୃତ ସାଗରଙ୍କ ଘର ବିଦେଇପୁର ପଞ୍ଚାୟତର ଗଦି ଗ୍ରାମରେ। ଗତ କିଛିମାସ ଧରି ସେ ଏହି ଜରାଶ୍ରମରେ ରହିଆସୁଥିଲେ। କେଉଁ ପରିସ୍ଥିତିରେ ସେ ଆତ୍ମହତ୍ୟା କଲେ, ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ମଙ୍ଗଳବାର ସକାଳେ ତାଙ୍କ ମୃତ୍ୟୁ ସମ୍ପର୍କରେ ଜଣାପଡ଼ିଥିଲା। ଜରାଶ୍ରମ ପରିଚାଳନା କମିଟି ପକ୍ଷରୁ ମୃତ ସାଗରଙ୍କ ପରିବାର ଓ ନାୟକାଣ୍ଡିହୀ ଥାନାକୁ ଖବର ଦିଆଯାଇଥିଲା। ତାଙ୍କ ପରିବାର ଲୋକେ ବୃଦ୍ଧାଶ୍ରମରେ ପହଞ୍ଚିବା ପରେ ନାୟକାଣ୍ଡିହୀ ଥାନା ପୋଲିସ ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ମଙ୍ଗଳବାର ଅପରାହ୍ନ ୩ଟାରେ ଭଦ୍ରକ ପଠାଇଥିଲା। ସାଗର କାହିଁକି ଏପରି ଚରମ ପଦକ୍ଷେପ ନେଲେ, ତାହାର ତଦନ୍ତ ପାଇଁ ପରିବାର ଲୋକେ ଦାବି କରିଛନ୍ତି। ଏନେଇ ମୃତ ସାଗରଙ୍କ ସ୍ତ୍ରୀ ନାୟକାଣ୍ଡିହୀ ଥାନାରେ ଅଭିଯୋଗ କରିଥିବା ବେଳେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୫) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ଅଧିକ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ରାଜଲକ୍ଷ୍ମୀ ନାୟକ କହିଛନ୍ତି। ତେବେ ଏହି ଜରାଶ୍ରମରେ ୫୦ରୁ ଊର୍ଦ୍ଧ୍ୱ ବୃଦ୍ଧ ବ୍ୟକ୍ତି ଆଶ୍ରୟ ନେଇଥିବା ଜଣାପଡ଼ିଛି।

# ସାନଖେମୁଣ୍ଡିରେ ଝାଡ଼ାବାନ୍ତି, ୨ ଜଣଙ୍କ ମୃତ୍ୟୁ ଅଭିଯୋଗ

ଦିଗପହଣ୍ଡି/ପାଟପୁର,୨୨।୭ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ଦାମପୁର ଗାଁରେ ଝାଡ଼ାବାନ୍ତି ବ୍ୟାପିଛି। ଗତ ୨ ଦିନରେ ଗ୍ରାମର ୧୦ ଜଣରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନେ ଗାଁ ନିକଟରେ କ୍ୟାମ୍ପ ପାଖରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରୁଲି ମଲ୍ଲିକ ନାମ୍ନୀ ଜଣେ ବୃଦ୍ଧାଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ମଙ୍ଗଳବାର ୨ଜଣ ଆକ୍ରାନ୍ତ ସମ୍ଭାରୁ ମଲ୍ଲିକ (୬୦) ଏବଂ କାନ୍ଦରା ମଲ୍ଲିକ(୬୨)ଙ୍କ ମୃତ୍ୟୁ ଘଟିଥିବା ସେମାନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଏନେଇ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା.ବାହନ ଦାସଙ୍କୁ ପଚାରିବାରୁ ଝାଡ଼ାବାନ୍ତି ବ୍ୟାପିବା ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନ ଥିବା କହିଛନ୍ତି। ତଥାପି, ସେଠାକାର ସ୍ୱାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରି ତଥ୍ୟ ସଂଗ୍ରହ କରିବେ ବୋଲି କହିଛନ୍ତି। ସେହିପରି ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଫସିଗୁଡା ଗ୍ରାମରେ ଗତ ଶନିବାରଠାରୁ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ୫ ଜଣ ଆକ୍ରାନ୍ତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସେମାନେ ହେଲେ ଫସିଗୁଡା ଗ୍ରାମ ନୂଆସାହିର କାଶି ନାୟକ , ଝୁଞ୍ଝି ପ୍ରଧାନ, ସୀମାଞ୍ଚଳ ମଣ୍ଡଳ, ଲକ୍ଷ୍ମୀ ବିଶ୍ୱାଳ , ଜାଡି ନାୟକ। ପୂର୍ବରୁ ସହଦେବ ଟିକରପଡା ପଞ୍ଚାୟତର ଜନଜାତି ବହୁଳ ଉପପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପି ବହୁ ଲୋକ ଆକ୍ରାନ୍ତ ହୋଇଥିଲେ। ଏପରିକି ଝାଡ଼ାବାନ୍ତିରେ ୩ ଜଣଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଥିଲା। ଫସିଗୁଡାରେ ଝାଡ଼ାବାନ୍ତି ବ୍ୟାପିଥିବା ଖବର ପ୍ରଚାରିତ ହେବା ପରେ ବ୍ଲକ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଯାଇଛି। ଗ୍ରାମରେ ଭ୍ରାମ୍ୟମାଣ ମେଡିକାଲ ଟିମ୍ ପହଞ୍ଚି ଗ୍ରାମବାସୀଙ୍କୁ ସଚେତନ କରାଇବା ସହ ପ୍ରତିଷେଧକ ଔଷଧ ବଣ୍ଟନ କରିଥିଲା। ସେହିପରି ଗ୍ରାମ୍ୟ ଓ ଜଳ ପରିମଳ ବିଭାଗ ପକ୍ଷରୁ କର୍ମଚାରୀ ପହଞ୍ଚି ଜଳର ନମୁନା ପରୀକ୍ଷଣ କରିବା ସହ ଗ୍ରାମରେ ରହିଥିବା ସମସ୍ତ ନଳକୂପକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ସହ ବିଶୋଧନ କରିଥିବା ଜଣାପଡ଼ିଛି।

# ରିଭଲ୍ୟୁଶନାରି ରୂପ ଦେଖିଛନ୍ତି, ରାଜନୈତିକ ରୂପ ଦେଖିବେ:ଭକ୍ତ

ଭୁବନେଶ୍ୱର,୨୨।୭ (ରବିନାରାୟଣ ଜେନା)

ରାଜଧାନୀର ବିଭିନ୍ନ ଛକସ୍ଥାନରେ ମଙ୍ଗଳବାର ରାହୁଲ ଗାନ୍ଧୀଙ୍କ ସହ ଗିରଫ ହୋଇଥିବା ଛାତ୍ରନେତା ଉଦିତ ପ୍ରଧାନଙ୍କ ପୋଷ୍ଟର ଓ ବ୍ୟାନର ମରାଯିବାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଭାଜପା ସରକାର ମାନିଗଲେଣି ଯେ ତାଙ୍କର ଅସ୍ତିତ୍ୱ ହଜିଗଲାଣି। ସେମାନେ ଅସହ୍ୟ ପଥରେ ଚାଲିଛନ୍ତି, ଅନ୍ୟାୟ ପଥରେ ଅଛନ୍ତି। ସେମାନେ ନିଜ ଝିଅକୁ ନ୍ୟାୟ ଦେଇପାରିଲେ ନାହିଁ, ନାରୀ ସମାଜକୁ କ'ଣ ନ୍ୟାୟ ଦେବେ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଏ ସରକାର ଇସ୍ତଫା ଦେବାକୁ ବାଧ୍ୟହେବେ। ନଚେତ୍ ସରକାର ବାହାରିବ। ଛୋଟମୋଟ ଖେଳ ମୁଁ ଖେଳେନାହିଁ, ବଡ଼ ବଡ଼ ଖେଳ ଜାଣେ। ସରକାର ଏବେ ମୋର ରିଭଲ୍ୟୁଶନାରି ରୂପ ଦେଖିଛନ୍ତି, ରାଜନୈତିକ ରୂପ ଦେଖିନାହାନ୍ତି। ଯାହାହେଉ, ଭାଜପାବାଲା ମୋ ପୋଷ୍ଟର ମାରୁଛନ୍ତି। ଭକ୍ତ କହିଛନ୍ତି, ପୋଲିସ ନାରୀଙ୍କ ସୁରକ୍ଷା ପାଇଁ ଯେଉଁଭଳି ତତ୍ପରତା ଦେଖାଇବା କଥା ଦେଖାଉନାହିଁ, ବରଂ ବିରୋଧୀଙ୍କୁ ଦମନ କରିବା ଲାଗି ସବୁ ବଳ କଳ ପ୍ରୟୋଗ କରୁଛି। ଯଦି ପୋଲିସ ନାରୀଙ୍କ ସୁରକ୍ଷା ପାଇଁ ମାନସିକସ୍ତରରେ ପ୍ରସ୍ତୁତ ହେବ ତେବେ ରାଜ୍ୟରେ ଏତେ ନାରୀ ନିର୍ଯାତନା ବଢ଼ିବ ନାହିଁ। ଭକ୍ତ ପୁଣି କହିଛନ୍ତି, ଜଣେ ଯୁବତୀ ରାଜ୍ୟ କଂଗ୍ରେସ ଛାତ୍ର ନେତାଙ୍କ ବିରୋଧରେ ଅଭିଯୋଗ ଆଣିବା କ୍ଷଣି ସମ୍ପୃକ୍ତ ଛାତ୍ରନେତାଙ୍କୁ ଦଳରୁ ତତ୍କାଳ ନିଲମ୍ବନ କରାଯାଇଛି। ଏହାର ତଦନ୍ତ ପାଇଁ ଏକ ୬ଜଣିଆ ଟିମ୍ ମଧ୍ୟ ଗଠନ କରାଯାଇଛି। ତେବେ ଅନୁଗୋଳ ଜିଲା ଭାଜପା ସମ୍ପାଦକ ସୁଦୀପ୍ତ ସ୍ୱାଇଁଙ୍କୁ କେଉଁ କାରଣରୁ ଦଳ ନିଲମ୍ବନ କଲା, ତା'ର ଉତ୍ତର ଆଗେ ଦେଉ। କଂଗ୍ରେସ ତ ସେତେବେଳେ ଏହି ଘଟଣାକୁ ନେଇ ଛକସ୍ଥାନରେ ଭାଜପା ମୁଖ୍ୟଙ୍କ ପୋଷ୍ଟର ମାରି ଭ୍ରାମୀବାଜି କରି ନ ଥିଲା। ଯଦି ସେମାନେ ଏହି ପ୍ରସଙ୍ଗକୁ ନେଇ ଭାବୁଛନ୍ତି କଂଗ୍ରେସର ସ୍ୱରକୁ ଚପାଇଦେବେ ତେବେ ତାହା ଆଦୌ ସମ୍ଭବ ନୁହେଁ ବୋଲି ଭକ୍ତ କହିଛନ୍ତି।



ରାଜଭବନରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଭେଟି ଆଲୋଚନା କରୁଛନ୍ତି।

# ରାଜ୍ୟପାଳଙ୍କୁ ଭେଟିଲେ ରାଜସ୍ୱ ମନ୍ତ୍ରୀ

ସୋମବାର ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କ ସହ ହୋଇଥିଲା ଭେଟ

ଭୁବନେଶ୍ୱର,୨୨।୭(ସୁନିତ୍ ମିଶ୍ର)

ମଙ୍ଗଳବାର ରାଜଭବନ ଯାଇ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଭେଟିଛନ୍ତି। ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିବାବେଳେ ଏହି ଅବସରରେ ସେ ସରକାର ଏବଂ ରାଜସ୍ୱ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିବା କଥା କହିଛନ୍ତି। ଏହାସହ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସରକାରଙ୍କ ପ୍ରସ୍ତୁତି ସମ୍ପର୍କରେ ତାଙ୍କ ସହ ଆଲୋଚନା କରିଥିବା ବେଳେ ରାଜ୍ୟପାଳ ଅନେକ ପ୍ରସ୍ତାବ ଦେଇଥିବା ନେଇ ମନ୍ତ୍ରୀ ତାଙ୍କ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି। ଅନ୍ୟପଟେ ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ଜାରି କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରେ ମଧ୍ୟ ସମାନ କଥା ଉଲ୍ଲେଖ କରାଯାଇଛି। ତେବେ ଯାହା ଜଣାପଡିଛି, ରାଜ୍ୟପାଳ ମଙ୍ଗଳବାର ରାଜସ୍ୱ ମନ୍ତ୍ରୀଙ୍କ ବାସଭବନକୁ ଯିବାର କାର୍ଯ୍ୟକ୍ରମ ରହିଥିଲା। ବ୍ୟକ୍ତିଗତ କାର୍ଯ୍ୟ ପାଇଁ ବାହାରକୁ ଯିବାକୁ ଥିବାରୁ ମନ୍ତ୍ରୀ ଆସି ଆଗୁଆ ଭେଟିଛନ୍ତି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରାଜଭବନ ଯାଇ ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ସେ ପ୍ରାୟ ୧ ଘଣ୍ଟାରୁ ଅଧିକ ସମୟ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ। ଉଭୟଙ୍କ ମଧ୍ୟରେ କେଉଁ ବିଷୟରେ ଚର୍ଚ୍ଚା ହୋଇଛି ସେକଥା ବାହାରକୁ ଜଣାପଡି ନାହିଁ। ତେବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ମଧ୍ୟରେ ଆଲୋଚନା ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ସେହିଦିନ ସନ୍ଧ୍ୟାରେ ରାଜ୍ୟପାଳ ଯାଇ ଆଇନ ମନ୍ତ୍ରୀଙ୍କ ସରକାରୀ ବାସଭବନରେ ପହଞ୍ଚିଥିଲେ। କୌଣସି ବିଶେଷ କାର୍ଯ୍ୟକ୍ରମ ଆଇନ ମନ୍ତ୍ରୀଙ୍କ ଘରେ ନ ଥିବା ବେଳେ ଏହି ସୌଜନ୍ୟମୂଳକ ସାକ୍ଷାତ ଲାଗି ରାଜ୍ୟପାଳ ଯାଇ ମନ୍ତ୍ରୀଙ୍କୁ ଭେଟିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ବିଷୟକୁ ନେଇ ଅନେକ ସ୍ତରରେ ଚର୍ଚ୍ଚା ମଧ୍ୟ ଜୋର୍ ଧରିଛି। ତେବେ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କ ପରେ ମଙ୍ଗଳବାର ରାଜସ୍ୱ ମନ୍ତ୍ରୀଙ୍କ ସହ ରାଜ୍ୟପାଳଙ୍କ ଭେଟଘାଟ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପୂର୍ବର ଏହି ଭେଟଘାଟ ବୋଲି ଭାଜପା ନେତାମାନେ ଆକଳନ ଲଗାଉଛନ୍ତି।

# ମହିଳାଙ୍କ ପ୍ରତି ବଢୁଥିବା ହିଂସା ବିଚଳିତ କଲାଣି: ନବୀନ

ଭୁବନେଶ୍ୱର,୨୨।୭(ସୁନିତ୍ ମିଶ୍ର)

ରାଜ୍ୟର ବିଭିନ୍ନ ସ୍ଥାନରୁ ମହିଳାଙ୍କୁ ନେଇ ଆସିଥିବା ଅଭାବନୀୟ ଘଟଣା ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ନବୀନ କହିଛନ୍ତି, ଯାଜପୁରରେ ବଳାତ୍କାର, ଜଗତ୍‌ସିଂହପୁର, ମାଲକାନଗିରିରେ ଗଣବଳାତ୍କାର ଓ ପୁରୀରେ ଯୌନ ନିର୍ଯାତନା ତାଙ୍କୁ ମର୍ମାହତ କରିଛି। ରାଜ୍ୟରେ ମହିଳାଙ୍କ ବିରୋଧରେ ପ୍ରତିଦିନ ଯେଉଁଭଳି ଭାବେ ହିଂସା ବଢ଼ିଚାଲିଛି ତାହା ବିଚଳିତ କରିଲାଣି। ନବୀନ ତାଙ୍କ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ମହିଳାଙ୍କ ପାଇଁ ଉଭୟ ସହର ଓ ଗାଁର ରାସ୍ତା ଦିନକୁ ଦିନ ଅସୁରକ୍ଷିତ ହୋଇପଡ଼ିଲାଣି। ସ୍ପଷ୍ଟ ଦିବାଲୋକରେ ମହିଳାଙ୍କ ବିରୋଧରେ ହିଂସା କରାଯାଉଛି। ଜଣେ ଯୁବ ଛାତ୍ରୀ ଯେତେବେଳେ ସ୍କୁଲ, କଲେଜ ଏବଂ ଟ୍ୟୁସନରୁ ଘରକୁ ଫେରୁଛି ସେ ସୁରକ୍ଷିତ ମନେକରୁନାହିଁ। ଏମାନେ ପ୍ରତିଦିନ ବିପଦର ସାମ୍ନା କରୁଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯୌନ ନିର୍ଯାତନା ମାମଲା ବଢ଼ିଚାଲିଛି।ଆଜିକାଲି ସରକାର ଗତ ମାସରେ ଲେଭେଲ-୨ ପରାମର୍ଶ ଜାରି କରିଥିଲେ। ଯେଉଁଥିରେ ଓଡ଼ିଶା ସମେତ ଦେଶର ୬ଟି ରାଜ୍ୟର ନାମ ନେଇଥିଲେ। ଏସବୁ ରାଜ୍ୟକୁ ଯାଉଥିଲେ ସ୍ୱତନ୍ତ୍ର ଅନୁମୋଦନ ନେବାକୁ ନିଜ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଗତ ୧୭ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ନିର୍ଦ୍ଦେଶନାମା ଜାରି ହୋଇଥିଲା ଯେ, ସନ୍ଧ୍ୟା ସାଢେ ୫ଟା ପରେ କୌଣସି ମହିଳା କର୍ମଚାରୀ କାର୍ଯ୍ୟସ୍ଥଳରେ ରହିବେ ନାହିଁ। ଏହାକୁ ଜନସାଧାରଣରେ ତୀବ୍ର ବିରୋଧ କରାଯିବା ପରେ ପ୍ରଶାସନ ପୁଣି ନିଷ୍ପତ୍ତି ବଦଳାଇଲା। ପୋଲିସ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ରାଜନୈତିକ ଇଚ୍ଛାଶକ୍ତି ବିନା ଏହି ସମସ୍ୟା କେବଳ ବୃଦ୍ଧି ପାଇବ। ରାଜନୈତିକ ନେତୃତ୍ୱକୁ ଏହା ହୃଦୟଙ୍ଗମ କରିବାକୁ ପଡ଼ିବ, ପୋଲିସ ଷ୍ଟେସନରେ ସ୍ଥାନୀୟ ଦଳୀୟ ନେତାଙ୍କ ହସ୍ତକ୍ଷେପକୁ ଅନୁମତି ଦେବା ଦ୍ୱାରା ରାଜ୍ୟ ସାରା ହିଂସା ବିଶେଷକରି ଲିଙ୍ଗଭିତ୍ତିକ ହିଂସା ସାଧାରଣରେ ପରିଣତ ହେବ। ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥାରେ ପରିବର୍ତ୍ତନକରି ତୁରନ୍ତ କାର୍ଯ୍ୟ କରିବା ଉଚିତ। ବିଜେଡି ମା' ଓ ଭଉଣୀଙ୍କ ସୁରକ୍ଷା ପାଇଁ ସ୍ୱର ଉଠାଇବା ଜାରି ରଖିବ ବୋଲି ନବୀନ ଉଲ୍ଲେଖ କରିଛନ୍ତି।

# ୨୨ ଖଣିର ନିଲାମ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ: ମନ୍ତ୍ରୀ



ବିଭୂତିଭୂଷଣ ଜେନା

ଭୁବନେଶ୍ୱର,୨୨।୭(ସୁନିତ୍ ମିଶ୍ର)

ପୂର୍ବ ସରକାର ଦୀର୍ଘଦିନ ଧରି ଖଣି ନିଲାମ କରୁ ନ ଥିଲେ, ଯେଉଁଥିପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ଆଦାୟରେ ହ୍ରାସ ହେଉଥିଲା। ରାଜ୍ୟରେ ନୂଆ ସରକାର ଆସିବା ପରେ ବର୍ଷକ ମଧ୍ୟରେ ୮ଟି ଖଣି ନିଲାମ କରିସାରିଛନ୍ତି। ଖୁବ୍‌ଶୀଘ୍ର ଆଉରି ୨୨ଟି ଖଣି ନିଲାମ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଜେନା କହିଛନ୍ତି, ଖଣି ନିଲାମ ଦ୍ୱାରା ରାଜ୍ୟର ରାଜସ୍ୱ ବଢ଼ିବ। ତାହା ସହ ଶିଳ୍ପ ଆସିବା ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ସେ ଦିଗକୁ ପ୍ରାଧାନ୍ୟ ଦେଇ ଖଣି ବିଭାଗ କାମ କରୁଛି ବୋଲି ମନ୍ତ୍ରୀ ଜେନା କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ଓଏମ୍‌ସି(ଓଡ଼ିଶା ମାଇନିଂ କର୍ପୋରେଶନ)ର ବ୍ୟବସାୟ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଏକ ବୈଠକ କରିଥିଲେ। ଖଣି ଉତ୍ତୋଳନ କ୍ଷମତା ବଢ଼ାଇବା ସହ ରାଜସ୍ୱରେ ମଧ୍ୟ ଅଭିବୃଦ୍ଧି ଲାଗି ବୈଠକରେ ଆଲୋଚନା କରିଥିଲେ।

# ଯୋଡ଼ାମ୍ବ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଫୁଟ ବର୍ଷାଜଳ

ମାଲକାନଗିରି/ ଚିତ୍ରକୋଣ୍ଡା, ୨୨।୭ (ଦୁର୍ଯ୍ୟୋଧନ ପାତ୍ର/ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଯୋଡ଼ାମ୍ବ ସଦର ପଞ୍ଚାୟତ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଫୁଟର ବର୍ଷାଜଳ ପ୍ରବେଶ କରିଛି। ସୋମବାର ରାତିରେ ଯୋଡ଼ାମ୍ବ ଅଞ୍ଚଳରେ ପ୍ରବଳ ବର୍ଷା ହେବା ଯୋଗୁ ନିକଟ ପାହାଡ଼ରୁ ପାଣି ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ପଶିଥିଲା। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ପ୍ରାୟ ୪ ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଥିବା ବେଳେ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସେଠାରେ ଥିବା ୧୦ ଚିକିତ୍ସାଧୀନ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ବାହାର କରି ଆଣିଥିଲେ। ଏଥିସହ ଯୋଡ଼ାମ୍ବ ନିକଟରେ ଥିବା ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ନିକଟସ୍ଥ ୩ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିବା ଜଣାପଡ଼ିଛି।



# ୨୫ରେ ବସ୍ତ୍ର ନିବେଶକ ସମ୍ମିଳନୀ

ଭୁବନେଶ୍ୱର,୨୨।୭(ଅନୁରାଧା ମହାରଣା)

ରାଜ୍ୟ ସରକାର ଆସନ୍ତା ୨୫ ତାରିଖରେ ଭୁବନେଶ୍ୱରରେ ପ୍ରଥମଥର ପାଇଁ ଏକ ବସ୍ତ୍ର ନିବେଶକ ସମ୍ମିଳନୀ 'ଓଡ଼ିଶା ଟେକ୍ସ ୨୦୨୫'ର ଆୟୋଜନ କରିବାକୁ ଯାଉଛନ୍ତି। ରାଜ୍ୟ ସମ୍ମିଳନୀ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମର ଉଦଘାଟନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିବେ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମ ଓଡ଼ିଶାକୁ ବସ୍ତ୍ର, ପୋଷାକ ଏବଂ ଟେକ୍ନିକାଲ ଟେକ୍ସଟାଇଲର ଏକ ପ୍ରମୁଖ ହବ୍ ଭାବେ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଅବସରରେ ବସ୍ତ୍ର କ୍ଷେତ୍ରର ଶୀର୍ଷ ସ୍ଥାନୀୟ ସଂସ୍ଥାଗୁଡ଼ିକ ସହ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହେବାସହ ଏବଂ ବଡ଼ ନିବେଶ ଘୋଷଣା ହେବାର ସମ୍ଭାବନା ରହିଛି। ଏହି ଉଦ୍ୟମ ରାଜ୍ୟର ଶିଳ୍ପ ବିକାଶକୁ ଦୃଢ଼ କରିବା ସହ ୨୦୩୦ ସୁଦ୍ଧା ଓଡ଼ିଶାକୁ ଭାରତର ବସ୍ତ୍ର ରାଜଧାନୀ ଭାବେ ପ୍ରତିଷ୍ଠା କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। 'ଓଡ଼ିଶା ଟେକ୍ସ ୨୦୨୫' ପୂର୍ବ ଭାରତର ସବୁଠାରୁ ବଡ଼ ବସ୍ତ୍ର ନିବେଶ ଇଭେଣ୍ଟ ହେବ। ଏହା ସ୍ଥାନୀୟ ବସ୍ତ୍ର କମ୍ପାନୀ, ବିଶ୍ୱସ୍ତରୀୟ ବ୍ରାଣ୍ଡ, ଉତ୍ପାଦକ, ଷ୍ଟାର୍ଟଅପ୍ ଏବଂ ଯୁବ ଉଦ୍ୟୋଗୀମାନଙ୍କୁ ଏକାଠି କରିବ। ବର୍ତ୍ତମାନ ରାଜ୍ୟ ସରକାର ବସ୍ତ୍ର, ପୋଷାକ ଏବଂ ପରିଧାନଯୋଗ୍ୟ ଉତ୍ପାଦ ପାଇଁ ୬ଟି ନୂଆ ଶିଳ୍ପ ପାର୍କ ନିର୍ମାଣ କରୁଛନ୍ତି। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏହି ମଞ୍ଚ ଓଡ଼ିଶାରୁ ସ୍ଥାନୀୟ ବସ୍ତ୍ର ସଂସ୍ଥାଗୁଡ଼ିକୁ ଆକର୍ଷିତ କରିବ ଏବଂ ଆମ ଯୁବପିଢ଼ି ପାଇଁ ପ୍ରଚୁର ନିଯୁକ୍ତି ଓ ରୋଜଗାର ସୁଯୋଗ ସୃଷ୍ଟି କରିବ ବୋଲି କହିଛନ୍ତି।

# ଅନୁଗୋଳ ଜିଲା ଯୋଗାଣ ନିରୀକ୍ଷକଙ୍କୁ ବହିଷ୍କାରକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୭(ସୁନିତ୍ ମିଶ୍ର)

ଦୁର୍ନୀତି ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଅନୁଗୋଳ ଜିଲା କଣିହା ବ୍ଲକର ପୂର୍ବତନ ଯୋଗାଣ ନିରୀକ୍ଷକ ବବିତା ବେହେରାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ବବିତା ବର୍ତ୍ତମାନ ବାରିପଦା ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗାଣ ନିରୀକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସୂଚନାଯୋଗ୍ୟ, କଣିହା ବ୍ଲକରେ କାର୍ଯ୍ୟରତ ଥିବାବେଳେ ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗରେ ଅନୁଗୋଳ ଜିଲା ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୋଧରେ ମାମଲା ରୁଜୁହୋଇଥିଲା। ନିକଟରେ ଅନୁଗୋଳ ଭିଜିଲାନ୍ସ ସ୍ପେଶାଲ ଜଜ୍ ତାଙ୍କୁ ଦୋଷୀ ସାବ୍ୟସ୍ତକରି ଦଣ୍ଡ ବିଧାନ କରିଛନ୍ତି। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଥିବା ମୁଖ୍ୟମନ୍ତ୍ରୀ ଏ ବିଷୟରେ ଅବଗତ ହେବା ପରେ ବବିତା ବେହେରାଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଗୋଟିଏ ଦିନରେ ମୁଖ୍ୟମନ୍ତ୍ରୀ ୨ ଜଣ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି।

# ଆଜି କ'ଣ କେଉଁଠି

## କଟକ
- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ଓଏସ୍ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ସ୍ୱର୍ଗତ ପଦ୍ମିନୀ ରଥଙ୍କ ଦଶମ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା, ସ୍ଥାନ: ପଦ୍ମିନୀ ଅଡିଟୋରିୟମ, ଡ୍ରିମ୍ସ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱର୍ଗତ ପଦ୍ମିନୀ ରଥଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ, ରାଜେନ୍ଦ୍ର ନଗର, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନୀଳବାଡ଼ି ଶୀତଳାମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ମହିଳା ସମିତିର ବ୍ଲକ ସମ୍ମିଳନୀ, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ମଜଦୁର ସଂଘର ୭୦ବର୍ଷ ପୂର୍ତ୍ତି ଓ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମୟୂରଭଞ୍ଜ
- ସାମ୍ବାଦିକ ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ ବାରିପଦା,ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୪ଟା ୩୦।

## ବ୍ରହ୍ମପୁର
- ସାହାଣୀ କପ୍ ଉଦଯାପନୀ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ଢେଙ୍କାନାଳ
- ସହର ସ୍ୱଚ୍ଛତା କମିଟି ବୈଠକ, ସ୍ଥାନ: ପୌରସଂସ୍ଥା ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା
- ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ:ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।

## ରାୟଗଡ଼ା
- ମେଗା ରକ୍ତଦାନ ଶିବିର, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ରାୟଗଡା, ସମୟ: ସକାଳ ୯ଟା ୩୦।
- ଲେରନଥାନ -୪.୦ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ : ସକାଳ ୯ଟା ୩୦।

## କୋରାପୁଟ
- ଶିଳ୍ପୀ ଉନ୍ନତି ଯୋଜନାରେ ହିତାଧିକାରୀ ଚୟନ ନେଇ ଜିଲାସ୍ତରୀୟ ମନିଟରିଂ ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ ଟା।
- ଜିଲାରେ ମେଗା ପାଇପ ଜଳ ଯୋଗାଣ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।
- ସମ୍ବଲପୁରୀ ଏକତା ମଞ୍ଚ ସମ୍ବଲପୁରୀ ଦିନ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।

## ରାଉରକେଲା
- ସୁଭଦ୍ରା ବସ୍ତିରେ ଡେଙ୍ଗୁ ସଚେତନତା କର୍ମଶାଳା, ସ୍ଥାନ: କୋଏଲନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଏମ୍ଏସ୍‌ର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସେକ୍ଟର-୪ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ବୌଦ୍ଧ
- ମତ୍ସ୍ୟଚାଷ ନେଇ ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ:ଟାଉନହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଜିଲା ସାହାଣି କପ ଫୁଟବଲ ସପ୍ତମ ଦିବସ,ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

## ଦେବଗଡ଼
- ଜିଲା ନାଗରିକ କମିଟି ପକ୍ଷରୁ ନୂତନ ହସ୍ପିଟାଲର ଅବ୍ୟବସ୍ଥା ନେଇ ଜରୁରୀକାଳୀନ ବୈଠକ, ସ୍ଥାନ: ସ୍ଥାନୀୟ ଗୋପାଳଜୀଉ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ନିତ୍ୟ ଯୋଗ ସମିତି ତରଫରୁ ସମ୍ବଲପୁରୀ ଦିନ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବୀରମହାରାଜପୁର କଲେଜ ପଡ଼ିଆ, ସମୟ: ସକାଳ ୬ଟା ୩୦।
- ତରଭା ବ୍ଲକ ବାରିକସାହି କୋଶଳେଶ୍ୱର ମନ୍ଦିରରେ ବୋଲବମ କମିଟି ପକ୍ଷରୁ ଜଳଶାୟୀ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୭ଟା।
- ସୁବର୍ଣ୍ଣପୁର ଜିଲା ପରିଷଦ ଓ ବୀରମହାରାଜପୁର ପଞ୍ଚାୟତ ସମିତି ତରଫରୁ ଆଶା, ଅଙ୍ଗନୱାଡି କର୍ମୀ ତାଲିମ ଶିବିର, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।

## ନୂଆପଡ଼ା
- ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ତୃତୀୟ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୮ଟା।

# ସୂଚନାର ଉତ୍ସ




ପ୍ରତିବର୍ଷ ଜୁଲାଇ ୨୩ରେ ପାଳିତ ହୋଇଆସୁଛି ଜାତୀୟ ପ୍ରସାରଣ ଦିବସ। ୧୯୨୭ ମସିହାର ଏହି ଦିନରେ ଦେଶର ପ୍ରଥମ ରେଡିଓ ପ୍ରସାରଣ ହୋଇଥିଲା। ଅର୍ଥାତ୍ ଭାରତୀୟ ପ୍ରସାରଣ କମ୍ପାନୀ(ଆଇବିସି) ବମ୍ବେରୁ ଏହାର ପ୍ରଥମ ପ୍ରସାରଣ କରିଥିଲା। ଏହି ଐତିହାସିକ ମୁହୂର୍ତ୍ତକୁ ମନେ ପକାଇବା ପାଇଁ ଆମ ଦେଶରେ ଜାତୀୟ ପ୍ରସାରଣ ଦିବସ ପାଳନ କରାଯାଇଆସୁଛି। ତେବେ ଆଇବିସି ଏକ ଘରୋଇ କମ୍ପାନୀ ଥିଲା, କିନ୍ତୁ ୧୯୩୦ରେ ସରକାର ଏହାକୁ ନିଜ ଅଧୀନକୁ ନେବା ପରେ ଏହାର ନାମ ରଖାଗଲା 'ଅଲ୍ ଇଣ୍ଡିଆ ରେଡିଓ(ଏଆଇଆର୍)'। ସୂଚନା ତଥା ଗଣ ଯୋଗାଯୋଗ କ୍ଷେତ୍ରରେ ଏହା ଭାରତୀୟ ଜନଜୀବନରେ ଏକ ବିଶେଷ ଭୂମିକା ଗ୍ରହଣ କରିଛି।

ଜାତୀୟ ପ୍ରସାରଣ ଦିବସ ପ୍ରସାରଣର ଶକ୍ତି, ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାର ମହତ୍ତ୍ୱକୁ ସ୍ମରଣ କରାଏ। ଏଆଇଆର୍ ଆମ ଦେଶ ବିକାଶରେ ଏକ ବିଶେଷ ଭୂମିକା ନିଭାଇ ଆସିଛି। ଏହାକୁ ଖବର ଏବଂ ସୂଚନା ପ୍ରସାରଣ, ଜନସାଧାରଣଙ୍କୁ ମନୋରଞ୍ଜନ ସହ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ, ସାଂସ୍କୃତିକ ତଥା ପାରିବେଶିକ କ୍ଷେତ୍ରରେ ସଚେତନତା ଲାଗି ବ୍ୟବହାର କରାଯାଇଛି। ବର୍ତ୍ତମାନ ଗ୍ରାମାଞ୍ଚଳରେ ଏହି ରେଡିଓ ବିଶେଷ ଭାବେ ଜରୁରୀ ହୋଇପଡ଼ିଛି, ଯେଉଁଠାରେ ଏହା ପ୍ରାୟତଃ ଖବର ଏବଂ ସୂଚନାର ଏକମାତ୍ର ଉତ୍ସ ଭାବେ ପରିଗଣିତ ହେଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଷାଠିଏ ବରଷ ଯେ ଚାଲେ ତେଜେ**
**କୁଆ କାଆ କଲେ ନ ଶୁଏ ଶେଯେ**
**ଶେଯରୁ ଉଠି ହରିନାମ ଭଜେ**
**ହରି ସୁମରି ଯେ ଶୁଅଇ ଶେଯେ**
**ଦନାଇ ଏହାଙ୍କୁ କରେ ଜେଜେ।**

ପ୍ରାତଃ ଭ୍ରମଣ କରୁଥିବା ବ୍ୟକ୍ତିର ଦେହ ଓ ମନ ପ୍ରଫୁଲ୍ଲ ରହିଥାଏ। ସେହିପରି ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟା ତ୍ୟାଗ କରିବା ସହ ହରିନାମ ଭଜନ ତଥା ରାତ୍ର କାଳରେ ନିଦ୍ରା ଯିବା ପୂର୍ବରୁ ହରି ନାମ ସ୍ମରଣ କରୁଥିବା ବ୍ୟକ୍ତି ମାନସିକ ଏବଂ ଶାରୀରିକ ସ୍ତରରେ ସୁସ୍ଥ ରହିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଷାଠିଏ ମହଣ ଘିଅ ହେବ**
**ନା ରାଧା ନାଚିବ।**

ଅସାର ପରିକଳ୍ପନା। ସାମାନ୍ୟ କାର୍ଯ୍ୟ ପାଇଁ ବ୍ୟୟସାପେକ୍ଷ ବ୍ୟବସ୍ଥା। ପରୋକ୍ଷରେ ନ ହବା କଥା। ଏତେ ଯୋଗାଡ ହୋଇ ପାରିବନି କି କାମଟି ହବନି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସହରାଞ୍ଚଳ ଭିତ୍ତିଭୂମି ସୁଦୃଢ଼ ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର,୨୨।୭(ବନ୍ଦନା ସେଠୀ)**

ସହରାଞ୍ଚଳ ଭିତ୍ତିଭୂମି ସୁଦୃଢ ନେଇ ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୩୬ତମ ଡ୍ୟାସ ବୋର୍ଡ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସହରାଞ୍ଚଳ ଭିତ୍ତିଭୂମି ବିକାଶ ନେଇ ଆରମ୍ଭ କରାଯାଇଥିବା କାର୍ଯ୍ୟଗୁଡିକର ସମୀକ୍ଷା କରାଯାଇଥିଲା। ବିଶେଷକରି ୧୧୫ ସ୍ୱାୟତ୍ତ ଶାସନ ସଂସ୍ଥାରେ ଓ ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧୀନରେ ଚାଲିଥିବା ଷ୍ଟ୍ରିଟ୍ ଲାଇଟିଂ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସାରିବା ନିମନ୍ତେ ନିୟମିତ ବ୍ୟବଧାନରେ ସମୀକ୍ଷା, ଆବଶ୍ୟକ ସହଯୋଗ ଯୋଗାଇଦେବା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ସହାୟକ ହେବ। ଏହାସହିତ ନିରନ୍ତର ସହରାଞ୍ଚଳ ବିକାଶ ଦିଗରେ ଅଗ୍ରସର ହୋଇପାରିବା ବୋଲି ସେ କହିଥିଲେ। ତୃଣମୂଳସ୍ତରରୁ ଆସୁଥିବା ବିଭିନ୍ନ ମତାମତ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜୋର୍‌ଦାର ହେବ ମାଓବାଦୀ ଅପରେଶନ



ବୈଠକରେ ଉପସ୍ଥିତ ଅତିରିକ୍ତ ଡିଜି, ସିଆର୍‌ପିଏଫ ଓ ବିଏସ୍ଏଫ ଅଧିକାରୀ।

**ଫୁଲବାଣୀ,୨୨।୭(ରାକେଶ କୁମାର ରାଉତ)**

## ସିଆର୍‌ପିଏଫ, ବିଏସ୍ଏଫ, ପୋଲିସର ବୈଠକ

କନ୍ଧମାଳ ଜିଲାରେ ମାଓବାଦୀଙ୍କ ମୂଳୋତ୍ପାଟନ ପାଇଁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି। ଏଥିପାଇଁ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ସିଆରପିଏଫ, ବିଏସ୍ଏଫ ଏବଂ ଓଡିଶା ପୋଲିସର ବରିଷ୍ଠ ଅଧିକାରୀଙ୍କୁ ନେଇ ଘନ ଘନ ବୈଠକ ବସିଛି। ଆସନ୍ତା ୨୦୨୬ ମାର୍ଚ୍ଚ ସୁଦ୍ଧା ଓଡିଶା ମାଓବାଦୀମୁକ୍ତ ହେବ ବୋଲି ଆଣ୍ଟି ନକ୍ସଲ ଅପରେଶନ ଅତିରିକ୍ତ ଡିଜି ସଞ୍ଜୀବ ପଣ୍ଡା କହିଛନ୍ତି।

ରାଜ୍ୟର ୪ ଜିଲା ଯଥା ରାୟଗଡା, କଳାହାଣ୍ଡି, ବୌଦ୍ଧ ଓ କନ୍ଧମାଳରେ ମାଓବାଦୀଙ୍କ ଗତିବିଧି ଲାଗି ରହିଛି। ସେମାନଙ୍କ ବିରୋଧରେ ବଡ ଅପରେଶନ ପାଇଁ ଏହି ବୈଠକ ବସିଥିଲା। ବୈଠକରେ ଅତିରିକ୍ତ ଡିଜି ପଣ୍ଡାଙ୍କ ସମେତ ଆଇଜି ଅପରେଶନ ଦୀପକ କୁମାର, ଗୋଇନ୍ଦା ଯୁଗ୍ମ ନିର୍ଦ୍ଦେଶକ ରାଜେଶ ସୁବର୍ଣ୍ଣ, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, ଡିଆଇଜି ଏସ୍ଆଇଡବ୍ଲ୍ୟୁ ଅଖିଳେଶ୍ୱର ସିଂ, କନ୍ଧମାଳ ଏସ୍‌ପି ହରିଶ ବିସି, ରାୟଗଡା, ବୌଦ୍ଧ ଏବଂ କଳାହାଣ୍ଡି ଏସ୍‌ପି, ସମ୍ବଲପୁର ସିଆରପିଏଫ ଡିଆଇଜି, କୋରାପୁଟ ବିଏସ୍ଏଫ ଡିଆଇଜିଙ୍କ ସମେତ ୧୨୭, ୧୩୬ ସିଆରପିଏଫ କମାଣ୍ଡାଣ୍ଟ, ୧୧୬ ବିଏସ୍ଏଫ କମାଣ୍ଡାଣ୍ଟ ପ୍ରମୁଖ ଉପସ୍ଥିତ ରହି କିଭଳି ମାଓବାଦୀଙ୍କ ବିରୋଧରେ ଅପରେଶନ କରାଯିବ ତାହାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ମାଓବାଦୀଙ୍କ ବିରୋଧରେ ଅପରେଶନ ଜାରି ରହିଛି। ଆଗକୁ ଏହା ଜୋରଦାର ହେବ ବୋଲି ଅତିରିକ୍ତ ଡିଜି ପଣ୍ଡା ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଏସ୍ଆଇଟି ତଦନ୍ତ...

ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ନିରାପତ୍ତା ନିୟମାବଳୀ ୨୦୧୫ କାର୍ଯ୍ୟକାରିତାକୁ ନିଶ୍ଚିତ କରିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସଭାପତି, ବିଜୁ ଜନତା ଦଳର ରାଜ୍ୟ ସଭାପତି ଓ ୟୁଜିସିର ସଚିବଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

## 'ଆଧାର' ଗ୍ରହଣ...

ରହିଛି। ଏହାର ଧାରା ୧୬ ଓ ୧୯ ଅନୁସାରେ ଜନପ୍ରତିନିଧି ଆଇନରେ ନାଗରିକଙ୍କ ବୟସ ଓ ବାସସ୍ଥାନ ସମ୍ପର୍କରେ କେତେକ ଯୋଗ୍ୟତା ଉପରେ ଉଲ୍ଲେଖ କରାଯାଇଛି। ତଦନୁସାରେ ଜଣେ ଅଯୋଗ୍ୟ ଭୋଟରଙ୍କ ମତଦାନ ଅଧିକାର ନାହିଁ। ସମ୍ବିଧାନର ଅନୁଚ୍ଛେଦ ୧୯ ଓ ୨୧ର ଉଲ୍ଲଂଘନ ହେଉଥିବା ଅଯୋଗ୍ୟ ଭୋଟର ଦାବି କରିପାରିବେ ନାହିଁ। ବର୍ତ୍ତମାନ ଭୋଟ ଦେଉଥିବା ପ୍ରତ୍ୟେକ ମତଦାତା ନିଜର ସମସ୍ତ ଦସ୍ତାବିଜ ଦାଖଲ କରିବାକୁ ସୁଯୋଗ ପାଉଛନ୍ତି। ତଦନୁସାରେ ଜୁଲାଇ ୧୮ ସୁଦ୍ଧା ନିର୍ବାଚନ କମିଶନ ବିହାରର ୭,୮୯,୬୯,୮୪୪ ଭୋଟରଙ୍କ ମଧ୍ୟରୁ ୯୦.୧୨% ଅର୍ଥାତ୍ ୭,୧୧,୭୨,୬୬୦ ଜଣଙ୍କଠାରୁ ଫର୍ମ ସଂଗ୍ରହ କରିସାରିଲେଣି।

## ଆକାଂକ୍ଷୀ ବ୍ଲକ ସଂଖ୍ୟା...

ଏହି ବ୍ଲକଗୁଡ଼ିକୁ ଆକାଂକ୍ଷୀ ଯୋଜନାରେ ସାମିଲ କରିଛି। ଏଡି ନୂତନ ଆକାଂକ୍ଷୀ ବ୍ଲକ ମଧ୍ୟରେ କେନ୍ଦୁଝର ଜିଲାର ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇ ରହିଛି। ସେହିପରି ମୟୂରଭଞ୍ଜ ଜିଲାର ବହଳଦା, ବିଜାତଳା, ଜାମଦ୍ରା, କୁସୁମୀ, ରାଇରଙ୍ଗପୁର ଓ ତିରିଙ୍ଗିକୁ ଆକାଂକ୍ଷୀ ବ୍ଲକ ଭାବେ ଯୋଡ଼ାଯାଇଛି।

ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ଯୋଜନା ଗୁଡ଼ିକ ସମ୍ମିଳିତ ଭାବେ କାର୍ଯ୍ୟକାରୀ କରାଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି। ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରର ବିଭିନ୍ନ ସୂଚକାଙ୍କରେ ବ୍ଲକମାନଙ୍କ ମଧ୍ୟରେ ର୍‍ୟାଙ୍କିଂ କରାଯାଇ ବିକାଶ ପାଇଁ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରାଯାଉଛି। ଏହାଦ୍ୱାରା ଏହି ଅଞ୍ଚଳ ଗୁଡ଼ିକରେ ବିକାଶ ତ୍ୱରାନ୍ୱିତ ହୋଇପାରୁଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ଏସ୍ଆଇଆର୍ ଝଡ଼ରେ...

ବିପକ୍ଷର ଆଚରଣକୁ ନିନ୍ଦା କରିଥିଲେ। ଅପରେଶନ ସିନ୍ଦୂର ପରେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ସୋମବାର ସରକାର ସହମତି ପ୍ରକାଶ କରିଥିବାବେଳେ ବିରୋଧୀ ପ୍ଲାକାର୍ଡ ଧରି ହୋହଲ୍ଲା କରିବା ଦୁର୍ଭାଗ୍ୟଜନକ ବୋଲି ରିଜିଜୁ ସମାଲୋଚନା କରିଥିଲେ। ରାଜ୍ୟ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଗୃହରେ ଅଚଳାବସ୍ଥାକୁ ଦେଖି ଉପାଧ୍ୟକ୍ଷ ହରିବଂଶ ଅନେକ ଥର ମୁଲତବୀ ଘୋଷଣା କରିଥିଲେ। ପରେ ବିରୋଧୀ ସଦସ୍ୟ ଏସ୍ଆଇଆର୍, ପହଲଗାମ୍, ଅପରେଶନ ସିନ୍ଦୂର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ବିବୃତି ଦାବି କରିଥିଲେ।

ବିହାର ବିଧାନସଭାରେ ମଧ୍ୟ ମଙ୍ଗଳବାର ଏସ୍ଆଇଆର୍ ପ୍ରତିବାଦରେ ପ୍ରବଳ ହଟ୍ଟଗୋଳ ହୋଇଛି। ବିରୋଧୀ ବିଧାୟକମାନେ କଳାପୋଷାକ ପରିଧାନକରି ଏସ୍ଆଇଆର୍ ବନ୍ଦ କରିବାକୁ ଦାବି କରିଛନ୍ତି। ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏସ୍ଆଇଆର୍‌କୁ ବିହାରୀ ଭୋଟରଙ୍କ ନାଗରିକତ୍ୱ ଛଡ଼ାଇନେବା ପାଇଁ ଷଡ଼ଯନ୍ତ୍ର ରୂପେ ଅଭିହିତ କରି ଏହା ଉପରେ ତୁରନ୍ତ ବିତର୍କ ଦାବି କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଶାସକ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଓ ଭାଜପାର ନୀରବତାକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ବିରୋଧୀଙ୍କ ଅଭିଯୋଗ ହେଲା, ଇସିଆଇଙ୍କ ଏସ୍ଆଇଆର୍ ପ୍ରକ୍ରିୟାରେ ଅନେକ ତ୍ରୁଟି ରହିଛି। କେତେକ ସ୍ଥାନରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ଭୋଟରଙ୍କ ପରିବର୍ତ୍ତେ ନିଜେ ଫର୍ମ ଫିଲପ୍ କରି ତାଲିକା ପ୍ରସ୍ତୁତ କରୁଛନ୍ତି। ଏହା ଅତ୍ୟନ୍ତ ଚିନ୍ତାଜନକ ବିଷୟ ହୋଇଥିବାରୁ ଏହା ଉପରେ ଆଲୋଚନା ଜରୁରୀ। ଏତିକି ନୁହେଁ, କଂଗ୍ରେସ, ଆର୍‌ଜେଡି, ବାମପନ୍ଥୀଙ୍କ ସମେତ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ଆସବାବପତ୍ର ଓଲଟପାଲଟ କରିବା ସଙ୍ଗେ ସଙ୍ଗେ ମାର୍ଶାଲଙ୍କ ସହ ଧସ୍ତାଧସ୍ତି ହୋଇଛନ୍ତି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ନନ୍ଦକିଶୋର ଯାଦବ ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି।

## କୋଟିଆକୁ ଖୁବ୍‌ଶୀଘ୍ର...

ମଧ୍ୟ ପଦକ୍ଷେପ ନେଉଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ କୋଟିଆ ବିବାଦର ସମାଧାନ ଲାଗି ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ କୋଟିଆ ବିବାଦର ସମାଧାନ ଲାଗି ରାଜ୍ୟ ସରକାର ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ବଡ କମିଟି କରି କୋଟିଆ ଲାଗି ଯେପରି ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ ସୁବିଧା ଏବଂ ସୁଯୋଗ ପହଞ୍ଚା ଯାଇପାରିବ ସେନେଇ ପଦକ୍ଷେପ ନେବା ଆରମ୍ଭ ହୋଇଛି। ୨ ଜଣ ଓଏଏସ୍ ଅଫିସରଙ୍କୁ ସେଠାରେ ରହି ସବୁ ସରକାରୀ ଯୋଜନାର ମନିଟରିଂ କରିବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ସେଠାରେ ପହଞ୍ଚି ପାଳନ କରୁଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କିଛିଦିନ ଭିତରେ କୋଟିଆ ଯାଇପାରନ୍ତି ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

## ୩ ହକି ପ୍ରଶିକ୍ଷକ...

ସହରର ଏକ ଲଜ୍‌କୁ ଜୋରଜବରଦସ୍ତ ନେଇଥିଲେ। ସେଠାରେ ସେମାନେ ନାବାଳିକାଙ୍କୁ ବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଛି। ଅଭିଯୁକ୍ତମାନଙ୍କୁ ଲଜ୍‌ର କର୍ମଚାରୀ ମଧ୍ୟ ଚିହ୍ନଟ କରିଛନ୍ତି। ଏସ୍ଆଇ ଅଜୟ ସାହୁ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ମୋବାଇଲ ଓ ଅନ୍ୟ ଦସ୍ତାବିଜ ଜବତ କରି ଅଧିକ ତଦନ୍ତ ଜାରି ରଖିଛନ୍ତି।

ଏହି ଘଟଣା ସମ୍ପର୍କରେ ନାବାଳିକାଙ୍କ ମା' ଗତ ୧୪ ତାରିଖରେ ଜିଲା କ୍ରୀଡ଼ାଧିକାରୀ ଫକୀର ମୋହନ ଗୁଡୁଙ୍କୁ ସାକ୍ଷାତ୍ କରି ଜଣାଇଥିଲେ। ଜିଲା କ୍ରୀଡ଼ାଧିକାରୀ ଗୁଡୁ ଲିଖିତ ଭାବେ ତାଙ୍କୁ ଜଣାଇବାକୁ କହିଥିଲେ। ଏହାପରେ ନାବାଳିକାଙ୍କ ମା' ଜିଲା କ୍ରୀଡ଼ାଧିକାରୀ ଗୁଡୁଙ୍କୁ ୧୬ ତାରିଖରେ ଲିଖିତ ଭାବେ ଅଭିଯୋଗ କରିଥିଲେ। କ୍ରୀଡ଼ାଧିକାରୀ ଗୁଡୁ ୩ ଦିନ ମଧ୍ୟରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ୩ ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ବି ଜିଲା କ୍ରୀଡ଼ାଧିକାରୀ ଗୁଡୁ କୌଣସି ପଦକ୍ଷେପ ନ ନେଇ ନୀରବ ରହିଥିଲେ। ଏପରିକି ପୀଡ଼ିତା ନାବାଳିକା ଏକାଧିକ ଥର ଗୁଡୁଙ୍କୁ ଫୋନ କରିଥିଲେ ବି ସେ ଫୋନ କଲ ଗ୍ରହଣ କରି ନ ଥିଲେ ବୋଲି ନାବାଳିକାଙ୍କ ମା' କହିଛନ୍ତି। ଏପରି ସମ୍ବେଦନଶୀଳ ଘଟଣାରେ କ୍ରୀଡ଼ାଧିକାରୀ ଗୁରୁତର ସହ ନେଇ ବିଚାର କରିବା ପରିବର୍ତ୍ତେ ତାଙ୍କ ନୀରବତା ସମସ୍ତଙ୍କୁ ଚକିତ କରିଛି। ତେବେ ଏ ସଂକ୍ରାନ୍ତରେ ଜିଲା କ୍ରୀଡ଼ାଧିକାରୀଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ସହଯୋଗ ଅଭାବରୁ କାମଗୁଡ଼ିକ ସୁବିଧାରେ ହେବନାହିଁ। ପରୋକ୍ଷ ଶତ୍ରୁତା କାରଣରୁ ବନ୍ଧୁ ଏବଂ ସହକର୍ମୀଙ୍କ ସହୃଦୟତା ମିଳି ନ ପାରେ। ଦୀର୍ଘଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିବ। ଅବଶ୍ୟ ଦ୍ୱିଜା ନକ୍ଷତ୍ର ପାଇଁ ବିଶେଷ ଅସୁବିଧା ହେବନାହିଁ।

**ବୃଷ**
ରୋହିଣୀ ନକ୍ଷତ୍ରର ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ପରିବାରରେ କଳହର ସୂତ୍ରପାତ ହେବ। ଅସୁବିଧା ଦୂର ହୋଇଯିବାରୁ ଆଶ୍ୱସ୍ତି ଅନୁଭବ କରିବେ। ପୂର୍ବାଲୋଚନା କ୍ରମରେ ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ସାହାଯ୍ୟ, ସହଯୋଗ ପ୍ରଦାନ କରିପାରନ୍ତି। କର୍ମକ୍ଷେତ୍ରରେ ବନ୍ଧୁଙ୍କ ମାଧ୍ୟମରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି।

**ମିଥୁନ**
ସତ୍ୟ ଭାଷଣ ସକାଶେ ସମାଲୋଚନାର କାରଣ ହେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ମାତ୍ର କଚେରି ମାମଲା ପରିବହନ କିମ୍ବା ପ୍ରଶାସନିକ ସମସ୍ୟା ବୃଦ୍ଧି ପାଇବା ହେତୁ ବ୍ୟସ୍ତତା ବଢ଼ିଯାଇପାରେ। ପୁନର୍ବସୁ ନକ୍ଷତ୍ରର କର୍ମକ୍ଷେତ୍ରରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ**
ସମସ୍ୟା ସମାଧାନ ଯୋଗୁ ଆଜିର ଜୀବନଯାତ୍ରା ହସଖୁସିରେ ଅତିବାହିତ ହେବ। ପୁଷ୍ୟା ନକ୍ଷତ୍ର ସରଳ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କରିପାରନ୍ତି। ବିବାଦୀୟ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ ହୋଇପାରିବ। ସାହିତ୍ୟ, ସଂସ୍କୃତି ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେଇପାରନ୍ତି।

**ସିଂହ**
ଆଜିର ଗ୍ରହସ୍ଥିତି କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବସାଇଦେଇ ନ ପାରେ। ମଘା ନକ୍ଷତ୍ରର ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବାର ଆଶଙ୍କା ରହିଛି। ବିଭିନ୍ନ ପ୍ରକାରର ଆବଶ୍ୟକତାକୁ ନେଇ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବ। ବେପରୁଆ ଭାବରେ କାମକରିବା ହେତୁ ବନ୍ଧୁ ଗହଣରେ ସମାଲୋଚିତ ହୋଇପାରନ୍ତି।

**କନ୍ୟା**
ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଆଜି ଯାହା କରିବେ ସଫଳତା ପାଇବେ। ବନ୍ଧୁମାନେ ଆବଶ୍ୟକ ସମୟରେ ଆଶାଜନକ ସାହାଯ୍ୟ, ସହଯୋଗ କରିପାରନ୍ତି। ପଡୋଶୀଙ୍କ ହସ୍ତକ୍ଷେପ ଫଳରେ ପରିବାରରେ ପୁନର୍ବାର ଶାନ୍ତି ଫେରି ଆସିବ। କୌଣସି ଆନୁଷ୍ଠାନିକ କାମ ସକାଶେ ନିମନ୍ତ୍ରଣ ପ୍ରାପ୍ତ ହୋଇ ହଠାତ୍ ଦୂରଯାତ୍ରା କରିପାରନ୍ତି।

**ତୁଳା**
ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯାଇଥିବାରୁ ଆଶ୍ୱସ୍ତି ଲାଭ କରିବେ। ସାମାଜିକ ସ୍ତରରେ ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବାରୁ ଆଜିର କାମ ସଂପର୍ଣ୍ଣ କଷ୍ଟକର ହୋଇପଡିବ। ମାନସିକ ଅସ୍ଥିରତା ହେତୁ ଛୋଟ କଥାରେ ଅନ୍ୟ ଉପରେ ବିରକ୍ତ ହେବେ। ସ୍ୱାତୀ ନକ୍ଷତ୍ର ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଶିଳ୍ପ ଓ ପରିବହନରେ ଆଶା ଅନୁରୂପ ଫଳ ପାଇବେ।

**ବିଛା**
ଆଜିର ସ୍ୱଗୃହୀ ଚନ୍ଦ୍ର ସ୍ଥାନ ପ୍ରଭାବରେ ମାନସିକ ଅସ୍ଥିରତା ସଙ୍ଗକୁ ଭାବପ୍ରବଣତା ସୃଷ୍ଟି କରିବ। ପାରିବାରିକ ସ୍ତରରେ କିଛି ନ କରି ବୃଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସମସ୍ୟାର କାରଣ ହେବ। କିନ୍ତୁ ଅନୁରାଧା ନକ୍ଷତ୍ର ସାହିତ୍ୟ, ଗବେଷଣା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ।

**ଧନୁ**
ଆପଣଙ୍କ ସୁଚିନ୍ତିତ କର୍ମ ଓ ଉନ୍ନତ ଚିନ୍ତାଧାରା ବୁଦ୍ଧିଜୀବୀଙ୍କ ଦୃଷ୍ଟି ଆକର୍ଷଣ କରିବ। ମୂଳା ନକ୍ଷତ୍ର ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକ ମଧ୍ୟରେ କାମ ହାସଲ କରିବେ। ନିର୍ମାଣ କାମରେ ପ୍ରତିବନ୍ଧକ ରହିଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। ବ୍ୟବସାୟ ଓ ପରିବହନ କ୍ଷେତ୍ରର ସମସ୍ୟା ସମାଧାନ ହେବ।

**ମକର**
ପାରିବାରିକ ସ୍ତରରେ ଅତୀତ ଘଟଣାବଳୀର ଆଲୋଡନଜନିତ ମାନସିକ ଅସ୍ଥିରତା ଅନୁଭବ କରିବେ। ଆପଣଙ୍କ କଥାବାର୍ତ୍ତା ଓ ବ୍ୟବହାରରେ ବ୍ୟତିକ୍ରମ ସମସ୍ୟା ସୃଷ୍ଟିର କାରଣ ହେବ। ନିଜ ଲୋକଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବରେ ପରିବର୍ତ୍ତନ ଦୁଶ୍ଚିନ୍ତାର କାରଣ ପାଲଟିବ। ଶ୍ରବଣା ନକ୍ଷତ୍ର ଆଜି ସୁଫଳ ଲାଭକରି ଖୁସି ହେବେ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବା ହେତୁ ଆଶ୍ୱସ୍ତି ଲାଭ କରିବେ। ବନ୍ଧୁଙ୍କ ସାହାଯ୍ୟ ଲାଭକରି ପୂର୍ବ ସ୍ଥିରୀକୃତ ଯୋଜନାବଦ୍ଧ ନୂତନ କର୍ମାରମ୍ଭ ସମସ୍ୟାମୁକ୍ତ ରହିବ। ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସ୍ଥିତି ମନ୍ଦ ହେବନି। ଉତ୍ତରଭାଦ୍ରପଦ୍ ନକ୍ଷତ୍ର ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡି ଚାଲିଲେ ଉପକୃତ ହୋଇପାରିବେ।

**ମୀନ**
ରେବତୀ ନକ୍ଷତ୍ର ସକାଶେ ଦିନଟି ବହୁତ ଭଲରେ ଅତିବାହିତ ହେବ। ଯାହା ଆଶା କରୁଛନ୍ତି ତାହା ପାଇବେ ଏବଂ ବନ୍ଧୁବତ୍ସଳ ହୋଇପାରନ୍ତି। କିନ୍ତୁ, ଯେ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ କାମ କରିଚାଲିଲେ ହିଁ ସୁଫଳ ମିଳିବ। ସହକର୍ମୀଙ୍କ ମତପାର୍ଥକ୍ୟ ଯୋଗୁ ପ୍ରଶାସନିକ କ୍ଷେତ୍ରରେ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

ଆଜି ଜୁଲାଇ ୨୩ ତାରିଖ, ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କ ଜନ୍ମ ଦିବସ, ଶ୍ରାବଣ କୃଷ୍ଣ ଚତୁର୍ଦ୍ଦଶୀ ବୁଧବାର। ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୨ମି. ଗତେ ଘ.୦୭.୦୭ମି. ମଧ୍ୟେ, ଘ.୧୦.୧୫ମି. ଗତେ ଘ.୧୧.୨୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୧୧.୫୩ମି. ଗତେ ଘ.୦୧.୩୦ମି. ମଧ୍ୟେ ରାହୁ କାଳ।

# ସିବିଏସ୍‌ଇ ସ୍କୁଲରେ ସିସିଟିଭି

# ଉତ୍ତମ ପଦକ୍ଷେପ

ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ବଡ଼ ପଦକ୍ଷେପ ନେଇଛି। ସିବିଏସ୍‌ଇ ଅନୁବନ୍ଧିତ ବିଦ୍ୟାଳୟରେ ସିସିଟିଭି ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। ସିସିଟିଭିଗୁଡିକର ଠିକ୍ କାର୍ଯ୍ୟ ପରିଚାଳନା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାନୁଷ୍ଠାନର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେସବୁ ଲଗାଯିବା ସହ ସର୍ବନିମ୍ନ ୧୫ ଦିନର ଅଡିଓ-ଭିଜୁଆଲ ରେକର୍ଡିଂ ମହଜୁଦ ରହିବ। କେବଳ ବିଦ୍ୟାଳୟର ଟଏଲେଟ୍ ଓ ୱାଶ୍‌ରୁମ୍‌କୁ ଛାଡ଼ି ଅନ୍ୟ ସବୁଠାରେ ସିସିଟିଭି ଲଗାଯିବ ଓ ଅଧିକାରୀମାନେ ଆବଶ୍ୟକସ୍ଥଳେ ଏଗୁଡ଼ିକ ଯାଞ୍ଚ କରିବେ। ସିବିଏସ୍‌ଇର ଏହି ନିଷ୍ପତ୍ତି ଉପରେ ଶିକ୍ଷକ, ଶିକ୍ଷାବିତ୍, ଛାତ୍ରୀ ଓ ଅଭିଭାବକଙ୍କ ମତାମତ ସଂଗ୍ରହ କରାଯାଇଛି। ସମସ୍ତେ ସିବିଏସ୍‌ଇର ଏଭଳି ପଦକ୍ଷେପକୁ ସ୍ୱାଗତ କରିଥିବା ଦେଖାଯାଇଛି।

## ବିଦ୍ୟାଳୟରେ ସିସିଟିଭି ନ ଥିଲେ ତୁରନ୍ତ ଲଗାଯାଉ



ସ୍କୁଲରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ କରିବା ସିବିଏସ୍‌ଇର ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ରାଜ୍ୟର ଅଧିକାଂଶ ସ୍କୁଲରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ଏଯାବତ ଯେଉଁ ବିଦ୍ୟାଳୟଗୁଡିକରେ ସିସିଟିଭି ନାହିଁ ସେମାନେ ତୁରନ୍ତ ଲଗାନ୍ତୁ। ଏହାଦ୍ୱାରା ବିଦ୍ୟାଳୟ ପରିସରର ସମସ୍ତ ଘଟଣା ଆମେ ସିସିଟିଭିରୁ ପାଇପାରିବା। ସିସିଟିଭି ମାଧ୍ୟମରେ ଖେଳପଡିଆଠାରୁ ଆରମ୍ଭ କରି ଶ୍ରେଣୀଗୃହ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଉପରେ ନଜର ରଖିବାକୁ ସୁବିଧା ହେବ।

- ଅରବିନ୍ଦ ସାହୁ, ଶିକ୍ଷକ, କେନ୍ଦ୍ରୀୟ ବିଦ୍ୟାଳୟ-୪, ଭୁବନେଶ୍ୱର

## ପିଲାମାନେ ଭୁଲ୍ କରିବାକୁ ଡରିବେ



ସବୁ ସ୍କୁଲରେ ସିସିଟିଭି ଲଗାଯିବା ସହ ତାହାର ଠିକ୍ ପରିଚାଳନା କରିବା ଦରକାର। ସିସିଟିଭି ଥିବାରୁ ପିଲାମାନେ କୌଣସି ଭୁଲ୍ କରିବାକୁ ଡରିବେ। ବର୍ତ୍ତମାନର ପିଲାମାନେ ବିଭିନ୍ନ ପ୍ରକାର ଆପତ୍ତିଜନକ ଘଟଣା ସାଙ୍ଗସାଥୀ ଓ ନିଜ ସହ ଘଟାଉଛନ୍ତି। ସିସିଟିଭି ଦ୍ୱାରା ତାହା ଜଣାପଡ଼ିବା ପରେ ରୋକାଯାଇପାରିବ। ପିଲାଙ୍କ ସୁରକ୍ଷାକୁ ଧ୍ୟାନ ଦେଇ ବିଦ୍ୟାଳୟର ପ୍ରବେଶ ଓ ପ୍ରସ୍ଥାନ ଫାଟକରେ ଅଧିକ ସିସିଟିଭି ଲଗାଯିବ। ସମସ୍ତ ସିସିଟିଭି ତଥ୍ୟ ୧୫ ଦିନ ପର୍ଯ୍ୟନ୍ତ ମହଜୁଦ ରହିବ। ତେଣୁ ନିୟମିତ ଫୁଟେଜ ଯାଞ୍ଚ ହେବା ଦରକାର।

- ସନ୍ଧ୍ୟା ଜେନା, ଶିକ୍ଷୟିତ୍ରୀ, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର

## ସ୍କୁଲର ସବୁ ସତ ସିସିଟିଭି ଧରିବ



ବିଦ୍ୟାଳୟରେ ସିସିଟିଭି ଲାଗିବା ଦ୍ୱାରା ସବୁ ଘଟଣାର ସତ୍ୟତା ଜଣାପଡିଯିବ। ପିଲାମାନେ ସଚେତନ ହୋଇଯିବେ। କୌଣସି ଭୁଲ କରିବା ପୂର୍ବରୁ ଚିନ୍ତା କରିବେ। ପିଲାଙ୍କ ଭିତରେ ଝଗଡା କିମ୍ବା ପାଟିତୁଣ୍ଡ ମଧ୍ୟ କମିବ। ପିଲା ସ୍କୁଲରେ ପାଠ ପଢୁଛି କି ନାହିଁ ତା'ର ସମସ୍ତ କାର୍ଯ୍ୟ ଉପରେ ନଜର ରହିବ। ଅଭିଭାବକଙ୍କ ବିଭିନ୍ନ ଅଭିଯୋଗ ଅନୁସାରେ ତା'ର ସବୁ ପ୍ରମାଣ ସିସିଟିଭିରୁ ମିଳିପାରିବ। ସିବିଏସ୍‌ଇର ଏଭଳି ଉତ୍ତମ ପଦକ୍ଷେପ ସ୍ୱାଗତଯୋଗ୍ୟ।

- ସସ୍ମିତା ସାହୁ, ଅଭିଭାବକ, ଭୁବନେଶ୍ୱର

## ଶିକ୍ଷକ, ପିଲାଙ୍କ ପାଠପଢ଼ା ଉପରେ ନଜର ରହିବ



ବିଦ୍ୟାଳୟରେ ସିସିଟିଭିର ଗୁରୁତ୍ୱ ରହିଛି। ପିଲାମାନେ ବିଦ୍ୟାଳୟରେ ୬ରୁ ୭ ଘଣ୍ଟା ପର୍ଯ୍ୟନ୍ତ ରହୁଛନ୍ତି। ସେଠାରେ ସେମାନଙ୍କର ସମସ୍ତ ଗତିବିଧିକୁ ନଜର ରଖିବାରେ ସିସିଟିଭି ସହାୟକ ହେବ। ସିସିଟିଭି ରହିଲେ ପିଲାଙ୍କଠାରୁ ଆରମ୍ଭ କରି ଶିକ୍ଷକଙ୍କ ପର୍ଯ୍ୟନ୍ତ ସମସ୍ତେ ସତର୍କ ରହିବେ। ଶ୍ରେଣୀଗୃହରେ ଶିକ୍ଷକଙ୍କ ଶିକ୍ଷାଦାନ ଓ ପିଲାଙ୍କ ପାଠପଢ଼ା ସ୍କୁଲ କର୍ତ୍ତୃପକ୍ଷ ଜାଣିପାରିବେ। ପିଲାମାନେ ବିଦ୍ୟାଳୟକୁ ଆସିବାଠାରୁ ଯିବା ପର୍ଯ୍ୟନ୍ତ ସମସ୍ତ ତଥ୍ୟ ସେଥିରେ ରହିବ। ପରୀକ୍ଷା ପରିଚାଳନା ମଧ୍ୟ ସହଜ ହେବ।

- ରୀତା ମହାନ୍ତି, ଶିକ୍ଷୟିତ୍ରୀ, ମଦର୍ସ ପବ୍ଲିକ ସ୍କୁଲ, ଭୁବନେଶ୍ୱର

## ସମସ୍ୟା ସମାଧାନରେ ସିସିଟିଭି ଫୁଟେଜ ଗୁରୁତ୍ୱ ବହନ କରିବ



ସ୍କୁଲରେ ସିସିଟିଭି ସ୍ଥାପନ କରାଯିବା ନେଇ ସିବିଏସ୍‌ଇ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ। ବିଦ୍ୟାଳୟ ପରିବେଶରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହିତ ଛାତ୍ରୀଛାତ୍ରଙ୍କ ବିଶୃଙ୍ଖଳିତ ପରିସ୍ଥିତିକୁ ଅଧ୍ୟକ୍ଷମାନେ ସିସିଟିଭି ମାଧ୍ୟମରେ ଜାଣିପାରିବେ। ତା'ର ତର୍ଜମା କରାଯାଇ ବୌଦ୍ଧିକ ଶୃଙ୍ଖଳିତ ଅନୁଶାସନ ପାଇଁ ଉଚିତ ପଦକ୍ଷେପ ନେଇପାରିବେ। ଉତ୍ତମ ପରୀକ୍ଷା ପରିଚାଳନା, ଶିକ୍ଷାଦାନ, ଛାତ୍ରୀଛାତ୍ରଙ୍କ ପ୍ରତି ଶିକ୍ଷୟିତ୍ରୀଶିକ୍ଷକ ବ୍ୟବହାର ଆଦି ସବୁକିଛି ଜଣାପଡ଼ିବ। କେତେକ ସ୍କୁଲରେ ସିସି କ୍ୟାମେରା ଲଗାଇବାରେ ଅବହେଳା ହେଉଥିବା ନଜିର ରହିଛି। ସ୍କୁଲ କର୍ତ୍ତୃପକ୍ଷ ଶୀଘ୍ର ଏହାର ବ୍ୟବସ୍ଥା କରିବା ଦରକାର।

- ଜଲିଲ ଖାଁ, ଶିକ୍ଷାବିତ୍

## ସବୁ ଘଟଣା ସହଜରେ ଜାଣିହେବ



ସିସିଟିଭିକୁ ନେଇ ସିବିଏସ୍‌ଇର ନୂଆ ମାର୍ଗଦର୍ଶିକା ସ୍ୱାଗତଯୋଗ୍ୟ। ପୂର୍ବର ଗାଇଡ୍‌ଲାଇନ୍ ଅନୁସାରେ ସ୍କୁଲର କୋଣଅନୁକୋଣରେ ସିସିଟିଭି ଲଗାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ର ସୁରକ୍ଷିତ ମଣୁଛନ୍ତି। କେବଳ କ୍ୟାମେରା ନୁହେଁ, ସ୍କୁଲରେ ଛାତ୍ରୀଛାତ୍ରୀଙ୍କ ସମସ୍ୟାକୁ ଶିକ୍ଷୟିତ୍ରୀଶିକ୍ଷକମାନେ ଗୁରୁତ୍ୱ ଦେଇଥାନ୍ତି। ଏହି କ୍ୟାମେରା ଲଗାଇବା ଓ ଅଡିଓ ଭିଜୁଆଲ ରେକର୍ଡିଂ ଦ୍ୱାରା କେଉଁ ଘଟଣା କେତେବେଳେ ଘଟୁଛି ତାହା ଜାଣିବା ସମ୍ଭବପର ହୋଇପାରିବ।

- ଶୁଭଶ୍ରୀ ସିଂ, ଶିକ୍ଷୟିତ୍ରୀ, ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ, କଟକ

## ସମସ୍ତ ସ୍କୁଲ, କଲେଜରେ ଏଭଳି ବ୍ୟବସ୍ଥା ହେବା ଜରୁରୀ



ଏଭଳି ପଦକ୍ଷେପ ବିଶେଷକରି ଛାତ୍ରୀମାନଙ୍କ କ୍ଷେତ୍ରରେ ସହାୟକ ହେବ। ସିସିଟିଭି ଲାଗିବା ଏବଂ ଅଡିଓ ଭିଜୁଆଲ ରେକର୍ଡିଂ ଦ୍ୱାରା ପ୍ରତ୍ୟେକଟି ଭୁଲ ଧରାପଡିଯିବ। ସିସିଟିଭି ସର୍ଭେଲାନ୍ସରେ ରହିଲେ ଛାତ୍ରୀଛାତ୍ରୀଙ୍କ ମନରେ ଡର ରହିବ। ଏହି ବ୍ୟବସ୍ଥା ସମସ୍ତ ସ୍କୁଲ ଓ କଲେଜରେ କରାଯିବା ନିତାନ୍ତ ଜରୁରୀ।

- ଆଦ୍ୟାଶା ମିଶ୍ର, ଯୁକ୍ତ୨ ଛାତ୍ରୀ, ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ, କଟକ

## ସୁରକ୍ଷା ଦୃଷ୍ଟିରୁ ସ୍ୱାଗତଯୋଗ୍ୟ ପଦକ୍ଷେପ



କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଛି। ଏହି ନୂଆ ନିର୍ଦ୍ଦେଶାବଳୀ ଅନୁସାରେ, ସିବିଏସ୍‌ଇ ସହ ଜଡ଼ିତ ସମସ୍ତ ସ୍କୁଲରେ ହାଇ-ରିଜୋଲ୍ୟୁଶନ ସିସିଟିଭି କ୍ୟାମେରା ସ୍ଥାପନ କରାଯିବା ବାଧ୍ୟତାମୂଳକ। ଏଥିରେ ରିୟଲ-ଟାଇମ ଅଡିଓ-ଭିଜୁଆଲ ରେକର୍ଡିଂ କ୍ଷମତା ରହିବ। ଏହି ନିୟମ ସ୍କୁଲ ପରିସରରେ ନିରାପତ୍ତା ବିଶେଷକରି ଅନୁପ୍ରବେଶକାରୀଙ୍କ ବିପଦକୁ ରୋକିବା ପାଇଁ ଲକ୍ଷ୍ୟ ରଖିଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଛାତ୍ରୀଛାତ୍ର ଏବଂ ମହିଳା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ ହୋଇପାରିବ। ଖୁବ୍‌ଶୀଘ୍ର ଆମ ବିଦ୍ୟାଳୟରେ ସିବିଏସ୍‌ଇ ଗାଇଡଲାଇନ ଅନୁଯାୟୀ ସିସିଟିଭି ଖଞ୍ଜାଯିବ।

- ମମତାଞ୍ଜଳି ପଟ୍ଟନାୟକ, ଅଧ୍ୟକ୍ଷା, ସିଗ୍‌ମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା

## ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନିଶ୍ଚିତ କରିବ



ବିଦ୍ୟାଳୟରେ ଉନ୍ନତ ମାନର ସିସିଟିଭି ଖଞ୍ଜାଯିବା ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ସହିତ ବିଦ୍ୟାଳୟ ପରିସର ସୁରକ୍ଷାକୁ ନିଶ୍ଚିତ କରିବ। ଏହାବ୍ୟତୀତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚ୍ଚୋଟତା ଏବଂ ନିଷ୍ଠାର ଭାବନା ବିକଶିତ ହେବ। ପରୀକ୍ଷା ସମୟରେ ଅନୈତିକ ଉପାୟ ଅବଲମ୍ବନଠାରୁ ଦୂରେଇ ରହିବାରେ ପିଲାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ। ସର୍ବୋପରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବ୍ୟକ୍ତିଗତ ଓ ସାମୂହିକ ଭାବେ ଶିକ୍ଷକ ଏବଂ ବିଦ୍ୟାର୍ଥୀଙ୍କ କାର୍ଯ୍ୟକଳାପ ତଦାରଖ କରିବାରେ ସହାୟକ ହେବ।

- ଶ୍ରୀହର୍ଷ କୁମାର ପତି, ଶିକ୍ଷକ, ଡିଏଭି ବିଦ୍ୟାଳୟ, ବୁର୍ଲା

## ଉତ୍ତମ ବ୍ୟବସ୍ଥା




ବିଦ୍ୟାଳୟରେ ଅଡିଓ ଭିଜୁଆଲ୍ ସିସିଟିଭି ଖଞ୍ଜାଯିବା ଏକ ଉତ୍ତମ ବ୍ୟବସ୍ଥା। ଏହାଦ୍ୱାରା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯାଇପାରିବ। ଅନ୍ତତଃ ଅଭିଭାବକମାନେ ନିଜ ସନ୍ତାନଙ୍କ ସୁରକ୍ଷାକୁ ନେଇ ନିଶ୍ଚିନ୍ତ ରହିପାରିବେ। ଏହାବ୍ୟତୀତ ସିସିଟିଭି ନିରୀକ୍ଷଣ ଦ୍ୱାରା ଛାତ୍ରୀଛାତ୍ରଙ୍କ ସହ ବିଦ୍ୟାଳୟରେ ଶିକ୍ଷକମାନେ ମଧ୍ୟ ସତର୍କ ରହିବେ। ତେବେ ପିଲାମାନେ ଏହାର ଯେପରି ଅପବ୍ୟବହାର ନ କରନ୍ତି ସେଥିପ୍ରତି ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ।

- ଅକ୍ଷୟ କୁମାର ପଟ୍ଟନାୟକ, ସଭାପତି, ଅଭିଭାବକ ସଂଘ, କେନ୍ଦ୍ରୀୟ ବିଦ୍ୟାଳୟ, ସମ୍ବଲପୁର

# ବଙ୍ଗୋପସାଗରରେ ପ୍ରବେଶ କରିବ ବାତ୍ୟା 'ୱିଫା'ର ଅବଶିଷ୍ଟାଂଶ

## ଆସୁଛି ୨ ଲଘୁଚାପ, ପ୍ରବଳରୁ ଅତି ପ୍ରବଳ ବର୍ଷା



ଭୁବନେଶ୍ୱର, ୨୨।୭(ଅନୁରାଧା ମହାରଣା)

ରାଜ୍ୟରେ ଏବେ ମୌସୁମୀ ସକ୍ରିୟ ରହିଥିବାବେଳେ ବଙ୍ଗୋପସାଗରରେ ଦାନା ବାନ୍ଧୁଛି ପୁଣି ଏକ ଲଘୁଚାପ। ଆଗାମୀ ୨୪ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ବାତ୍ୟା 'ୱିଫା'ର ଅବଶିଷ୍ଟାଂଶ ଏକ ଘୂର୍ଣ୍ଣିବଳୟ ରୂପରେ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ପରବର୍ତ୍ତୀ ୪୮ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୁରୁବାର ସୁଦ୍ଧା ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ କ୍ରମଶଃ ଲଘୁଚାପର ରୂପ ନେବ। ଫଳରେ ବୁଧବାର ସମସ୍ତ ୨୧ ଜିଲାରେ ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ, ଗଜପତି, ନବରଙ୍ଗପୁର, କୋରାପୁଟ, ମାଲକାନାଗିରି, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଝାରସୁଗୁଡ଼ା, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ବଲାଙ୍ଗୀର, ସମ୍ବଲପୁର, ସୋନପୁର, ବରଗଡ଼, ନୂଆପଡ଼ା, ଦେବଗଡ଼ରେ ପ୍ରବଳ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି। ସେହିଭଳି ଏସବୁ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ୨୪ ତାରିଖରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ଉତ୍ତର ବିହାରର ମଧ୍ୟ ଭାଗରୁ ଝାଡ଼ଖଣ୍ଡ ଦେଇ ଓଡ଼ିଶା ପର୍ଯ୍ୟନ୍ତ ଏକ ଟ୍ରଫ୍ ଲାଇନ ରହିଛି। ଏହା ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏ ନେଇ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଯିବା ପାଇଁ ବାରଣ କରାଯାଇଛି।

# ନ୍ୟାୟିକ ଅଧିକାରୀଙ୍କ ପରିବାର ସଦସ୍ୟଙ୍କୁ ମିଳିବ ଚିକିତ୍ସା ଅଗ୍ରିମ

ଭୁବନେଶ୍ୱର,୨୨।୭(ରବିନାରାୟଣ ଜେନା)

ନ୍ୟାୟିକ ଅଧିକାରୀ ତଥା ଅବସରପ୍ରାପ୍ତ ଅଧିକାରୀ ଏବଂ ତାଙ୍କ ଉପରେ ନିର୍ଭର କରୁଥିବା ପରିବାର ସଦସ୍ୟଙ୍କ ଚିକିତ୍ସା କ୍ଷେତ୍ରରେ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇ ଦେବେ। ଏସଂକ୍ରାନ୍ତରେ ଆଇନ ବିଭାଗ ପକ୍ଷରୁ ଗତ ୧୮ ତାରିଖରେ ଏକ ବିଜ୍ଞପ୍ତି ଜାରି ହୋଇଛି।

ବିଜ୍ଞପ୍ତିରେ ବିଭାଗୀୟ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ ଦର୍ଶାଇଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ୨୦୨୪ ଜାନୁଆରୀ ୪ ଜଜ୍‌ମେଣ୍ଟ ଏବଂ ଜାତୀୟ ନ୍ୟାୟିକ ପେ-କମିଶନଙ୍କ ସୁପାରିସ୍‌କୁ ଆଧାରକରି ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କମିଟି ଫର୍ ସର୍ଭିସ କଣ୍ଡିଶନ ଅଫ୍ ଦି ଡିଷ୍ଟ୍ରିକ୍ଟ ଜୁଡିସିଆରି(ସିଏସ୍‌ସିଡିଜେ) ଗଠନ କରାଯାଇଥିଲା। କମିଟିର ସୁପାରିସ୍‌କ୍ରମେ ଏଣିକି ନ୍ୟାୟିକ ଅଧିକାରୀ, ପୂର୍ବତନ ନ୍ୟାୟିକ ଅଧିକାରୀ, ପେନ୍‌ସନ୍ ନେଉଥିବା ପରିବାର ଏବଂ ସେମାନଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଚିକିତ୍ସା ସମ୍ବନ୍ଧୀୟ ଖର୍ଚ୍ଚ ଅଗ୍ରିମ ନେଇପାରିବେ। ସମ୍ପୃକ୍ତ ପରିବାରର ରୋଗୀ ସରକାରଙ୍କ ସ୍ୱୀକୃତ ତଥା ପ୍ୟାନେଲରେ ଥିବା ହସ୍ପିଟାଲ କିମ୍ବା ଅନ୍ୟ ମେଡିକାଲ ଦ୍ୱାରା ଦିଆଯାଇଥିବା ଆନୁମାନିକ ଖର୍ଚ୍ଚ ରିପୋର୍ଟ ଦାଖଲ କଲେ ସେଠାରୁ ୮୦% ଅଗ୍ରିମ ଭାବରେ ଅର୍ଥ ମଞ୍ଜୁର୍ ହେବ, ଯାହାକି ପ୍ରାଥମିକ ଭାବେ ପ୍ରମୁଖ ଜିଲାଜଜ୍ କିମ୍ବା ସମାନ ମର୍ଯ୍ୟାଦା ଥିବା ଜିଲାଜଜ୍, ଯିଏ ହାଇକୋର୍ଟ ରେଜିଷ୍ଟ୍ରି କିମ୍ବା ନିୟନ୍ତ୍ରଣାଧୀନ ଅଧିକାରୀ/ବିଭାଗ ମୁଖ୍ୟ(ଯେଉଁଠି ଅଧିକାରୀମାନେ ଅନ୍ୟ ବିଭାଗରେ ନିଯୁକ୍ତ କିମ୍ବା ସ୍ୱତନ୍ତ୍ର ୟୁନିଟ୍ ଚଳାଉଛନ୍ତି) ଦ୍ୱାରା ଅଧିକୃତ ଥିବେ ସେମାନେ ଯାଞ୍ଚ କରିବା ପରେ ମଞ୍ଜୁର୍ ଅର୍ଥ ମିଳିବ।

ଏହାବାଦ୍ ମାନ୍ୟତାପ୍ରାପ୍ତ ସିଭିଲ୍ ସର୍ଜନ ବା ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟର ଅଧିକାରୀଙ୍କ ଦ୍ୱାରା ବ୍ୟବହୃତ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ ହେଲାପରେ ବାକି ଅର୍ଥ ପୁନଃଦେୟ ହେବ। ଯଦି ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଖର୍ଚ୍ଚ(କୌଣସି ରୋଗ ପାଇଁ) ନ ମିଳିବ, ତେବେ ସେକ୍ଷେତ୍ରରେ ସଂପୃକ୍ତ ହସ୍ପିଟାଲରେ ଲାଗୁ ହେଉଥିବା ଦର ଲାଗୁହେବ। ଚୂଡ଼ାନ୍ତ ରାଶି ପ୍ରଦାନ ପୂର୍ବରୁ ଠିକ୍‌ଭାବେ ଯାଞ୍ଚ କରାଯିବା ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ। ତେବେ ଅଧିକାରୀଙ୍କ ଏହି ଯାଞ୍ଚ ପ୍ରକ୍ରିୟା ସର୍ବାଧିକ ଏକ ମାସ ମଧ୍ୟରେ ସମାପ୍ତ ହେବା ଦରକାର ବୋଲି ପ୍ରମୁଖ ସଚିବ ବିଜ୍ଞପ୍ତିରେ ଦର୍ଶାଇଛନ୍ତି।

# ଭୋଗରାଇ ମାଟିରୁ ହେବ ସାଲିସବିହୀନ ସଂଗ୍ରାମ




ସୌମ୍ୟାଶ୍ରୀଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତ ସିଂହାର ଉଦ୍‌ବୋଧନ ଦେଉଛନ୍ତି।

- ନ୍ୟାୟ ନ ମିଳିବା ଯାଏ ଚୁପ୍ ବସିବୁନି
- ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ଗର୍ଜିଲା ବିଜେଡି

ଭୋଗରାଇ, ୨୨।୭(ପ୍ରଦୀପ ଦାସ)

ସୌମ୍ୟାଶ୍ରୀଙ୍କ ପାଇଁ ଭୋଗରାଇ ମାଟିରୁ ହେବ ସାଲିସବିହୀନ ସଂଗ୍ରାମ। ସେ ଥିଲେ ଭାରତର ନାରୀ ଜାଗରଣର ପ୍ରତୀକ। ନ୍ୟାୟ ପାଇଁ ଲଢ଼େଇ କରି ଜୀବନ ଯୁଦ୍ଧରେ ହାରିଯାଇଛନ୍ତି । ତାଙ୍କୁ ନ୍ୟାୟ ନ ମିଳିବାଯାଏ ଚୁପ୍ ବସିବୁନି ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବାଇତପୁର ଗଣ୍ଡ ଖେଳପଡ଼ିଆରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ବିଜେଡିର ରାଜ୍ୟ ନେତୃମଣ୍ଡଳୀ ଗର୍ଜିଛନ୍ତି। ତାଙ୍କ ମୃତ୍ୟୁକୁ ଏକ ସଭ୍ୟ ସମାଜରେ ଘୃଣିତ କାର୍ଯ୍ୟକୁ ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ନିନ୍ଦା କରାଯାଇଥିଲା। ନ୍ୟାୟ ନିମନ୍ତେ ବ୍ୟାପକ ଗଣଆନ୍ଦୋଳନ ଜାରି ରଖିବା ସହିତ ନାରୀ ସୁରକ୍ଷା ଓ ଛାତ୍ରୀ ମୃତ୍ୟୁ ଘଟଣାରେ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ତଦନ୍ତ, ସମସ୍ତ ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା, ଶିକ୍ଷାନୁଷ୍ଠାନରେ ନାରୀ ସୁରକ୍ଷା, ଜଘନ୍ୟ ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ନେତାମାନେ ପ୍ରକାଶ କରିଥିଲେ।

ଏପରିକି ଛାତ୍ରୀ ସୌମ୍ୟାଶ୍ରୀ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଦର ବିଧାୟକ ମାନସ ଦତ୍ତ, ସହଦେବଖୁଣ୍ଟା ଆଇଆଇସି, ଏସ୍‌ପି, ଆଡିସନାଲ ଏସ୍‌ପି, ଶିକ୍ଷାମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ ନ୍ୟାୟ ମିଳି ନ ଥିଲା । ଏମାନଙ୍କୁ ମଧ୍ୟ ଆଇନ ପରିସରକୁ ଅଣାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜେଡି ଦାବି ଉଠାଇଥିଲା। ରାଜ୍ୟରେ ଘନ ଘନ ଛାତ୍ରୀମୃତ୍ୟୁ ଘଟଣା ଅତ୍ୟାଚାରୀ ବ୍ରିଟିଶ ଶାସନରୁ ବଳିଗଲାଣି ବୋଲି ବିଜେଡି ଅଭିଯୋଗ କରିଥିଲେ। ଏଭଳି ସ୍ଥିତିରେ ରାଜ୍ୟରେ ୨ ଛାତ୍ରୀ ମୃତ୍ୟୁ ଘଟଣାର ଅବିଳମ୍ବେ ସମସ୍ତ ଦୋଷୀଙ୍କ ବିରୋଧରେ କଠୋର ଶାସ୍ତି ନ ଦେବା ପର୍ଯ୍ୟନ୍ତ ବିଜେଡି ଘରେ ଚୁପ ହୋଇ ବସିବ ନାହିଁ । ଏହି ବ୍ୟବସ୍ଥା ବିରୋଧରେ ଭୋଗରାଇର ସଂଗ୍ରାମୀ ମାଟିରୁ ବ୍ୟାପକ ଗଣଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସରକାରଙ୍କୁ ବିଜେଡି ନେତୃବୃନ୍ଦ ଚେତାଇ ଦେଇଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ସଭାପତିତ୍ୱ କରିଥିଲେ। ପୂର୍ବତନ ବରିଷ୍ଠ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଅଶୋକ କୁମାର ପଣ୍ଡା, ପ୍ରତାପ ଜେନା, ଅଶ୍ୱିନୀ କୁମାର ପାତ୍ର, ଅତନୁ ସବ୍ୟସାଚୀ, ଡା.ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସୁଦାମ ମାରାଣ୍ଡି, ବାସନ୍ତୀ ହେମ୍ବ୍ରମ, ଡା. ରାଜଶ୍ରୀ ମଲ୍ଲିକ, ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସୋର ବିଧାୟକ ମାଧବ ଧଡ଼ା, ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ବାଲେଶ୍ୱର ସଦର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ପୂର୍ବତନ ବିଧାୟକ ସୁଧାଂଶୁ ପରିଡା, ବିଦ୍ୟାସ୍ମିତା ମହାଲିକ, ମୁଖପାତ୍ର ଲେଲିନ ମହାନ୍ତି, ସୋଫିଆ ଆଲାମ, ଇପ୍ସିତା ସାହୁ, ବାଲେଶ୍ୱର ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ବିଜେଡି ସମ୍ପାଦକ ରଞ୍ଜନ କୁମାର ବାଗ, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନାଙ୍କ ସହ ବହୁ ରାଜ୍ୟ, ଜିଲା ଓ ଭୋଗରାଇର ନେତୃମଣ୍ଡଳୀ ଯୋଗ ଦେଇଥିଲେ। ବିଜେଡି ସଭାପତି ରମାକାନ୍ତ କରଣ ଧନ୍ୟବାଦ ଦେଇଥିଲେ।

# କ୍ରାଇମବ୍ରାଞ୍ଚ ତଦନ୍ତ ଜାରି

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

ବାଲେଶ୍ୱର, ୨୨।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ବିତିଲା ୧୦ଦିନ। ଏଯାବତ୍ ପ୍ରକୃତ ରହସ୍ୟ ଉପରୁ ହଟିପାରିନି ପରଦା। ୩ଟି ତଦନ୍ତକାରୀ ସଂସ୍ଥା ପକ୍ଷରୁ ଜୋରଦାର ତନାଘନା ଜାରି ରହିଥିଲେ ହେଁ ଆତ୍ମାହୁତି ମାମଲାର ଗୁମର ଫିଟୁନାହିଁ।

କ୍ରାଇମବ୍ରାଞ୍ଚ ଟିମ୍, ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଓ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ତଦନ୍ତ କମିଟି ପକ୍ଷରୁ ଖୋଳତାଡ଼ କରାଯାଉଛି। ବିଶେଷ କରି କ୍ରାଇମବ୍ରାଞ୍ଚ ଟିମ୍ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ମଙ୍ଗଳବାର କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଶାଖା ଡିଏସ୍‌ପି ଇମାନ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଞ୍ଚାଳି ରାଉତ ପୁଣି ମହାବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଫିରୋଜ ପାଢ଼ୀ ଓ କେତେକ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରିଥିଲେ। ଆଇସିସି ସଦସ୍ୟାଙ୍କ ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଛାତ୍ରୀଛାତ୍ରଙ୍କୁ ଏହି ଟିମ୍ ପକ୍ଷରୁ ବାରମ୍ବାର ପଚରାଉଚରା କରାଯାଉଛି। ସୌମ୍ୟାଶ୍ରୀଙ୍କୁ ଆତ୍ମାହୁତି ଦେବା ପାଇଁ କେଉଁମାନେ ପ୍ରବର୍ତ୍ତାଉଥିଲେ, ପେଟ୍ରୋଲ ଟାଙ୍କିରୁ କିଏ ପେଟ୍ରୋଲ ଆଣିଥିଲେ, ଦିଆସିଲି କେଉଁଠୁ ଆସିଲା ସେ ନେଇ କ୍ରାଇମବ୍ରାଞ୍ଚ ଟିମ୍ ତନାଘନା ଜାରି ରଖିଛି। ବିଭିନ୍ନ ଛାତ୍ର ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଉପରେ ମଧ୍ୟ ନଜର ଦିଆଯାଇଛି। ଏପରିକି ପ୍ରକୃତ ରହସ୍ୟ ଉନ୍ମୋଚନ କରିବା ପାଇଁ କିଛି ଛାତ୍ରୀଛାତ୍ରଙ୍କ ମୋବାଇଲ୍‌କୁ କ୍ରାଇମବ୍ରାଞ୍ଚ ଜବତ କରିଥିବା ଜଣାପଡ଼ିଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ନାୟକ ନିୟମିତ ଭାବେ ଘଟଣାର ତଦନ୍ତ ଜାରି ରହିଛି। ବିଭିନ୍ନ ଦିଗକୁ ନେଇ ଠିକ୍ ଭାବେ ଖୋଳତାଡ଼ କରାଯାଉଛି। ଏବେ କିଛି ସୂଚନା ଦିଆଯିବ ନାହିଁ ବୋଲି କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
DRIVER (PERSONAL)
At - Phulanakhara, Cuttack
Khaiba + Rahiba Free
Salary : 12500/-
MOB : 7809525452

Requirement
Sales Manager-2 nos.
2 year Exp. in Solar Sector
Salary -22k to 28k+ Incentive
Sales Executive -5 nos. (M&F)
Min. 2 year Exp. in Sales.
Salary-15k to 18k + Incentive
Interview Date - 28/07/2025 (MONDAY)
Contact No- 9124614403.
SAURASHAKTI ENTERPRISES PRIVATE LIMITED
ID Market, Nayapalli, Bhubaneswar.

V.N. (AUTO) COLLEGE, JAJPUR ROAD
A WALK IN INTERVIEW will be held at 10 A.M. on 27.07.2025 for different posts, details in website : www.vnautocollege.in.
Principal

We're HIRING
BUSINESS DEVELOPMENT MANAGER & BUSINESS DEVELOPMENT EXECUTIVE (MALE)
- COMPANY -
SST DEVELOPERS
A Leading Real Estate Company
Location : Flat No. 2001, 2nd Floor, Laxmi Priya Twin City, Pahal, Bhubaneswar
Age : 30 to 35 years / Qualification : MBA in Marketing
Experience : Minimum 5 years in real estate or relevant field
Salary : ₹ 20,000 to ₹ 30,000 per month
(Based on experience & performance)
INTERESTED CANDIDATES CAN CALL : 9777699900

WANTED
Sales Executive - 2 Nos
Qualification : 12th Pass
Computer Knowledge
MAHALAXMI MOBILE
Shop No.-59, Bharatia Tower
Ground Floor, Badambadi, Cuttack
Mobile - 7684862464

See Career Appointment on every Wednesday & Saturday

ଧରିତ୍ରୀ DHARITRI Oriya daily
WANTED

| POSITION | ELIGIBILITY | LOCATION |
| --- | --- | --- |
| CTP OPERATOR | • Should have experience in CTP plate processing machines operating in print media<br>• Familiarity with plate making equipment and software<br>• Should have expertise in using Altizen, Postrip Express, D Compose, Q Server<br>• Should have basic Computer skills & ability to learn new software techniques. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ- ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ- ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। -ଶ୍ରୀଅରବିନ୍ଦ



# ନଗଦ ଟଙ୍କାକୁ ଫେରିବା

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଏବେ ନବମ ବର୍ଷରେ ପ୍ରବେଶ କରିଛି। ପ୍ରବଳ ବିରୋଧ ସତ୍ତ୍ୱେ ଏହାକୁ ୧ ଜୁଲାଇ ୨୦୧୭ରେ ଲାଗୁ କରାଯାଇଥିଲା। ଜିଏସ୍‌ଟିଦାତାଙ୍କ ସଂଖ୍ୟା ୨୦୧୭ରେ ୬୭.୮୩ ଲକ୍ଷ ଥିଲାବେଳେ ପାଖାପାଖି ଦୁଇଗୁଣ ବୃଦ୍ଧି ପାଇ ଏବେ ୧ କୋଟି ୫୧ ଲକ୍ଷରୁ ଅଧିକରେ ପହଞ୍ଚିଛି ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ୨୨ ଲକ୍ଷ ୮ ହଜାର କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ ହୋଇଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅତ୍ୟନ୍ତ ଖୁସି ମନରେ ଘୋଷଣା କରୁଛନ୍ତି। କିନ୍ତୁ ଜିଏସ୍‌ଟି ମାଡ଼ ନାଗରିକଙ୍କ ପାଇଁ ଦିନକୁ ଦିନ ଅସହ୍ୟ ହୋଇଯାଉଛି। ଅର୍ଥାତ୍ ତେଲ ଲୁଣଠାରୁ ଆରମ୍ଭ କରି ପ୍ରତ୍ୟେକ ସାମଗ୍ରୀ ଓ ସେବା ଲାଗି ଟିକସ ଦେବାକୁ ପଡୁଛି। ଜିଏସ୍‌ଟିକୁ ସରଳ ଟିକସ ବ୍ୟବସ୍ଥା ବୋଲି କୁହାଯାଇ ଆସୁଛି। ବାସ୍ତବତା ଦେଖିଲେ ଏଥିରେ ଶୂନ, ୫, ୧୨, ୧୮ ଏବଂ ୨୮ ପ୍ରତିଶତର ଜଟିଳ କର ଲାଗୁ କରାଯାଉଥିବାରୁ ବ୍ୟବସାୟୀମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏପରିକି ଅନେକ ସାମଗ୍ରୀ ଓ ସେବାରେ ସିଧାସଳଖ ବିଲ୍ ଉପରେ ଜିଏସ୍‌ଟି ଲଗାଯାଇ ନ ଥିଲେ ମଧ୍ୟ ସେହି ଟିକସ ପୂର୍ବରୁ ନେଇ ନିଆଯାଉଛି। ନିକଟରେ କର୍ନାଟକରେ ଜଣେ ପରିବା ଦୋକାନୀଙ୍କୁ ଦିଆଯାଇଥିବା ଜିଏସ୍‌ଟି ନୋଟିସ ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ହାଭେରି ମ୍ୟୁନିସିପାଲ ହାଇସ୍କୁଲ ପଡ଼ିଆ ନିକଟରେ ଛୋଟ ପରିବା ଦୋକାନ କରିଥିବା ଶଙ୍କରଗୌଡ ହଦିମନି ୨୯ ଲକ୍ଷ ଟଙ୍କାର ଜିଏସ୍‌ଟି ନୋଟିସ ପାଇଛନ୍ତି। ତାଙ୍କ କହିବା କଥା ଚାରି ବର୍ଷ ହେଲା ସେ ଏହି ଦୋକାନ କରିଛନ୍ତି ଓ ଅଧିକାଂଶ ଗରାଖ ୟୁପିଆଇ କିମ୍ବା ଅନ୍ୟ ଡିଜିଟାଲ ୱାଲେଟରେ ତାଙ୍କୁ ଟଙ୍କା ଦେଉଛନ୍ତି। ହଦିମନିଙ୍କ ଅଭିଯୋଗ ଯେ, ୪ ବର୍ଷରେ ସେ ମୋଟ ୧ କୋଟି ୬୩ ଲକ୍ଷ ଟଙ୍କା କାରବାର କରିଥିବାରୁ ତାଙ୍କ ପାଖକୁ ଜିଏସ୍‌ଟି ଅଧିକାରୀମାନେ ଏଭଳି ନୋଟିସ ପଠାଇଛନ୍ତି। ଦେଖିବାକୁ ଗଲେ ସ୍ଥାନୀୟ କୃଷକଙ୍କଠାରୁ ସେ ତଟକା ପନିପରିବା ଆଣି ବିକ୍ରି କରନ୍ତି। ଉଲ୍ଲେଖନୀୟ ଯେ, ତଟକା ପନିପରିବା, ଫଳ ଓ କ୍ଷୀର ଭଳି ସାମଗ୍ରୀ ଜିଏସ୍‌ଟିରୁ ମୁକ୍ତ। ଏପରିକି ସେ ପ୍ରତିବର୍ଷ ଆୟ କର ମଧ୍ୟ ଦେଇଥାନ୍ତି। ହେଲେ ୨୯ ଲକ୍ଷ ଟଙ୍କା ଜିଏସ୍‌ଟି ଦେବା ପାଇଁ ସେ ଅକ୍ଷମତା ପ୍ରକାଶ କରିଛନ୍ତି। ଏଥିସହିତ ଜିଏସ୍‌ଟିର ନିୟମ ଦେଖିଲେ ସେ ଏଭଳି ପରୋକ୍ଷ କର ଲାଗି ଯୋଗ୍ୟ ନୁହନ୍ତି। ତେବେ ଜଣେ ପରିବା ବେପାରୀଙ୍କ ଉପରେ ଜିଏସ୍‌ଟି ଲାଗୁ ହେଲା କେମିତି। ଭାତହାଣ୍ଡିରୁ ଗୋଟିଏ ଟିପିଲେ ସିଝିଛି କି ନାହିଁ ଯେମିତି ଜଣାପଡ଼େ, ଏବେ ସେମିତି ଜିଏସ୍‌ଟିର ସ୍ୱଚ୍ଛତା ଓ କାର୍ଯ୍ୟକାରିତା ଜଣାପଡୁଛି।

ହଦିମନିଙ୍କ ଉପରେ ଏବେ ୨୯ ଲକ୍ଷ ଟଙ୍କା ଜିଏସ୍‌ଟି ନୋଟିସ୍ ଆସିବା ପୂର୍ବରୁ ବେଙ୍ଗାଲୁରୁର ବହୁ ରାସ୍ତାକଡ଼ ବେପାରୀ ଜିଏସ୍‌ଟିର ଚକ୍ରବ୍ୟୂହରେ ପଡ଼ିଆସିଛନ୍ତି, ଯାହା ଏଭଳି ଚର୍ଚ୍ଚାକୁ ଆସି ନ ଥିଲା। ତେବେ ହଦିମନିଙ୍କ ଘଟଣାରୁ ସ୍ପଷ୍ଟ ହେଉଛି ଯେ, ଡିଜିଟାଲ ପେମେଣ୍ଟ ଯଥା ଫୋନ୍‌ପେ, ଗୁଗୁଲ୍‌ପେ, ପେଟିଏମ୍ ଭଳି ଅନେକ ଆପ୍ ନିର୍ଭରଶୀଳ ଅର୍ଥ ପ୍ରଦାନ ମଞ୍ଚ ଦ୍ୱାରା କ୍ଷୁଦ୍ର ବ୍ୟବସାୟୀମାନେ ବଡ଼ ହଇରାଣରେ ପଡୁଛନ୍ତି। ତାଙ୍କୁ ନୋଟିସ ଦେବା ପୂର୍ବରୁ ଜୁଲାଇ ୧୭ରେ କର୍ନାଟକ ଜିଏସ୍‌ଟି ବିଭାଗ ତରଫରୁ କୁହାଯାଇଥିଲା ଯେ, ଡିଜିଟାଲ ପେମେଣ୍ଟଠାରୁ ଦୂରେଇ ରହି ନଗଦ କାରବାର କଲେ ମଧ୍ୟ ଗ୍ରହଣ କରୁଥିବା ମୋଟ ଆୟ ଉପରେ କର ଲାଗୁ କରାଯିବ। ଏଥିରୁ ବୁଝାପଡୁଛି ଯେ, ହଦିମନି ନୋଟିସ ପାଇବା ପୂର୍ବରୁ କେତେକ ଛୋଟ ଦୋକାନୀ କିମ୍ବା ରାସ୍ତାକଡ଼ ବିକାଳି ଜିଏସ୍‌ଟି ଭୟରେ ନଗଦ କାରବାରକୁ ଗ୍ରହଣ କରିନେଇଛନ୍ତି। ଉଦାହରଣ ସ୍ୱରୂପ ବେଙ୍ଗାଲୁରୁ ଭଳି ଡିଜିଟାଲ ପେମେଣ୍ଟର ଦୁର୍ଗରେ ଏବେ ଅଧିକ ନଗଦ କାରବାର ବଢ଼ିଛି। ସେଠାରେ ଛୋଟ ଦୋକାନୀ ଓ ରାସ୍ତାକଡ଼ ବିକାଳିମାନେ 'ୟୁପିଆଇ ନୁହେଁ, କେବଳ ନଗଦ' ଗ୍ରହଣୀୟ ବୋଲି ଲେଖି ଦୋକାନ ଆଗରେ ନୋଟିସ୍ ଲଟ୍‌କେଇ ଦେଇଛନ୍ତି। ଯାହା ଧାରା ଦେଖାଗଲାଣି ଏହା ଓଡ଼ିଶା ସମେତ ଅନେକ ରାଜ୍ୟର ବ୍ୟବସାୟୀଙ୍କୁ ଆଜି ନ ହେଲେ କାଲି ନିଶ୍ଚିତ ଭାବେ ହଇରାଣ କରିବ। ଯେଉଁ ଅର୍ଥନୀତିରେ ନଗଦ ଭୂମିକାକୁ ଗୌଣ କରିଦିଆଯିବ, ସେଠାରେ କ୍ଷୁଦ୍ର, ମଧ୍ୟମ ଶ୍ରେଣୀର ବ୍ୟବସାୟୀ ଓ ନାଗରିକ ଅଧିକ ନକାରାତ୍ମକ ଭାବେ ପ୍ରଭାବିତ ହେବା ସୁନିଶ୍ଚିତ। ଏହା ଏଥିପାଇଁ କୁହାଯାଉଛି ଯେ, ଏଭଳି ଅର୍ଥନୀତିରେ ଥିବା ନଗଦ ଟଙ୍କା କେବଳ ବଡ଼ ବ୍ୟବସାୟୀ ଓ ଶିଳ୍ପପତିଙ୍କଠାରେ ଠୁଳ ହୋଇ ରହିବ। ସାଧାରଣ ନାଗରିକ ଟଙ୍କା ଦେଖିବାର ସୁଯୋଗ ପାଇବେ ନାହିଁ। ଯାହା ବ୍ୟବସାୟ ହେବ ତାହା ଡିଜିଟାଲ ମାଧ୍ୟମରେ ଦିଆନିଆ ହେଲେ କେବଳ କାଳ୍ପନିକ ବା ନୋଶନାଲ୍ କାରବାରରେ ପରିଣତ ହେବ। ଭାରତରେ ସେହି ଅବାସ୍ତବ ପରିସ୍ଥିତି ସୃଷ୍ଟି ହୋଇଯାଇଛି ଏବଂ ସରକାର ସବୁବେଳେ ଚାପ ପକାଉଛନ୍ତି। ଯେତେବେଳେ କର୍ନାଟକ ଭଳି ସମସ୍ୟାର ମାଡ଼ ଆରମ୍ଭ ହେବ ସେତିକି ବେଳେ ସାଧାରଣ ନାଗରିକ ନଗଦର ଗୁରୁତ୍ୱ ବୁଝିପାରିବେ। ତେବେ ହଦିମନିଙ୍କ ଘଟଣା ପ୍ରଘଟ ହେବା ପରେ ଛୋଟିଆ ଦୋକାନୀମାନେ ଆହୁରି ସଜାଗ ହେବା କଥା। ଦୋକାନୀ କେଉଁ ଜିନିଷ ବିକ୍ରି କରୁଛନ୍ତି ତାହା ନ ପରଖି ଡିଜିଟାଲ ପେମେଣ୍ଟ କାରବାରକୁ ଅନିଶା କରି ଆଖିବୁଜି ଜିଏସ୍‌ଟି କଷିଦେବାର ନକାରାତ୍ମକ ପରିଣାମ ସାରା ଦେଶକୁ ଗ୍ରାସ କରିବା ନିଶ୍ଚିତ। ଅବଶ୍ୟ ଅନେକ ବ୍ୟବସାୟୀ ଏହି ଯନ୍ତାରୁ ମୁକୁଳିବାର ସୁଯୋଗ ପାଇପାରନ୍ତି। କିନ୍ତୁ ମିଳିଥିବା ନୋଟିସ୍‌ର ଉତ୍ତର ଦେବାକୁ ହେବ ଏବଂ ଅନେକ ଥର ଜିଏସ୍‌ଟି ଅଫିସ୍‌କୁ ଯିବାକୁ ପଡ଼ିବ। ସେଥିରେ ସମୟ ଓ ଶକ୍ତି ନଷ୍ଟ ହେବା ସହିତ ଓକିଲ କିମ୍ବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କଠାରୁ ଉତ୍ତର ଲେଖେଇବା ବେଳେ ନଗଦ ଟଙ୍କା ଦେଇ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ।

ଜିଏସ୍‌ଟି ଲାଗୁ କରାଯିବାର ଦୁଇ ବର୍ଷ ପୂର୍ବରୁ ଠିକ୍ ୧ ଜୁଲାଇ ୨୦୧୫ରେ ଡିଜିଟାଲ ଇଣ୍ଡିଆ ଅଭିଯାନ ଆରମ୍ଭ କରାଯାଇଥିଲା। କିନ୍ତୁ ଡିଜିଟାଇଜେଶନ କ୍ଷେତ୍ରରେ ଭାରତରେ ନାଗରିକ ତଥା ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ସୁରକ୍ଷା ଦିଆଯାଇପାରୁନାହିଁ। ଆଧାରଠାରୁ ଆରମ୍ଭକରି ପାନ୍ କାର୍ଡକୁ ବ୍ୟାଙ୍କ ଓ ଅନ୍ୟାନ୍ୟ ସେବା ସହ ଯୋଡ଼ିବା ଫଳରେ ସାଇବର ଅପରାଧୀମାନେ ଅନେକ ଜମାକାରୀଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଲୁଟି ନେବା ସହ ବ୍ୟବସାୟିକ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ତେବେ ଡିଜିଟାଲ ପେମେଣ୍ଟରୁ ରାସ୍ତାକଡ଼ ଦୋକାନୀ ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ମୁହଁ ଫେରାଇନେବା ପୁନର୍ବାର ଭାରତ କ୍ୟାଶ୍‌ଲେସ ବଦଳରେ ନଗଦ କାରବାରକୁ ଫେରିଯିବାର ଆଭାସ ମିଳୁଛି।


# ବ୍ୟକ୍ତିତ୍ୱ ଆକଳନ



ଛାୟାକାନ୍ତ ଷଡ଼ଙ୍ଗୀ

ଆମେ ସାଧାରଣତଃ ସ୍ଥାନ, କାଳ ଓ ପାତ୍ରର ସୀମା ଭିତରେ ହିଁ ଯେ କୌଣସି ବିଷୟ ବୁଝିବା ପାଇଁ ଚେଷ୍ଟା କରିଥାଉ। ଏହିସବୁକୁ ଆଧାର କରି ଆମେ ବିଭିନ୍ନ ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱକୁ ଆକଳନ କରୁ। ବେଳେବେଳେ ଜଣକର ଚେହେରା, କଥାବାର୍ତ୍ତା ଓ ଆଚରଣକୁ ଭିତ୍ତିକରି ତା' ସମ୍ପର୍କରେ ବିଭିନ୍ନ ଧାରଣା କରିଥାଉ। ମାତ୍ର ସେସବୁ ଧାରଣା ବେଳେବେଳେ ଭ୍ରମାତ୍ମକ ହୋଇପାରେ। ଜଣେ ଶାନ୍ତ ସୌମ୍ୟ ଦେଖାଯାଇପାରେ, ମାତ୍ର ଅନ୍ତରରେ ହୋଇପାରେ କ୍ରୂର ଓ ଭୟଙ୍କର। ଠିକ୍ ସେହିପରି ଜଣେ ଭୟଙ୍କର ଦେଖାଯାଇପାରେ, ମାତ୍ର ହୃଦୟରେ ହୋଇଥାଇପାରେ କୋମଳ ଓ ଦୟାର୍ଦ୍ର। ଏଣୁ ବିଶିଷ୍ଟ ନାଟ୍ୟକାର ସେକ୍ସପିଅର କହିଥିଲେ, "ALL THAT GLITTERS IS NOT GOLD" ଅର୍ଥାତ୍ ସୁନା ଚକ୍‌ଚକ୍ କରେ, ମାତ୍ର ଯାହା କିଛି ଚକ୍‌ଚକ୍ କରେ ସେସବୁ ସୁନା ନୁହେଁ। ଏଣୁ କୌଣସି ବ୍ୟକ୍ତିର ଚରିତ୍ର ଆକଳନ କଲାବେଳେ ଆମେ ହଠାତ୍ କୌଣସି ଉପସଂହାରରେ ପହଞ୍ଚିବା ଠିକ୍ ନୁହେଁ। ତାକୁ ଠିକ୍ ଭାବରେ ବୁଝିବା ପାଇଁ ତା'ର ବ୍ୟକ୍ତିତ୍ୱର ଏକ ନିର୍ଦ୍ଦିଷ୍ଟ ଦିଗକୁ ବା ସୀମିତ ସମୟର ଆଚରଣକୁ ତର୍ଜମା ନ କରି ତା'ର ବ୍ୟକ୍ତିତ୍ୱର 'ସମଗ୍ର'କୁ ବିଶ୍ଳେଷଣ କରିବାକୁ ହେବ। ଏହି ପ୍ରସଙ୍ଗରେ ବିଶିଷ୍ଟ ଲେଖକ ମନୋଜ ଦାସ ତାଙ୍କର ଏକ ଆଲେଖ୍ୟରେ ଏକ ଘଟଣାକୁ ମନେ ପକାଇଦେଇଥିଲେ।

ଜଣେ ସମ୍ଭ୍ରାନ୍ତ ଯୁବକଙ୍କ ଜୀବନର କଥା। ସେ ଚାକିରି କରୁଥିଲେ। ଅଫିସରୁ ତାଙ୍କର କିଛି ପ୍ରାପ୍ୟ ମିଳିବାରେ ଅହେତୁକ ବିଳମ୍ବ ହେବାରୁ ସେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଚିଠିଦ୍ୱାରା ଜଣାଇଥିଲେ। ତା' ସତ୍ତ୍ୱେ ବିଳମ୍ବ ହୁଅନ୍ତେ ସେ ସେହି ସାହେବଙ୍କୁ ସାକ୍ଷାତ କରିବାକୁ ଚାହିଁଲେ। ଅଫିସରେ ପହଞ୍ଚି ଦେଖିଲେ ସାହେବଙ୍କ କୋଠରି ସମ୍ମୁଖରେ ଅର୍ଦ୍ଦଳି ନାହାନ୍ତି। ଅନେକ ସମୟ ଅପେକ୍ଷା କଲାପରେ ଅର୍ଦ୍ଦଳି ନ ଆସିବାରୁ ସେ ସାହେବଙ୍କ କୋଠରି ଭିତରକୁ ପଶିଗଲେ। ଅବଶ୍ୟ ସାହେବଙ୍କ ସହ ତାଙ୍କର ପୂର୍ବରୁ ପରିଚିତି ଥିଲା। ଯୁବକଜଣକ ସାହେବଙ୍କୁ ନମସ୍କାର କରି ତାଙ୍କ ଦୃଷ୍ଟି ଆକର୍ଷଣ କଲେ। ସାହେବ ତାଙ୍କ ମୁହଁ ଟିକିଏ ଉପରକୁ ଉଠାଇ ତାଙ୍କୁ ଅନାଇଲେ, କିନ୍ତୁ ନୀରବ ରହିଲେ। ଯୁବକଜଣକ ଅନେକ ସମୟ ଠିଆହୋଇ ରହିବା ପରେ ମଧ୍ୟ ହାକିମ୍ କିଛି ନ ପଚାରନ୍ତେ ଯୁବକ ଜଣକ ବାଧ ହୋଇ କହିଲେ, "ଆଜ୍ଞା! ମୋର କିଛି ପ୍ରାପ୍ୟ ପାଇ ନ ଥିବାରୁ ମୁଁ ଆପଣଙ୍କୁ ଏକ ନିବେଦନ ପତ୍ର ଦେଇଥିଲି। ଆପଣ ବିହିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ତା'ସତ୍ତ୍ୱେ ଆପଣଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ



ହେଉନାହିଁ।" ସାହେବ ମୁଣ୍ଡ ଉଠାଇ ଅନ୍ୟମନସ୍କ ଭାବରେ ପଚାରିଲେ, "କ'ଣ କହିଲେ?" ଯୁବକ ଜଣକ ତାଙ୍କ ବକ୍ତବ୍ୟର ପୁନରାବୃତ୍ତି କଲେ। ପୁଣି ସାହେବ ପୂର୍ବବତ୍ ନୀରବ ରହନ୍ତେ ଯୁବକଜଣକ ମନେ ମନେ ଭୀଷଣ ରାଗିଗଲେ। ସେ ସାହେବଙ୍କ ଏପରି ଆଚରଣକୁ ଅସୌଜନ୍ୟମୂଳକ ଭାବିନେଲେ। ସେ ଧରିନେଇଗଲେ ସାହେବ ଜଣକ ହେଉଛନ୍ତି ଅଭଦ୍ର। ଶେଷରେ "ଠିକ୍ ଅଛି, ମୁଁ ଯାଉଛି" କହି ଅଫିସରୁ ରାଗିଯାଇ ବାହାରି ଆସିଲେ। ସେ ଫେରିଯାଉଥିବାବେଳେ ଫାଟକରେ ସାହେବଙ୍କ ଅର୍ଦ୍ଦଳି ସହ ଦେଖାହେଲା। ଅର୍ଦ୍ଦଳି ଜଣକ ପଚାରିଲା, "ବାବୁ, ଆପଣ ସାହେବଙ୍କ କୋଠରି ଭିତରୁ ବାହାରି ଆସିବାର ମୁଁ ଦେଖିଲି। ସାହେବ କଥାବାର୍ତ୍ତା କଲେ?" ଯୁବକ ଜଣକ କହିଲେ, "ତୁମ ସାହେବଙ୍କ ସାଧାରଣ ସୌଜନ୍ୟବୋଧ ନାହିଁ। ସେ ମୂକ ପାଲଟି ଯାଇଛନ୍ତି।" ଅର୍ଦ୍ଦଳି କହିଲା, "ବାବୁ, ଆପଣ ଭୁଲ୍ ବୁଝିଛନ୍ତି। ଆଜି ସକାଳେ ତାଙ୍କର ଏକମାତ୍ର ପୁଅର ଅକାଳ ମୃତ୍ୟୁ ଘଟିଛି। ସେଥିପାଇଁ......।" ଯୁବକ ଜଣକ ସ୍ତବ୍ଧ ହେଲେ ଓ ତାଙ୍କ ଭୁଲ୍‌ଧାରଣା ପାଇଁ ଦୁଃଖିତ କହି ଚାଲିଗଲେ। ଯଦି ସେହି ଅର୍ଦ୍ଦଳି ସହ ଯୁବକର ସାକ୍ଷାତ ହୋଇ ନ ଥାନ୍ତା, ସେ ଧରିନେଇଥାନ୍ତେ ସାହେବ ଜଣେ ଅଭଦ୍ର ଓ ଅହଙ୍କାରୀ ବ୍ୟକ୍ତି। ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟ ଉପରେ ପର୍ଯ୍ୟବସିତ ତାଙ୍କ ଧାରଣା ସମ୍ପୂର୍ଣ୍ଣ ଭୁଲ୍ ଥିଲା। ପ୍ରକୃତରେ ସେ ଥିଲେ ଉଦାର ଓ ସହୃଦୟ ବ୍ୟକ୍ତି। ପୁତ୍ର ମୃତ୍ୟୁଜନିତ ଦୁଃଖରେ ସେ ନିର୍ବାକ ହୋଇଯାଇଥିଲେ। ଏଣୁ କୌଣସି ବ୍ୟକ୍ତିର ସାମୟିକ ଚାଲିଚଳନ, କଥାବାର୍ତ୍ତା ଓ ଚେହେରା ଆଦିକୁ ଭିତ୍ତିକରି ତା'ର ବ୍ୟକ୍ତିତ୍ୱର ଆକଳନ କରିବା ଠିକ୍ ନୁହେଁ।

ଯେତେବେଳେ ଆମେ ଜଣେ ବ୍ୟକ୍ତି ବିଷୟରେ କୌଣସି ଧାରଣା କରୁ ଆମେ ତା'ର ଚେହେରା, ହାବଭାବ, କଥାବାର୍ତ୍ତା ଆଦିକୁ ପ୍ରାଥମିକ ଉପାଦାନ ଭାବରେ ବିଚାର କରୁ। ସେହି ଚେହେରା ବା ସେହି କଣ୍ଠସ୍ୱର ଯଦି ଆମ ସ୍ମୃତିରେ ଆଉ କାହାରି ସହ ସାମଞ୍ଜସ୍ୟ ରକ୍ଷା କରୁଥିବ ସେହି ବ୍ୟକ୍ତି ସମ୍ପର୍କରେ ଆମର ଯାହା ଧାରଣା ଥିଲା ତାହା ବର୍ତ୍ତମାନର ବ୍ୟକ୍ତି ସମ୍ପର୍କରେ ଆମ ଧାରଣାକୁ ପ୍ରଭାବିତ କରିବ। କିନ୍ତୁ ତାହା ଠିକ୍ ହୋଇ ନ ପାରେ। ଆମ ଭିତରେ ଶ୍ରଦ୍ଧା ଉଦ୍ରେକ କରୁଥିବା ଜଣେ ବ୍ୟକ୍ତି ଆଉ ଜଣକ ଭିତରେ ଘୃଣା ଉଦ୍ରେକ କରିପାରେ। ଏହି ପ୍ରସଙ୍ଗରେ କେହି ଜଣେ ଚିନ୍ତାନାୟକ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ। ଯେତେବେଳେ ତିନିଜଣ ଲୋକ ଏକତ୍ର ହୁଅନ୍ତି, ସେତେବେଳେ ତହିଁ ନଅ ଜଣ ଉପସ୍ଥିତ ଥାନ୍ତି। ପ୍ରଥମ ତିନିଜଣ ହେଲେ ପ୍ରତ୍ୟେକଙ୍କ ସମ୍ପର୍କରେ ଅନ୍ୟ ଦୁଇଜଣଙ୍କର ଧାରଣାସମ୍ଭୂତ ବ୍ୟକ୍ତି। ଦ୍ୱିତୀୟ ତିନିଜଣ ହେଲେ ନିଜ ନିଜ ସମ୍ପର୍କରେ ପ୍ରତ୍ୟେକଙ୍କ ଧାରଣାସମ୍ଭୂତ ବ୍ୟକ୍ତି। ଶେଷ ତିନିଜଣ ହେଲେ ପ୍ରକୃତରେ ସେମାନେ ଯାହା। ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡରେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିକୁ ଭିତ୍ତିକରି କାହାରି ବ୍ୟକ୍ତିତ୍ୱ ଆକଳନ କରିବା କଷ୍ଟକର ବ୍ୟାପାର। ଏହାର କାରଣ ଜୀବନର ବିବିଧ ଅଭିଜ୍ଞତା ଭିତରେ ପ୍ରତ୍ୟେକ ବ୍ୟକ୍ତି ତା' ଚେତନାରେ ବିକଶିତ ହେଉଥାଏ।

ମଣିଷ ମାତ୍ରେ ଉଭୟ ସୁଗୁଣ ଓ ଦୁର୍ଗୁଣର ସମାହାର। କେହି ସମ୍ପୂର୍ଣ୍ଣ ଦୋଷଶୂନ୍ୟ ନୁହନ୍ତି। ଏଣୁ ଆମେ ଅନ୍ୟ ସମ୍ପର୍କରେ କିଛି କହିବାବେଳେ ଏକ ବାସ୍ତବ ଦୃଷ୍ଟିକୋଣ ପୋଷଣ କରିବା ଉଚିତ। ଏହି ଦୃଷ୍ଟିକୋଣ ଉଭୟ ଅସ୍ତିସୂଚକ ଓ ନାସ୍ତିସୂଚକ ଦୃଷ୍ଟିଭଙ୍ଗୀଠୁ ଭିନ୍ନ। ଜଣେ ବ୍ୟକ୍ତିର ଅନେକ ଦୋଷ ଦୁର୍ବଳତା ଥାଇପାରେ। ଆମେ ତାକୁ ନକାରାତ୍ମକ ଦୃଷ୍ଟିରେ ନ ଦେଖି ଯଦି ଭାବିବା ଯେ ସେ କୌଣସି ପରିସ୍ଥିତିର ଚାପରେ ପଡି ହୁଏତ କିଛି ଅପ୍ରତ୍ୟାଶିତ କୁକର୍ମ କରିଥାଇପାରେ, ତେବେ ତାହା ହେବ ବାସ୍ତବଧର୍ମୀ ଦୃଷ୍ଟିକୋଣ। ଧରିନିଆଯାଉ ମୁଁ ଜଣେ ନୂଆ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲି। କ୍ରମେ ତାଙ୍କ ସହ ମୋର ସମ୍ପର୍କ ବଢ଼ିଲା ଓ ମୁଁ ତାଙ୍କୁ ଜଣେ ବିଶ୍ୱସ୍ତ ବ୍ୟକ୍ତି ଭାବିଲି। ଯଦି ପରବର୍ତ୍ତୀ ସମୟରେ ସେ ଦୈବାତ୍ ମୋ ପ୍ରତି ବିଶ୍ୱାସଘାତକତା କରେ ମୁଁ ଭାଙ୍ଗିପଡ଼ିବି। ସେ ନିର୍ଭରଯୋଗ୍ୟ ହୋଇପାରେ, ସେ ବିଶ୍ୱସ୍ତ ହୋଇପାରେ, ପ୍ରତାରଣା ମଧ୍ୟ କରିପାରେ- ଏଭଳି ସମସ୍ତ ସମ୍ଭାବନା ସମ୍ବଳିତ ଦୃଷ୍ଟିଭଙ୍ଗୀ ନେଇ ଯଦି ମୁଁ ତା' ସଙ୍ଗେ ସମ୍ପର୍କ ରଖେ ଓ ସେ ଯଦି ପ୍ରତାରଣା କରେ ମୁଁ ହତାଶ ହେବି ନାହିଁ। ଏହା ହିଁ ବାସ୍ତବ ଦୃଷ୍ଟିଭଙ୍ଗୀ, କାରଣ କୌଣସି ବ୍ୟକ୍ତିର ସମଗ୍ରକୁ ଯଥାର୍ଥ ଭାବରେ ବୁଝିବା ସମ୍ଭବ ନୁହେଁ। ନକାରାତ୍ମକ ଦୃଷ୍ଟିଭଙ୍ଗୀ ଆମଭିତରେ ମଣିଷ ପ୍ରତି ଅନାସ୍ଥାଭାବ ବିକଶିତ କରିବ; ତଦ୍ୱାରା ଜୀବନରେ ଶାନ୍ତି ବ୍ୟାହତ ହେବ। ଏଣୁ ବାସ୍ତବ ଦୃଷ୍ଟିଭଙ୍ଗୀ ହିଁ ଶାନ୍ତିପୂର୍ଣ୍ଣ ଜୀବନଯାପନର ସହାୟକ ହୁଏ।

ପ୍ରାକ୍ତନ କଲେଜ ଅଧ୍ୟକ୍ଷ
ଟିଟିଲାଗଡ
ମୋ:୯୪୩୭୩୨୯୨୬୩

# ପ୍ରକୃତ ଦେଶଭକ୍ତି



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଦେଶଭକ୍ତି ଓ ଦେଶଦ୍ରୋହ; ଏ ଦୁଇଟି ଶବ୍ଦକୁ ସାଧାରଣ ଲୋକ ବୁଝିବା ତ ଦୂରର କଥା, ସଚେତନ ନାଗରିକ ଓ ଆମର ବୁଦ୍ଧିଜୀବୀମାନେ ମଧ୍ୟ ଠିକ୍ ରୂପେ ବୁଝିପାରନ୍ତି ନାହିଁ ⌊ ଦେଶଭକ୍ତି ଅର୍ଥ କେବଳ ଦେଶକୁ ଭଲପାଇବାର ଏକ ଆବେଗ ଭିତରେ ସୀମିତ ହେବା ଉଚିତ ନୁହେଁ, ବରଂ ଦେଶବାସୀଙ୍କ ସହିତ ସମସ୍ତ ମାନବ ଜାତିର ସେବା କରିବାର ମାନସିକତା ହେବା ଆବଶ୍ୟକ। ଦେଶକୁ ଯେମିତି ଭଲପାଉଛ, ସେମିତି ଦେଶର ଲୋକମାନଙ୍କୁ ମଧ୍ୟ ଭଲପାଇବା ହେଉଛି ପ୍ରକୃତ ଦେଶଭକ୍ତି। ଏହି ପରିପ୍ରେକ୍ଷୀରେ ହିନ୍ଦୁ ଯୁବ ସମ୍ପ୍ରଦାୟକୁ ଲକ୍ଷ୍ୟ କରି ସ୍ୱାମୀ ବିବେକାନନ୍ଦ କହିଥିଲେ, "ହେ ଯୁବଗଣ! ହିନ୍ଦୁର ଆଦର୍ଶ ଓ ତ୍ୟାଗର ଧ୍ୱଜାକୁ କେବେ ଅବନତ କରିବ ନାହିଁ କିମ୍ବା ଶାସ୍ତ୍ରର ଅର୍ଥକୁ କଦାପି କଦର୍ଥ କରିବ ନାହିଁ ⌊"

ଦେଶଭକ୍ତିର ପ୍ରକୃତ ଅର୍ଥ ହେଉଛି ନିଜ ଦେଶକୁ ଭଲପାଇବା, ତାର ସଂସ୍କୃତି, ଇତିହାସ ଓ ପରମ୍ପରାକୁ ସମ୍ମାନ ଜଣାଇବା। ଦେଶର ବିକାଶ ଓ ସମୃଦ୍ଧି ପାଇଁ ବ୍ରତୀ ହେବା ଏବଂ ଏହାର ସୁରକ୍ଷା ପାଇଁ ସଚେତନ ରହିବା। ଦେଶଭକ୍ତି ଆମକୁ ଏକତ୍ରିତ କରେ ଏବଂ ମିଳିମିଶି କାମ କରିବା ପାଇଁ ପ୍ରେରିତ କରେ ⌊ ଦେଶର ନାଗରିକମାନେ ଦେଶକୁ ଭଲ ପାଇବା ଅର୍ଥ; ଦେଶକୁ ଆହୁରି ଉନ୍ନତ କରି ଗଢ଼ି ତୋଳିବା ପାଇଁ ଚେଷ୍ଟାରତ ହେବା। ତେବେ ପ୍ରଶ୍ନଉଠେ, ଆମେ ଦେଶଭକ୍ତ ବୋଲି କିପରି ପ୍ରମାଣ ଦେବା? ଦେଶର ସମ୍ବିଧାନ ଦ୍ୱାରା ନିର୍ଦ୍ଧାରିତ ଆଇନଗୁଡ଼ିକୁ ପାଳନ କରି, ଦେଶର ବିକାଶରେ ଯୋଗଦାନ ଦେଇ, ଦେଶର ଅନ୍ୟ ନାଗରିକମାନଙ୍କୁ ସହାନୁଭୂତି ପ୍ରଦର୍ଶନ କରି, ସେମାନଙ୍କ ସହ ମିତ୍ରତା ସ୍ଥାପନ କରି ଏବଂ ପରିଶେଷରେ ଦେଶର ସଂସ୍କୃତି ଓ ପରମ୍ପରାକୁ ପର ପିଢ଼ି ପର୍ଯ୍ୟନ୍ତ ପହଞ୍ଚେଇ ପାରିଲେ, ଆମେ ଜାଣିବା ଯେ ଆମେ ପ୍ରକୃତ ଦେଶଭକ୍ତ।

ଦେଶଭକ୍ତିର ଆରମ୍ଭ ନିଜ ମାତୃଭୂମି ପ୍ରତି ପ୍ରେମରୁ ହୁଏ। ନିଜ ଦେଶର ପ୍ରାକୃତିକ ସୌନ୍ଦର୍ଯ୍ୟ, ବିବିଧ ଭୌଗୋଳିକ ଅବସ୍ଥିତି ଏବଂ ସଂସାଧନର ପ୍ରଶଂସା କରିବା ହେଉଛି ନିଜ ଦେଶକୁ ଭଲପାଇବା; ଯାହା ନିଜ ଦେଶକୁ ଅନେକ ଦେଶ ମଧ୍ୟରେ ଅଦ୍ୱିତୀୟ ବୋଲି ପ୍ରମାଣିତ କରେ। ଆମ ଭାଷା, ପରମ୍ପରା, ଚାଲିଚଳଣି, ରୀତିନୀତି ଯାହା ପିଢ଼ି ପରେ ପିଢ଼ି କେଉଁ ଆବହମାନ କାଳରୁ ଚାଲିଆସୁଛି, ତାକୁ ଆପଣେଇବା ଏବଂ ଏହାକୁ ଉତ୍ସବ ରୂପେ ପାଳନ କରିବା ଦ୍ୱାରା ଦେଶର ନାଗରିକମାନଙ୍କ ଭିତରେ ଏକତା ବୃଦ୍ଧି ପାଏ।

ଦେଶଭକ୍ତିର ଭବ୍ୟ ପରିଦର୍ଶନ ଦେଶର ରାଷ୍ଟ୍ରୀୟ ଉତ୍ସବ, ପାରେଡ଼ରେ ପ୍ରଦର୍ଶିତ ହୁଏ; ମାତ୍ର ଦେଶଭକ୍ତିର ମୂଳତତ୍ତ୍ୱ ନିତିଦିନିଆ ଜୀବନରେ ଘଟୁଥିବା ଛୋଟ ଛୋଟ ଘଟଣାରେ ନିହିତ ଥାଏ। ଦୟା ମନୋଭାବ, ସାଥୀ ନାଗରିକଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ଏବଂ ମାନବିକ ମୂଲ୍ୟବୋଧଗୁଡ଼ିକୁ ବଞ୍ଚାଇ ରହିବାର ପ୍ରତିବଦ୍ଧତା; ଏସବୁକୁ ହିଁ ତ ଦୈନିକ ଜୀବନରେ ଦେଶଭକ୍ତିର ଅଭିବ୍ୟକ୍ତି ବୋଲି କୁହାଯାଇପାରିବ। ଗୋଟିଏ ଦେଶରେ



ବାସ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ମତରେ ଭିନ୍ନତା ରହିବା ସ୍ୱାଭାବିକ। ପରସ୍ପର ଭିତରେ ସାଂସ୍କୃତିକ, ଧାର୍ମିକ ଏବଂ ବୈଚାରିକ ମତଭେଦକୁ ସମ୍ମାନ ଜଣାଇବା ହିଁ ପରିପକ୍ୱ ଏବଂ ସମାବେଶୀ ଦେଶଭକ୍ତିର ପ୍ରମାଣ ଅଟେ। ଏକ ଏଭଳି ପରିବେଶ ସୃଷ୍ଟି ହେବା ଆବଶ୍ୟକ, ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ନିଜକୁ ମୂଲ୍ୟବାନ୍, ସ୍ୱୀକୃତ, ସ୍ୱାଧୀନ ଏବଂ ସୁରକ୍ଷିତ ଅନୁଭବ କରିବେ।

ପ୍ରକୃତିର ଯତ୍ନ ନେବା ମଧ୍ୟ ଦେଶଭକ୍ତିର ଅନ୍ୟ ଏକ ଅଭିବ୍ୟକ୍ତି। କାରଣ ପ୍ରକୃତି ସହିତ ମାନବ ସ୍ୱାସ୍ଥ୍ୟର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ପ୍ରକୃତିର ସୁରକ୍ଷା ସହ ଏହାର ସଂରକ୍ଷଣର ଉପାୟ ଏକ ଦେଶଭକ୍ତର କର୍ତ୍ତବ୍ୟ ଓ ଦାୟିତ୍ୱ। ଶିକ୍ଷା ଓ ଜ୍ଞାନର ଅଭିବୃଦ୍ଧି ରାଷ୍ଟ୍ରର ଭବିଷ୍ୟତ ନିର୍ମାଣରେ ସହାୟକ ହୁଏ। ଶିଖିବାକୁ ମହତ୍ତ୍ୱ ଦେବା ଏବଂ ଶିକ୍ଷଣ ପଦ୍ଧତିକୁ ସମର୍ଥନ କରି ବୌଦ୍ଧିକ ଜିଜ୍ଞାସାକୁ ପ୍ରୋତ୍ସାହନ ଦେଇ ବ୍ୟକ୍ତି ଦେଶର ବିକାଶରେ ଯୋଗଦାନ ଦେଇପାରିବ। ଏକ ଦାୟିତ୍ୱବାନ୍ ଉପଭୋକ୍ତା ରୂପେ ଯଥେଷ୍ଟ ପରିଶ୍ରମ କରିବା, ସମୟାନୁଯାୟୀ କର ପଇଠ କରି ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ମଧ୍ୟ ଦେଶଭକ୍ତ।

ଦେଶଭକ୍ତିର ସବୁଠାରୁ ବଡ଼ ପ୍ରମାଣ ହେଲା, ଦେଶଦ୍ରୋହ ନ କରିବା କିମ୍ବା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଦେଶଦ୍ରୋହୀ କାର୍ଯ୍ୟକଳାପରେ ଜଡ଼ିତ ନ ହେବା। ଅକ୍ସଫୋର୍ଡ ଆଡ୍‌ଭାନ୍ସ ଲର୍ନର ଶବ୍ଦକୋଷ ଅନୁସାରେ, 'ଯଦି କୌଣସି ବ୍ୟକ୍ତି ନିଜର ବ୍ୟବହୃତ ଶବ୍ଦ କିମ୍ବା କାର୍ଯ୍ୟ ମାଧ୍ୟମରେ ସରକାରଙ୍କୁ ବିରୋଧ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରେ, ତେବେ ତାକୁ ଦେଶଦ୍ରୋହ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯିବ।' ଆଇନ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ଦେଶଦ୍ରୋହର ପରିଭାଷା ଖୁବ୍ ଜଟିଳ, କାରଣ ସମୟ ସମୟରେ ଏହାର ଦୁରୁପଯୋଗ ହେବାର ସମ୍ଭାବନା ମଧ୍ୟ ରହିଥାଏ। ଏହାକୁ ରୋକିବା ପାଇଁ ଆଇପିସି (ବର୍ତ୍ତମାନ ବିଏନ୍‌ଏସ୍) ଭାରତୀୟ ନ୍ୟାୟ ସଂହିତାର ଦେଶଦ୍ରୋହ ସମ୍ବନ୍ଧୀୟ ଧାରାଗୁଡ଼ିକରେ ପରିବର୍ତ୍ତନ ଅଣାଗଲା ⌊ ଦେଶର ସୁରକ୍ଷା ପ୍ରତି ବିପଦ ଥିବା ଯେକୌଣସି କାର୍ଯ୍ୟ ସହ ସମ୍ପୃକ୍ତ ହେଲେ ତାହା ଦେଶଦ୍ରୋହ କୁହାଯିବ ⌊ ଆଇନ ଅନୁସାରେ ଦେଶଦ୍ରୋହ ଭଳି ଅପରାଧ ପାଇଁ କଠୋର ଦଣ୍ଡବିଧାନ ଯେପରିକି ଆଜୀବନ କାରାଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି। ଦେଶ ବିରୋଧରେ ଲେଖିବା, କହିବା, ସଂକେତ ଦେବା, କୌଣସି ଭୁଲ୍ ତଥ୍ୟର ଅପପ୍ରଚାର କରିବା, ବିଦ୍ରୋହ କରିବା ଏବଂ ହିଂସା ଓ ଘୃଣା ବିସ୍ତାର କରିବାକୁ ଚେଷ୍ଟା କରିବା ଆଦି କାର୍ଯ୍ୟ ଦେଶଦ୍ରୋହ ଭିତରେ ଗଣାହୁଏ। ଦେଶର ଗୁପ୍ତତଥ୍ୟ ବିଦେଶୀମାନଙ୍କୁ ଦେବା, ଦେଶ ବିରୋଧରେ ଯୁଦ୍ଧ ଉଦ୍ଦେଶ୍ୟରେ ଅସ୍ତ୍ରଶସ୍ତ୍ର ସଂଗ୍ରହ କରିବା, ତିଆରି କରିବା ବା ଲୁଚାଇବାକୁ ଚେଷ୍ଟା କରୁଥିବା ଆରୋପୀର ଦୋଷ ପ୍ରମାଣିତ ହେଲେ ୧୦ ବର୍ଷ କିମ୍ବା ଆଜୀବନ ଜେଲଦଣ୍ଡ ଭୋଗିବାର ସମ୍ଭାବନା ରହିଛି।

ଦେଶ ପ୍ରତି ସରଳ ତଥା ଗଭୀର ପ୍ରେମ ପ୍ରଦର୍ଶନ ହେଉଛି ଦେଶଭକ୍ତ। ଏହା ଏକ ସ୍ଥିର ଅବଧାରଣା ନୁହେଁ, ଏହା ସମାଜର ବୃଦ୍ଧି ଏବଂ ପରିବର୍ତ୍ତନ ସହ ବିକଶିତ ହୁଏ। ନିଜର ଦୈନନ୍ଦିନ ଜୀବନରେ ଦେଶଭକ୍ତିର ସିଦ୍ଧାନ୍ତଗୁଡ଼ିକୁ ଆପଣେଇ ରାଷ୍ଟ୍ରର ସାମୂହିକ ହିତ ସାଧନରେ ଯୋଗଦାନ ଦେଲେ ଆଗାମୀ ପିଢ଼ିଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ବୋଲି ଆଶା କରାଯାଏ।

ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ଦୂରଦର୍ଶନରେ ଖବର ପଢୁଥିଲେ ଡ. ଜିଏସ୍ ରୋଶନି। ସେ ଏବେ ଖବରପଢ଼ା ଛାଡ଼ି ସାପ ଉଦ୍ଧାର ଭଳି ପୁରୁଷପ୍ରଧାନ କାର୍ଯ୍ୟରେ ପ୍ରବେଶ କରିଛନ୍ତି। ସେ ମଧ୍ୟ କେରଳର ପ୍ରଥମ ସାପ ଉଦ୍ଧାରକାରୀ ମହିଳା ଭାବେ ସ୍ୱୀକୃତି ପାଇଛନ୍ତି। ସେ କେରଳ ଜଙ୍ଗଲ ବିଭାଗ ତରଫରୁ ଲାଇସେନ୍ସ ମଧ୍ୟ ପାଇଛନ୍ତି। ଏବେସୁଦ୍ଧା ସେ ୮୦୦ରୁ ଅଧିକ ସାପ ଉଦ୍ଧାର କରିସାରିଲେଣି, ଯେଉଁଥିରେ ରହିଛନ୍ତି ଗୋଖର, ଅହିରାଜ, ରଣା ଓ ଜଙ୍ଗଲୀ ବୋଡ଼ା ଭଳି ବିଷଧର ସାପ। ସବୁଠୁ ଲମ୍ବା ୧୬ ଫୁଟର ଅହିରାଜ ମଧ୍ୟ ଧରିପାରିଛନ୍ତି। ଏହି ସାପଗୁଡ଼ିକ ଧରି ସେ ଜଙ୍ଗଲରେ ଛାଡୁଛନ୍ତି। ଏବେ ତ୍ରିଭେନ୍ଦ୍ରମରେ ଏକ ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରି ତା' ମାଧ୍ୟମରେ ସାପ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ଜୁଲାଇ ୧୯୭୬**

- ଦୀର୍ଘ ୧୧ ବର୍ଷର ବ୍ୟବଧାନ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ରେଳ ଚଳାଚଳ ଆରମ୍ଭ।
- କଳା, ସାହିତ୍ୟ, ସଂସ୍କୃତ ଏବଂ କ୍ରୀଡ଼ା କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଭାରତ-କ୍ୟୁବା ମଧ୍ୟରେ ଏକ ସାଂସ୍କୃତିକ ଚୁକ୍ତି ସ୍ୱାକ୍ଷରିତ।
- ୧୧ ବର୍ଷ ପରେ ଥାଇଲାଣ୍ଡରେ ଆମେରିକାର ସାମରିକ ପରିସ୍ଥିତି ଅବସାନ ଘଟିଛି।

## ଚିରନ୍ତନୀ

ଅପୂର୍ଣ୍ଣ କେତେ ବାସନା
ଗଭୀର ଶତ ଭାବନା
ବାଜି ଉଠିବ ଗୋ ଶୁଭ ମିଳନର ତାରେ,
ସବୁ ଦୁରାଶା ଅଶାନ୍ତି
ସକଳ ଯାତନା ଭ୍ରାନ୍ତି
ନିଭିଯିବ ନିଘଞ୍ଚ ଏ ଘୋର ଅନ୍ଧକାରେ।
-(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 5 | | | | 4 | | 9 | 8 | |
| | | | | | 8 | | 7 | 2 |
| | | | | | 1 | | | 4 |
| | | | | | | 7 | | |
| | | 6 | 8 | | | | 5 | |
| | | 4 | 7 | | 6 | 8 | | |
| | | | 3 | | | | | |
| 3 | 5 | 2 | | | | 4 | | |
| 8 | | | | | | | 1 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 4 | 1 | 6 | 5 | 7 | 2 | 9 |
| 1 | 6 | 7 | 9 | 3 | 2 | 5 | 4 | 8 |
| 2 | 9 | 5 | 8 | 4 | 7 | 3 | 1 | 6 |
| 7 | 4 | 2 | 6 | 5 | 8 | 9 | 3 | 1 |
| 8 | 1 | 6 | 3 | 7 | 9 | 4 | 5 | 2 |
| 9 | 5 | 3 | 2 | 1 | 4 | 8 | 6 | 7 |
| 5 | 2 | 1 | 7 | 8 | 3 | 6 | 9 | 4 |
| 6 | 3 | 8 | 4 | 9 | 1 | 2 | 7 | 5 |
| 4 | 7 | 9 | 5 | 2 | 6 | 1 | 8 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରାଜନଅର ଏବେ ଗ୍ରାଣ୍ଡ ସେଣ୍ଟର

ମହାଶୟ,

ପୁରୀ ରାଜନଅରର କିଛି ସ୍ଥାନ ପ୍ରବେଶ ପଥ ପାଇଁ ଛାଡ଼ି ବିଗତ କିଛିବର୍ଷ ହେଲା ସମ୍ମୁଖଭାଗ ଭଙ୍ଗାଯାଇ ଗ୍ରାଣ୍ଡ ସେଣ୍ଟରରେ ବିପ୍ଣଣୀମାଳା ସହ ହୋଟେଲ ଚାଲିଛି। ଆଗପରି ଆଉ ରାଣୀନଅର ନାହିଁ। ତା'ର ଆଗପଟ ଭାଙ୍ଗି ବିଭିନ୍ନ ଦୋକାନକୁ ଭଡ଼ାରେ ଦିଆଯାଇଛି। ଏବେ ନାମକୁ ମାତ୍ର ରାଜନଅର ବିଦ୍ୟମାନ ଯହିଁରେ ଗଜପତି ପରିବାର ସହ ବସବାସ କରୁଛନ୍ତି। ତାଙ୍କ ଜେଜେବାପା ଗଜପତିର ମାନ ମର୍ଯ୍ୟାଦା ରକ୍ଷାକରି ୭/୮ଟି ହାତୀ ଓ ୮/୧୦ଟି ଘୋଡ଼ା ରଖି ସେମାନଙ୍କ ଲାଳନପାଳନ କରୁଥିଲେ। ଗଜପତି ତାମଯାନରେ ରଥଯାତ୍ରାରେ ରଥ ଉପରକୁ ଯାଇ ମହାପ୍ରଭୁଙ୍କ ରଥ ଉପରେ ଛେରାପହଁରା କରିବାକୁ ଗଲାବେଳେ ସୁସଜ୍ଜିତ ହାତୀଟିଏ ସମ୍ମୁଖରେ ଧୀର ପଦକ୍ଷେପରେ ଗତି କରୁଥିବାର ଦୃଶ୍ୟ ମନଲୋଭା, ଯାହା ଏବେ ଶୋଭାପାଉଛି। କ୍ରମଶଃ ସରକାର ମନ୍ଦିର ପରିଚାଳନା ନିମନ୍ତେ ଗଜପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ, ଯାହା ଏ ପର୍ଯ୍ୟନ୍ତ ରହିଛି। ଗଜପତି ମହାପ୍ରଭୁଙ୍କ ପ୍ରଥମ ସେବକ ପଦବୀ ଲାଭ କରିଥିବା ବେଳେ ଶିଳ୍ପପତି ରୂପେ କାଳାତିପାତ କରିବା ଗ୍ରହଣୀୟ ହେଉନାହିଁ।

-ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଟ୍ରେନରୁ ନାବାଳକ ଉଦ୍ଧାର, ଶିଶୁ ସୁରକ୍ଷା ୟୁନିଟ୍‌କୁ ହସ୍ତାନ୍ତର

ପାରଳାଖେମୁଣ୍ଡି,୨୨।୭(ଗିରିଧାରୀ ପରିଛା)

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡି ରେଳଷ୍ଟେଶନରୁ ଜଣେ ନାବାଳକ ବ୍ରହ୍ମପୁରରୁ ପାରଳାଖେମୁଣ୍ଡି ପୁରୀ-ଗୁଣୁପୁର ଟ୍ରେନରୁ ଉଦ୍ଧାର ହୋଇଛନ୍ତି। ତାଙ୍କୁ ସୋମବାର ରାତିରେ ହିଁ ତାଙ୍କୁ ଶିଶୁ ସୁରକ୍ଷା ୟୁନିଟ୍‌କୁ ହସ୍ତାନ୍ତର କରାଯାଇଛି। ଭୁବନେଶ୍ୱରରୁ ନାବାଳକଙ୍କ ପରିବାର ପହଞ୍ଚି ତାଙ୍କୁ ସାଥୀରେ ନେଇଯାଇଛନ୍ତି। ଖବରରୁ ଜଣାପଡିଛି, ପାରଳାଖେମୁଣ୍ଡିର ସାମାଜିକ କର୍ମୀ ମନୋଜ ପଟ୍ଟନାୟକ ପାରଳାଖେମୁଣ୍ଡି-ପୁରୀ-ଗୁଣୁପୁର ଟ୍ରେନରେ ଏସି ବଗିରେ ଆସୁଥିଲେ। ସେହି ବଗିରେ ଜଣେ ନାବାଳକ ବିନା ଯୋତାରେ ବସିଥିବା ସେ ଆନ୍ଧ୍ରର ଇଛାପୁର ଷ୍ଟେଶନ ନିକଟରେ ଦେଖିବାକୁ ପାଇଥିଲେ। କେଉଁଠୁ ଆସିଲ, କେଉଁଠିକୁ ଯାଉଛ ବୋଲି ନାବାଳକଙ୍କୁ ମନୋଜ ପଚାରିବାରୁ ସେ ଭୁବନେଶ୍ୱରରୁ ଆସୁଥିବା ଏବଂ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଯାଉଥିବା କହିଥିଲେ। ଟ୍ରେନରେ ଟିଟି, ଜିଆରପି, ଆର୍‌ପିଏଫ୍ କିମ୍ବା କୌଣସି ଯାତ୍ରୀ ନାବାଳକଙ୍କ ଉପରେ ଧ୍ୟାନ ଦେଇ ନ ଥିଲେ। ମନୋଜ ନିଜ ଦାୟିତ୍ୱରେ ତାଙ୍କୁ ପାରଳାଖେମୁଣ୍ଡି ଆଣି ରାତିରେ ଜିଲା ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର କରିଥିଲେ । ୟୁନିଟର ସୁପରଭାଇଜର ସୁରଜ ଲିମ୍ମା ଓ କାଉନସିଲର ଡନଟନ ରାଉଳ ନାବାଳକଙ୍କୁ ନିଜ ହେପାଜତକୁ ନେଇ ପଚରାଉଚରା କରି ତାଙ୍କ ଅଭିଭାବକଙ୍କୁ ଯୋଗାଯୋଗ କରିଥିଲେ ।

ମଙ୍ଗଳବାର ନାବାଳକଙ୍କ ମା' ସୁଖମଣୀ ହାଁସଦା ଓ ତାଙ୍କ ପରିବାର ଲୋକେ ଭୁବନେଶ୍ୱରରୁ ପାରଳାଖେମୁଣ୍ଡି ଆସି ତାଙ୍କୁ ନେଇଯାଇଥିବା ଜଣାପଡିଛି । ତେବେ ନେବା ପୂର୍ବରୁ ନାବାଳକଙ୍କୁ ଜିଲା ଶିଶୁ କଲ୍ୟାଣ ସମିତି ନିକଟରେ ହାଜର କରାଯାଇଥିଲା। ଆବଶ୍ୟକ ଦସ୍ତାବିଜ ଯାଞ୍ଚ ପରେ ପରିବାର ଲୋକଙ୍କୁ ତାଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ନାବାଳକ ଜଣକ ଭୁବନେଶ୍ୱରର ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଅଞ୍ଚଳର। ସେ ସୋମବାର ମଧ୍ୟାହ୍ନରେ ସ୍କୁଲକୁ ଯାଇ ଅଧା ପାଠପଢାରୁ ଚାଲି ଆସିଥିଲେ। ପରେ ତାପଙ୍ଗ ପର୍ଯ୍ୟନ୍ତ ଚାଲି ଚାଲି ଆସି ପୁରୀ-ଗୁଣୁପୁର ଟ୍ରେନରେ ବସିଥିଲେ। ମନୋଜ ତାଙ୍କୁ ଭେଟି ଶେଷରେ ପରିବାର ଲୋକଙ୍କ ନିକଟରେ ପହଞ୍ଚାଇଥିଲେ।

# ଜଙ୍ଗଲରେ ପରିଣତ ହେଲାଣି କୋଟିଏ ଟଙ୍କା ବ୍ୟୟରେ ନିର୍ମିତ ଶିଶୁ ଉଦ୍ୟାନ

## ଉଦ୍‌ଘାଟନ ହେବାର ୩ ବର୍ଷ ହୋଇଛି କାମରେ ଲାଗୁନି

ରମ୍ଭା,୨୨।୭(ବନବାସୀ ସେଠୀ)

ଗଞ୍ଜାମ ଜିଲା ରମ୍ଭା ରେଳ ଷ୍ଟେଶନ ରେଲୱେ କଲୋନୀ ପ୍ରାଥମିକ ବିଦ୍ୟାଳୟର ଶିଶୁ ଉଦ୍ୟାନ ଲଟାବୁଦାରେ ପରିପୂର୍ଣ୍ଣ ହୋଇଛି। ଗତ ୫।୫।୨୦୨୨ରେ ରେଳ ବିଭାଗର ଅନୁଦାନରେ ପ୍ରାୟ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ଶିଶୁ ଉଦ୍ୟାନ ନିର୍ମାଣ ହୋଇଥିଲା। ଏହାକୁ ସେତେବେଳେ ରେଳ ବିଭାଗ ଖୋର୍ଦ୍ଧା ଡିଭିଜନର ଡ଼ିଆର୍‌ଏମ୍ ରିଙ୍କେଶ ରାୟ ଉଦ୍‌ଘାଟନ କରିଥିଲେ। ତେବେ ଏହି ଉଦ୍ୟାନର ରକ୍ଷଣାବେକ୍ଷଣ ଅଭାବରୁ ଏଠାରେ ଥିବା ଖେଳ ସାମଗ୍ରୀ ସବୁ ନଷ୍ଟ ହୋଇଗଲାଣି। ଚାରିଆଡ଼େ ଲଟାବୁଦା ମାଡି ଜଙ୍ଗଲରେ ପରିଣତ ହେଲାଣି। ଫଳରେ ଶିଶୁମାନେ ଏହି ଉଦ୍ୟାନରୁ କୌଣସି ସୁଫଳ ପାଉନାହାନ୍ତି। ସେମାନେ ଉଦ୍ୟାନକୁ



ପରିତ୍ୟକ୍ତ ଶିଶୁ ଉଦ୍ୟାନ।

ଯିବାକୁ ଡରୁଛନ୍ତି। ଏହି ଉଦ୍ୟାନରୁ ଅନେକ ସମୟରେ ସରୀସୃପ ଶ୍ରେଣୀର ଜୀବ ବାହାରି ପ୍ରାଥମିକ ବିଦ୍ୟାଳୟ ଭିତରକୁ ପଶି ଯାଉଥିବା ଦେଖିବାକୁ ମିଳୁଛି। ଫଳରେ ଛାତ୍ରୀଛାତ୍ରଙ୍କ ଜୀବନପ୍ରତି ବିପଦ ଆଶଙ୍କା ରହୁଛି। ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦାୟିତ୍ୱହୀନତା ଓ ଅବହେଳା ଯୋଗୁ ଷ୍ଟେଶନ ଚତୁଃପାର୍ଶ୍ୱରେ ଥିବା ବିଭାଗର ସମସ୍ତ ଗୃହ, ଉଦ୍ୟାନ, ନବନିର୍ମିତ ଶୌଚାଳୟରେ ତାଲା ଝୁଲୁଛି। ଏଥିରୁ ସ୍ଥାନୀୟ ଲୋକେ ଉପକୃତ ହେଉନାହାନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଏସବୁର ରକ୍ଷଣାବେକ୍ଷଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବୁଲା ଗୋରୁଙ୍କ ବେକରେ ରେଡିୟମ ବେଲ୍ଟ

## ବାନ୍ଧିଲେ ଭାଜପା ଯୁବ ସଂଗଠକ

ବାଲିଗୁଡା,୨୨।୭(ସଞ୍ଜୟ କୁମାର ପାଣିଗ୍ରାହୀ):

ବାଲିଗୁଡା ଓ ଏହାର ଆଖପାଖ ଅଞ୍ଚଳରେ ୫୯ ନଂ. ଜାତୀୟ ରାଜପଥ ଉପରେ ଦିନରାତି ଗୋରୁପଲ ବୁଲୁଛନ୍ତି। ଏଥିଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ଏହାକୁ ନଜରରେ ରଖି ସ୍ଥାନୀୟ ଭାଜପା ଯୁବ ସଂଗଠକ ତଥା ୮ନଂ. ୱାର୍ଡ଼ ବୁଥ୍ ମଣ୍ଡଳ ସଭାପତି ଆଶିଷ କୁମାର ମହାପାତ୍ର ଜାତୀୟ ରାଜପଥରେ ଶୋଇ ରହିଥିବା ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଗୋରୁଙ୍କ ବେକରେ ରେଡିୟମ ବେଲ୍ଟ ବାନ୍ଧି ପ୍ରଶଂସା ସାଉଁଟି ପାରିଛନ୍ତି। ରାତିରେ ଦ୍ରୁତଗତିରେ ଆସୁଥିବା ଯାନବାହାନ ଗୁଡିକୁ ଗାଈ ବେକରେ ବନ୍ଧା ଯାଇଥିବା ବେଲ୍ଟ ଯୋଗୁଁ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିପାରିବେ ବୋଲି ମହାପାତ୍ର ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହା ବାଲିଗୁଡା ଓ କ. ନୂଆଗାଁ ବ୍ଲକର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଇଥିବା ବେଳେ ଆଗାମୀ ଦିନରେ ଅନ୍ୟ ବ୍ଲକ ଅଞ୍ଚଳରେ କରାଯିବ। ଏଥିସହ ଅଞ୍ଚଳରେ ଏକ ଗୋଶାଳା ନିର୍ମାଣ କରିବା ପାଇଁ ଯୋଜନା ରଖିଥିବା ଜଣାପଡିଛି।


ଗାଈ ବେକରେ ରେଡିୟମ ବେଲ୍ଟ ବାନ୍ଧୁଛନ୍ତି ଭାଜପା ଯୁବ ସଂଗଠକ।

## କାଶୀନଗର ଗ୍ରାମ ନ୍ୟାୟାଳୟ ନୂତନ କୋଠା ଉଦ୍‌ଘାଟନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି

ପାରଳାଖେମୁଣ୍ଡି,୨୨।୭(ଗିରିଧାରୀ ପରିଛା )

ଗଜପତି ଜିଲା କାଶୀନଗରଠାରେ ଗ୍ରାମ ନ୍ୟାୟାଳୟ ତଥା ଜେଏମ୍‌ଏଫ୍‌ସି କୋର୍ଟର ନୂତନ କୋଠାକୁ ମଙ୍ଗଳବାର ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଭର୍ଚୁଆଲ ମୋଡରେ ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ଜିଲା ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତି, ରେଜିଷ୍ଟ୍ରାର ପ୍ରସନ୍ନ ବେହେରା ଏବଂ କାଶୀନଗର କୋର୍ଟର ଗ୍ରାମ ନ୍ୟାୟାଳୟ ମାଜିଷ୍ଟ୍ରେଟ ତଥା ଜେଏମ୍‌ଏଫ୍‌ସି ମୋନାଲି ବେହେରା ଉପସ୍ଥିତ ଥିଲେ। ଏହି ନୂତନ କୋଠାରେ ସମସ୍ତ ବ୍ୟବସ୍ଥାର ଭିତ୍ତିଭୂମି ରହିଛି । ଏଠାରେ ଇ-ଲାଇବ୍ରେରୀ, ଇ-ସେବା, ବାର ହାଉସ ସୁବିଧା ରହିଛି । ଉଦଘାଟନୀ କାର୍ଯ୍ୟକ୍ରମରେ ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ, ଜିଲା ବାର ଆସେସିଏଶନ ସଭାପତି ଜିତେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ଏମ. ପୃଥ୍ୱୀରାଜ, ଜିଲା କୋର୍ଟ ଓ କାଶୀନଗର କୋର୍ଟର ଆଇନଜୀବୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ପୋଖରୀରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

ଦାରିଙ୍ଗବାଡି,୨୨।୭ (ଅରୁଣ ସାହୁ)

ଦାରିଙ୍ଗବାଡି ଥାନା ସିମନବାଡି ପଞ୍ଚାୟତ ଦଡିବାଡ଼ି ଗ୍ରାମର ନିଖୋଜ ଯଶବନ୍ତ ନାୟକ(୫୦)ଙ୍କ ମୃତଦେହ ମଙ୍ଗଳବାର ପୋଖରୀରୁ ଜବତ ହୋଇଛି। ସୋମବାର ସେ ନିଖୋଜ ଥିଲେ। ତାଙ୍କ ପୋଷାକ ଓ ଚପଲ ପୋଖରୀ ହୁଡାରେ ଥିବାରୁ ପରିବାର ଲୋକେ ଓ ଗ୍ରାମବାସୀ ସେ ପୋଖରୀରେ ବୁଡ଼ିଯାଇଥିବା ସନ୍ଦେହ କରି ଦାରିଙ୍ଗବାଡି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ଧବଳେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ କର୍ମଚାରୀମାନେ ସନ୍ଧ୍ୟାରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଅନ୍ଧାର ଯୋଗୁ ଯଶବନ୍ତଙ୍କୁ ଖୋଜିପାରି ନ ଥିଲେ। ମଙ୍ଗଳବାର ଭୋର ସମୟରେ ଯଶବନ୍ତଙ୍କ ପରିବାର ଲୋକେ ପୁଣି ପୋଖରୀକୁ ଯାଇ ଖୋଜିବା ସମୟରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଅଗ୍ନିଶମ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ପୋଖରୀରୁ ବାହାର କରିଥିଲେ। ଦାରିଙ୍ଗବାଡି ଥାନା ଏସ୍‌ଆଇ ଜୟନ୍ତ ସେଠୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଏହା ହସ୍ତାନ୍ତର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଯଶବନ୍ତ ପ୍ରତିଦିନ ଭଳି ସୋମବାର ଭୋର ୪ଟାରେ ଘରୁ ବାହାରି ବଜାରକୁ ଯାଇଥିଲେ। ସେ ବଜାରରେ ଶ୍ରମିକ ରୂପେ ବିଭିନ୍ନ କାର୍ଯ୍ୟ କରି ପରେ ଗାଧୋଇଥାନ୍ତି। ତେବେ ସେଦିନ ଯଶବନ୍ତ ଆଉ ଘରକୁ ଆସି ନ ଥିଲେ। ସନ୍ଧ୍ୟା ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିବା ଆରମ୍ଭ କରିଥିଲେ।

## ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

# କେରଳରୁ ଅଭିଯୁକ୍ତ ଗିରଫ

ଦାରିଙ୍ଗବାଡି, ୨୨।୭ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଘଟିଥିବା ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ସୋମବାର କେରଳର ପାଲସେରୀ ଅଞ୍ଚଳରୁ ଗିରଫ କରିଛି। ସେ ହେଲେ ଯୁବରାଜ ଧାଙ୍ଗରାମାଝି। ସେ ବିବାହିତ ହୋଇଥିବା ବେଳେ ଜଣେ ଦିବ୍ୟାଙ୍ଗ ନାବାଳିକା (୧୫)ଙ୍କୁ ବଳାତ୍କାର କରିଥିବା ନେଇ ବ୍ରାହ୍ମଣୀଗାଁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଗୁରୁତର ସହ ନେଇ ଆଇଆଇସି ବିଜୟ ହାଇବ୍ରୁରୁ ନଂ. ୬୯/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲେ। ବାରମ୍ବାର ଠିକଣା ବଦଳାଇ ବିଭିନ୍ନ ସ୍ଥାନରେ ରହୁଥିବା ଅଭିଯୁକ୍ତ କେରଳର ପାଲସେରୀ ଅଞ୍ଚଳରେ ଥିବା ସୂଚନା ପାଇ ପୋଲିସ କେରଳ ଯାଇ ସେଠାରୁ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଗିରଫ ପରେ ତାଙ୍କୁ ପୋଲିସ ଓଡ଼ିଶା ଧରି ଫେରୁଥିବା ଜଣାପଡିଛି। ଚଳିତମାସ ୧୧ ତାରିଖରେ ନାବାଳିକା ଜଣକ ଘରେ ଏକାକୀ ଥିବା ବେଳେ ଅଭିଯୁକ୍ତ ଯୁବରାଜ ତାଙ୍କୁ ବଳାତ୍କାର କରିଥିବା ନାବାଳିକାଙ୍କ ପରିବାର ପକ୍ଷରୁ ଗତ ୧୫ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ପୋକ୍ସୋ ଆଇନରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଅଭିଯୁକ୍ତ ଯୁବରାଜ ରାଜ୍ୟ ବାହାରକୁ ଫେରାର ହୋଇଯିବାରୁ ପୋଲିସ ଜିଲା ସାଇବର ସେଲ୍‌ର ସହାୟତା ନେଇ ତାଙ୍କ ମୋବାଇଲକୁ ଟ୍ରାକ୍ କରି ଅଭିଯୁକ୍ତଙ୍କୁ କେରଳରୁ ଧରିଥିବା ଆଇଆଇସି ହାଇବ୍ରୁରୁ କହିଛନ୍ତି।


**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ୱେଷ୍ଟ-୨୫-୨୬-୨୨, ତାରିଖ: ୨୧।୦୭।୨୦୨୫** । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ/ଇଏନଜିଜି/ଚକ୍ରଧରପୁର, ଦ.ପୂ. ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପଶ୍ଚିମ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ବନ୍ଦ ଥିବା ଲେଭଲ କ୍ରସିଂ ନଂ.୨୫୫ ବଦଳରେ ରୋଡ୍ ଅଣ୍ଡରବ୍ରିଜ୍/ଲିମିଟେଡ୍ ହାଇଟ୍ ସବ୍‌ୱେ ନିର୍ମାଣ କରିବା (ବକ୍ସ ପୁଶିଂ ପଦ୍ଧତି ଦ୍ୱାରା)। **ଟେଣ୍ଡର ମୂଲ୍ୟ: ₹୯,୨୯,୨୭,୩୭୬.୮୧। ଇଏମ୍‌ଡି: ₹୬,୧୪,୬୦୦/- । ଟେଣ୍ଡର ଫର୍ମ ମୂଲ୍ୟ: ୦.୦୦। ଖୋଲାଯିବା ତାରିଖ: ୧୨।୦୮।୨୦୨୫** । ଟେଣ୍ଡର ୱେବସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତାଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **ଦ୍ରଷ୍ଟବ୍ୟ:** ଇ-ଟେଣ୍ଡର ଫର୍ମ ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଜାରି କରାଯିବ। (କର୍ତ୍ତୃପକ୍ଷ - ରେଲୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦)। (PR-427)


# ୨ ଚୋରି ବାଇକ୍ ଜବତ, ଜେଲ ଗଲେ ଅଭିଯୁକ୍ତ

ଦିଗପହଣ୍ଡି,୨୨।୭(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ସାହାଣୀସାହିର କେଦାର ଦାସଙ୍କଠାରୁ ପୋଲିସ ଦୁଇଟି ଚୋରି ବାଇକ୍ ଜବତ କରିଛି। ନଂ. ୨୫୫/୨୫ରେ ମାମଲା ରୁଜୁ କରି ମଙ୍ଗଳବାର କେଦାରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି। ଖବରରୁ ଜଣାପଡିଛି, ଶନିବାର ରାତି ସାଢେ ୯ଟାରେ ପାଟପୁର ଥାନା ନରସିଂହଗଡ଼ ଗ୍ରାମର କୁନା ପ୍ରଧାନ ତାଙ୍କ ବଡଭାଇଙ୍କ ବାଇକ୍ (ନଂ.ଓଡି ୦୭ ଟି – ୪୫୨୬) ଧରି ଦିଗପହଣ୍ଡି ଆସି ସ୍ଥାନୀୟ ପୁଞ୍ଜିକଂୟା ଛକରେ ଏକ ଯାତ୍ରୀବାହୀ ବସ୍‌କୁ ଅପେକ୍ଷା କରିଥିଲେ। ବାଇକ୍‌କୁ ସେ ରାସ୍ତା କଡରେ ରଖି ପାଣି ପିଇବାକୁ ଯାଇଥିବା ବେଳେ ଏହି ସମୟରେ ତାଙ୍କ ବାଇକ୍‌କୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିଲା। ଏନେଇ କୁନା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ମଙ୍ଗଳବାର ସକାଳେ ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ କେ.ମିର୍ଦ୍ଧା ଉକ୍ତ ଚୋରି ବାଇକ୍‌କୁ ନେଇ କେଦାର ଡେଙ୍ଗାଓସ୍ତା ଗ୍ରାମରୁ ବ୍ରହ୍ମପୁର ଯାଉଥିବା ଖବର ପାଇଥିଲେ। ପୋଲିସ ଟିମ୍ ଡେଙ୍ଗାଓସ୍ତା ଗ୍ରାମରେ ଚଢାଉ କରି ବାଇକ୍‌କୁ ଜବତ କରିଥିଲା। ଅଭିଯୁକ୍ତ କେଦାରଙ୍କୁ ଗିରଫ କରାଯାଇଥିଲା। ପରେ ପୋଲିସ ଟିମ୍ ଦିଗପହଣ୍ଡି ସାହାଣୀସାହିସ୍ଥିତ ତାଙ୍କ ଘରେ ଚଢ଼ାଉ କରି ଅନ୍ୟ ଏକ ଚୋରି ବାଇକ୍ (ନଂ. ଓଡ଼ି୦୭ ଇ-୧୫୬୭)କୁ ଜବତ କରିଛି।



ଗିରଫ ଅଭିଯୁକ୍ତ ସହ ଜବତ ବାଇକ୍ ।

## ମୃତ କାଉନସିଲରଙ୍କ ପରିବାରକୁ ସହାୟତା କଲେ ପୂର୍ବତନ ବିଧାୟକ

ଗୋପାଳପୁର,୨୨।୭
(ନବୀନ ରାଜ ଆଚାରୀ)

ଗୋପାଳପୁର ଏନ୍‌ଏସିର ୩ ନମ୍ବର ୱାର୍ଡ କାଉନସିଲର ବି.ଗୋପାଳ କ୍ରିଷ୍ଣା ଗତ ୧୪ ତାରିଖରେ ଆତ୍ମହତ୍ୟା କରିଥିଲେ। ଖବରପାଇ ସୋମବାର ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଗୋପାଳ କ୍ରିଷ୍ଣାଙ୍କ ପରିବାରକୁ ସମବେଦନା ଜଣାଇବା ସହ ସାକ୍ଷାତ କରି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଛନ୍ତି। ସେ ପରିବାର ଲୋକଙ୍କୁ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଏହି ସମୟରେ ଏନ୍‌ଏସି ଅଧ୍ୟକ୍ଷ ଏ.ଜାନକୀ ରାମ, ଜିଲା ପରିଷଦ ଉପ ସଭାପତି ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବିଜେଡ଼ି ବ୍ଲକ ସଭାପତି ଅଜିତ ଦାଶ, ବିଜେଡି ଜିଲା ସାଧାରଣ ସମ୍ପାଦକ ରାମହରି ପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ଶୂନ୍ୟ ଚନ୍ଦ୍ର ଦାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜବତ ମୃତଦେହ ପରିଚୟ ମିଳିଲା

ହିଞ୍ଜିଳିକାଟୁ,୨୨।୭(ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳିକାଟୁ ଘୋଡାହାଡ ନଦୀ ନିକଟରେ ନିର୍ମାଣାଧୀନ ଶ୍ମଶାନ ପରିସରରୁ ସୋମବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଥିଲା। ମଙ୍ଗଳବାର ମୃତକ ପରିଚୟ ମିଳିଛି। ସେ ହେଲେ ପାଟପୁର ଥାନା ଡେଙ୍ଗାଡି ଗ୍ରାମର ଶିବରାମ ସୁଆଁସିଆ (୫୫) । ଡେଙ୍ଗାଡିଗାଁର ଜଣେ ବ୍ୟକ୍ତି ମୃତଦେହକୁ ଚିହ୍ନଟ କରିବା ପରେ ପୋଲିସ ତାଙ୍କ ପରିବାରକୁ ଖବର ଦେଇଥିଲା। ପରିବାର ଲୋକେ ଗତ ୧୬ରୁ ନିଖୋଜ ଥିବା ଶିବରାମଙ୍କ ମୃତଦେହକୁ ଚିହ୍ନଟ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ଚିକିଟି,୨୨।୭(ପ୍ରକାଶ ଚନ୍ଦ୍ର ସାହୁ ) :

ଚିକିଟି ବ୍ଲକ ଅନ୍ତର୍ଗତ ବଳରାମପୁର ଛକ ନିକଟରେ ମଙ୍ଗଳବାର ରାତିରେ ଜଣେ ବ୍ୟବସାୟୀଙ୍କୁ କେତେଜଣ ଦୁର୍ବୃତ୍ତ ମାଡମାରି ତାଙ୍କଠାରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଲୁଟର ଶିକାର ହୋଇଥିବା ବ୍ୟବସାୟୀ ଜଣକ ଏ ନେଇ ନୂଆପଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। କେ. ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲ , ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ ଫାଣ୍ଡିରେ ପହଞ୍ଚିଥିବା ଜଣାପଡିଛି। ବ୍ୟବସାୟୀ ଜଣକ ଚିକିଟି ଓ ଦିଗପହଣ୍ଡି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ବ୍ୟବସାୟୀ କରି ସନ୍ଧ୍ୟାରେ ତାଙ୍କ ଭ୍ୟାନରେ ଫେରୁଥିବା ବେଳେ ବଳରାମପୁର ଛକ ନିକଟରେ ରାତି ପ୍ରାୟ ସାଢେ ୮ଟାରେ କିଛି ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରି ଟଙ୍କା ଛଡେଇ ନେଇଥିବା ଅଭିଯୋଗ ହୋଇଛି।

# ବଳାତ୍କାର ମାମଲାରେ ବାପାଙ୍କୁ ୨୦ ବର୍ଷ ଜେଲ

ପାରଳାଖେମୁଣ୍ଡି,୨୨।୭(ଗିରିଧାରୀ ପରିଛା):

ଗଜପତି ଜିଲା ପାରଳାଖେମୁଣ୍ଡିର ଏକ ଗ୍ରାମରେ ବାପା ନିଜ ନାବାଳିକା ଝିଅକୁ ବଳାତ୍କାର କରିବା ନେଇ ରୁଜୁ ମାମଲାର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତ ବାପାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ପୀଡିତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବାରୁ ଅତିରିକ୍ତ ଏକ ବର୍ଷ ଜେଲ ଓ ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ଅନାଦେୟ କ୍ଷେତ୍ରରେ ଆତିରିକ୍ତ ୬ ମାସ ଦଣ୍ଡ ଭୋଗ କରିବାକୁ ବିଚାରପତି ରାୟରେ ଶୁଣାଇଛନ୍ତି। ଆନ୍ଧ୍ର ପ୍ରଦେଶ ପାର୍ବତୀପୁର ଥାନା ଅନ୍ତର୍ଗତ ବାତିଲି ନିକଟସ୍ଥ ଏକ ଗ୍ରାମରେ ଏପରି ଘଟଣା ଘଟିଥିଲା। ମାମଲାର ବିବରଣୀରୁ ପ୍ରକାଶ, ସମ୍ପୃକ୍ତ ଗ୍ରାମର ତିରୁପତି ପ୍ରଧାନ (୩୫) ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଥିଲେ। ତେବେ ସ୍ତ୍ରୀ ଓ ପିଲାଙ୍କୁ ଛାଡ଼ି ତିରୁପତି ଅନ୍ୟ ଜଣେ ମହିଳାଙ୍କ ସହ ବାହାର ରାଜ୍ୟକୁ ଚାଲିଯାଇଥିଲେ। ଦୁଇ ସନ୍ତାନକୁ ଧରି ସ୍ତ୍ରୀ ବାପଘର ଗ୍ରାମକୁ ଚାଲିଯାଇ ସେଠାରେ ରହୁଥିଲେ। ଦୀର୍ଘ ଦିନ ପରେ ତିରୁପତି ଫେରି ଶ୍ୱଶୁର ଘରେ ରହୁଥିବା ମା', ପୁଅ ଓ ଝିଅ (୧୨)ଙ୍କୁ ଧରି ଶ୍ୱଶୁର ଘର ଗାଁରେ ରହିଥିଲେ। ସେ ଝିଅକୁ ବଳାତ୍କାର କରିବା ସହ ବିଭିନ୍ନ ସମୟରେ ମାରପିଟ୍ କରୁଥିଲେ। ଏ ନେଇ ସ୍ତ୍ରୀ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ କରିଥିଲେ । ପାରଳାଖେମୁଣ୍ଡି ପୋଲିସ ନଂ. ୨୦୩/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତ ତିରୁପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେବେଠାରୁ ଏହାର ବିଚାର ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟରେ ଚାଲିଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଚାରପତି ଗତ ୧୬ ତାରିଖରେ ତିରୁପତିଙ୍କୁ ୬୪(୨), ୬୫(୨)/୧୧୫ରେ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ଦେଇଛନ୍ତି। ପୀଡିତାଙ୍କୁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ଯତିନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ତଦନ୍ତକାରୀ ଅଧିକାରୀ ଲକ୍ଷ୍ମଣ ବେଶ୍ରା ମାମଲାର ତଦନ୍ତ କରିଥିଲେ।

# ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଉଦିତ, ଭକ୍ତ ଓ ରାହୁଲଙ୍କ କୁଶପୁତ୍ତଳିକା ଦାହ

ପୋଲସରା,୨୨।୭(ସୁବ୍ରତ ବେହେରା)

ନାରୀ ସୁରକ୍ଷା ଓ ନିର୍ଯାତନାକୁ ପ୍ରସଙ୍ଗ କରି କଂଗ୍ରେସ ହୋହାଲ୍ଲା କରୁଛି। ତେବେ ନିଜ ଦଳର ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଜଣେ ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗିରଫ ହୋଇ ଜେଲ ଯିବା ପରେ ଏବେ ସ୍ଥିତି ବଦଳିଛି। ବିଭିନ୍ନ ସ୍ଥାନରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଉଦିତ, ପିସିସି ସଭାପତି ଭକ୍ତଚରଣ ଦାସ ଓ ଦଳର ମୁଖ୍ୟ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି। ଗଞ୍ଜାମ ଜିଲା ପୋଲସରା ଭାଜପା ପକ୍ଷରୁ ମଙ୍ଗଳବାର ବସଷ୍ଟାଣ୍ଡଠାରେ କର୍ମକର୍ତ୍ତା ମାନେ କଂଗ୍ରେସ ବିରୋଧରେ ନାରାବାଜି କରି ଉଦିତ, ପିସିସି ସଭାପତି ଓ କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀଙ୍କ କୁଶପୁତଳିକା ଦାହ କରିଛନ୍ତି। ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ନଗର ମଣ୍ଡଳ ସଭାପତି ଦେବପ୍ରସାଦ ସାହୁ, ମଥୁରା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ନୃସିଂହନାଥ ସ୍ୱାଇଁ, ହାତୀଓଟ ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀଚନ୍ଦନ ପ୍ରଧାନ ଓ ଉତ୍ତମ ନାହାକ, ଉପସଭାପତି ସଞ୍ଜୟ ଦାସ ଓ ନିରଞ୍ଜନ ମହାପାତ୍ର, ଯୁବମୋର୍ଚ୍ଚା ଉପସଭାପତି ଦ୍ୱିତିକୃଷ୍ଣ ପ୍ରଧାନ, ରାଜେଶ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


**ଫର୍ମ ନଂ.-୧୩**
**ରଣ ଅସୁଲି ପ୍ରାଧିକରଣ, କଟକ**
ସି-୭୧, ସେକ୍ଟର-୭, ସି.ଡ଼ି.ଏ, କଟକ, ଓଡ଼ିଶା
ଓ.ଏ. ନଂ. ୧୭୭/୨୦୨୫

ବ୍ୟାଙ୍କ ଅଫ୍ ଇଣ୍ଡିଆ .....ଆବେଦନକାରୀ
ବନାମ
**୧) ଶ୍ରୀ ଅମୂଲ୍ୟ ବରାଳ,** ବୟସ ପ୍ରାୟ ୩୭ ବର୍ଷ, ପିତା: ଶ୍ରୀ କରୁଣାକର ବରାଳ, ସା: ମାଛିଆ ଦିଆଣ୍ଡି, ପୋ: ବ୍ରହ୍ମଗିରି, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧
**୨) ଶ୍ରୀ ମିଲୁ ବରାଳ,** ବୟସ ପ୍ରାୟ ୩୬ ବର୍ଷ, ପିତା: ଶ୍ରୀ କରୁଣାକର ବରାଳ, ସା: ମାଛିଆ ଦିଆଣ୍ଡି, ପୋ: ବ୍ରହ୍ମଗିରି, ଜିଲ୍ଲା: ପୁରୀ, ପିନ୍-୭୫୨୦୧୧ .....ପ୍ରତିବାଦୀମାନେ

**ପ୍ରାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ**
**ଖବରକାଗଜ ପ୍ରକାଶନ ଦ୍ୱାରା ଜାରୀ ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ଆବେଦନକାରୀ **ଓ.ଏ. ନଂ. ୧୭୭/୨୦୨୫** ଦ୍ୱାରା **ଟ.୨୨,୧୭,୨୮୮/- (ବାଇଶି ଲକ୍ଷ ସତର ହଜାର ଦୁଇ ଶହ ଅଠାଅଶି ଟଙ୍କା ମାତ୍ର)** ରଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ରଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପର ଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **ତିରିଶି ଦିନ** ମଧ୍ୟରେ କିମ୍ବା **ତା.୨୨.୦୯.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।
ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି କି ଯଦି ସେ ଏଥିରେ ଖିଲାପ କରନ୍ତି, ତେବେ ଆପଣଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣୀ ଏବଂ ବିଚାର କରାଯିବ।
ଏହି ପ୍ରାଧିକରଣର ସହି ମୋହର ସହ ମୋ ଦ୍ୱାରା **ତା.୧୪.୦୭.୨୦୨୫ରିଖରେ ଆଦିଷ୍ଟ।**
ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର



## Revised Dates

**No.TT-11** : SAMS operates through pre-fixed dates for all its activities. It helps in creating awareness and transparency & timely completion of activities. These dates have been finalized by the Sports & Youth Services Department, Government of Odisha.

| Sl# | Activities | Date Lines |
|---|---|---|
| 01 | Availability of Online Common Application Form (CAF) for B.P.Ed. & M.P.Ed. Course in the Sports and Youth Services Department website www.samsodisha.gov.in & www.dsysodisha.gov.in. | 10.07.2025 |
| 02 | Last date of applying online CAF | 22.07.2025 (11:59 P.M.) |
| 03 | Editing CAF | 23.07.2025 |
| 04 | Availability for downloading of Index Card for Physical Fitness Test | 25.07.2025 |
| 05 | Validation of CAF (One day before PFT for each group) | 18.08.2025 onwards |
| 06 | Date of Physical Fitness Test (Conducted at Bhubaneswar) (Detail of Test Schedule & venue will be mentioned on the index card) (One day after validation for each group) | 19.08.2025 onwards |
| 07 | i. Publication of General Merit List & Disqualified List<br>ii. Publication of 1st Selection List (College -wise) | 30.08.2025 |
| 08 | 1st Admission of selected candidates for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 03.09.2025 To 04.09.2025 |
| 09 | Publication of 2nd selection merit list | 10.09.2025 |
| 10 | Admission of selected candidates of 2nd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 13.09.2025 |
| 11 | Publication of 3rd Selection List if vacancy arises | 15.09.2025 |
| 12 | Admission of selected candidates of 3rd selection for both the Colleges at Central Admission Centre at Kalinga Stadium, Bhubaneswar (10.00AM to 05.00PM) | 18.09.2025 |
| 13 | Classes will start | 19.09.2025 |

*Changes to the dateline (if occurs) will be notified in the website.
**OIPR-29001/11/0098/2526** **Sd./- Principal**



**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning, Road Construction Department,**
**Nirupan Bhawan, 4th floor, 56-Set Chowk, Doranda, Ranchi-834002**
**e-mail--- eercdapfsdran-jhr@nic.in**

## e-Procurement Notice

e-Tender Reference No.:-**RCD/EMPANELMENT/03/2025-26** Dated **21.07.2025**

| | | |
|---|---|---|
| 1- | Name of Work | **Invitation of Application for Empanelment of Consultants under Category-III for three Years in Road Construction Department Jharkhand Ranchi.** |
| 2- | Cost of Tender Document (Application Fee) | **Cost of Tender Document** - Rs 35,000/- (Rupees Thirty five Thousand) (Non-Refundable) through online mode only. As per the Departmental Letter no.-4652(S) dated 06.10.2023, cost of tender document (Application fee) will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 3- | Date and Time of Publishing of Notice (RFP) on official website | 24.07.2025, 05.00 PM |
| 4- | Last date and Time of submission of Bid (With Application Fee) | 14.08.2025, 12.30 PM |
| 5- | Date and Timing of Bid opening | 18.08.2025, 12.30 PM |
| 6- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 7- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

**Executive Engineer**
**Field Survey Division,A.P**
PR 357887 (Road) 25-26 (D) **Road Construction Department,Ranchi**

## ସଂକ୍ଷେପରେ

### ଟ୍ରକ୍‌ରେ ପିଟିହେଲା ସ୍କୁଟି, ୨ ଛାତ୍ରୀ ଗୁରୁତର

ଛତ୍ରପୁର, ୨୨।୭ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ): ଛତ୍ରପୁର ଉପକଣ୍ଠ ତାମ୍ପରା ନିକଟ ୧୬ନଂ. ଜାତୀୟ ରାଜପଥରେ ଏକ ଟ୍ରକ୍‌ରେ ସ୍କୁଟି ପିଟି ହେବାରୁ ୨ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କେନ୍ଦୁଝର ଜିଲାର ଶୁଚିସ୍ମିତା ପହି ଓ ମୋନାଲିସା ସିଂ। ଛାତ୍ରୀଦ୍ୱୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିଏଡ୍ ପଢୁଛନ୍ତି। ଉଭୟେ ଏକ ସ୍କୁଟିରେ ତାମ୍ପରା ବୁଲିବାକୁ ଆସିଥିବା ବେଳେ ଟ୍ରକ ସହ ଧକ୍କା ହୋଇଥିଲେ। ଗୁରୁତର ଅବସ୍ଥାରେ ୨ ଛାତ୍ରୀଙ୍କୁ ଗଞ୍ଜାମ ବିଜେଡି ନଗର ସଭାପତି ତଥା ଯୁବନେତା ସୁଧୀର ପାଢ଼ୀଙ୍କ ସମେତ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଛତ୍ରପୁର ମେଡିକାଲକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ପଠାଯାଇଛି। ଛତ୍ରପୁର ମେଡିକାଲରେ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ।

### ଚାରାରୋପଣ କାର୍ଯ୍ୟକ୍ରମ

ଆସିକା, ୨୨।୭(ସୁରେନ୍ଦ୍ର ନାଥ ସାହୁ): ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଏନସିସି, ଜାତୀୟ ସେବା ଯୋଜନା ଓ ୟୁଥ ରେଡକ୍ରସ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଋଷିକୁଲ୍ୟା ନଦୀପଠା ଓ ମହାବିଦ୍ୟାଳୟ ପରିସରରେ ଅଁଳା, ନିମ, ବଟ, କଦମ୍ବ ଆଦି ଔଷଧୀୟ ଚାରାରୋପଣ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏନସିସି ଲେଫ୍ଟନାଣ୍ଟ ଡ. ସୁପ୍ରିୟା ଦାଶ ସଂଯୋଜନା କରିଥିଲେ।

### ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୩ ଗୁରୁତର

ରାଇକିଆ, ୨୨।୭(ପ୍ରଦୀପ ବେହେରା) କନ୍ଧମାଳ ଜିଲା ରାଇକିଆ ଆଦର୍ଶ ବିଦ୍ୟାଳୟ ନିକଟ ବୁଲାଣି ରାସ୍ତାରେ ମଙ୍ଗଳବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଜିତୁବାଡି ଗ୍ରାମର ରିକୁନ ପ୍ରଧାନ। ଆହତମାନେ ହେଲେ ଜିତୁବାଡି ଗ୍ରାମର ପପୁନ ଦିଗାଲ, ଦାଡ଼ାକେତା ଗ୍ରାମର ବିକାଶ ପ୍ରଧାନ ଓ ଡ଼ାମ୍ବା ଗ୍ରାମର ବାପି ପ୍ରଧାନ। ଦୁର୍ଘଟଣା ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ପୋଲିସ ପହଞ୍ଚି ଗୁରୁତର ବ୍ୟକ୍ତିଙ୍କୁ ରାଇକିଆ ମେଡିକାଲ ନେଇ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଫୁଲବାଣୀ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ତେବେ ସେମାନଙ୍କୁ ଫୁଲବାଣୀ ନେବାକୁ ଆମ୍ବୁଲାନ୍ସ ନ ମିଳିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଳମ୍ବରେ ଆମ୍ବୁଲାନ୍ସ ଆସି ସେମାନଙ୍କୁ ଫୁଲବାଣୀ ନେଇଥିଲା।

### ସୋଲାର ପ୍ଲେଟ୍ ଓ ଯନ୍ତ୍ରପାତି ଚୋରି

ମୋହନା, ୨୨(ମନ୍ମଥ ମିଶ୍ର) ଗଜପତି ଜିଲା ମୋହନା ବ୍ଲକ ଶିକୁଲିପଦର ପଞ୍ଚାୟତ ଧନୁପୁତା ଗାଁରୁ ପାନୀୟ ଜଳ ପାଇଁ ଲଗାଯାଇଥିବା ସୋଲାର ପ୍ଲେଟ ଓ ଯନ୍ତ୍ରପାତି ରବିବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ମଙ୍ଗଳବାର ମୋହନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଣି ଗ୍ରାମରେ ସୋଲାର ବ୍ୟବସ୍ଥା କରିବାକୁ ବିଡିଓ ରାଜୀବ ଦାସଙ୍କ ନିକଟରେ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଧନୁପୁତା ଗାଁରେ ପାନୀୟ ଜଳ ସମସ୍ୟା ଲାଗିରହିଥିଲା। ଏହି ସମସ୍ୟା ଦୂର ପାଇଁ ବ୍ଲକ ପକ୍ଷରୁ ଗତ ଦୁଇ ମାସ ତଳେ ସୋଲାର ପ୍ଲେଟ ସହ ପାଣି ଉଠା ମୋଟର ଓ ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା। ଫଳରେ ଗ୍ରାମବାସୀ ପାନୀୟ ଜଳ ସୁବିଧାରେ ପାଇପାରୁଥିଲେ। ତେବେ ଗତ ରବିବାର ରାତିରେ କୌଣସି ଦୁର୍ବୃତ୍ତ ସେହି ସୋଲାର ପ୍ଲେଟ ଓ ସମସ୍ତ ଯନ୍ତ୍ରପାତି ଚୋରି କରି ନେଇଯାଇଛି। ସୋମବାର ସକାଳେ ଗ୍ରାମବାସୀ ଏହା ଜାଣିବା ପରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନପାଇ ମୋହନା ଥାନାରେ ଅଭିଯୋଗ କରିବା ସହ ବିଡିଓଙ୍କୁ ଜଣାଇଛନ୍ତି। ଏହାର ତୁରନ୍ତ ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

# ରାସ୍ତାକଡ଼ରେ ଗର୍ଭବତୀଙ୍କ ଡାଟା ଅପ୍‌ଲୋଡ୍ କରୁଛନ୍ତି ଅଙ୍ଗନୱାଡି କର୍ମୀ

ଦାରିଙ୍ଗବାଡି, ୨୨।୭ (ଅରୁଣ ସାହୁ)

## କିରିକୁଟିରେ ବିଏସ୍‌ଏନ୍‌ଏଲ୍ ୪ଜି ସେବା ଫେଲ୍

କନ୍ଧମାଳ ଜିଲା ଦାରିଙ୍ଗବାଡି ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍ ସେବା ଫେଲ୍ ମାରିଛି। କେଉଁଠି ୨୦ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ବିଏସ୍‌ଏନ୍‌ଏଲ୍ ସେବା ବାଧାପ୍ରାପ୍ତ ହେଉଥିବା ବେଳେ ଆଉ କେଉଁଠି ୩ଜି ଏବଂ ୪ଜି ସେବା ଅଚଳ ହୋଇପଡୁଛି। ଫଳରେ ବିଏସ୍‌ଏନ୍‌ଏଲ୍ ଉପରେ ନିର୍ଭର କରୁଥିବା ଉପଭୋକ୍ତା ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟ ପାଇଁ ହଇରାଣ ହେଉଛନ୍ତି। ଆଧାର ହେଉ କି ପାନ କାର୍ଡ କିମ୍ବା ବ୍ୟାଙ୍କ ଆକାଉଣ୍ଟରେ ନିଜ ବିଏସ୍‌ଏନ୍‌ଏଲ୍



ରାସ୍ତା କଡରେ ବସି କାମ କରୁଥିବା ଅଙ୍ଗନୱାଡି କର୍ମୀ।

ମୋବାଇଲ ନମ୍ବର ଲିଙ୍କ କରିଥିବାରୁ ହଇରାଣ ହେଉଛନ୍ତି। ଉକ୍ତ ବ୍ଲକର ଓଟିପି ପାଇଁ ଉପଭୋକ୍ତାମାନେ କିରିକୁଟି ପଞ୍ଚାୟତ ଅଞ୍ଚଳରେ ଗତ କିଛି ଦିନ ହେଲା ୪ଜି ସେବା ଅଚଳ ହେତୁ ୫୯ ନଂ. ଜାତୀୟ ରାଜପଥ କଡ଼ରେ ଅଙ୍ଗନାୱାଡି କର୍ମୀମାନେ ବସି ଗର୍ଭବତୀଙ୍କ ଅନ୍‌ଲାଇନ ଲିଙ୍କ୍ କରାଉଛନ୍ତି। ଏନେଇ ଅଙ୍ଗନୱାଡି କର୍ମୀ ରୁନିତା ପତ୍ରା କହିଛନ୍ତି, କିରିକୁଟିର ବିଏସ୍‌ଏନ୍‌ଏଲ୍ ମୋବାଇଲ ନମ୍ବରରୁ ଓଟିପି ସଂଗ୍ରହରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଯେଉଁଠି ଟିକେ ନେଟୱର୍କ ଆସୁଛି ସେହି ସ୍ଥାନରେ ବସି ଆମେ ଆମ ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଅଙ୍ଗନାୱାଡି କର୍ମୀ ଗର୍ଭବତୀଙ୍କ ଅନ୍‌ଲାଇନ ଅପଲୋଡ୍ କାର୍ଯ୍ୟ କରୁଥିବା ସେ ପ୍ରକାଶ କରିଛନ୍ତି।

# ହୃଦ୍‌ଘାତରେ ଯବାନଙ୍କ ମୃତ୍ୟୁ

## ମାଓବାଦୀ ବିରୋଧୀ ଶିବିରରେ କାର୍ଯ୍ୟରତ ଥିଲେ

ଭଞ୍ଜନଗର, ୨୨।୭(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ନିକଟସ୍ଥ ତନରଡା ଅଷ୍ଟମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀର ହାବିଲଦାର ସଞ୍ଜୟ କିଷାନ (୪୦)ଙ୍କ ସୋମବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ତନରଡା ବାଟାଲିୟନ କାର୍ଯ୍ୟାଳୟ ପରିସରରେ କମାଣ୍ଡାଣ୍ଟ ସୁଧାକର ମିଶ୍ର ଏବଂ ଅନ୍ୟ ଅଧିକାରୀମାନେ ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଏହାପରେ ମରଶରୀରକୁ ତାଙ୍କ ଗ୍ରାମ ସୁନ୍ଦରଗଡ଼ ଜିଲା ଉପରପଦା ଗ୍ରାମକୁ ନିଆଯାଇଥିଲା।

୨୦୦୬ରେ ଚାକିରି ଆରମ୍ଭ କରିଥିବା ସଞ୍ଜୟ କିଛି ମାସ ହେବ ନକ୍ସଲ ବିରୋଧୀ ଶିବିରରେ ଯୋଗଦେବା ପାଇଁ ଭଞ୍ଜନଗର କ୍ୟାମ୍ପରୁ କନ୍ଧମାଳ ଜିଲା ରାଇକିଆ କ୍ୟାମ୍ପକୁ ଯାଇଥିଲେ। ସୋମବାର ହଠାତ୍ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ପ୍ରଥମେ ରାଇକିଆ ମେଡିକାଲ ଓ ପରେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ



ସଞ୍ଜୟ କିଷାନ।

ନିଆଯାଇଥିଲା। ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ନ ଆସିବାରୁ ବ୍ରହ୍ମପୁର ନେବାପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ବାଟରେ ଅବସ୍ଥା ଗୁରୁତର ହେବାରୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିଲା।

# ସିଆଙ୍ଗବାଲି ପଞ୍ଚାୟତବାସୀଙ୍କ ଆନ୍ଦୋଳନ ସଜବାଜ

ଦାରିଙ୍ଗବାଡି, ୨୨।୭(ଅରୁଣ ସାହୁ): ଦାରିଙ୍ଗବାଡି ବ୍ଲକ ସିଆଙ୍ଗବାଲି ପଞ୍ଚାୟତରେ ଦୀର୍ଘ ୮ ମାସ ହେଲା ବିଏସ୍‌ଏନଏଲର ମୋବାଇଲ ସେବା ଅଚଳ ହୋଇପଡିଛି। ଫଳରେ ଅଞ୍ଚଳର ଉପଭୋକ୍ତାମାନେ ବହୁ ହଇରାଣ ହେଉଛନ୍ତି। ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଉକ୍ତ ପଞ୍ଚାୟତ ଅଞ୍ଚଳର ଅଧାରୁ ଊର୍ଦ୍ଧ୍ୱ ଉପଭୋକ୍ତା ବିଏସଏନଏଲ ମୋବାଇଲ ସେବା ଉପରେ ନିର୍ଭର କରୁଛନ୍ତି। ନେଟୱର୍କ ବନ୍ଦ ହୋଇଯିବା ପରେ ଆଉ ବିଭାଗ ମରାମତି କରୁଛି ନା କୌଣସି ଅଧିକାରୀ ସିଆଙ୍ଗବାଲି ଆସି କିଛି ପଦକ୍ଷେପ ନେଉଛନ୍ତି। ଉପଭୋକ୍ତା ବାହାର ପଞ୍ଚାୟତକୁ ଯାଇ ମୋବାଇଲରେ

## ୮ ମାସ ହେଲା ନେଟ୍‌ୱର୍କ ବନ୍ଦ

ହେଉଥିବା ଜରୁରୀ କାମ କରୁଛନ୍ତି। ମଙ୍ଗଳବାର ପଞ୍ଚାୟତର ଶତାଧିକ ଉପଭୋକ୍ତା ଏକାଠି ହୋଇ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡିଛି।

ସୂଚନାଯୋଗ୍ୟ, କୋଭିଡ୍ ପୂର୍ବରୁ ଲୋକଙ୍କୁ ମୋବାଇଲ ସେବା ଯୋଗାଇବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ପଞ୍ଚାୟତ ଅଞ୍ଚଳରେ ନଳକୂପ ମରାମତି ପରେ ବାହାରିଥିବା ଖରାପ ପାଇପରେ ଟାୱାର ସ୍ଥାପନ କରାଯାଇ ବାଲିଗୁଡା ବିଏସଏନଏଲର ଉପଖଣ୍ଡ କାର୍ଯ୍ୟାଳୟ ସହାୟତାରେ ସିଆଙ୍ଗବାଲିକୁ ପ୍ରଥମେ ୨ଜି ଓ ପରେ ୪ ଜି ସେବା ଯୋଗାଇ ଦିଆଯାଇଥିଲା। ଅଞ୍ଚଳରେ ମୋବାଇଲ ନେଟୱର୍କ ଆସିବା ପରେ କ୍ଷୁଦ୍ର ବ୍ୟାଙ୍କ ସେବା, ମୋ ସେବାକେନ୍ଦ୍ର ଆଦି ଖୋଲି ଲୋକଙ୍କ ସରକାରୀ ଓ ବେସରକାରୀ କାର୍ଯ୍ୟକୁ କରାଯାଇ ପାରୁଥିଲା। କୋଭିଡ ସମୟରେ ଛାତ୍ରୀଛାତ୍ର ମାନେ ଅନଲାଇନରେ ପାଠ ପଢୁଥିଲେ। ଏବେ ଏହି ସେବା ବନ୍ଦ ଯୋଗୁଁ ଅଞ୍ଚଳରେ ବହୁ ସମସ୍ୟା ଦେଖାଯାଉଥିବା ଗ୍ରାମର ଲେଙ୍କା ପ୍ରଧାନ, ପୂରପୁ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ସୁଶୀଳ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି।

# ଜିପିଓ ଦାୟିତ୍ୱରେ ରବି କୁମାର

ଶେରଗଡ଼, ୨୨।୭(ସୂର୍ଯ୍ୟ ନାରାୟଣ ଦାଶ) ଶେରଗଡ଼ର ନୂତନ ଗ୍ରାମ ପଞ୍ଚାୟତ ଅଫିସର(ଜିପିଓ) ଭାବେ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବିକୁମାର ଦାୟିତ୍ୱ ନେଇଛନ୍ତି। ଏଠାରେ ପୂର୍ବରୁ ଜିପିଓ ଥିବା ସୁଶାନ୍ତ ବେହେରା ଆସିକା ଏବିଡିଓ ଭାବେ ବଦଳି ହୋଇଯିବା ପରେ ରବିକୁମାର ଏହି ଦାୟିତ୍ୱ ନେଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ପୂର୍ବରୁ ରବି କୁମାର କିଛି ବର୍ଷ ଏଠାରେ ଜିପିଓ ଭାବେ କାର୍ଯ୍ୟ କରିଛନ୍ତି।

# ୧୦ ବର୍ଷ ପରେ ଏକାଠି ହେଲେ, କର୍ମକର୍ତ୍ତା ବାଛିଲେ

## ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ବୈଠକ

ଭଞ୍ଜନଗର, ୨୨।୭(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ଏକ ବୈଠକ ଭେଜିପୁଟ ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲା ସଭାପତି ସୁବାସ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଜିଲା ସମ୍ପାଦକ ଅକ୍ଷୟ ମିଶ୍ର ବିବରଣୀ ପାଠ କରିଥିଲେ।

ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ଉପଖଣ୍ଡ ପାଇଁ ଉପଦେଷ୍ଟା ଭାବେ ବିପ୍ରଚରଣ ଗୌଡ ଏବଂ ସଭାପତି ଭାବେ କାହ୍ନୁ ଚରଣ ଦିଗାଲ ନିର୍ବାଚିତ ହୋଇଥିଲେ। ସେହିପରି ଉପସଭାପତି ରୂପେ ରବୀନ୍ଦ୍ରନାଥ ପରିଡ଼ା, ସମ୍ପାଦକ ରଞ୍ଜନ ପାତ୍ର, ସହସମ୍ପାଦକ ଭାସ୍କର ପତି, ସଙ୍ଗଠନ ସମ୍ପାଦକ ପଦ୍ମର୍ଶନ ବାଉକ, ସୀମାଞ୍ଚଳ ବେହେରା, କୋଷାଧ୍ୟକ୍ଷ ଭାବେ ବିଜୟ ସ୍ୱାଇଁ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ ସଭ୍ୟ ଭାବେ ମନୋଜ ଶତପଥୀ, ସୁରେନ୍ଦ୍ର ସେଠୀ, ଉପେନ୍ଦ୍ର ନାୟକ, ଗରିବ ଜେନା, ଏସ. ସାବତ, ବାସନ୍ତୀ ଦାସଙ୍କୁ ନିଆଯାଇଛି। ସୂଚନାଯୋଗ୍ୟ, ୧୦ ବର୍ଷ ହେବ ଏହି ଉପଖଣ୍ଡର ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇପାରି ନ ଥିଲା।

# ଗଞ୍ଜାମର ୧୫ ସହରକୁ ସ୍ୱଚ୍ଛ ସର୍ବେକ୍ଷଣ ଷ୍ଟାର ରେଟିଂ

## ସମ୍ବର୍ଦ୍ଧିତ କଲେ ଜିଲାପାଳ



ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

ଛତ୍ରପୁର, ୨୨।୭(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଓ ୧୬ ଏନ୍‌ଏସି ରହିଛି। ଏହି ୧୮ ସହର ମଧ୍ୟରୁ ୧୫ଟି ସହରକୁ ସ୍ୱଚ୍ଛ ସର୍ବେକ୍ଷଣ ଷ୍ଟାର ରେଟିଂ ମିଳିଛି। ତେବେ କୌଣସି ଗୋଟିଏ ସହରକୁ ୫ ଷ୍ଟାର ମିଳି ନ ଥିବାବେଳେ ୩ ସହରକୁ ଆଦୌ ଷ୍ଟାର ରେଟିଂ ମିଳିନି। ମଙ୍ଗଳବାର ଛତ୍ରପୁରସ୍ଥିତ ଜଉଗଡ଼ ସମ୍ମିଳନୀ ଗୃହରେ ଜିଲାପାଳ ଦିବ୍ୟଜ୍ୟୋତି ପରିଧା ସ୍ୱଚ୍ଛ ସର୍ବେକ୍ଷଣ ଷ୍ଟାର ରେଟିଂ ପାଇଥିବା ଜିଲାର ୧୫ଟି ସହରର କର୍ତ୍ତୃପକ୍ଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲାର ୭ ସହରକୁ ୩ ଷ୍ଟାର ଏବଂ ୮ ସହରକୁ ୧ ଷ୍ଟାର ରେଟିଂ ମିଳିଛି। ଆଗାମୀ ବର୍ଷରେ କିଭଳି ୩ ଷ୍ଟାର ପାଇଥିବା ସହର ୫ ଷ୍ଟାର ପାଇବ, ୧ ଷ୍ଟାର ପାଇଥିବା ସହର ୩ ଷ୍ଟାର ପାଇବ ଏବଂ କୌଣସି ଷ୍ଟାର ପାଇ ନ ଥିବା ସହର ୧ ଷ୍ଟାର ପାଇବ ସେ ନେଇ କାର୍ଯ୍ୟ ଚାଲିଥିବା ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ, ଆସିକା, ଚିକିଟି, ଗୋପାଳପୁର, ଦିଗପହଣ୍ଡି, ସୋରଡ଼ା ଓ ଭଞ୍ଜନଗର ଏନଏସି ଏବଂ ହିଞ୍ଜିଳି ମ୍ୟୁନିସିପାଲିଟିକୁ ସ୍ୱଚ୍ଛ ସର୍ବେକ୍ଷଣରେ ୩ ଷ୍ଟାର ମିଳିଛି। ପୋଲସରା, ଛତ୍ରପୁର, ରମ୍ଭା, ଗଞ୍ଜାମ, କୋଦଳା, ବେଲଗୁଣ୍ଠା, ପୁରୁଷୋତ୍ତମପୁର ଓ ଖଲ୍ଲିକୋଟ ଏନଏସିକୁ ୧ଷ୍ଟାର ରେଟିଂ ମିଳିଛି। ବ୍ରହ୍ମପୁର ମହାନଗର ନିଗମ, ବୁଗୁଡ଼ା ଓ କବିସୂର୍ଯ୍ୟନଗର ଏନଏସିକୁ କୌଣସି ଷ୍ଟାର ମିଳିନି।

# ଅଧ୍ୟାପକଙ୍କୁ ହତ୍ୟା ଧମକ ଘଟଣା, ତଦନ୍ତ ଜାରି

ଗଞ୍ଜାମ, ୨୨।୭(ବିଦ୍ୟାଧର ସାହୁ)

ଓଡ଼ିଶା ହାଇକୋର୍ଟର ଜଣେ ଆଇନଜୀବୀ ତଥା ରମ୍ଭା ପାଲୁର ଜଙ୍ଗସନ ଗ୍ରାମର ସରୋଜ କୁମାର ସାହୁଙ୍କୁ ହତ୍ୟା ଧମକ ନେଇ ରମ୍ଭା ଥାନାରେ ଲିଖିତ ଅଭିଯୋଗ ପରେ ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ଏତଲା ଅନୁଯାୟୀ ନଂ. ୫୭୦/୨୫ରେ ମାମଲା ରୁଜୁ ହୋଇଛି। ପୁରୀ ଜିଲା ନୂଆପଡା ଆରଡିସି ମହାବିଦ୍ୟାଳୟରେ ଏପରି କିଛି ଘଟଣା ହୋଇଥିବା କୁହାଯାଉଛି। ତେବେ ରମ୍ଭା ଡିଗ୍ରୀ ମହାବିଦ୍ୟାଳୟରେ ସେମିତି କିଛି ଘଟଣା ଘଟି ନ ଥିବା ଏବଂ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଥିବା ରମ୍ଭା ଆଇଆଇସି କୁମାର ମୁଦୁଲି କହିଛନ୍ତି।

ଖବରରୁ ଜଣାପଡିଛି, ଆଇନଜୀବୀ ସରୋଜ ଗତ ୨୯।୫।୨୦୨୫ରେ ନୂଆପଡା ଆରଡିସି ମହାବିଦ୍ୟାଳୟକୁ ଆରଟିଆଇରେ କିଛି ତଥ୍ୟ ମାଗିଥିଲେ। ଏହାକୁ ନେଇ ଆରଡିସି ମହାବିଦ୍ୟାଳୟର କେତେ ଜଣ ଅଧ୍ୟାପକ ସରୋଜଙ୍କ ପାଲୁର ଜଙ୍ଗସନସ୍ଥିତ ବାସଭବନକୁ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇଥିଲେ। ଏନେଇ ସରୋଜ ସେ ରହୁଥିବା ଅଞ୍ଚଳ ରମ୍ଭା ଥାନା ଅନ୍ତର୍ଗତ ହୋଇଥିବାରୁ ରମ୍ଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଣି ଗତ ବୁଧବାର ରାତି ଗୋଟାଏରେ ତାଙ୍କ ମୋବାଇଲକୁ ଏକ ହତ୍ୟା ଧମକ କଲ୍ ଆସିଥିଲା। ଫୋନକର୍ତ୍ତା ଆରଡିସି ମହାବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ ନାମ କହି ତାଙ୍କୁ ବିଭିନ୍ନ ଧମକଚମକ ଦେଇଥିବା ନେଇ ସେ ଥାନାରେ କରିଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ଉପ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଆର୍‌ପି-ସିଏମ୍‌ଙ୍କ ଦାବିପତ୍ର



ଫୁଲବାଣୀ, ୨୨।୭(ରାକେଶ କୁମାର ରାଉତ)

ମିଶନଶକ୍ତି ବିଭାଗ ଅଧିନରେ କନ୍ଧମାଳ ଜିଲାରେ କାର୍ଯ୍ୟରତ ସିଆରପି-ସିଏମ୍‌ଙ୍କ ପକ୍ଷରୁ ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛିନ୍। ସରକାର ତୁରନ୍ତ ଦାବି ବିଚାରକୁ ନେବାକୁ ଏଥିରେ ଦର୍ଶାଯାଇଛି।

ସିଆରପି-ସିଏମମାନେ ଦୀର୍ଘ ବର୍ଷ ହେଲା କାମ କରି ଆସୁଛନ୍ତି। ଦୀର୍ଘ ୧୦ ମାସ ହେବ ସଂଘ ଦରମା ସମ୍ପର୍କରେ ସରକାରଙ୍କୁ ଜଣାଇବାରୁ ଦରମା ମିଳିଥିଲା। ଏବେ ସରକାର ନୂଆ ନିୟମ ଆଣିଛନ୍ତି। ବର୍ତ୍ତମାନ ସିଆରପି ସିଏମ ମାନଙ୍କୁ ମାସିକ ଭତ୍ତା ବଦଳରେ କାର୍ଯ୍ୟ ଅନୁଯାୟୀ ପାରିଶ୍ରମିକ ଧାର୍ଯ୍ୟ ହୋଇ ମିଶନ ଶକ୍ତି ବିଭାଗକୁ ଚିଠି ହୋଇଛି। ପୂର୍ବରୁ ମାସକୁ ୬ ହଜାର ଟଙ୍କା ପାଉଥିଲୁ। ଏବେ ତାହାଠୁ କମ ମିଳିବ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସିଆରପି-ସିଏମ୍‌ଙ୍କ ପାଇଁ ଇନସେନଟିଭ ବନ୍ଦ କରି ମାସିକ ୧୦ ହଜାର ବେତନ ଦେବା, ଅନ ଲାଇନ କାର୍ଯ୍ୟ ପାଇଁ ଟାବଲେଟ ଦେବା, ପରିଚୟ ପତ୍ର ପ୍ରଦାନ କରିବା ଏବଂ ସାମାଜିକ ସୁରକ୍ଷା ଦେବା ଲାଗି ଦାବି ରହିଛି। ସରକାର ଦାବି ପୂରଣ କରନ୍ତୁ ବୋଲି ଜିଲା ସଂଘ ସଭାପତି ଗୀତାଞ୍ଜଳି କହଁର, ସମ୍ପାଦିକା ସୁସ୍ମିତା ନାୟକ ପ୍ରକାଶ କରିଛନ୍ତି।

# ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ସ୍କୁଲ ଓ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି

ଆର. ଉଦୟଗିରି, ୨୨।୭(ମନୋଜ କୁମାର ପାଢୀ)

ଗଜପତି ଜିଲା ଉଦୟଗିରି ବ୍ଲକର ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଓଡ଼ିଶା ସ୍କୁଲ ଓ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଏକ ବ୍ଲକ୍‌ସ୍ତରୀୟ କନ୍‌ଭେନ୍‌ଶନ ଅନୁଷ୍ଠିତ ହୋଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲୋକନାଥ ନାହାକ, ବ୍ଲକ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, ଶିକ୍ଷକ ରାଧାକୃଷ୍ଣ ପଣ୍ଡା ଓ ସିଦ୍ଧାର୍ଥ ଶଙ୍କର ଚୌଧୁରୀ ଉପସ୍ଥିତ ରହି ସଂଘର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରି ଶିକ୍ଷକମାନଙ୍କ କୌଣସି ସମସ୍ୟା ସମାଧାନ ହୋଇ ନ ଥିବାରୁ ଆଗାମୀ ଦିନରେ ସମନ୍ୱୟ ସମିତି ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିଷ୍ପତ୍ତି ନେଇଥିଲେ। ୧୯୪ ବିଦ୍ୟାଳୟ ପାଇଁ ଅନୁଦାନ





ସମନ୍ୱୟ ସମିତି କର୍ମକର୍ତ୍ତାମାନେ ବୈଠକରେ ଆଲୋଚନା କରୁଛନ୍ତି।

ବ୍ୟବସ୍ଥା, ପେନ୍‌ସନ ବ୍ୟବସ୍ଥା ସହ ଅନ୍ୟାନ୍ୟ ଦାବି ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଆଗାମୀ ୨ ତାରିଖରେ ଜିଲାସ୍ତରୀୟ କନଭେନଶନ କୁଜାସିଂ ହାଇସ୍କୁଲରେ କରିବା ପାଇଁ ଘୋଷଣା କରାଯାଇଥିଲା। ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ ଓ ଅଗଷ୍ଟ ୧୬ ତାରିଖ ଦାବି ଦିବସ ଅବସରରେ ଓଡ଼ିଶାର ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ନେଇ ଭୁବନେଶ୍ୱରସ୍ଥିତ ପିଏମ୍‌ଜି ଛକରେ ଆନ୍ଦୋଳନ କରିବା ପାଇଁ ମତ ପ୍ରକାଶ ପାଇଥିଲା। ପ୍ରଧାନଶିକ୍ଷକ ଲୋକନାଥ ନାହାକ ଧନ୍ୟବାଦ ଦେଇଥିଲେ।

# ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

କବିସୂର୍ଯ୍ୟନଗର, ୨୨।୭(କୃପାସିନ୍ଧୁ ସ୍ୱାଇଁ) କବିସୂର୍ଯ୍ୟନଗର ଚେସ୍ ଏକାଡେମୀ ଆନୁକୂଲ୍ୟରେ ମେଡିକାଲ ରୋଡ୍‌ସ୍ଥିତ ଗାୟତ୍ରୀ ଇନ୍‌ଷ୍ଟିଚ୍ୟୁଟ୍‌ରେ ଆନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ଚାଲିଥିବା ଚେସ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏସ. ଗୋରାଚାନ୍ଦ ରେଡ୍ଡୀ ସିନିୟର ଭାବେ ବିଜୟୀ ହୋଇଥିବା ବେଳେ ରନର ଭାବେ ସଂଜୀବ ତର୍ଚ୍ଛି ବିଜୟୀ ହୋଇଥିଲେ। ପରିଚାଳକ ସୁରେଶ ମାଧବ କର, ସହଯୋଗୀ ଶଶାଙ୍କ ଶେଖର ସାହୁ, ସଭାପତି ପ୍ରଭାସ ଚନ୍ଦ୍ର ନାହାକ, କୁଇନ୍ସ ଚେସ ସେଣ୍ଟର କୋଚ ଅଜୟ ଜେନାଙ୍କ ସହଯୋଗରେ ଏହି ପ୍ରତିଯୋଗିତା ହୋଇଥିଲା। ଏଥିରେ ୩୦ ଜଣ ଚେସ୍ ଖେଳାଳି ୫ ରାଉଣ୍ଡ ଖେଳରେ ଭାଗ ନେଇଥିଲେ। ୧୫ ବର୍ଷ ବର୍ଗରେ ପ୍ରଥମ ସ୍ଥାନରେ ପ୍ରତ୍ୟୁଷାରାଣୀ କର ଓ ଦ୍ୱିତୀୟ ସ୍ଥାନରେ ଶ୍ରୀୟା ରାଉତ, ୧୩ ବର୍ଷ ବର୍ଗରେ ପ୍ରଥମ ସ୍ଥାନରେ ଖୁସବୁ ସ୍ୱାଇଁ ଓ ଦ୍ୱିତୀୟ ସ୍ଥାନରେ ସଗୁନମିଶ୍ର, ୧୧ ବର୍ଷ ବର୍ଗରେ ପ୍ରଥମ ସ୍ଥାନରେ ବାଦଲ ରାଉତ ଓ ଦ୍ୱିତୀୟ ସ୍ଥାନରେ କୀର୍ତ୍ତିମୟୀ ଶତପଥୀ, ୯ ବର୍ଷ ବର୍ଗରେ ପ୍ରଥମ ସ୍ଥାନରେ ନୃସିଂହନାଥ କର ଓ ଦ୍ୱିତୀୟ ସ୍ଥାନରେ ପ୍ରିୟଜିତ ପ୍ରଧାନ ରହିଛନ୍ତି। ମୁଖ୍ୟ ବିଚାରକ ରୂପେ ଅନୁଷ୍ଠାନର ସଭାପତି ପ୍ରଭାସ ଚନ୍ଦ୍ର ନାହାକ ଉପସ୍ଥିତ ରହି ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ବିଡିଓ ଦାୟିତ୍ୱ ନେଲେ ଜ୍ୟୋତିର୍ମୟୀ

ଶେରଗଡ଼, ୨୨।୭(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ରେ ଜ୍ୟୋତିର୍ମୟୀ ଜେନା ମଙ୍ଗଳବାର ନୂତନ ବିଡ଼ିଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶେରଗଡ଼ ବିଡ଼ିଓ ରୂପେ ଏବିଡିଓ ସୁଧାଂଶୁ ଶେଖର ତରାଇ ଦାୟିତ୍ୱରେ ଥିଲେ। ବିଡ଼ିଓ ଜ୍ୟୋତିର୍ମୟୀ ଏଠାରେ ପହଞ୍ଚିବା ପରେ ଏବିଡିଓ ତରାଇଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ନୂଆ ବିଡିଓଙ୍କୁ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ କାର୍ଯ୍ୟାଳୟ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଥିଲେ। ଏହି ସମୟରେ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ସାତମାଇଲ-ଅଙ୍ଗରଡ଼ା ମୁଖ୍ୟ ରାସ୍ତା ମରଣଯନ୍ତା

ପାରଳାଖେମୁଣ୍ଡି, ୨୨।୭(ଗିରିଧାରୀ ପରିଚ୍ଛା) ଗଜପତି ଜିଲା ଗୋଷାଣି ବ୍ଲକ ବାଘଶାଳା ପଞ୍ଚାୟତ ଅନ୍ତର୍ଗତ ସାତମାଇଲ ଛକରୁ ଅଙ୍ଗରଡା ମୁଖ୍ୟ ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ଗୋଷାଣି ଓ ଗୁମ୍ମା ୨ ବ୍ଲକର ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୮ କି.ମି. ବିଶିଷ୍ଟ ଏହି ରାସ୍ତା ୨୦୧୯ରେ ନିର୍ମାଣ ହୋଇଥିଲା। ନିର୍ମାଣ ପରଠାରୁ ୫ବର୍ଷ ଯାଏ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାଦାରଙ୍କ ହୋଇଥିବା ବେଳେ ସେ ରାସ୍ତାର ରକ୍ଷଣାବେକ୍ଷଣ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାରୁ ପିଚୁ ଗୋଡି ଉଠିଯାଇ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ବର୍ଷା ଦିନେ ଗର୍ତ୍ତଗୁଡିକରେ ପାଣି ଜମିରହି ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି। ଏହି ରାସ୍ତା ଉପରେ ବ୍ଲକ ସଦର ମହକୁମା ଗୋଷାଣି କିମ୍ବା ଜିଲା ସଦରମହକୁମା ପାରଳାଖେମୁଣ୍ଡିକୁ ବିଭିନ୍ନ କାର୍ଯ୍ୟରେ ଯାତାୟାତ ଲାଗି ଲୋକେ ନିର୍ଭର କରନ୍ତି। ସେହିପରି ଗୁମ୍ମା ବ୍ଲକର ଅଜୟଗଡ, ନାମନଗଡ, ଆନନ୍ଦପୁର



ସାତମାଇଲ -ଅଙ୍ଗରଡା ମୁଖ୍ୟ ରାସ୍ତା।

ଆଦି ଗ୍ରାମର ଲୋକେ ଆର୍.ଉଦୟଗିରି, ରାୟଗଡ, ରାମଗିରି, କୁଜାସିଂ ଯାତାୟାତ ପାଇଁ ଏହି ରାସ୍ତା କମ୍ ଦୂର ହେଉଥିବାରୁ ଏହା ଉପରେ ନିର୍ଭର କରିଥାନ୍ତି। ରାସ୍ତା ଦୁରବସ୍ଥା ନେଇ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନିଅଣ୍ଟିଆ ବଜେଟରେ ବିଏମ୍‌ସି, ପ୍ରକଳ୍ପ ସଜାଡ଼ିବ ବିଡିଏ

## ବ୍ରହ୍ମପୁର ମହାନଗର ନିଗମର ସାଧାରଣ ବୈଠକ

ବ୍ରହ୍ମପୁର,୨୨।୭(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ନିଅଣ୍ଟିଆ ବଜେଟ ରହିଛି। ଯଦ୍ୱାରା ସହରର ବିକାଶ ପାଇଁ ଆର୍ଥିକ ସଙ୍କଟ ଦେଖାଦେଇଛି। ବିଏମ୍‌ସିକୁ ୧୩୬ କୋଟି ଟଙ୍କା ଆବଶ୍ୟକ ଥିବାବେଳେ ବର୍ତ୍ତମାନ ୪୮.୩୮ କୋଟି ବଜେଟ ରହିଛି। ମଙ୍ଗଳବାର ସମ୍ମିଳନୀ କକ୍ଷରେ ଆୟୋଜିତ ସାଧାରଣ ବୈଠକରେ ଏନେଇ କର୍ପୋରେଟର କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ସହରରେ ଦୀର୍ଘ ଦିନ ଧରି ବିଏମସି ପକ୍ଷରୁ ନିର୍ମିତ ବିଭିନ୍ନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଅବହେଳିତ ହୋଇପଡ଼ିଛି। ଏହାକୁ ସଜାଡିବା ପାଇଁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ୨ କୋଟି ଟଙ୍କା ଟେଣ୍ଡର ହୋଇଛି। ଗୋପାଳପୁର ଜଙ୍କସନଠାରୁ ସହର ମଧ୍ୟରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, କମାପଲ୍ଲୀ ଓ ଏମ୍‌କେସିଜି ରାସ୍ତାରେ ଥିବା ଫାଉଣ୍ଟେସନ ପ୍ରକଳ୍ପର ବିଡିଏ ମରାମତି କରିବ ବୋଲି କମିଶନର ସୂଚନା ଦେଇଥିଲେ। ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ନିୟୋଜିତ କରିବାକୁ କର୍ପୋରେଟର ପ୍ରଦୀପ ଶତପଥୀ ଦାବି କରିଥିଲେ। ବୈଠକରେ ଗିରି ମାର୍କେଟ ନୂତନ କୋଠାର ଲେଆଉଟ ପ୍ରଦର୍ଶିତ କରାଯାଇଥିଲା। ଏହା ରାଜ୍ୟ ସରକାରଙ୍କ ନିକଟକୁ ମଞ୍ଜୁର ପାଇଁ ପଠାଯିବ। ପରେ ଡିପିଆର ପ୍ରସ୍ତୁତ କରାଯିବ ବୋଲି କମିଶନର କହିଥିଲେ। ବିଏମ୍‌ସି ଜାଗାରେ ଏମ୍‌ପି ଓ ବିଧାୟକଙ୍କ ହାତ ପାଣ୍ଠିରେ କାର୍ଯ୍ୟ ହେଉଛି ବୋଲି କର୍ପୋରେଟର ସୋନାଲୀ ଗନ୍ତାୟତ ଅଭିଯୋଗ କରିଥିଲେ। ବିଏମ୍‌ସି ଜାଗାରେ ଅନ୍ୟ କୌଣସି ପାଣ୍ଠିରେ କାର୍ଯ୍ୟ ହେବ ନାହିଁ ବୋଲି ମେୟର ସଂଘମିତ୍ରା ଦଳେଇ କହିଥିଲେ। ଚନ୍ଦନିଆ ପାହାଡରେ ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ସମ୍ପୃକ୍ତ ସଂସ୍ଥାର ଟେଣ୍ଡରକୁ ୧ ମାସ ବୃଦ୍ଧି କରାଯାଇଛି। ଏନଜିଟିର ନିର୍ଦ୍ଦେଶାନୁଯାୟୀ ଆସନ୍ତା ଅଗଷ୍ଟ ସୁଦ୍ଧା ସମସ୍ତ ବର୍ଜ୍ୟ ପରିଚାଳନା ପାଇଁ ଲକ୍ଷ୍ୟ ରଖାଯାଇଥିବା କମିଶନର କହିଥିଲେ। ନିଗମର ବିଭିନ୍ନ ୱାର୍ଡରେ ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ବହୁ କର୍ପୋରେଟର ଦାବି କରିଥିଲେ। ସହରର ବିଭିନ୍ନ ଅଂଚଳରେ ଥିବା ନିଗମର ଜାଗାକୁ ଏନଫୋର୍ସମେଣ୍ଟ କରିବା ପାଇଁ କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ଦାବି କରିଥିଲେ। ଏନଫୋର୍ସମେଣ୍ଟ ପାଇଁ ୬ ଟିମ ହୋଇଥିବା କମିଶନର ସୂଚନା ଦେଇଥିଲେ। ବିଏମ୍‌ସି ପରିସରରେ ଶୌଚାଳୟ ଓ ବିଶ୍ୱନାଥ ଦାସଙ୍କ ପ୍ରତିମୂର୍ତ୍ତିକୁ ଆଲୋକୀକରଣ କରିବାକୁ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ଦାବି କରିଥିଲେ। ବିଏମସି ଘର ଟିକସ ଓ ଗେଷ୍ଟ ହାଉସ ଲିଜ ପ୍ରସଙ୍ଗ କୋର୍ଟରେ ବିଚାରଧୀନ ରହିଛି। ଏହାର ସମାଧାନ କରାଯିବ ବୋଲି କମିଶନର କହିଥିଲେ। ବିଏମସିରେ କାର୍ଯ୍ୟରତ ୱାର୍କ ଇନଚାର୍ଜଙ୍କ ସ୍ଥାୟୀ ନିଯୁକ୍ତି ପାଇଁ ଗତ ଜାନୁଆରୀ ମାସ ବୈଠକରେ ପ୍ରସ୍ତାବ ପାରିତ ହୋଇଛି। କିନ୍ତୁ ତାହା କାର୍ଯ୍ୟକାରୀ ହୋଇ ନ ଥିବା କର୍ପୋରେଟର ସଞ୍ଜିତ ପାଣିଗ୍ରାହୀ ଅଭିଯୋଗ କରିଥିଲେ। ଇଞ୍ଜିନିୟରିଂ ସ୍କୁଲ ଖେଳ ପଡିଆରେ ବ୍ୟାଡମିଣ୍ଟନ କୋର୍ଟ ଲୋକଙ୍କ ବ୍ୟବହାର ପାଇଁ ପ୍ରଦାନ କରିବାକୁ କର୍ପୋରେଟର ମଳୟ ବିଶୋୟୀ ଦାବି କରିଥିଲେ। ବୈଠକରେ ମେୟର ଅଧ୍ୟକ୍ଷତା କରିଥିବାବେଳେ ଡେପୁଟି ମେୟର ବିବେକ ରେଡ଼ି, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ଆଶୀର୍ବାଦ ପରିଡା, ସିଟି ଇଞ୍ଜିନିୟର ମନୋଜ କୁମାର ପାତ୍ରଙ୍କ ସମେତ ସମସ୍ତ କର୍ପୋରେଟର ଓ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କର୍ପୋରେଟର।

# ସହାୟତା ଆଳରେ ମହିଳାଙ୍କୁ ବଳାତ୍କାର, ଯୁବକ ଗିରଫ

ବ୍ରହ୍ମପୁର, ୨୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲରେ ଜଣେ ରୋଗୀଙ୍କୁ ସହାୟତା ଦେବା ଆଳରେ ତାଙ୍କ ବିବାହିତା ଝିଅକୁ ବଳାତ୍କାର କରିବା ଓ ତାଙ୍କ ଅଶ୍ଳୀଳ ଭିଡିଓ ସ୍ୱାମୀଙ୍କ ନିକଟକୁ ପଠାଇଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କେ. ନୂଆଗାଁ ଥାନା ଅନ୍ତର୍ଗତ ଗୌଡ଼ଗାଁର ଆକାଶ କୁମାର ସାହୁ(୨୪)। ପୋଲିସ ତାଙ୍କ ନିକଟରୁ ମୋବାଇଲ ଜବତ କରିଛି। ମାମଲା ନଂ. ୩୬୪/୨୫ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସମ୍ପୃକ୍ତ ଯୁବତୀ ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ କାମ କରୁଥିବା ଆକାଶ ଚିକିତ୍ସାରେ ସହାୟତା କରିବାକୁ କହିଥିଲେ। ଯୁବତୀ ଜଣଙ୍କ ବିଶ୍ୱାସରେ ସେ ଯାହା କହୁଥିଲେ ତାହା କରୁଥିଲେ। କିଛିଦିନ ଭିତରେ ସେ ତାଙ୍କୁ ଭଲ ପାଇ ବସିଥିଲେ। ପରେ ସେ ବିବାହ କରିବାକୁ ପ୍ରତଶ୍ରୁତି ଦେଇ ତାଙ୍କୁ ଏକ ଘରେ ରଖି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟ ଭଲହେବା ପରେ ତାଙ୍କ ଝିଅକୁ ନେଇ ଯୁବକ ଜଣଙ୍କ ଭୁବନେଶ୍ୱର ନେଇ ସେଠାରେ ରଖିଥିଲେ। ସମ୍ପୃକ୍ତ ଯୁବତୀ ଜଣଙ୍କ ତାଙ୍କୁ ବିବାହ କରିବାକୁ ଜିଦ୍ ଧରିବାରୁ ସେ ତାଙ୍କୁ ସେଠାରେ ଛାଡି ଚାଲି ଆସିଥିଲେ। ଫୋନ କଲେ ଧମକ ଦେଇ ଆକାଶ ଯୁବତୀଙ୍କ ଅଶ୍ଳୀଳ ଫୋଟ ତାଙ୍କ ସ୍ୱାମୀଙ୍କ ନିକଟକୁ ପଠାଇଥିଲେ। ଏହା ଜାଣିବା ପରେ ପ୍ରତାରଣାର ଶିକାର ମହିଳା ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ମଣ୍ଡିରେ ଧାନ ବିକ୍ରି ବ୍ୟବସ୍ଥା
# ପଞ୍ଜୀକରଣରେ ବିଳମ୍ବ, ଚିନ୍ତାରେ ଚାଷୀ

ଧରାକୋଟ,୨୨।୭(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଯୋଗୁ ଚଳିତବର୍ଷ ଅଧିକ ପରିମାଣରେ ଧାନ ଚାଷ କରିବା ପାଇଁ ଚାଷୀ ଉତ୍ସାହିତ ଥିଲେ। ଏବେ ରୁଆ ବେଉଷଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ସରକାରଙ୍କ ପକ୍ଷରୁ ଜୁଲାଇ ୨୦ରୁ ଅଗଷ୍ଟ ୨୦ ପର୍ଯ୍ୟନ୍ତ ମଣ୍ଡିରେ ଧାନ ବିକ୍ରି ପାଇଁ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଚାଷୀଙ୍କୁ ନାମ ପଞ୍ଜୀକରଣ କରିବାକୁ ପଡୁଛି। ସେହି ଅନୁଯାୟୀ ଧରାକୋଟ ବ୍ଲକର ୧୫ଟି ସେବା ସମବାୟ ସମିତି ଓ ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାର ନୋଡାଲ ଅଫିସର ଭାବେ ଧରାକୋଟ ତହସିଲଦାର ଲମ୍ବୋଦର ମାର୍ଣ୍ଡି ଅଛନ୍ତି। ମାତ୍ର ଆରମ୍ଭରୁ ସିଷ୍ଟମରେ ବିଳମ୍ବ ଘଟୁଥିବାରୁ ଠିକ୍ ରୂପେ ପଞ୍ଜୀକରଣ ହୋଇପାରୁନାହିଁ। ଭୁଲେଖରୁ ତଥ୍ୟ ମିଳିବାରେ ବିଳମ୍ବ, ଗତବର୍ଷ ଭଳି ସଂରକ୍ଷିତ ବ୍ୟବସ୍ଥା ଚଳିତ ବର୍ଷ ନ ଥିଲେ ମଧ ଆଖି ସ୍କାନ ପରେ ସମସ୍ତ ଜମିର ବିବରଣୀ ତୁରନ୍ତ ଆପଲୋଡ ହେଉନାହିଁ। ଫଳରେ ଚାଷୀଙ୍କୁ ଏଥିପାଇଁ ବହୁ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ପଞ୍ଜୀକରଣରୁ ବାଦ ପଡିଯିବା ନେଇ ଆଶଙ୍କା ପ୍ରକାଶ କରି ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ନୋଡାଲ ଅଧିକାରୀ ତହସିଲଦାର ମାର୍ଣ୍ଡିଙ୍କୁ ପଚାରିବାରୁ ସେ କହିଲେ, ସମସ୍ୟା ସମ୍ପର୍କରେ ମୁଁ ଜିଲାସ୍ତରକୁ ଜଣାଇଛି। ଖୁବ ଶୀଘ୍ର ଏହା ଠିକ୍ ହୋଇଯିବ ବୋଲି ସେ କହିଛନ୍ତି।

# ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଗିରଫ


ଗିରଫ ଅଭିଯୁକ୍ତ ସହ ଜବତ ଗଞ୍ଜେଇ ଓ ଟ୍ରକ୍।

ସୋରଡ଼ା,୨୨।୭(ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ସୋରଡ଼ା ଅବକାରୀ ଥାନା ଆସିକା ରେଞ୍ଜର ଧରାକୋଟ ବ୍ଲକ ଜି.ଦାମଦରପଲ୍ଲୀଠାରୁ ଏକ ଟ୍ରକରୁ ୫ କୁଇଣ୍ଟାଲ ୨୦ କିଲୋ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଣିକପୁର ଗ୍ରାମର ତପନ ଭୂୟାଁ ଓ ହାଡ଼ିସିରା ଗ୍ରାମର ଆକୁଳ ବିଷୋୟୀ। ଟ୍ରକରେ ମୋହନାରୁ ମହାରାଷ୍ଟ୍ରର ନାଗପୁରକୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇ ଗଞ୍ଜାମ ଜିଲା ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶରେ ଆସିକା ରେଞ୍ଜ ନିରୀକ୍ଷକ ଡମ୍ବୁରଧର ହରିଜନଙ୍କ ନେତୃତ୍ୱରେ ସୋରଡା ଅବକାରୀ ଅଧିକାରୀ ଦେବସ୍ମିତା ନାୟକଙ୍କୁ ନେଇ ଗଠିତ ଏକ ଟିମ୍ ଜି.ଦାମଦରପଲ୍ଲୀଠାରେ ଜଗି ରହିଥିଲେ। ଉକ୍ତ ଟ୍ରକ ଆସିବାରୁ ଏହାକୁ ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ଟ୍ରକର ସିକ୍ରେଟ୍ ଚାମ୍ବର ଭିତରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଜବତ ଗଞ୍ଜେଇର ମୂଲ୍ୟ ୫୨ ଲକ୍ଷ ଟଙ୍କା ହେବ ବୋଲି ଜିଲା ଅବକାରୀ ଅଧକ୍ଷ ଜେନା କହିଛନ୍ତି।

# ୧୫ ଲକ୍ଷ ଧାର ନେଇ ଠକେଇ

ବ୍ରହ୍ମପୁର,୨୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ମହିଳା ଅନ୍ୟ ଜଣେ ମହିଳାଙ୍କ ପାଖରୁ ୧୫ ଲକ୍ଷ ଟଙ୍କା ଧାର ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କୁ ଠକେଇ କରିଥିବା ଅଭିଯୋଗ ହୋଇଛି। ଟାଉନ ଥାନା ପୋଲିସ ଏ ନେଇ ଏକ ଦମ୍ପତିଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଗାନ୍ଧୀ ନଗରରେ ରହୁଥିବା ରଞ୍ଜିତ ମହାନ୍ତି ଓ ତାଙ୍କ ସ୍ତ୍ରୀ କୌଶଲକ୍ରମେ ମଞ୍ଜୁଳା ମାଝୀଙ୍କ ଠାରୁ ୧୫ ଲକ୍ଷ ଟଙ୍କା ଧାର ନେଇଥିଲେ। କିଛିଦିନ ପରେ ସେମାନେ ଉକ୍ତ ଟଙ୍କା ଫେରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯଦି ସେମାନେ ଟଙ୍କା ଫେରସ୍ତ କରି ନ ପାରନ୍ତି ତେବେ କୁକୁଡ଼ାଖଣ୍ଡି ତହସିଲ ଅଧିନର ଥିବା ଦୁଇଟି ଜମିକୁ ତାଙ୍କ ନାମରେ କରିବେ ବୋଲି କହିଥିଲେ । ନିର୍ଦ୍ଧାରିତ ସମୟ ସୀମା ଭିତରେ ସେମାନେ ସମ୍ପୃକ୍ତ ମଞ୍ଜୁଳାଙ୍କୁ ଟଙ୍କା ଫେରସ୍ତ କରିନଥିଲେ କି ଜମି ମଧ ଦେଇନଥିଲେ। ଟଙ୍କା ଫେରସ୍ତ କରିବାକୁ ସେମାନଙ୍କୁ କହିବାରୁ ବିଭିନ୍ନ ଧମକ ଚମକ ଦେଇଥିଲେ। ଶେଷରେ ଠକେଇର ଶିକାର ମଞ୍ଜୁଳା ଏ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ନିର୍ଯାତନା ବିରୋଧରେ ନିଜେ ଲଢ଼ିବାକୁ ଛାତ୍ରୀଙ୍କୁ ପରାମର୍ଶ

ବ୍ରହ୍ମପୁର,୨୨।୭(ସୁବାସ ଚନ୍ଦ୍ର ପାଢ଼ୀ)

ଗୋପାଳପୁର କଲେଜରେ ମଙ୍ଗଳବାର ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିଙ୍କ ଦ୍ୱାରା ଯୌନ ନିର୍ଯାତନା ସମସ୍ୟା ଉପରେ ଏକ ସଚେତନା କର୍ମଶାଳା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ଼.ରାମ ପ୍ରସାଦ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୋଲିସ ଡିଏସପି ସ୍ମୃତିପ୍ରଭା ପ୍ରଧାନ ଯୋଗଦେଇ ନିଜ ସୁରକ୍ଷା ନିମନ୍ତେ ନିର୍ଯାତନା ବିରୋଧରେ ନିଜେ ଲଢ଼ିବାକୁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ତାହାସହ ବିଭିନ୍ନ ଧାରା ଉପରେ ଅବଗତ କରାଇଥିଲେ। ଦୁର୍ବଳା, ପୀଡ଼ିତା, ନିର୍ଯାତିତା, ନିଷ୍ପେସିତା ଆଦି ଶବ୍ଦ ସଂକ୍ରାନ୍ତରେ କେହି ଅନୁଭବ ନକରନ୍ତୁ ବୋଲି କହିଥିଲେ। ଯଦି କୌଣସି ଘଟଣା ହୁଏ ତାହେଲେ ତୁରନ୍ତ ଆଇସିସି କମିଟି, ପରିବାର ଲୋକ ଓ ପୋଲିସରେ ଅଭିଯୋଗ କରିବାକୁ କହିଥିଲେ। ଏଥି ସହିତ ଟୋଲ ଫ୍ରି ନଂ. ୧୧୨କୁ ଜଣାଇ ପୋଲିସର ସହାୟତା ନେବାକୁ କହିଥିଲେ। କମିଟିର ପ୍ରିଜାଇଡିଂ ଅଫିସର ଡ଼.ସୁଚିତ୍ରା ବେହେରା ଆଇସିସି ସମ୍ବନ୍ଧୀୟ ବିବରଣୀ ପାଠ କରିଥିଲେ। କଲେଜର ପ୍ରାଶାସନିକ ଅଧିକାରୀ ଡ଼. ମନୋଜ ପଟ୍ଟନାୟକ ଏ ସଂକ୍ରାନ୍ତ ନିଜ ମତ ଉପସ୍ଥାପନ କରିଥିଲେ । ସଭାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷକ, ଅଣ ଶିକ୍ଷକ କର୍ମଚାରୀ ଉକ୍ତ ସମସ୍ୟା ସମ୍ବନ୍ଧୀୟ ଶପଥ ପାଠ କରିଥିଲେ। କମିଟିର ସଦସ୍ୟା ତଥା ଅଧ୍ୟାପିକା ଡ଼ ନିହାରିକା ପାଢ଼ୀ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଅଧ୍ୟାପିକା ଏସ. ରୂପଲକ୍ଷ୍ମୀ ଧନ୍ୟବାଦ ଦେଇଥିଲେ। ଆଇସିସି କମିଟିର ସଦସ୍ୟା, ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କଲେଜ ଅଧ୍ୟକ୍ଷଙ୍କ ସମେତ ଅନ୍ୟମାନେ।

# କାର୍ ସହ ୭୨୦ ଲିଟର ଦେଶୀମଦ ଜବତ

ଖଲ୍ଲିକୋଟ,୨୨।୭(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ନିର୍ମଳଝର ଛକରେ ମଙ୍ଗଳବାର କାର ଯୋଗେ ଦେଶୀ ମଦ ଚୋରା ଚାଲାଣ ହେଉଥିବା ଖବରପାଇ ଖଲ୍ଲିକୋଟ ପୋଲିସ ଚଢ଼ାଉ କରିଥିଲା। କାର ଭିତରୁ ୧୦ଟି ଅଖା ବସ୍ତାରେ ଥିବା ୭୨୦ ଲିଟର ଦେଶୀମଦ ସହ କାରକୁ ଜବତ କରିଥିଲା। ମଦ ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଯୁବକ ଜଣକ ହେଲେ ଆସିକା କୋଟିନଡ଼ା ଅଞ୍ଚଳର ଶମ୍ଭୁ ସାହୁ। ଏ ସମ୍ପର୍କରେ ଥାନାରେ ନଂ.୬୦୬/୨୫ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

ଥାନା ଏସଆଇ ଦେବଦତ୍ତ ପ୍ରିୟଦର୍ଶୀ, କେଶବ ଷଡ଼ଙ୍ଗୀ, କନଷ୍ଟେବଳ ରମାକାନ୍ତ ନାୟକ, ଓଏପିଏଫ ଆଲିଆସ ଶବର ପାଟ୍ରୋଲିଂ କରୁଥିବା ସମୟରେ ଗୁହାରିଆପାଟ ଅଞ୍ଚଳରୁ ଦେଶୀମଦ କାର ଯୋଗେ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ପୋଲିସ ଟିମ୍ ନିର୍ମଳଝର ଛକ ନିକଟରେ ଚଢ଼ାଉ କରି କାର ସହ ଉକ୍ତ ମଦକୁ ଜବତ କରିଥିଲେ।

# ଜବତ ୮ ଚୋରି ଗାଡ଼ି ମାଲିକଙ୍କୁ ଦେଲା ପୋଲିସ



ଏସ୍‌ପିଙ୍କ ଉପସ୍ଥିତିରେ ଗାଡି ହସ୍ତାନ୍ତର କରାଯାଉଛି।

ବ୍ରହ୍ମପୁର,୨୨।୭ (ସୁବାସ ଚନ୍ଦ୍ର ପାଢ଼ୀ)

ଚୋରଙ୍କ ଠାରୁ ଜବତ ୮ ବାଇକ ଓ ସ୍କୁଟିକୁ ପୋଲିସ ଏହାର ପ୍ରକୃତ ମାଲିକଙ୍କୁ ଡାକି ହସ୍ତାନ୍ତର କରିଛି । ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ନିଜ ଗାଡି ଫେରି ପାଇପାରିଥିବାରୁ ଲୋକମାନେ ପୋଲିସର ଏହି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ନିଜ ଗାଡି ଫେରି ପାଇଥିବା ବ୍ୟକ୍ତିମାନେ ହେଲେ ବ୍ରହ୍ମପୁରର ଅଜୟ କୁମାର ବେହେରା, ବିଜୁ ସେଠୀ, ଆନନ୍ଦ ସାହୁ, କାର୍ତ୍ତିକ ନାହାକ, ପ୍ରସନ୍ନ କୁମାର ସାହୁ, ମହମ୍ମଦ ସଫିଉଦିନ ମଲ୍ଲିକ, ରାଜେଶ କୁଣ୍ଡୁ ଓ ହିଞ୍ଜିଳିକାଟୁର କାଶୀ ଗୌଡ । ସେହିପରି ଆଉ ୨ ଜବତ ଗାଡିର ମାଲିକାନା ଜଣାପଡିନଥିବାରୁ ପୋଲିସ ପକ୍ଷରୁ ତାହା ଜାଣିବାକୁ ଉଦ୍ୟମ ଜାରି ରହିଛି । ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରୁ ବାଇକ ଓ ସ୍କୁଟି ଚୋରି ହେଉଛି । ଟାଉନ ଥାନା ଅଞ୍ଚଳରୁ କିଛି ମାସ ଭିତରେ ଏକାଧିକ ବାଇକ ଓ ସ୍କୁଟି ଚୋରି ଅଭିଯୋଗ ପରେ ପୋଲିସ ପକ୍ଷରୁ ବାଇକ ଚୋରକୁ କାବୁ କରିବାକୁ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ସହ ପୁରୁଣା ବାଇକ ଚୋରଙ୍କୁ ପଚରାଉଚରା କରାଯାଇଥିଲା । ପୋଲିସ ପ୍ରଥମେ ଜଣେ ବାଇକ ଚୋରଙ୍କୁ ଧରି ପଚରାଉଚରା ପରେ ୬ ଜଣିଆ ଆନ୍ତଃଜିଲା ବାଇକ ଚୋର ଗ୍ୟାଙ୍ଗ ଠାବ କରିଥିଲା। ସୋମନାଥ ନଗର ୫ମ ଲାଇନର ଶିବରାମ ପଣ୍ଡା(୩୨), ବଡଖେମୁଣ୍ଡି ସାହିର ପି. ଆଶିଷ ରାଓ(୩୧), ତୁଳସୀ ନଗର ୭ମ ଲାଇନର ମନୋଜ ପ୍ରଧାନ(୩୫), ଗଜପତି ଜିଲା ଅଡବା ଥାନା ପଦଲପଙ୍କା ଗ୍ରାମର ଜିସାୟୀ ମଲ୍ଲିକ(୨୮), ଶେରଗଡ଼ ଟିକରଡା ଗ୍ରାମର ମିଥୁନ ନାୟକ(୨୨), ଗାଙ୍ଗପୁର ଥାନା କେସରପଲ୍ଲୀ ଗ୍ରାମର ଅନିଲ କୁମାର ସ୍ୱାଇଁ(୨୭)ଙ୍କୁ ଗିରଫ କରି ପୂର୍ବରୁ କୋର୍ଟ ଚାଲାଣ କରିଥିଲା । ଗାଡି ଚୋରି ପରେ ଅଭିଯୁକ୍ତମାନେ ସେଗୁଡ଼ିକୁ ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାର ବିଭିନ୍ନ ସ୍ଥାନରେ ବିକ୍ରି କରିଥିବା ପୋଲିସ ଜାଣିବାକୁ ପାଇଥିଲା । ଚୋରି ବାଇକ ଜବତ କରିବା ପାଇଁ ଟାଉନ ଥାନା ଅଧିକାରୀ ସୌଭାଗ୍ୟ ସ୍ୱାଇଁଙ୍କ ନେତୃତ୍ୱରେ ଏଏସଆଇ ବିଭୂତି ସେଠୀ, ରଞ୍ଜିତ ଦାସ, ସୁଜାତା କଅଁର, ଟୁକୁନା ସ୍ୱାଇଁଙ୍କୁ ମିଶାଇ ୧୧ ଜଣିଆ ଟିମ ଗଠନ କରାଯାଇଥିଲା । ଏହି ଟିମ ଗଞ୍ଜାମ, ଗଜପତି, ରାୟଗଡା, ଭଞ୍ଜନଗର, ଶେରଗଡ, ଆସିକା, ହିଞ୍ଜିଳିକାଟୁ ଯାଇ ଚୋରି ବାଇକକୁ ଜବତ କରିଥିଲେ। ସେହିକ୍ରମରେ ମଙ୍ଗଳବାର ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଉକ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ମହିଳା ଓ ଦଳିତଙ୍କ ଉପରେ ନିର୍ଯାତନା ବନ୍ଦ ଦାବି

ବ୍ରହ୍ମପୁର,୨୨।୭(ସ୍ମୃତି ରଞ୍ଜନ ମହାଲିକ)

ମହିଳା ଏବଂ ଦଳିତଙ୍କ ଉପରେ ନିର୍ଯାତନା ବନ୍ଦ ଦାବି ନେଇ ମଙ୍ଗଳବାର ସିପିଆଇ (ଏମଏଲ) ରେଡ ଷ୍ଟାର ଜିଲା କମିଟି ପକ୍ଷରୁ ପୁରୁଣା ବସ ଷ୍ଟାଣ୍ଡଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗୋପାଳପୁର ଗଣ ବଳାତ୍କାର, ବ୍ରହ୍ମପୁରର ଏକ କ୍ଲିନିକରେ ଅସଦାଚରଣ, ଧରାକୋଟରେ ଦଳିତଙ୍କୁ ନିର୍ଯାତନାକୁ କମିଟି ନିନ୍ଦା କରିଛି। ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ, ବଳଙ୍ଗା ସଂଖ୍ୟାଲଘୁ ଶ୍ରେଣୀର ୯ମ ଶ୍ରେଣୀ ଛାତ୍ରୀଙ୍କୁ ନିଆଁ ଲଗାଇ ମାରିବା ଉଦ୍ୟମ, କେନ୍ଦ୍ରାପଡା, ମାଲକାନଗିରି ଓ ଅନୁଗୋଳ ଜିଲାରେ ଘଟିଥିବା ଅସଦାଚରଣ ଏବଂ ହତ୍ୟା ଘଟଣାରେ ଅପରାଧୀ ସିଧାସଳଖ ଭାଜପା ନେତାଙ୍କ ଘନିଷ୍ଠ ସହଯୋଗ ରହିଥିବା ସିପିଆଇ ଅଭିଯୋଗ କରିଛି। ଏନସିଆରବି ରିପୋର୍ଟ ଅନୁଯାୟୀ ରାଜ୍ୟରେ ପ୍ରତିଦିନ ୮୬ ମହିଳା ନିର୍ଯାତନାର ଶୀକାର ହେଉଥିବା କମିଟି ତଥ୍ୟ ଦେଇଛି। ଏଣୁ ଡବଲ ଇଞ୍ଜିନ ସରକାର ରାଜ୍ୟରେ ଗୁଣ୍ଡାରାଜ ବନ୍ଦ କରି ନିଯୁକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାର୍ଯ୍ୟ କରିବାକୁ କମିଟି ଦାବି କରିଛି। ବିକ୍ଷୋଭରେ ଜିଲା ସଂପାଦକ, କମିଟି ସଦସ୍ୟା ପି. ପାର୍ବତୀ, ରୋହିତ ନାୟକ, ପିଙ୍କି ନାହାକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଜାମିନରେ ଆସି ପୀଡ଼ିତାଙ୍କୁ ଅସଦାଚରଣ, ଯୁବକ ଗିରଫ

ବ୍ରହ୍ମପୁର,୨୨।୭ (ସୁବାସ ଚନ୍ଦ୍ର ପାଢ଼ୀ)


ଗିରଫ ସୁଶାନ୍ତ

ଜଣେ ୧୪ ବର୍ଷୀୟା ଛାତ୍ରୀଙ୍କୁ ପୂର୍ବରୁ ଅପହରଣ ଓ ବଳାତ୍କାର ମାମଲାରେ ଗିରଫ ହୋଇ ଜଣେ ଯୁବକ ଜେଲ ଯାଇଥିଲେ। ଜାମିନରେ ଆସି ପୁଣିଥରେ ଉକ୍ତ ପୀଡ଼ିତାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ କେ. ନୂଆଗାଁ ଥାନା ସହଦେବ ଟିକରପଡ଼ା ଗ୍ରାମର ସୁଶାନ୍ତ ମହାରଣା(୨୪)। ପୋଲିସ ତାଙ୍କୁ ମାମଲା ନଂ. ୩୭୨/୨୫ରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍. କହିଛନ୍ତି। ଜାମିନରେ ଆସି ଜଣେ ଯୁବକ କୋର୍ଟର ଆଦେଶ ଅବମାନନା କାଥିବା ସମ୍ପର୍କରେ କୋର୍ଟଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ସମ୍ପୃକ୍ତ ଛାତ୍ରୀ ସ୍କୁଲରୁ ଫେରୁଥିବା ବେଳେ ରାସ୍ତାରେ ଅଭିଯୁକ୍ତ ସୁଶାନ୍ତ ତାଙ୍କୁ ଚକୋଲେଟ ଦେବାକୁ କହି ଅସଦାଚରଣ କରିଥିଲେ। ଛାତ୍ରୀଙ୍କ ମର୍ଯ୍ୟାଦା ହାନି ହୋଇଥିବା ତାଙ୍କ ବାପା ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତ ସୁଶାନ୍ତଙ୍କୁ ଗିରଫ କରିଥିଲା। ଗତ ମାର୍ଚ୍ଚ ମାସରେ ସୁଶାନ୍ତ ସେହି ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର ଅଭିଯୋଗରେ ପୋଲିସ ମାମଲା ନଂ. ୧୪୯/୨୫ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୪ମାସ ଜେଲରେ ରହିବା ପରେ ଜାମିନରେ ଆସି ସେ ଏଭଳି କାଣ୍ଡ କରିଥିବା ପୋଲିସ କହିଛି।

# ଅବକାରୀ ଧରପଗଡ଼ ବେଳେ ୨ ବନ୍ଧୁକ ଜବତ, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨୨।୭(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମଙ୍ଗଳବାର ଭୋରରେ ମହୁଡା ଗ୍ରାମ ନିକଟସ୍ଥ କେରାଣ୍ଡିମାଳ ଜଙ୍ଗଲ ସଂଲଗ୍ନ ଲୁଣ୍ଟୁରିଗୁଡା ଗ୍ରାମରେ ଚଢାଉ କରାଯାଇଥିଲା। ଧରପଗଡ଼ ବେଳେ ଗ୍ରାମର ସୁରେନ୍ଦ୍ର ମଲ୍ଲିକଙ୍କ ନିକଟରୁ ୪୦ ଲିଟର ଅପମିଶ୍ରିତ ଦେଶୀ ରନ୍ଧାମଦ ଏବଂ ୨ଟି ଦେଶୀ ବନ୍ଧୁକ ଜବତ ହୋଇଥିଲା। ଦୀର୍ଘଦିନ ହେଲା ଏହି ପାହାଡିଆ ଜଙ୍ଗଲରେ ସୁରେନ୍ଦ୍ର ଅପମିଶ୍ରିତ ମଦ ପ୍ରସ୍ତୁତ କରି ତାଙ୍କ ସହଯୋଗୀଙ୍କ ଦ୍ୱାରା ବିଭିନ୍ନ ଗ୍ରାମକୁ ମଦ ଚୋରାଚାଲାଣ କରି ଆସୁଥିଲେ। ଏନେଇ ଅବକାରୀ ବିଭାଗକୁ ଖବର ମିଳିବା ପରେ ଚଢାଉ କରାଯାଇଥିଲା। ଅଭିଯୁକ୍ତ ସୁରେନ୍ଦ୍ରଙ୍କୁ କାବୁ କରାଯାଇ ପଚରାଉଚରା ପରେ ପୋଲିସ ସୁରେନ୍ଦ୍ରଙ୍କ ଘର ପଛପଟ ଏକ ବୁଦା ମୂଳରେ ସେ ଲୁଚେଇ ରଖିଥିବା ଦେଶୀମଦ ଏବଂ ବନ୍ଧୁକ ଜବତ କରିଥିଲା। ସୁରେନ୍ଦ୍ର ବନ୍ୟଜନ୍ତୁ ଶିକାର ପାଇଁ ଗଜପତି ଜିଲା ମୋହନାରୁ ୨ଟି ଦେଶୀ ବନ୍ଧୁକ କିଣିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଦିଗପହଣ୍ଡି ଏଏସ୍‌ଆଇ ମନୋଜ ସିଂଙ୍କ ଏତଲାକ୍ରମେ ନଂ.୨୫୯/୨୫ରେ ମାମଲା ରୁଜୁ କରି ସୁରେନ୍ଦ୍ରଙ୍କୁ ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି। ପରେ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରଶାନ୍ତ ପାତ୍ର କହିଛନ୍ତି।

# ବାଳିକା କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

ଛତ୍ରପୁର,୨୨।୭(ଦିଲ୍ଲୀପ ସାମଲ):

ଛତ୍ରପୁର ସ୍ଥିତ କାରମେଲ୍ ସିନିୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ଇନଡୋର ହଲ ପରିସରରେ ସିଆଇସିଏସଇ ସ୍ପୋର୍ଟ୍ସ ଆଣ୍ଡ ଗେମ ପକ୍ଷରୁ ଚାଲିଥିବା ୨ ଦିନିଆ ଆଞ୍ଚଳିକ ବାଳିକା କବାଡି ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏଥିରେ ୬ଟି ଜୋନ ଯଥା ବାଲେଶ୍ୱର,ଝାରସୁଗୁଡା, ବଲାଙ୍ଗିର,ବ୍ରହ୍ମପୁର,ରାୟଗଡା ଓ ରାଉରକେଲା ଜୋନର ୧୪ ,୧୭ ଓ ୧୯ ବର୍ଷରୁ କମ ୧୫୦ ଜଣରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସ୍କୁଲ ପ୍ରିନ୍ସପାଲ ସିଷ୍ଟର ଡୋରେଟଙ୍କ ଅଧ୍ୟକ୍ଷତାରେ ସିଷ୍ଟର କ୍ରିଷ୍ଟା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ୧୪ ବର୍ଷରୁ କମ ବର୍ଗରେ ଝାରସୁଗୁଡା ଜୋନ ପ୍ରଥମ, ବ୍ରହ୍ମପୁର ଜୋନ ଦ୍ୱିତୀୟ ଓ ରାଉରକେଲା ଜୋନ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ୧୭ ବର୍ଷରୁ କମ ବର୍ଗରେ ବ୍ରହ୍ମପୁର ଜୋନ ପ୍ରଥମ, ରାଉରକେଲା ଦ୍ୱିତୀୟ ଓ ଝାରସୁଗୁଡା ତୃତୀୟ ସ୍ଥାନ ଅଧିକାର କରିଛି। ୧୯ ବର୍ଷରୁ କମ ବର୍ଗରେ ବାଲେଶ୍ୱର ଜୋନ ପ୍ରଥମ, ରାଉରକେଲା ଜୋନ ଦ୍ୱିତୀୟ ଓ ଝାରସୁଗୁଡା ଜୋନ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଅତିଥି ପୁରସ୍କୃତ କରିଥିଲେ ।




# ବୁଗୁଡ଼ାରେ ଜବରଦଖଲ ଉଚ୍ଛେଦ ଆରମ୍ଭ

ବୁଗୁଡା,୨୨।୭(କାଳି ଚରଣଦାଶ):

ବୁଗୁଡ଼ା ସହର ମୁଖ୍ୟ ସଡ଼କର ଉଭୟ ପାର୍ଶ୍ୱ ଡ୍ରେନ ଜବରଦଖଲ ହୋଇଥିବାରୁ ଯାନବାହାନ ପାର୍କି ଓ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଙ୍ଗଳବାର ପ୍ରଶାସନ ପକ୍ଷରୁ ଏଠାରେ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଶକ୍ତିନଗର ପଟରୁ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ଉପର ପର୍ଯ୍ୟନ୍ତ ମାଡି ଆସିଥିବା ବେଆଇନ ନିର୍ମାଣକୁ ବୁଲଡୋଜର ଦ୍ୱାରା ପୋଲିସ ଛାଉଣୀ ମଧ୍ୟରେ ଭଙ୍ଗା ଯାଇଥିଲା। ହାଇସ୍କୁଲ ଛକ ପର୍ଯ୍ୟନ୍ତ ଏପରି ଉଚ୍ଛେଦ ଚାଲିଥିଲା। ଅନେକ ସ୍ଥାନରେ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ଜବରଦଖଲରୁ ହଟିଯାଇଥିଲା ବେଳେ କେତେକ ସ୍ଥାନରେ ଲୋକେ ପ୍ରଶାସନକୁ ନାଲିଆଖି ଦେଖାଇ କିମ୍ବା ଆଇନପାଠ ପଢାଇ ସୁବିଧା ହାସଲ କରିଥିଲେ। ଏଥିଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିଲା। ଏହାକୁ ନେଇ ଜବରଦଖଲ ଉଚ୍ଛେଦ କିଛି ନୀତିନିୟମ ଅନୁଯାଇ ହେଉନଥିବା ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତେବେ ପ୍ରଥମ ଦିନରେ ମଦନ ମୋହନ ଛକ ନିକଟ ପର୍ଯ୍ୟନ୍ତ ଜବର ଦଖଲ ଉଚ୍ଛେଦ କାର୍ଯ୍ୟ ହୋଇଥିଲା ବେଳେ ବୁଧବାର ପୁଣି ବୁଦ୍ଧଖୋଲ ଛକ ପର୍ଯ୍ୟନ୍ତ ବେଆଇନ ନିର୍ମାଣ ଭଙ୍ଗାଯିବ ବୋଲି ଆଶା କରାଯାଇଛି। ଜବର ଦଖଲ ଉଚ୍ଛେଦ ଅଭିଯାନ ବେଳେ ସ୍ଥାନୀୟ ତହସିଲ ଓ ପୋଲିସ ପ୍ରଶାସନ ସମେତ ପୂର୍ତ୍ତବିଭାଗ କର୍ମଚାରୀ ସାମିଲ ଥିଲେ।



# ଭିତ୍ତିଭୂମି କ୍ଷେତ୍ରରେ ୨୦୦ ମିଲିୟନ ଡଲାର ବିନିଯୋଗ

## ମେରିଲ ସହ ଏଡିଆଇଏର ଚୁକ୍ତିନାମା

ମୁମ୍ବାଇ,୨୨।୭ (ଅଭୟ ଦାଶ)

ଆବୁଧାବି ନିବେଶ ପ୍ରାଧିକରଣ (ଏଡିଆଇଏ)ର ଏକ ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ ତଥା ଭାରତର ଅନ୍ୟତମ ଅଗ୍ରଣୀ ମେଡିକାଲ ଉପକରଣ କମ୍ପାନୀ ମାଇକ୍ରୋ ଲାଇଫ ସାଇନ୍ସେସ୍ ପ୍ରାଇଭେଟ୍ ଲିମିଟେଡ୍(ମେରିଲ୍)ରେ ପ୍ରାୟ ୩% ଅଂଶଧନ ପାଇଁ ୨୦୦ ମିଲିୟନ୍ ଆମେରିକୀୟ ଡଲାର ବିନିଯୋଗ କରିବାକୁ ନିର୍ଦ୍ଦିଷ୍ଟ ଚୁକ୍ତିନାମା କରିଛି। ଏହି ବିନିଯୋଗ ମେରିଲ୍‌ର ମୂଲ୍ୟ ୬.୬ ବିଲିୟନ୍ ଆମେରିକୀୟ ଡଲାରରେ ଆକଳନ କରାଯାଇଛି। ଏହି କାରବାର ଭାରତୀୟ ପ୍ରତିଯୋଗିତା ଆୟୋଗ (ସିସିଆଇ) ଦ୍ୱାରା ନିୟାମକ ଅନୁମୋଦନ ଅଧୀନରେ ରହିବ। ଏହି ବିନିଯୋଗ ପରେ ମେରିଲ୍ ଦୁଇଟି ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ନିବେଶକ ଆଡିଆ ଏବଂ ୱାରବର୍ଗ ପିନକସ୍ ଦ୍ୱାରା ସମର୍ଥିତ ହେବ। ସେହିଭଳି ବିଲାଖିଆ ଗ୍ରୁପ୍ ଦ୍ୱାରା ପ୍ରତିଷ୍ଠିତ ମେରିଲ୍ ହେଉଛି




ମେଡିକାଲ୍ ଟେକ୍ନୋଲୋଜି(ମେଡ୍‌ଟେକ୍) କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଉଦ୍ଭାବକ, ଯାହାକି କାର୍ଡିଓଭାସ୍କୁଲାର୍, ଷ୍ଟ୍ରକ୍‌ଚରାଲ୍ ହାର୍ଟ, ଅର୍ଥୋପେଡିକ୍ସ, ଏଣ୍ଡୋ-ସର୍ଜରି, ଇନ୍-ଭିଟ୍ରୋ ଡାଇଗ୍ନୋଷ୍ଟିକ୍ସ ଏବଂ ସର୍ଜିକାଲ୍ ରୋବୋଟିକ୍ସ ସହିତ ଅନେକ ବିଶେଷତ୍ୱ ମଧ୍ୟରେ କ୍ଲିନିକାଲ୍ ଭାବେ ଅଗ୍ରଗତି ସାଧନ ଉପରେ ଦୃଢ଼ ଧ୍ୟାନ ଦେଇଥାଏ। ଭାରତର ଭାପିରେ ମୁଖ୍ୟାଳୟ ଥିବା ମେରିଲ୍ ଏକ ୧୦୦ ଏକର ସ୍ଥାୟୀ ମେଡ୍‌ଟେକ୍ କ୍ୟାମ୍ପସରେ ଅତ୍ୟାଧୁନିକ, ଭର୍ଟିକାଲ୍ ଭାବେ ସମନ୍ୱିତ ଏବଂ ବିଶ୍ୱସ୍ତରୀୟ ସାର୍ଟିଫିକେଟ୍‌ପ୍ରାପ୍ତ ଉତ୍ପାଦନ ଏବଂ ଆର୍ ଏବଂ ଡି ସୁବିଧା ପରିଚାଳନା କରିଥାଏ। କମ୍ପାନୀର ୧୩,୦୦୦ରୁ ଅଧିକ କର୍ମଚାରୀ ଅଛନ୍ତି। ଏହାର ୩୫+ ଗ୍ଲୋବାଲ୍ ସହାୟକ କମ୍ପାନୀ ଏବଂ ଏହା ୧୫୦ରୁ ଅଧିକ ଦେଶରେ ସ୍ୱାସ୍ଥ୍ୟସେବା ପ୍ରଣାଳୀକୁ ସେବା ଯୋଗାଉଛି। ମେରିଲ୍ ବିଶ୍ୱର ଅଗ୍ରଣୀ ମେଡ୍‌ଟେକ୍ କମ୍ପାନୀ ହେବାକୁ ପ୍ରତିଶ୍ରୁତିବଦ୍ଧ ରହିଛି, ଯାହାକି ସବୁଜ ଶକ୍ତି ଦ୍ୱାରା ୧୦୦% ଚାଳିତ ହେବ ଏବଂ ସ୍ଥାୟୀ ଉଦ୍ଭାବନ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରିବ।

ଏକ ଦୃଢ଼ ଆଭ୍ୟନ୍ତରୀଣ ଗ୍ଲୋବାଲ୍ ଆର୍ ଏବଂ ଡି ଇକୋସିଷ୍ଟମ୍ ଏବଂ ୨୦୦+ ଟେକ୍ନୋଲୋଜି ପ୍ଲାଟ୍‌ଫର୍ମର ଏକ ପୋର୍ଟଫୋଲିଓ ସହିତ ମେରିଲ୍ ଗ୍ଲୋବାଲ୍ କ୍ଲିନିକାଲ୍ ଗବେଷଣା ଏବଂ ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ମାଇଭାଲ୍ ଟ୍ରାନ୍ସକାଥେର ହାର୍ଟ ଭଲ୍‌ଭ(ଟିଏଚ୍‌ଭି)ସିରିଜ୍, ମାଇକ୍ଲିପ୍ ଟ୍ରାନ୍ସକାଥେଟର ଏଜ୍-ଟୁ-ଏଜ୍ ରିପେୟାର (ଟିଇଇଆର୍) ସିଷ୍ଟମ ଏବଂ ଏମ୍‌ଆଇଏସ୍‌ଏସ୍‌ଓ ସର୍ଜିକାଲ ରୋବୋଟିକ୍ ସିଷ୍ଟମ ଭଳି ବେକ୍ ଥ୍ରୁ ଇନୋଭେଶନ ପରବର୍ତ୍ତୀ ପିଢ଼ିର ଉଦ୍ଭାବନ ପ୍ରତି ମେରିଲ୍‌ର ଉତ୍ସର୍ଗୀକୃତ ଭାବନାକୁ ଦର୍ଶାଏ। ଏହାର ୧୨+ ଗ୍ଲୋବାଲ୍ ପ୍ରଶିକ୍ଷଣ ଏକାଡେମୀ ମାଧ୍ୟମରେ ମେରିଲ୍ ବାର୍ଷିକ ୧୦,୦୦୦ରୁ ଅଧିକ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କୁ ସଶକ୍ତ କରୁଛି। ଏ ନେଇ ମେରିଲ୍‌ର ବରିଷ୍ଠ ଉପସଭାପତି(ରଣନୀତି) ସଞ୍ଜୀବ ଭଟ୍ଟ କହିଛନ୍ତି, ଏଡିଆଇଏ ଦ୍ୱାରା ଏହି ନିବେଶ ମେରିଲ୍‌ର ଦୀର୍ଘମିଆଦୀ ଦୃଷ୍ଟିଭଙ୍ଗୀ ଏବଂ ବିଶ୍ୱସ୍ତରୀୟ ଆକାଂକ୍ଷା ଉପରେ ଆତ୍ମବିଶ୍ୱାସକୁ ଦୃଢ଼ୀଭୂତ କରିଥାଏ। ଏହି ନିବେଶ ଆମକୁ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଓ ବିଶ୍ୱସ୍ତରୀୟ ପ୍ରତିଭାକୁ ଆକର୍ଷିତ କରିବା ଏବଂ ଆମର ଗବେଷଣା ଓ କ୍ଲିନିକାଲ୍ ଗବେଷଣା ପ୍ରୟାସକୁ ଆହୁରି ମଜଭୁତ କରିବାକୁ ସକ୍ଷମ କରିବ। ଯେହେତୁ ଆମେ ଉନ୍ନତ ସ୍ୱାସ୍ଥ୍ୟସେବା ସାଧନ ମାଧ୍ୟମରେ ମାନବ ଜୀବନର ଗୁଣବତ୍ତାକୁ ଉନ୍ନତ କରିବା ଦିଗରେ କାର୍ଯ୍ୟ କରୁଛୁ।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୨୨।୭

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୩ (୧୩.୫୩) ପଏଣ୍ଟ ହ୍ରାସ ଘଟି ୮୨,୧୮୭ (୮୨,୧୮୬.୮୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୦ (୨୯.୮୦) ପଏଣ୍ଟ ବଢି ୨୫,୦୬୧ (୨୫,୦୬୦.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ନୂତନ ମାନ୍ୟତା

ଭୁବନେଶ୍ୱର,୨୨।୭




ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ (ଏସ୍‌ଏସ୍‌ୟୁ)କୁ ନିକଟରେ ଆଉ ଏକ ନୂତନ ଅନ୍ତଃରାଷ୍ଟ୍ରୀୟ ମାନ୍ୟତା ମିଳିଛି। ଉଲ୍ଲେଖଯୋଗ୍ୟ, ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ମ୍ୟାଗାଜିନ୍ ଆଉଟ୍ ଲୁକ୍ ଦ୍ୱାରା ଏସ୍‌ଏସ୍‌ୟୁକୁ ଏହି ମାନ୍ୟତା ଦିଆଯାଇଛି। ବିଶେଷକରି ଭାରତୀୟ ଗବେଷଣା ଓ ଶିକ୍ଷାର ଉନ୍ନତି କେନ୍ଦ୍ର-୨୦୨୫ (ଇଣ୍ଡିଆନ୍ ସେଣ୍ଟର ଫର୍ ଆଡଭାନ୍ସମେଣ୍ଟ ଅଫ୍ ରିସର୍ଚ୍ଚ ଆଣ୍ଡ ଏଜୁକେସନ୍-ଆଇସିଏଆର୍‌ଇ) ର୍ୟାଙ୍କିଙ୍ଗ୍ ଅନୁସାରେ ଏସ୍‌ଏସ୍‌ୟୁକୁ ୩ୟ ସ୍ଥାନ ମିଳିଛି। ଏପରିକି ଦେଶର ଶ୍ରେଷ୍ଠ ୨୦ଟି ଆୟୁର୍ବେଦ ଶିକ୍ଷାନୁଷ୍ଠାନ ମଧ୍ୟରେ ଓଡ଼ିଶାର ଏକମାତ୍ର ଶିକ୍ଷାନୁଷ୍ଠାନ ଭାବେ କଟକର ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଉକ୍ତ ତାଲିକାର ୩ୟ ସ୍ଥାନରେ ରହିଛି। ଏଥିରେ ଶିକ୍ଷାତ୍ମକ ଓ ଗବେଷଣା ଉତ୍କୃଷ୍ଟତା (ଏକାଡେମିକ୍ ଆଣ୍ଡ ରିସର୍ଚ୍ଚ ଏକ୍ସଲେନ୍ସ), ଉଦ୍ୟୋଗ ସଂଯୋଗ ଓ ନିଯୁକ୍ତି (ଇଣ୍ଡଷ୍ଟ୍ରି ଇଣ୍ଟରଫେସ୍ ଆଣ୍ଡ ପ୍ଲେସମେଣ୍ଟ), ଭିତ୍ତିଭୂମି ଓ ସୁବିଧାସୁଯୋଗ (ଇନ୍‌ଫ୍ରାଷ୍ଟ୍ରକଚର ଆଣ୍ଡ ଫେସିଲିଟିଜ୍), ପ୍ରଶାସନ ଓ ନାମଲେଖା (ଗଭର୍ନାନ୍ସ ଆଣ୍ଡ ଆଡମିଶନ୍) ଏବଂ ବିବିଧତା ଓ ପ୍ରସାରଣ (ଡାଇଭର୍ସିଟି ଆଣ୍ଡ ଆଉଟରିଚ୍) ଭଳି ୫ଟି ବିଷୟରେ ସମୁଦାୟ ୧୦୦୦ ନମ୍ବରରୁ ଏସ୍‌ଏସ୍‌ୟୁ ୯୩୫.୫୭ ନମ୍ବର ରଖି ଏହି ସଫଳତା ଲାଭ କରିଛି।

ଉକ୍ତ ତାଲିକାର ଶ୍ରେଷ୍ଠ ୫ଟି ଆୟୁର୍ବେଦ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ର ପୁଣେସ୍ଥିତ ଭାରତୀ ବିଦ୍ୟାପୀଠ ଅନ୍ତର୍ଗତ ୟୁନିଭର୍ସିଟି କଲେଜ ଅଫ୍ ଆୟୁର୍ବେଦ, କେରଳ କୋଲ୍ଲାମସ୍ଥିତ ଅମୃତ ବିଶ୍ୱବିଦ୍ୟାପୀଠମ୍, ଓଡ଼ିଶାର କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କର୍ଣାଟକ ବିଜୟପୁରାସ୍ଥିତ ଏଭିଏସ୍ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ମହାରାଷ୍ଟ୍ର ୱାର୍ଦ୍ଧାସ୍ଥିତ ଦତ୍ତା ମେଘେ ଇନଷ୍ଟିଚ୍ୟୁଟ୍ ଅଫ୍ ହାୟର ଏଡୁକେଶନ ଆଣ୍ଡ ରିସର୍ଚ୍ଚ ସାମିଲ ଅଛନ୍ତି।

ସେହିଭଳି ଆଗକୁ ଅଧିକ ପରିଶ୍ରମକରି ପରବର୍ତ୍ତୀ ବର୍ଷଗୁଡ଼ିକରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ଲକ୍ଷ୍ୟ ରଖିଥିବା ବିଭାଗୀୟ ଡିନ୍ ଡ. ପ୍ରଦୀପ କୁମାର ପଣ୍ଡା କହିଛନ୍ତି। ଏପରିକି ୫ଟି ଅନୁଷ୍ଠାନ ସହଯୋଗର ଆମେ ଏହି ସଫଳତା ପାଇଛୁ। ସେହିପରି ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶଙ୍କ ସହଯୋଗ ଏବଂ ଉଦ୍ୟମ ଯୋଗୁ ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲରେ ବର୍ତ୍ତମାନ ଗବେଷଣା ଚାଲିଥିବାବେଳେ ଏଠାରେ ଶହେରୁ ଅଧିକ ଛାତ୍ରୀଛାତ୍ର ୧୪ଟି ବିଷୟରେ ଅଧ୍ୟୟନ କରୁଛନ୍ତି।

# ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ସ୍ୱାଧନ ସୁପ୍ରିମର ଶୁଭାରମ୍ଭ

ଭୁବନେଶ୍ୱର,୨୨।୭

ଏସ୍‌ବିଆଇ ଲାଇଫ୍‌ର ନୂତନ ବୀମା ଯୋଜନା ତଥା ସ୍ମାର୍ଟ ସ୍ୱାଧନ ସୁପ୍ରିମର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହି ବ୍ୟକ୍ତିଗତ, ଅଣ-ଲିଙ୍କ୍, ଅଣ-ଅଂଶଗ୍ରହଣକାରୀ ଜୀବନ ବୀମା ସଂଚୟ ଯୋଜନା ଦୁଇଟି ସୁବିଧା ପ୍ରଦାନ କରିଥାଏ। ଯଥା ଅନିଶ୍ଚିତତା ସମୟରେ ଜୀବନ ବୀମା ସୁରକ୍ଷା ଏବଂ ଯଦି ବୀମାଗ୍ରହୀତା ଯୋଜନା ମିଆଦ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଜୀବିତ ରହନ୍ତି। ତେବେ ପ୍ରଦାନ କରିଥିବା ମୋଟ ପ୍ରିମିୟମର ୧୦୦% ଫେରସ୍ତ କରିଥାଏ। ଏହାର ପ୍ରମୁଖ ସୁବିଧାଗୁଡିକ ମଧ୍ୟରେ ଯଦି ଦୁର୍ଭାଗ୍ୟବଶତଃ ପଲିସି ମିଆଦ ମଧ୍ୟରେ ବୀମାଗ୍ରହୀତାଙ୍କ ମୃତ୍ୟୁ ହୁଏ, ତେବେ ମନୋନୀତ ବ୍ୟକ୍ତି ଏହି ତିନୋଟି ଯେପରିକି ମୂଳ ବୀମା ଅର୍ଥ, ବାର୍ଷିକ ପ୍ରିମିୟମ୍‌ର ୧୧ଗୁଣ ଏବଂ ମୃତ୍ୟୁ ତାରିଖ ପର୍ଯ୍ୟନ୍ତ ମୋଟ ଦେୟ ହୋଇଥିବା ପ୍ରିମିୟମ୍‌ର ୧୦୫% ମଧ୍ୟରୁ ଯେଉଁଟି ଅଧିକ ତାହା ପାଇବେ। ଏଥିରେ ୭, ୧୦, ୧୫ ବର୍ଷ କିମ୍ବା ନିୟମିତ ପ୍ରିମିୟମ୍ ଦେୟ ମିଆଦ ମଧ୍ୟରୁ ବାଛିପାରିବେ ଏବଂ ବୀମା ଅବଧି ୧୦ରୁ ୩୦ ବର୍ଷ ପର୍ଯ୍ୟନ୍ତ ରହିଛି। ସର୍ବନିମ୍ନ ମୂଳ ବୀମା ଅର୍ଥ ଟଙ୍କା୨୫ ଲକ୍ଷରୁ ଆରମ୍ଭ ହେଉଥିବାବେଳେ ପ୍ରବେଶ ବୟସ ୧୮ରୁ ୬୦ ବର୍ଷ ରହିଛି ଏବଂ ପରିପକ୍ୱତା ବୟସ ୭୫ ବର୍ଷ ପର୍ଯ୍ୟନ୍ତ ରହିଛି। ସେହିଭଳି ଆଜିର ବଦଳୁଥିବା ଆର୍ଥିକ ପରିସ୍ଥିତିରେ ଲୋକମାନେ କେବଳ ସୁରକ୍ଷା ନୁହେଁ, ସମୟ ସହିତ ପ୍ରକୃତ ଲାଭ ଦେଉଥିବା ସମାଧାନ ଖୋଜୁଛନ୍ତି। ଏସ୍‌ବିଆଇ ଲାଇଫ ସ୍ମାର୍ଟ ସ୍ୱାଧନ ସୁପ୍ରିମ ଏହି ଆବଶ୍ୟକତା ପୂରଣ କରିବା ପାଇଁ ତିଆରି ହୋଇଛି। ଏସ୍‌ବିଆଇ ଲାଇଫ୍ ଦୁର୍ଘଟଣାଜନିତ ଅତିରିକ୍ତ ସୁରକ୍ଷା ଯୋଜନାରେ ଦୁର୍ଘଟଣାଜନିତ ମୃତ୍ୟୁ ସୁବିଧା (ଏଡିବି) ଏବଂ ଦୁର୍ଘଟଣାଜନିତ ଆଂଶିକ ସ୍ଥାୟୀ ଅକ୍ଷମତା ସୁବିଧା (ଏପିପିଡି) ସାମିଲ ରହିଛି, ଯାହାକି ଅପ୍ରତ୍ୟାଶିତ, ଜୀବନ-ବଦଳାଇ ଦେଉଥିବା ଘଟଣା ସମୟରେ ଏକ ଅତିରିକ୍ତ ସୁରକ୍ଷା ପ୍ରଦାନ କରିଥାଏ। ସନ୍ତାନର ଭବିଷ୍ୟତ ହେଉ, ଆପଣଙ୍କର ଅବସର ହେଉ କିମ୍ବା ସ୍ୱପ୍ନର ଘର ହେଉ ଜୀବନର ପ୍ରତ୍ୟେକ ମାଇଲଖୁଣ୍ଟ ଏକ ଆର୍ଥିକ ଯୋଜନା ଆବଶ୍ୟକ କରେ, ଯାହା ଉଭୟ ବିଶ୍ୱସ୍ତ ଏବଂ ଲାଭଜନକ ହୋଇଥିବ। ଏସ୍‌ବିଆଇ ଲାଇଫ-ସ୍ମାର୍ଟ ସ୍ୱାଧନ ସୁପ୍ରିମ କେବଳ ସୁରକ୍ଷା ବିଷୟରେ ନୁହେଁ; ଏହା ଆପଣଙ୍କୁ ଆଜି ସମ୍ପୂର୍ଣ୍ଣ ଜୀବନ ଯାପନ କରିବାର ଆତ୍ମବିଶ୍ୱାସ ଦିଏ।

# ବଜାରରେ ଟାଟା ମୋଟର୍ସର ଏସିଇ ପ୍ରୋ

ଭୁବନେଶ୍ୱର,୨୨।୭

ଟାଟା ମୋଟର୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ଏସିଇ ପ୍ରୋ'ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି ଏହି ଟାଟା ଏସିଇ ପ୍ରୋ ପେଟ୍ରୋଲ, ଦ୍ୱୈତ-ଇନ୍ଧନ (ସିଏନ୍‌ଜି+ପେଟ୍ରୋଲ) ତଥା ଇଲେକ୍ଟ୍ରିକ ବର୍ଗରେ ମଧ୍ୟ ଉପଲବ୍ଧ। ଏହାର ବୁକିଙ୍ଗ ଟାଟା ମୋଟର୍ସର ରହିଥିବା ୧୨୫୦ରୁ ଅଧିକ ବ୍ୟବସାୟିକ ଯାନ ବିକ୍ରୟ କେନ୍ଦ୍ରରେ ଉପଲବ୍ଧ। ଏ ସମ୍ପର୍କରେ ଟାଟା ମୋଟର୍ସର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଗିରୀଶ ୱାଗ କହିଛନ୍ତି, ଭାରତରେ ଟାଟା ଏସିଇ ପ୍ରୋ'ର ଶୁଭାରମ୍ଭ ମାଲ ପରିବହନ କ୍ଷେତ୍ରରେ ଏକ ବୈପ୍ଲବାତ୍ମକ ଧାରା ଥିଲା। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଏହା ସଫଳତାର ସହିତ ୨୫ଲକ୍ଷରୁ ଅଧିକ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ସହିତ ବିକାଶ ଏବଂ ସମ୍ଭାବନାର ଏକ ପ୍ରତୀକ ଭାବେ ପ୍ରତିଷ୍ଠା ଲାଭ କରିଛି। ଟାଟା ଏସିଇ ପ୍ରୋ'ର ଏହି ସମ୍ପୂର୍ଣ୍ଣ ନୂତନତା ସହିତ ଆମେ ଏଭଳି ବଂଶାନୁକ୍ରମିକତାକୁ ପ୍ରତିଷ୍ଠା କରିବା ସହିତ ନୂତନ ପିଢ଼ିର ସ୍ୱପ୍ନାଭିଳାଷୀଙ୍କ ପାଇଁ ଯଥାର୍ଥରେ ଲୋକପ୍ରିୟ ହୋଇପାରିଛୁ। ପିନାକୀ ହାଲଦାର ଉପସଭାପତି ଏବଂ ବିଜ୍‌ନେସ ମୁଖ୍ୟ ଏସସିଭିପିୟୁ, ଟାଟା ମୋଟର୍ସର କମର୍ସିଆଲ ଭେଇକିଲ କହିଛନ୍ତି, ଟାଟା ଏସିଇ ପ୍ରୋ'ର ଏହି ଉଦ୍ଦେଶ୍ୟ ବାସ୍ତବରେ ଗ୍ରାହକମାନଙ୍କ ଅନ୍ତର୍ନିହିତ ବିକାଶର ବୃଦ୍ଧି କରିବା ସହିତ ବିବିଧ ସମ୍ଭାରର ପ୍ରୟୋଗରେ ଯାନ୍ତ୍ରିକୀର ବ୍ୟବହାରକୁ ଅଧିକ ବିକଶିତ କରିପାରିଛି। ଏହା ବିବିଧ ପରୀକ୍ଷଣର ଧାରାରେ ବିଭିନ୍ନ ସଡ଼କପଥ ତଥା ପାଣିପାଗ ଜନିତ ଅବସ୍ଥିତିକୁ ନେଇ ଠିକ୍ ମାପଦଣ୍ଡରେ ଲକ୍ଷ ଲକ୍ଷ କିଲୋମିଟର ଅତିକ୍ରମ କରିପାରିଛି।




ଅନାବରଣ ଉତ୍ସବରେ ପିନାକୀ ହାଲଦାର ଉପସ୍ଥିତ ଅଛନ୍ତି।

ସେହିଭଳି ଏହାର ଇନ୍ଧନ ସଂରକ୍ଷଣ ଚାଳନାର ଧାରା, ଚାରି-ଚକିଆର ସ୍ଥିରତା, କ୍ୟାବିନରେ ଅଧିକ ସ୍ଥାନ ଏବଂ ସଂଯୋଗୀକୃତ ଇଭିର ବିଶେଷତ୍ୱକାରିତା ସହିତ ଏହି ସମ୍ଭାର ଦୈନନ୍ଦିନ ସହରାଞ୍ଚଳର ପ୍ରଦାନକାରିତାକୁ ସରଳ ଏବଂ ବିଶ୍ୱସନୀୟ କରାଇପାରିଛି।

# ଆଇଡିବିଆଇ ବ୍ୟାଙ୍କର ତ୍ରୈମାସିକ ଫଳାଫଳ

## ପିଏଟିରେ ବାର୍ଷିକ ଆଧାରରେ ୧୭% ବୃଦ୍ଧି

ଭୁବନେଶ୍ୱର,୨୨।୭

ଆଇଡିବିଆଇ ବ୍ୟାଙ୍କର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟକ୍ରମ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ଏପରିକି ଏହି ଅବଧି ମଧ୍ୟରେ ବ୍ୟାଙ୍କର ନେଟ୍ ଲାଭ ବାର୍ଷିକ ଆଧାରରେ ୧୭% ବୃଦ୍ଧି ହୋଇ ୨୦୦୭ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ପ୍ରଥମ ତ୍ରୈମାସିକରେ ପରିଚାଳନାଗତ ଲାଭ ୨୩୫୪କୋଟି ଟଙ୍କା ହୋଇଥିଲାବେଳେ ଏନ୍‌ଆଇଏମ୍ ୩.୬୮% ଏବଂ ନେଟ୍ ସୁଧ ଆୟ ୩୧୬୬ କୋଟି ଟଙ୍କାରେ ରହିଛି। ଅପରପକ୍ଷରେ ବ୍ୟାଙ୍କର କଷ୍ଟ ଅଫ୍ ଡିପୋଜିଟ ପ୍ରଥମ ତ୍ରୈମାସିକରେ ୪.୮୪% ରହିଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ

IDBI BANK

ତ୍ରୈମାସିକରେ ୪.୫୮% ଥିଲା।

ସେହିପରି ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବ୍ୟାଙ୍କର ସିଆର୍‌ଏଆର୍ ୨୫.୩୯% ରହିଛି। ଏହା ବାର୍ଷିକ ଆଧାରରେ ୨୯୭ ବିପିଏସ୍ ବୃଦ୍ଧି ପାଇଛି। ରିଟର୍ନ ଅନ୍ ଆସେଟ୍‌ସ (ଆର୍‌ଓଏ) ୧୮ ବିପିଏସ୍ ବୃଦ୍ଧି ହୋଇ ୨.୦୧% ରହିଛି। ଏହା ଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୧.୮୩% ରହିଥିଲାବେଳେ ରିଟର୍ନ ଅନ୍ ଇକ୍ୱିଟି (ଆର୍‌ଓଇ) ୧୭.୯୧% ରହିଛି। ଅପରପକ୍ଷରେ ବ୍ୟାଙ୍କର ନେଟ୍ ଏନ୍‌ପିଏ ୦.୨୧%କୁ ହ୍ରାସ ପାଇଛି। ଏହା ୨୦୨୪ ଜୁନ୍ ୩୦ ସୁଦ୍ଧା ୦.୨୩% ଥିଲା। ଗ୍ରସ୍ ଏନ୍‌ପିଏ ୨.୯୩% ରହିଛି। ଏହା ୨୦୨୪ ଜୁନ ସୁଦ୍ଧା ୩.୮୭% ଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ପିସିଆର୍ ୯୯.୩୧% ରହିଛି। ଏହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୯୯.୩୪% ଥିଲା।

# କାଉଡ଼ିଆ ଯାତ୍ରାରେ ବେଟି ବଚାଓ ସନ୍ଦେଶ



ନୂଆଦିଲ୍ଲୀ

ଦେଶର ଝିଅମାନଙ୍କ ଉନ୍ନତି ଏବଂ ଶିକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା 'ବେଟି ବଚାଓ ବେଟି ପଢ଼ାଓ' ସ୍ଲୋଗାନକୁ ଦିଲ୍ଲୀର ରାଜୌରୀ ଗାର୍ଡେନ୍ ଅଞ୍ଚଳର କମଲ ନିଜର ଅନନ୍ୟ କାଉଡ଼ିଆ ଯାତ୍ରା ସହ ଜୀବନ୍ତ କରିଛନ୍ତି। କମଲ ତାଙ୍କ ଛୋଟ ଝିଅ ଦକ୍ଷିତାକୁ ଗୋଟିଏ କାନ୍ଧରେ ବସାଇ ଅନ୍ୟ କାନ୍ଧରେ ଝିଅ ଓଜନର ପବିତ୍ର ଗଙ୍ଗା ଜଳର ଭାରକୁ ନେଇ ସମ୍ପ୍ରତି ଉତ୍ତରାଖଣ୍ଡର ହରିଦ୍ୱାରରୁ ଦିଲ୍ଲୀ ଯାତ୍ରା କରୁଛନ୍ତି। କମଲ କହିଛନ୍ତି, ୪ ବର୍ଷ ତଳେ ତାଙ୍କ ଝିଅ ଗୁରୁତର ଅସୁସ୍ଥ ହୋଇ ଯାଇଥିଲେ। ଯଦି ଝିଅ ସୁସ୍ଥ ହୋଇଯାଏ, ତେବେ କାଉଡ଼ିଆ ଯାତ୍ରାରେ ଝିଅ ଓଜନର ଗଙ୍ଗାଜଳ ବହନ କରି ବାବା ଭୋଲେନାଥଙ୍କୁ ଅର୍ପଣ କରିବେ ବୋଲି ସେ ଯାଚିଥିଲେ। ଭୋଲେନାଥଙ୍କ କୃପାରୁ ସେତେବେଳେ ତାଙ୍କ ଝିଅ ଠିକ୍ ହୋଇଯାଇଥିଲେ ଏବଂ ସେ ଏବେ ଭୋଲେନାଥଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରୁଛନ୍ତି ବୋଲି କମଲ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନ ତାଙ୍କୁ ଅନୁପ୍ରାଣିତ କରିଛି। ଉକ୍ତ ବାର୍ତ୍ତା ସହ ସେ ଏହି କାଉଡ଼ିଆ ଯାତ୍ରା କରୁଥିବା କମଲ କହିଛନ୍ତି। ଭଲ ପାଠ ପଢ଼ି ଝିଅ ଦକ୍ଷିତା ବହୁ ଆଗକୁ ବଢ଼ୁ, ଏହା ତାଙ୍କର ଏକମାତ୍ର ଆଶା ବୋଲି କମଲ କହିଛନ୍ତି।

## ଫୁରସତ୍

# ଖୁବ୍‌ଶୀଘ୍ର କାଜୋଲ, ଟ୍ୱିଙ୍କଲଙ୍କ ଟକ୍ ଶୋ'

ମୁମ୍ବାଇ



ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ ଭିଡିଓ ପକ୍ଷରୁ ମଙ୍ଗଳବାର ଏକ ନୂତନ ଟକ୍ ଶୋ'ର ଘୋଷଣା କରାଯାଇଛି। ଅଭିନେତ୍ରୀ କାଜୋଲ ଏବଂ ଟ୍ୱିଙ୍କଲ ଖାନ୍ନା ଏହି ଶୋ'କୁ ହୋଷ୍ଟ କରିବେ। 'ଟୁ ମଚ୍ ୱିଥ୍ କାଜୋଲ ଆଣ୍ଡ ଟ୍ୱିଙ୍କଲ' ନାମକ ଏହି ଟକ୍ ଶୋ'ର ପ୍ରଯୋଜନା ବନିଜୟ ଏସିଆ ଦେଇଛନ୍ତି। ଏହି ଶୋ'ରେ ବଲିଉଡ୍, ଚଳଚ୍ଚିତ୍ର ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରର ଅନେକ ପ୍ରଖ୍ୟାତ ବ୍ୟକ୍ତି ଅତିଥି ଭାବେ ଯୋଗଦେବେ ବୋଲି ଜଣାପଡ଼ିଛି। ପ୍ରାଇମ ଭିଡିଓ ଇଣ୍ଡିଆର ଡାଇରେକ୍ଟର ନିଖିଲ ମଧୋକ କହିଛନ୍ତି, ଏହି ଟକ୍ ଶୋ' ଦର୍ଶକଙ୍କ ପାଇଁ ନିଶ୍ଚିତ ଭାବେ ଏଣ୍ଟରଟେନିଂ ହେବ। କାଜୋଲ ଏବଂ ଟ୍ୱିଙ୍କଲଙ୍କ ପରି ଆକର୍ଷଣୀୟ ସେଲିବ୍ରିଟିଙ୍କ ଗହଣରେ ବହୁ ବିଶିଷ୍ଟ ଅତିଥି ସେମାନଙ୍କର ଅନୁଭୂତି ଏବଂ ବିଶେଷ ମୁହୂର୍ତ୍ତଗୁଡ଼ିକୁ ବଖାଣିବେ, ଯାହା ଅତ୍ୟନ୍ତ ମଜାଦାର ହେବ। ପ୍ରାଇମ ଭିଡିଓ ପକ୍ଷରୁ ମଙ୍ଗଳବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଖୁବ୍‌ଶୀଘ୍ର ଏହି ଶୋ' ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଉକ୍ତ ପୋଷ୍ଟରେ ଅନେକ ସେଲିବ୍ରିଟି କମେଣ୍ଟ କରି ଉଭୟ କାଜୋଲ ଏବଂ ଟ୍ୱିଙ୍କଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଟ୍ୱିଙ୍କଲଙ୍କ ସ୍ୱାମୀ ତଥା ଅଭିନେତା ଅକ୍ଷୟ କୁମାର କମେଣ୍ଟ କରି ଲେଖିଛନ୍ତି, ଟ୍ୱିଙ୍କଲଙ୍କ ସହ କାଜୋଲ ମିଶି ଗୋଟିଏ ଶୋ'କୁ ହୋଷ୍ଟ କରିବେ। ଏହା ଅତ୍ୟନ୍ତ ମଜାଦାର ଏବଂ ଆକର୍ଷଣୀୟ ହେବ। ସେ ଏହି ଟକ୍‌ଶୋ'ର ଅପେକ୍ଷାରେ ରହିଛନ୍ତି।

# ଅଳିଆ ଗୋଟାଉଛନ୍ତି ପୂର୍ବ ଆଇପିଏସ୍ ଅଫିସର

ଚଣ୍ଡିଗଡ଼

ସାଧାରଣତଃ ଅବସର ପରେ ଅନେକ ବ୍ୟକ୍ତି ପରିବାରକୁ ଅଧିକ ସମୟ ଦେବା କିମ୍ବା ଭ୍ରମଣ ପାଇଁ ଯିବା ଆଦି ବିଭିନ୍ନ ଯୋଜନା କରିଥାନ୍ତି। ତେବେ ଏହିପରି ମନୋଭାବରୁ ଚଣ୍ଡିଗଡ଼ ନିବାସୀ ୮୮ ବର୍ଷୀୟ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଇନ୍ଦରଜିତ ସିଂ ସିଦ୍ଧୁ ବ୍ୟତିକ୍ରମ ପାଳଟିଛନ୍ତି। ୧୯୬୪ ବ୍ୟାଚ୍‌ର ଏହି ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀଙ୍କର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ଚଣ୍ଡିଗଡ ସେକ୍ଟର ୪୯ ଅଞ୍ଚଳର ବିଭିନ୍ନ ଗଳିରେ ଏକ ଠେଲାଗାଡ଼ି ସହଯୋଗରେ ଅଳିଆ ସଂଗ୍ରହ କରୁଥିବାର ଦେଖିବାକୁ ମିଳିଛି। ସେ ପ୍ରତିଦିନ ସକାଳ ୬ଟାରୁ ଏହି କାର୍ଯ୍ୟ ଆରମ୍ଭ କରୁଥିବା ଇନ୍ଦରଜିତ କହିଛନ୍ତି। ବିଭିନ୍ନ ଗଳିରେ ପଡ଼ିଥିବା ଅଳିଆ ସଂଗ୍ରହକରି ଚଣ୍ଡିଗଡ଼ ସହରର ସ୍ୱଚ୍ଛତାରେ ସେ ନିଜ ଯୋଗଦାନ ଦେଇଥାନ୍ତି। ତେବେ ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ସ୍ୱଚ୍ଛ ସର୍ଭେରେ ଚଣ୍ଡିଗଡ଼ର ପ୍ରଦର୍ଶନ ଆଶାନୁରୂପ ହୋଇ ନାହିଁ ବୋଲି କହି ଇନ୍ଦରଜିତ ନିରାଶାବ୍ୟକ୍ତ କରିଛନ୍ତି। ତେବେ ଏଥିପାଇଁ ସେ କାହାରିକୁ ଦାୟୀ କରିନାହାନ୍ତି। ବରଂ ସହରର ସ୍ୱଚ୍ଛତା ପାଇଁ ସେ ନିଜେ ଅଧିକ ପରିଶ୍ରମ କରିବେ ବୋଲି କହିଛନ୍ତି।



# ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ

ବ୍ରହ୍ମପୁର,୨୨।୭
(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଅଭିଯୁକ୍ତ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ହିଞ୍ଜିଳିକାଟୁର ଜୀବନ ମିଶ୍ର (୨୯)। ଜୀବନ ହିଞ୍ଜିଳିକାଟୁ ବ୍ଲକ ରାଜବରେ ଆୟୁଷ ଅସିଷ୍ଟାଣ୍ଟ ଭାବେ କାମ କରନ୍ତି। ତାଙ୍କର ଇନଷ୍ଟାଗ୍ରାମରେ ୨୭ ବର୍ଷୀୟା ଜଣେ ଯୁବତୀଙ୍କ ସହ ସମ୍ପର୍କ ଗଢ଼ି ଉଠିଥିଲା। ଯୁବତୀ ଜଣକ ଛତ୍ତିଶଗଡ଼ ତଳେ ଘରୋଇ ଶିକ୍ଷାନୁଷ୍ଠାନରେ ଠିକା ସଂସ୍କୃତ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ହଷ୍ଟେଲରେ ରହିବା ପାଇଁ ସେ ତାଙ୍କ ବନ୍ଧୁ ଜୀବନଙ୍କ ସହାୟତା ନେଇଥିଲେ। ଶିକ୍ଷୟିତ୍ରୀଙ୍କୁ ସ୍କୁଟିରେ ଆଣି ଜୀବନ ବଡ଼ବଜାରରେ କିଛି ଘରକରଣା ସାମଗ୍ରୀ କିଣିବା ପରେ ତାଙ୍କ ମାଉସୀ ଘରକୁ ଆସିଥିଲେ। ସେଠାରେ ସେ ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ପରେ ତାଙ୍କୁ ବିବାହ କରିବେ ବୋଲି କହି ପ୍ରତାରଣା କରିଥିଲେ। ଏ ନେଇ ଶିକ୍ଷୟିତ୍ରୀ ଜଣକ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଜୀବନଙ୍କୁ ଗିରଫ କରିଛି। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ମାମଲା ନଂ. ୩୭୦/୨୫ରେ ଜୀବନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଭୟଙ୍କ ମୋବାଇଲ ଫୋନ୍, ପୋଷାକ ଜବତ ହୋଇଛି। ପୋଷାକ କେମିକାଲ ପରୀକ୍ଷା ପାଇଁ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ଏସଏଫଏସଏଲକୁ ପଠାଯିବ। ଜବତ ମୋବାଇଲଗୁଡ଼ିକରେ ଉଭୟଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଯାଞ୍ଚ କରାଯିବ ବୋଲି ପୋଲିସ କହିଛି।

# ଉଦିତ୍‌ଙ୍କ ସହଯୋଗୀ ଆୟୁଷ୍ମାନ ଗିରଫ

ଭୁବନେଶ୍ୱର,୨୨।୭
(ସତ୍ୟଜିତ୍ ରାଉତ)

**ଛାତ୍ରୀଙ୍କୁ ବଳାତ୍କାର ମାମଲାରେ ଭିନ୍ନ ମୋଡ**

■ ପୀଡ଼ିତାଙ୍କ ବୟାନ ଆଧାରରେ ମାମଲାରେ ଦିଗ ବଦଳିଲା

■ ଲାଗିଲା ଗଣବଳାତ୍କାର ଦଫା

ଜଣେ ଛାତ୍ରୀଙ୍କୁ ମୃଦୁ ପାନୀୟରେ ନିଶା ଦେଇ ବଳାତ୍କାର ମାମଲାରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଗିରଫ ଘଟଣା ଭିନ୍ନ ମୋଡ ନେଇଛି। ବଳାତ୍କାର ମାମଲା ଗଣବଳାତ୍କାରକୁ ବଦଳିଛି। ପୀଡ଼ିତା ଦେଇଥିବା ଏଫଆଇଆରରେ ପ୍ରଥମେ କେବଳ ଉଦିତ୍ ଅଭିଯୁକ୍ତ ହୋଇଥିବାବେଳେ ପରେ ଉକ୍ତ ହୋଟେଲରେ ଥିବା ଆୟୁଷ୍ମାନ ସାହୁ ସହଅଭିଯୁକ୍ତ ହୋଇଛନ୍ତି। ମଞ୍ଚେଶ୍ୱର ଥାନା ପୋଲିସ ଆୟୁଷ୍ମାନଙ୍କୁ ଗିରଫ କରିଛି। ସୋମବାର ବିଳମ୍ବିତ ରାତିରେ ଆୟୁଷ୍ମାନଙ୍କୁ ପୋଲିସ ଭୁବନେଶ୍ୱର ଜେଏମ୍ଏଫ୍‌ସି-୨ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆୟୁଷ୍ମାନଙ୍କ ଘର ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳ ହୋଇଥିବାବେଳେ ସେ ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ବି.ଟେକ୍ ଛାତ୍ର। ପୀଡ଼ିତା ଜଣକ ଥାନା ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଆଗରେ ବୟାନ ଦେଇଥିଲେ। ଉକ୍ତ ବୟାନରେ ଆୟୁଷ୍ମାନ ମଧ୍ୟ ଏହି ଆପରାଧିକ କାର୍ଯ୍ୟରେ ସହଯୋଗ କରିଥିବା ଜଣାପଡ଼ିଥିଲା। ଏହାପରେ ମାମଲାରେ ଲାଗିଥିବା ବିଏନ୍ଏସ୍ ଦଫା ବଳାତ୍କାର-୬୪(୧)କୁ ଗଣବଳାତ୍କାର-୭୦(୧)କୁ ବଦଳିଛି। ଅଭିଯୋଗ ଅନୁଯାୟୀ, ପୀଡ଼ିତା ଓ ତାଙ୍କର ଜଣେ ସାଙ୍ଗ ଆୟୁଷ୍ମାନଙ୍କ ସହ ଗତ ମାର୍ଚ୍ଚ ୧୮ ସନ୍ଧ୍ୟାରେ ମାଷ୍ଟରକ୍ୟାଣ୍ଟିନକୁ ବୁଲିବାକୁ ଯାଇଥିଲେ। ଏହାପରେ ସେଠାରେ ଉଦିତ୍ ସେମାନଙ୍କ ଗାଡ଼ିରେ ବସିବା ସହ ସମସ୍ତେ ମଞ୍ଚେଶ୍ୱରସ୍ଥିତ ହୋଟେଲକୁ ଯାଇଥିଲେ। ସେଠାରେ ଉଦିତ୍ ଓ ଅନ୍ୟମାନେ ମଦ୍ୟପାନ କରିଥିଲେ। ପୀଡ଼ିତା ମଦ୍ୟପାନ କରିବାକୁ ମନା କରିବାରୁ ଉଦିତ୍ ତାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ପିଇବାକୁ ଦେବା ପରେ ତାଙ୍କ ମୁଣ୍ଡ ବୁଲେଇଥିଲା। ସେ ଘରକୁ ଯିବାକୁ ଚେଷ୍ଟା କରିବାରୁ ଉଦିତ୍ ଓ ଆୟୁଷ୍ମାନ ତାଙ୍କୁ ଛାଡ଼ି ନ ଥିଲେ। ସେ ଚେତାଶୂନ୍ୟ ହୋଇଯିବା ପରେ ଉଦିତ ତାଙ୍କୁ ବଳାତ୍କାର କରିଥିଲେ। ପ୍ରାୟ ୩୦ ମିନିଟ ପରେ ତାଙ୍କ ଆଖି ଖୋଲିବାରୁ ଘଟଣା ବିଷୟରେ ସେ ଜାଣିପାରିଥିଲେ। ପୋଲିସ ଉଦିତ୍‌ଙ୍କୁ ରବିବାର ଗିରଫ କରି ସୋମବାର କୋର୍ଟଚାଲାଣ କରିବା ପରେ ସେ ଏବେ ଜେଲରେ ଅଛନ୍ତି।



ଆୟୁଷ୍ମାନ ସାହୁ

# ନାବାଳିକାଙ୍କୁ ଗଣବଳାତ୍କାର, ୪ ଗିରଫ



ବିଜେଡି କର୍ମୀମାନେ ଏସ୍‌ପିଙ୍କୁ ଭେଟି ପୀଡ଼ିତାଙ୍କୁ ନ୍ୟାୟ ଦାବି କରୁଛନ୍ତି।

ମାଲକାନଗିରି,୨୨।୭
(ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟର ବିଭିନ୍ନ ଜିଲାରେ ଏବେ ମହିଳା ହିଂସା ବୃଦ୍ଧି ପାଇଛି। କେଉଁଠି ଛାତ୍ରୀଙ୍କୁ ଶିକ୍ଷକଙ୍କ ଯୌନ ନିର୍ଯାତନା ତ ଅନ୍ୟ କେଉଁଠି ନାବାଳିକାଙ୍କ ପ୍ରତି ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଫଳରେ ଦିନକୁଦିନ ମହିଳାମାନେ ଅସୁରକ୍ଷିତ ହୋଇ ପଡ଼ୁଛନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାରେ। ଜଣେ ନାବାଳିକା ସାଙ୍ଗ ଜନ୍ମଦିନ ପାଳନ ଲାଗି ଯାଇଥିବା ବେଳେ ସୋମବାର ତାଙ୍କୁ ଗଣବଳାତ୍କାର କରାଯାଇଛି। ଏ ନେଇ ମଙ୍ଗଳବାର ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଘଟଣା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପୃଥକ୍ ଭାବେ ୨ଟି ମାମଲା ରୁଜୁକରି ୪ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ମଧ୍ୟପ୍ରଦେଶର ଟ୍ରକ୍ ଡ୍ରାଇଭର ଶୁଭମ୍ ସିଂ। ତାଙ୍କ ନାମରେ ନଂ.୩୬୩/୨୫ରେ ମାମଲା ରୁଜୁ କରାଯାଇଛି। ସେହିପରି ଅନ୍ୟ ୩ଜଣ ହେଲେ ମନୋଜ ହରିଜନ, ରୋହିତ କୁମାର ହିଆଲ ଓ ବୀର ଭରତିଆ। ଏମାନଙ୍କ ନାମରେ ନଂ.୩୬୪/୨୫ରେ ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, ସୋମବାର ସନ୍ଧ୍ୟାରେ ସମ୍ପୃକ୍ତା ନାବାଳିକା ସାଙ୍ଗର ଜନ୍ମଦିନ ପାଳନ ଲାଗି ତାଙ୍କ ଘରକୁ ଯାଇଥିଲେ। ସେଠାରୁ ସେ ଫେରିବା ବେଳେ ପ୍ରଥମେ ତାଙ୍କୁ ରାସ୍ତାରେ ଏକୁଟିଆ ଦେଖି ମନୋଜ, ରୋହିତ ଓ ବୀର ବଳାତ୍କାର କରିଥିଲେ। ସେଠାରୁ ସେ କୌଣସିମତେ ଗାଁକୁ ଫେରୁଥିବା ବେଳେ ଜଣେ ଟ୍ରକ୍ ଡ୍ରାଇଭର ମଧ୍ୟପ୍ରଦେଶର ସେଭମ୍ ତାଙ୍କୁ ଜବରଦସ୍ତ ରାସ୍ତାରୁ ଉଠାଇ ନେଇ ମାଲକାନଗିରି ସହରଠାରୁ ପ୍ରାୟ ୧୫ କି.ମି ଦୂର ଜୟପୁରକୁ ସଂଯୋଗ କରୁଥିବା ନଂ.୩୨୬ ଜାତୀୟ ରାଜପଥ ବିଜାଘାଟି ଗ୍ରାମ ନିକଟ ଜଙ୍ଗଲରେ ବଳାତ୍କାର କରିଥିଲେ। ସେଠାରେ ନାବାଳିକାଙ୍କ ଚିତ୍କାର ଶୁଣି ନିକଟସ୍ଥ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ତାଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରି ଡାକ୍ତରୀମାଇନା ପରେ ଶକ୍ତି ସଦନ ସେଣ୍ଟରରେ ରଖିଥିଲା। ଅନ୍ୟପକ୍ଷରେ ନାବାଳିକା ଜଣକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ତାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି ପରେ ଘଟଣା ସମ୍ପର୍କରେ ସୂଚନା ପାଇ ସୋମବାର ରାତିରେ ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ମଙ୍ଗଳବାର ସକାଳେ ନାବାଳିକାଙ୍କ ପରିବାରବର୍ଗ ଘଟଣାର ସମସ୍ତ ବିଷୟ ଜାଣିବା ପରେ ପୁନର୍ବାର ଥାନାରେ ଗଣବଳାତ୍କାର ସମ୍ପର୍କରେ ଜଣାଇବା ସହ ଏଥିରେ ଅନ୍ୟ କେତେଜଣ ଯୁବକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ତେଜିଛି ରାଜନୀତି। ବିରୋଧୀ କଂଗ୍ରେସ ଓ ବିଜେଡି କର୍ମୀମାନେ ଏସ୍‌ପି ଏବଂ ଥାନା ଅଧିକାରୀଙ୍କୁ ଭେଟି ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଦାବି କରିଛନ୍ତି। ନ୍ୟାୟ ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏଥିରେ ବିଜେଡିର ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକ ଓ ଉପାଧ୍ୟକ୍ଷା କବିତା ମହନ୍ତଙ୍କ ସହ ଅନ୍ୟ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସ ତରଫରୁ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ବରିଷ୍ଠ ନେତା ଜି. ଶ୍ରୀନିବାସ ରାଓଙ୍କ ସହ କର୍ମୀ ଓ କର୍ମକର୍ତ୍ତା ଏସ୍‌ପି ଓ ଥାନା ଅଧିକାରୀଙ୍କୁ ଲିଖିତ ଦାବିପତ୍ର ଦେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

# ନିଲମ୍ବନ ହେଲେ ଗଣିତ, ଇଂଲିଶ ଶିକ୍ଷକ

ଜଳେଶ୍ୱର, ୨୨।୭ (ନବୀନ ସାହୁ)

**ଛାତ୍ରୀଙ୍କୁ ଅସଦାଚରଣ ମାମଲା**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ପୁଠୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଗିରଫ ଗଣିତ ଶିକ୍ଷକ କୈଳାସ ବେଜ ଏବଂ ଇଂଲିଶ ଶିକ୍ଷକ କାଳାଚରଣ ମାଝିଙ୍କୁ ସୋମବାର ବିଳମ୍ବିତ ରାତିରେ କୋର୍ଟଚାଲାଣ କରାଯାଇଛି। ଏଥିସହ ଚିଠି ନଂ. ୮୭୨୦ ଏବଂ ୮୭୨୧ରେ ସୋମବାର ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଉଭୟଙ୍କୁ ନିଲମ୍ବନ କରାଯାଇଛି। ଥାନାରେ ଅଟକ ଥିବା ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପାଲଙ୍କୁ ପଚରାଉଚରା କରି ରାଇବଣିଆ ପୋଲିସ ଛାଡ଼ିଦେଇଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ବାଲେଶ୍ୱର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷାଧିକାରୀ ଡ. ବସନ୍ତ ନାୟକ, ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତ, ରାଜପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ଜେନା, ଜିଲା ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ କିରାଣୀ ରଞ୍ଜନ କୁମାର ପାତ୍ର ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନିଲମ୍ବିତ ଶିକ୍ଷକଙ୍କ ବିଷୟରେ ପଚାରି ବୁଝିଥିଲେ। ବିଦ୍ୟାଳୟରେ ଥିବା ସହକାରୀ ଶିକ୍ଷକ ଏବଂ କର୍ମଚାରୀଙ୍କୁ ଶିକ୍ଷକଙ୍କ ବିରୋଧରେ ଆସିଥିବା ଅଭିଯୋଗର ମତ ସାବ୍ୟସ୍ତ ପାଇଁ କହିଥିଲେ। ବିଦ୍ୟାଳୟର କିଛି ଛାତ୍ରୀଛାତ୍ର ଏବଂ ଅଭିଭାବକ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇଥିଲେ। ଶିକ୍ଷକଦ୍ୱୟଙ୍କ ଉପରେ ଆସିଥିବା ଅଭିଯୋଗ ମିଛ ଓ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ଦାବିରେ ଉଲ୍ଲେଖ କରିଥିଲେ।

# ଗର୍ଭବତୀ ସ୍ତ୍ରୀଙ୍କୁ ମେଡିକାଲରେ ଛାଡ଼ି ସ୍ୱାମୀ ଫେରାର

ବଲ୍ଲଡା,୨୨।୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଇଲ୍ଲାପୁର ଗ୍ରାମର ନରେଶ ବେହେରା ଗର୍ଭବତୀ ସ୍ତ୍ରୀ ଜୟନ୍ତୀ ସିଂଙ୍କୁ ରେଢ଼ାଖୋଲ ମେଡିକାଲରେ ଛାଡ଼ି ଫେରାର ହୋଇଯାଇଥିବା ଜୟନ୍ତୀ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ଏନେଇ ଏକ ମାମଲା (ନଂ ୨୫୫/୨୫) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ନରେଶ ଝାରସୁଗୁଡ଼ାର ଏକ ହୋଟେଲରେ ମିସ୍ତ୍ରି ଭାବରେ କାମ କରୁଥିଲେ। ଜୟନ୍ତୀ ମଧ୍ୟ ସେଠାରେ କାମ କରୁଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ପରେ ମନ୍ଦିରରେ ବିବାହ କରିଥିଲେ। ୫ ମାସର ଗର୍ଭବତୀ ଜୟନ୍ତୀଙ୍କୁ ସ୍ୱାସ୍ଥ୍ୟପରୀକ୍ଷା ପାଇଁ ନରେଶ ରେଢ଼ାଖୋଲ ମେଡିକାଲକୁ ନେଇଥିଲେ। ହେଲେ ନରେଶ ତାଙ୍କଠାରୁ ୫ ହଜାର ଟଙ୍କା, ଏଟିଏମ୍ କାର୍ଡ ନେଇ ଫେରାର ହୋଇଯାଇଥିବା ଜୟନ୍ତୀ ଅଭିଯୋଗ କରିଛନ୍ତି।

# କୋଟିପତି ଡିଏଫ୍‌ଓ ଗିରଫ

ଭୁବନେଶ୍ୱର/କେନ୍ଦୁଝର,(ସତ୍ୟଜିତ୍ ରାଉତ/ନରେଶ ପଟ୍ଟନାୟକ) ୨୨।୭

**୨୧୮ ପ୍ରତିଶତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ**



କେନ୍ଦୁଝର ଜିଲା କେନ୍ଦୁପତ୍ର ଡିଭିଜନର କୋଟିପତି ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ନିତ୍ୟାନନ୍ଦ ନାୟକଙ୍କୁ ମଙ୍ଗଳବାର ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗିରଫ କରିଛି। ତୃତୀୟ ଦିନର ଚଢ଼ାଉରେ ଅନୁଗୋଳ ଛେଣ୍ଡିପଦା ମାଛକୁଟରେ ଭିଜିଲାନ୍ସ ଟିମ୍ ନିତ୍ୟାନନ୍ଦଙ୍କ ଦୁଇଟି ଫାର୍ମ ହାଉସ ଓ ଦୁଇ ମାଛ ପୋଖରୀ ଠାବ କରିଛି। ଫାର୍ମହାଉସ୍ ଦ୍ୱୟରେ ଅନ୍ୟାନ୍ୟ ନିର୍ମାଣ ସହ ବହୁ ସଂଖ୍ୟାରେ ଆମ୍ବ, ନଡ଼ିଆ, କଦଳୀ ଗଛ ରହିଛି। ଅପରପକ୍ଷରେ ନିତ୍ୟାନନ୍ଦଙ୍କ ଆଉ ୮ଟି ପ୍ଲଟ୍ ଠାବ ହୋଇଛି। ନିଜ ନାମରେ ୫ଟି, ସ୍ତ୍ରୀଙ୍କ ନାମରେ ଗୋଟିଏ ଓ ଦୁଇ ପୁଅଙ୍କ ନାମରେ ଦୁଇଟି ରହିଛି। ଏହାକୁ ମିଶାଇ ମୋଟ୍ ପ୍ଲଟ୍ ସଂଖ୍ୟା ୧୨୩ରେ ପହଞ୍ଚିଛି। ତେବେ ଠାବ ହୋଇଥିବା ବିପୁଳ ସମ୍ପତ୍ତି ନିତ୍ୟାନନ୍ଦଙ୍କ ପ୍ରକୃତ ଆୟଠାରୁ ୨୧୮ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୬/୨୦୨୫) ରୁଜୁ କରାଯାଇ ନିତ୍ୟାନନ୍ଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସମ୍ପତ୍ତି ଠୁଳ କରିବାରେ ସ୍ତ୍ରୀ ସହଯୋଗ କରିଥିବାରୁ ତାଙ୍କୁ ମଧ୍ୟ ସହଅଭିଯୁକ୍ତ ଦର୍ଶାଯାଇଛି। ଅଭିଯୁକ୍ତ ନିତ୍ୟାନନ୍ଦଙ୍କୁ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ୧୫ ବର୍ଷକୁ ୧୮ କରି ବିବାହ କରାଇଥିଲେ

ଛେନାପଦି, ୨୨।୭(ନିରାକାର ପରିଡା)

**ବାଲ୍ୟବିବାହ ପରେ ସଖୀ ସେଣ୍ଟରରେ ନାବାଳିକା**

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ମରେଇଗାଁ ଗ୍ରାମରେ ଗତ ୧୪ ତାରିଖରେ ଏକ ବାଲ୍ୟ ବିବାହ ହେଉଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅଙ୍ଗନୱାଡ଼ି କର୍ମୀ, ଆଶା ଓ ପୋଲିସକୁ ସୂଚନା ଦିଆଯାଇଥିଲା। ଏନେଇ କନ୍ୟାଙ୍କ ମା' ବାପାଙ୍କୁ ବୁଝାଶୁଝା କରିବା ପରେ ବାହାଘର ନ କରିବା ପାଇଁ ଏକ ଘୋଷଣାନାମାରେ ପୋଲିସ ଦସ୍ତଖତ କରାଇଥିଲା। କିନ୍ତୁ ଘୋଷଣାନାମା ଦସ୍ତଖତ କରିବାର ମାତ୍ର ଅଧା ଘଣ୍ଟା ପରେ ମା' ବାପା କନ୍ୟାଙ୍କୁ ନେଇ ଯାଜପୁର ଜିଲା ଷଠିପୁର ନିକଟବର୍ତ୍ତୀ ଶାଳବା ଗ୍ରାମର ଅର୍ଜୁନ ଭୂୟାଁଙ୍କ ପୁଅ ରତିକାନ୍ତ ଭୂୟାଁଙ୍କ ସହ ବିବାହ ସମ୍ପନ୍ନ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ମଧ ଏହି ବିବାହ ଅଟକି ନ ଥିଲା। ଏଥିପାଇଁ ପୋଲିସର ନିଷ୍କ୍ରିୟତାକୁ ଦାୟୀ କରିଥିଲେ ଗ୍ରାମବାସୀ। କନ୍ୟାଙ୍କ ବାପା ଆଧାର କାର୍ଡକୁ ଏକ ଡିଟିପି ସେଣ୍ଟରରେ ତାର ଜନ୍ମ ତାରିଖକୁ ୨୦୦୭ କରି ୧୮ ବର୍ଷ ପୂରିଯାଇଛି ବୋଲି ଦର୍ଶାଇଥିଲେ। ନନ୍ଦିପଦା ଥାନାରୁ ମାତ୍ର ଶହେ ମିଟର ଦୂରରେ ଝିଅ ପଢୁଥିବା ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ଥିଲେ ମଧ୍ୟ ପୋଲିସ ପ୍ରକୃତ ଜନ୍ମ ତାରିଖକୁ ଯାଞ୍ଚ କରି ନ ଥିଲା। ଗୁପ୍ତ ଭାବରେ ସ୍କୁଲ ରେକର୍ଡ ଓ ଅଙ୍ଗନୱାଡ଼ି ରେକର୍ଡ ଯାଞ୍ଚ ପରେ ଝିଅକୁ ୧୫ ବର୍ଷ ପୁରିଥିବା ଜଣାପଡିଥିଲା। ଖୋଳତାଡ଼ ପରେ ପାଣିକୋଇଲି ପୋଲିସ ସହାୟତାରେ କୋରେଇ ବ୍ଲକ ଅଧୀନ ଶାଳବା ଗ୍ରାମରେ ପ୍ରଶାସନ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଯାଜପୁର ସିଡିପିଓ, ଦୁଇଜଣ ଶିଶୁ ମଙ୍ଗଳ ସ୍ୱେଚ୍ଛାସେବୀ, ଦୁଇଜଣ ସ୍ଥାନୀୟ ଆଇସିଡିଏସ ସୁପରଭାଇଜର ଓ ସ୍ଥାନୀୟ ପୋଲିସଙ୍କ ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ ସମିତି ନିକଟରେ ହାଜର କରାଇଥିଲେ। ଏହା ପରେ ନାବାଳିକାଙ୍କୁ ଅସ୍ଥାୟୀ ଭାବେ ସଖୀ ସେଣ୍ଟର, ଯାଜପୁରକୁ ପଠାଯାଇଥିବା ସୂଚନା ମିଳିଛି।

# ମା'କୁ ପିଟି ହତ୍ୟାକଲା ପୁଅ

ପଟ୍ଟାମୁଣ୍ଡାଇ,୨୨।୭(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ଓଉପଦା ପଞ୍ଚାୟତ ବିଶୁନୁପୁର ଗାଁରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ନିଜ ଜନ୍ମକଲା ମା'ଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ମୃତକ ହେଲେ ଶାନ୍ତିଲତା ମଲିକ(୫୫)। ଗ୍ରାମବାସୀ ଅଭିଯୁକ୍ତ ପୁଅ ମନୋଜ ମଲିକଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ.୨୭୦/୨୫) ରୁଜୁ ହୋଇଛି । ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବିଶୁନୁପୁର ଗାଁର ମନୋଜ ମଲିକ ସୋମବାର ବିଳମ୍ବିତ ରାତିରେ ନିଜ ସ୍ତ୍ରୀ ସସ୍ମିତାଙ୍କୁ କୌଣସି କାରଣରୁ ମାଡ଼ ମାରୁଥିଲେ। ଏହା ଦେଖି ମା' ଶାନ୍ତିଲତା(୫୫) ପ୍ରତିବାଦ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ମନୋଜ ଶାନ୍ତିଲତାଙ୍କୁ ମଧ ନିସ୍ତୁକ ପିଟିଥିଲେ। ଏତିକିରେ କଥା ସରି ନ ଥିଲା। ମନୋଜ ଏକ କାଠଫାଳିଆରେ ଶାନ୍ତିଲତାଙ୍କୁ ପିଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମା'ର ମୃତ୍ୟୁ ହୋଇଥିବା ଦେଖି ମନୋଜ ଘଟଣାସ୍ଥଳରୁ ଖସି ଯିବାକୁ ଉଦ୍ୟମ କରିଥିଲେ। ହେଲେ ଗ୍ରାମବାସୀ ତାଙ୍କୁ କାବୁକରି ନେଇଥିଲେ।। ଥାନା ଅଧିକାରୀ ଧୀରଜ ଲେଙ୍କା ପୋଲିସ ଟିମ୍ ସହିତ ପହଞ୍ଚି ମନୋଜଙ୍କୁ ନିଜ ହେପାଜତକୁ ନେଇଥିଲେ। ମନୋଜ ଗତ ୩ ମାସ ତଳେ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ସ୍ତ୍ରୀ ଓ ପରିବାର ଲୋକଙ୍କୁ ମନୋଜ ନିୟମିତ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇଆସୁଥିଲେ ବୋଲି ସାହି ପଡ଼ିଶା କହିଛନ୍ତି।


ଜଳ ସମ୍ପଦ ବିଭାଗ, ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜଳନିଷ୍କାଶ ବିଭାଜନ, ଭଦ୍ରକ

**OFFICE OF THE SUPERINTENDING ENGINEER, DRAINAGE DIVISION, BHADRAK**

email id: eeddbdk@gmail.com, Tel. No.: 06784-451031

**QUOTATION CALL NOTICE No. 06/2025-26**

No. A-424: Sealed quotations/tenders are invited from interested reputed Travel Agencies/Tour Operators/Individuals for providing vehicles for official use in the Office of Superintending Engineer, Drainage Division, Bhadrak in monthly basis. The details of terms and condition of tender, general information, documents will be made available in the office of the Superintending Engineer, Drainage Division, Bhadrak, Sub-Divisional Officer, Drainage Sub-Division No.-II, Akhuapada & Sub-Divisional Officer, Drainage Sub-Division No.-IV, Markona between 11.00 A.M. to 5.00 P.M. in any working day or can be downloaded from the website of Govt. of Odisha i.e. www.odisha.gov.in/www.dowrodisha.gov.in and submit the tender documents after duly filled and along with other requisite documents in a sealed envelope in marked tender box in the office of the Superintending Engineer, Drainage Division, Bhadrak.

- Date of sale of Tender Paper - From 23.07.2025 to 29.07.2025 upto 5.00 P.M.
- Date of receipt of Tender - From 23.07.2025 to 29.07.2025 upto 5.00 P.M.
- Date of Opening of Tender - 30.07.2025 at 11.00 A.M.

Sd./- Superintending Engineer
Drainage Division, Bhadrak

OIPR-32057/11/0007/2526

GOVERNMENT OF ODISHA
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR), ODISHA - 768017**

E-mail: vimsarsuptd24@gmail.com

No. 10368/VIMSAR Dated, Burla, the 18th July, 2025

**TENDER CALL NOTICE**

No. E-246: Sealed tenders are hereby invited by the undersigned from the reputed Authorized Dealers & Registered firms under GST Act for supply of different minor instruments required for this hospital so as to reach this office of the Superintendent, VSS Institute of Medical Sciences & Research, Burla on or before Dt.13.08.2025 upto 5.00 P.M. through Regd. Post/Speed Post only and that will be opened in the next working day at 11.30 A.M.

The detail terms and conditions of this Tender Call Notice can be downloaded from Dist. website **"http://sambalpur.odisha.gov.in"** & **www.vimsar.ac.in**.

The undersigned/committee reserves the full right to accept in full or reject any or all the tenders without assigning any reason thereof.

Sd./- Superintendent
VSS Inst. of Med. Sc. & Research, Burla

OIPR-10187/11/0040/2526

GOVERNMENT OF ODISHA
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**SAMBALPUR IRRIGATION DIVISION, SAMBALPUR**

E-mail id - sidsambalpur@gmail.com

**e-Procurement Notice No. SESID-02/2025-26**
**Bid Identification No. SESID-02 (01-12)/2025-26**

No. 3271 Date: 18.07.2025

No. A-406: Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **https://tendersodisha.gov.in** complete online process only.

| | | | |
|---|---|---|---|
| 1. | Nature of Works | : | Canal, Road and Flood Works |
| 2. | Nos. of Works | : | 12 Nos. |
| 3. | Bid Identification No. | : | SESID-02 (01-12)/2025-26 |
| 4. | Estimated Cost | : | 6.67 - 42.35 Lakhs |
| 5. | Earnest Money Deposit | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Period of Completion | : | Referred to DTCN |
| 8. | Date and Time of availability of Bid Document in the portal | : | Dt.29.07.2025 at 11.00 A.M. to Dt.08.08.2025 upto 17.00 P.M. |
| 9. | Last Date/Time for receipt of Bids in the portal | : | Dt.08.08.2025 upto 17.00 P.M. |
| 10. | Date of Bid Opening | : | Dt.11.08.2025 at 11.00 A.M. |
| 11. | Clarification seeking date | : | Dt.29.07.2025 at 11.00 A.M. to Dt.08.08.2025 upto 17.00 P.M. |
| 12. | Date of Lottery (if required) | : | To be intimated later |
| 13. | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur, At/P.O.: Khetrajpur - 768003, Dist.: Sambalpur Email Id: **sidsambalpur@gmail.com** |

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in said website.

Sd./- Superintending Engineer
Sambalpur Irrigation Division, Sambalpur

OIPR-32530/11/0010/2526

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଇରଙ୍ଗପୁର ବନଖଣ୍ଡ
**OFFICE OF THE DIVISIONAL FOREST OFFICER**
**RAIRANGPUR DIVISION**

Tel.No.(06794)- 222036 (O), 222008 (R),
Fax No:- (06794)- 222836, e-mail: dforrp@gmail.com

**Office Order No.75/DFO, RRP-1F/2025-26, Dt.21.07.2025**

**TENDER CANCELLATION NOTICE**

**No.MM-136:**The Tender Call Notice vide Identification No.73/DFO, RRP-1F/2025-26 Dt.16.07.2025 published by the Divisional Forest Officer, Rairangpur Forest Division for Creation of Water Body at Hatbadra (Sl.No. 1 Nature of Work-2) pertaining to Rairangpur Forest Division is hereby cancelled due to unavoidable circumstances.

Sd./-
Divisional Forest Officer
Rairangpur Division

OIPR-08055/11/0023/2526

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**

E-Mail ID: serw_balasore@yahoo.in, Ph.No.-06782/260318, Balia, Balasore

**"e" Procurement Notice for Road Work**

Identification No.Online Tender-Bridge N.C.B. No.19 for 2025-26
Letter No.2491, Date:18.07.2025

**No.O-467:**1. Name of the Work: Balance road works under PMGSY-III (2022-23). 2. Total No. of Work : 01 No. 3. Estimated Cost : Rs.278.89 Lakhs (Approximately). 4. Eligible Class of Contractor: 'B' & 'A' Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion: As per Annexure. 6. Other details:-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender in O/O C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No-18 of 2025-26 | Dt.24.07.2025 at 11.00 A.M. | Dt.04.08.2025 upto 5.00 P.M. | Dt.02.08.2025 upto 5.00 P.M. | Dt.05.08.2025 at 11.00 A.M. | Will be intimated later |

• Further details can be seen from the website: www.pmgsytenders.gov.in

OIPR-25105/11/0065/2526 Sd./- Chief Construction Engineer, R.W. Circle, Balasore

**GOVERNMENT OF ODISHA** eerw_kpd@yahoo.com
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KENDRAPARA**
**INVITATION FOR BIDS**

**'E' PROCUREMENT NOTICE NO. RWD/KPD-01/2025-26, DT.17.07.2025**

**No.O-460:**1. Name of Work: Building Work in the District of Kendrapara for the year 2025-26. 2. Total No.of Work: 01 Numbers of Building Work. 3. Estimated Cost: Rs.75.58 lac approximately. 4. Period of Completion: As Specified in the Annexure. 5. Class of Contractors: As specified in the Annexure. 6. Cost of Tender Paper: Cost of tender paper is to be remitted ONLINE for Rs.10000.00 per set. 6. Detail projects: As per Annexure attached. Further details can be seen from the Govt. website www.tendersorissa.gov.in.
**Other details as follows:-**

| Procurement Officer | Place of Opening | Availability of tender On-line for bidding | | Last date & Time of seeking Tender Clarification | Date and Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Kendrapara | Office of the Superintending Engineer, Rural Works Division, Kendrapara | 25.07.2025 At 5.00 P.M. | 07.08.2025 Upto 5.00 P.M. | Upto 5.00 PM on 06.08.2025 | 08.08.2025 At 11.00 A.M. | The date will be intimated to the technically qualified bidders lateron. |

Sd./- Suraj Biswal
Superintending Engineer, Rural Works Division, Kendrapara

OIPR-25064/11/0018/2526

**Government of Odisha**
**OFFICE OF THE ASSISTANT DIRECTOR OF TEXTILES, KORAPUT**

Near Special Circuit House, Koraput
e.mail id-adtkpt@gmail.com, Phone.06852 296218

**QUOTATION FOR HIRING OF VEHICLE**

No. Dt.21.07.2025

**No.PP-**Sealed quotation/Tenders are invited from interested reputed Travel Agencies/Tour operators or private individuals for providing one no. of Petrol/Diesel driven Vehicle (likeTiago/ Bolt/Celerio/ Swift Dizire etc.) having seating capacity not more than five including driver for official use in office of the Assistant Director of Textiles, Koraput on monthly rent basis.

Details information eligibility criteria, terms & condition and application form are available in the website www.sadhacodisha.org. The bidders may also contact to the Office of the Assistant Director of Textiles, Koraput in the above address.

The quotation completed in all respect may submit in a sealed envelope supplier scribing on the top of the envelope as "tender for hiring of private vehicle" should reach the undersigned by post and by hand on or before Dt.04.08.2025 by 5.00 P.M & shall be opened on dt.06.08.2025 at 11.00A.M. in presence of the bidders or their authorized representatives.

The authority/Committee reserve the right to reject any tender without assigning any reason thereof.

Sd/- Sri Manas Ranjan Panigrahi
Assistant Director of Textiles,
Koraput

OIPR-31017/11/0002/2526

GOVERNMENT OF ODISHA
**DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES**

No. 7919/SSEPD Dated: 18.07.2025

**CORRIGENDUM TO THE EXPRESSION OF INTEREST (EoI)**

No. gg-17: The last date of submission of Expression of Interest (EoI) invited from reputed and interested Corporate Houses for supervision and overall management of Integrated Infrastructure Complexes (IIC) in Khordha, Cuttack, Puri, Bhadrak, Sambalpur, Kandhamal, Ganjam and Sundargarh districts, directly or through any executing agency in this Department Notice No. 6712/SSEPD, Dated 20.06.2025 is hereby extended to 31.07.2025 (4.00 P.M.).

The following corrections shall be applied to the EoI:

**Page No. 3 "Section-IV" (Scope of the Work)**

**5th Line of Para - 1:**
"The Corporate House shall not be responsible for upkeep of sports Complex"

**3rd Line of Para - 5:**
"The Corporate House will not be responsible for purchase of playing and other instruments".

**4th Line of Para - 5:**
"The Corporate House will not be responsible for maintenance of all construction of sports complex".

**1st Line of Para - 3:**
"Operational Costs upto a maximum of Rs.2,10,72,000/- per annum will be provided to the selected Corporate House or its executing agency as per actual expenditure for overall management, maintenance and supervision of each IIC".

All other terms and conditions of the EoI will remain unaltered.

Sd./- Director, SSEPD
SSEPD Department

OIPR-46001/11/0055/2526

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁଡୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## BIRTHDAY WISH



**Divyashree Debarchana**
(D.D., GUDUNI, DHANA)
Khandagiri bari, Bhubaneswar
Happy Birthday Dhana. may God bless you abundantly with love, peace, joy and good health forever. Bou & Maa with lots of love, hugs and kisses.....
Bou- Mina kumari, Maa- Binapani.
ଧ-୧୩୮୦


# ସମ୍ବଲପୁର, କନ୍ଧମାଳ ବିଜୟୀ

**ଭୁବନେଶ୍ୱର, ୨୨।୭ (ତପନ ସ୍ୱାଇଁ)**

ସାହାଣୀ କପ୍ ସିନିୟର ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ବୌଦ୍ଧ ଜୋନ୍‌ରେ ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଓ କନ୍ଧମାଳ ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ସମ୍ବଲପୁର ୩-୨ ଗୋଲରେ

### ସାହାଣୀ କପ୍ ଫୁଟବଲ

ବଲାଙ୍ଗୀରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସୁନୀଲ ମୁଣ୍ଡା ୬ଷ୍ଠ, ପ୍ରଶାନ୍ତ ଓରାମ ୨୬ ଓ ଛବିଳ କିଷାନ ୬୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବଲାଙ୍ଗୀର ପକ୍ଷରୁ ସୁବ୍ରତ ପାତ୍ର ୪ର୍ଥ ଓ ୭୬ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟ ମ୍ୟାଚରେ କନ୍ଧମାଳ ୯-୦ ଗୋଲରେ ନୂଆପଡ଼ାକୁ ହରାଇ ଦେଇଛି। କନ୍ଧମାଳ



ବଲ୍‌କୁ ନିୟନ୍ତ୍ରଣକୁ ନେବାଲାଗି ଦୁଇ ଖେଳାଳିଙ୍କ ମଧ୍ୟରେ ସଂଘର୍ଷ।

ପକ୍ଷରୁ ଦେବାଶିଷ ରାମ ମାରାଣ୍ଡି ୧୧, ୨୨ ଓ ୨୯ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ସେକ୍ ଫରିଦ ୨୧ ଓ ୫୯ତମ ମିନିଟରେ ୨ଟି ଏବଂ ଦିଲୁ ମଲିକ ୧ମ, ମହମ୍ମଦ ଇମତିଆଜ ୪୫+୪ ଓ ବେବେଶ୍ୱର ମଲିକ ୮୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ନୂଆପଡ଼ାର ସନ୍ତୋଷ ମଲିକ ୩୭ତମ ମିନିଟରେ ଗୋଟିଏ ଆତ୍ମଘାତୀ ଗୋଲ ଦେଇଥିଲେ।

## ଇଂଲଣ୍ଡ ଦଳରେ ମେଣ୍ଟାଲ କୋଚ୍ ଗିଲବର୍ଟ ଏନୋକା

**ଲଣ୍ଡନ,୨୨।୭:** ଇଂଲଣ୍ଡ କ୍ରିକେଟ୍ ଦଳ ପକ୍ଷରୁ ପୂର୍ବତନ ଅଲ ବ୍ଲାକ୍ସ ମେଣ୍ଟାଲ ସ୍କିଲ କୋଚ୍ ଗିଲବର୍ଟ ଏନୋକାଙ୍କୁ ନିଯୁକ୍ତ କରାଯାଇଛି। ଚଳିତ ସିଜନ ଆରମ୍ଭରୁ ସେ ଇଂଲଣ୍ଡ ଦଳ ସହ କାମ କରିଥିଲେ ଏବଂ ଆଗାମୀ ଦୁଇଦିନ ଧରି ଦଳର ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ। ଇଂଲଣ୍ଡ ଦଳର ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ବନ୍ଧୁ ଏନୋକା ପୂର୍ବରୁ ବିଭିନ୍ନ କ୍ରୀଡ଼ାରେ ଏଲିଟ୍ ଦଳ ସହ କାର୍ଯ୍ୟ କରିଛନ୍ତି। ସେ ୨୦୨୩ରେ ଚେଲ୍‌ସି ସହ କାର୍ଯ୍ୟ କରିଥିଲେ।

## ଭାରତୀୟ ଫୁଟ୍‌ବଲ କୋଚ୍ ଦୌଡ଼ରେ ରବି ଫାଉଲର, ହ୍ୟାରୀ କେଓ୍ୱେଲ

**ପଣଜୀ,୨୨।୭**

ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍)କୁ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ପଦବୀ ଲାଗି ୧୭୦ ଆବେଦନ ମିଳିଛି। ଗତବର୍ଷ ସମାନ ପଦବୀ ଲାଗି ଦିଆଯାଇଥିବା ବିଜ୍ଞାପନ ପାଇଁ ୨୯୧ ଆବେଦନ ଆସିଥିଲା। ପୂର୍ବରୁ ଦାୟିତ୍ୱରେ ଥିବା ମାନୋଲୋ ମାର୍କେଜଙ୍କ ଇସ୍ତଫା ପରେ ଏଆଇଏଫ୍‌ଏଫ୍ ପକ୍ଷରୁ ଗତ ୪ ତାରିଖରେ ମୁଖ୍ୟ କୋଚ୍ ପଦବୀ ଲାଗି ବିଜ୍ଞାପନ ଦିଆଯାଇଥିଲା। ଏହି ପଦ ଲାଗି ଲିଭରପୁଲ୍‌ର ପୂର୍ବତନ ଖେଳାଳି ରବି ଫାଉଲର ଓ ହ୍ୟାରୀ କେଓ୍ୱେଲ, ୧୭ ବର୍ଷରୁ କମ୍ ବ୍ରାଜିଲ ଦଳର ପୂର୍ବତନ କୋଚ୍ କାଇଓ ଜାନାର୍ଡି ଓ ବାର୍ସିଲୋନାର ରିଜର୍ଭ ମ୍ୟାନେଜର ଜୋର୍ଡି ଭିନିଆଲ୍ସ, ତାଜିକସ୍ତାନ, ମାଳଦ୍ୱୀପ୍ସ ଓ ଆଫଗାନିସ୍ତାନର ପୂର୍ବତନ କୋଚ୍ ପିଟର ସେଗର୍ଟ ଦୌଡ଼ରେ ରହିଛନ୍ତି। ଏମାନଙ୍କ ବ୍ୟତୀତ ଆବେଦନକାରୀଙ୍କ ମଧ୍ୟରେ ପୂର୍ବରୁ ଭାରତୀୟ ଦଳର କୋଚ୍ ଦାୟିତ୍ୱ ତୁଲାଇଥିବା ଷ୍ଟିଫେନ କନ୍‌ଷ୍ଟାଣ୍ଟିନ ରହିଛନ୍ତି। ସେ ଦୁଇଥର ଭାରତୀୟ ଦଳର ମୁଖ୍ୟ କୋଚ୍ ଥିଲେ। ତାଙ୍କ ମାର୍ଗଦର୍ଶନରେ ଭାରତ ସର୍ବାଧିକ ୭୩ ମ୍ୟାଚ୍ ଖେଳିଥିଲା। ଏହି ଇଂଲିଶ କୋଚ୍ ଅନ୍ତିମଥର ଭାରତରେ ୨୦୨୨-୨୩ରେ ଇଷ୍ଟ ବେଙ୍ଗଲ କ୍ଲବର କୋଚ୍ ଥିଲେ। ତାଙ୍କ ବ୍ୟତୀତ ବିଦେଶୀ କୋଚ୍ ଭାବେ ଆଣ୍ଟୋନିଓ ଲୋପେଜ ହାବାସ ଓ ସେର୍ଗିଓ ଲୋବେରା ଭାରତୀୟ ଫୁଟ୍‌ବଲରେ ବେଶ୍ ସଫଳ ହୋଇଛନ୍ତି। ଭାରତୀୟ କୋଚ୍‌ଙ୍କ ମଧ୍ୟରେ ଖାଲିଦ ଜମିଲ, ସଞ୍ଜୟ ସେନ ଓ ସନ୍ତୋଷ କାଶ୍ୟପ ରହିଛନ୍ତି। ଏଆଇଏଫ୍‌ଏଫ୍‌କୁ ଏବେ ପ୍ରାର୍ଥୀଙ୍କ ତାଲିକାକୁ ଶର୍ଟଲିଷ୍ଟ କରିବାକୁ ପଡ଼ିବ। ଭାରତୀୟ ଦଳ ନୂଆ କୋଚ୍‌ଙ୍କ ଅଧୀନରେ ଏଏଫ୍‌ସି ଏସିଆନ୍ କପ୍ ୨୦୨୭ ଲାଗି ଅନ୍ତିମ ଯୋଗ୍ୟତା ପର୍ଯ୍ୟାୟ ଖେଳିବ।


# Classified Everyday
0674-2580101, 9692975378


## କର୍ନାଟକ ପାଇଁ ଖେଳିବେ କରୁଣ

**ବେଙ୍ଗାଲୁରୁ,୨୨।୭(ପି.ଟି.):** ଆଗାମୀ ଘରୋଇ କ୍ରିକେଟ୍ ସିଜନରେ ଭାରତୀୟ ବ୍ୟାଟର କରୁଣ ନାୟାର କର୍ନାଟକ ପାଇଁ ଖେଳିବେ। ସେ ଗତ ୩ ବର୍ଷ ହେଲା ବିଦର୍ଭ ଲାଗି ଖେଳୁଥିଲେ। ତାଙ୍କୁ ମଧ୍ୟ ବିଦର୍ଭ କ୍ରିକେଟ୍ ଆସୋସିଏଶନ(ଭିସିଏ)ପକ୍ଷରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ୍(ଏନ୍‌ଓସି) ଦିଆଯାଇଛି। ନାୟାରଙ୍କ ପ୍ରତିନିଧିତ୍ୱରେ ବିଦର୍ଭ ୨୦୨୪-୨୫ ରଣଜୀ ଟ୍ରଫି ଚାମ୍ପିୟନ ହୋଇଥିଲା। ସେ ୫୩ ଆଭରେଜ୍‌ରେ ୮୬୩ ରନ୍ କରିଥିଲେ। ଏପରିକି କେରଳ ବିପକ୍ଷ ଫାଇନାଲରେ ଶତକ ମଧ୍ୟ କରିଥିଲେ। ଗତ ସିଜନରେ ଭଲ ପ୍ରଦର୍ଶନ ବଳରେ ନାୟାର ୮ ବର୍ଷର ବ୍ୟବଧାନ ପରେ ଭାରତୀୟ ଟେଷ୍ଟ ଦଳକୁ ଫେରିଛନ୍ତି। ସେ ବିଜୟ ହଜାରେ ଟ୍ରଫିରେ ଲଗାତର ୫ ଶତକ ସହ ୭୭୯ ରନ୍ କରିଥିଲେ। ଏପରିକି ସେ ଟୁର୍ନାମେଣ୍ଟରେ ୫୪୨ ରନ୍ କରିବା ପରେ ଆଉଟ୍ ହୋଇଥିଲେ, ଯାହା ଏକ ରେକର୍ଡ। ନାୟାରଙ୍କୁ ବିଦାୟ ଦେବା କଷ୍ଟକର। କାରଣ ସେ ଗତ ଦୁଇ ସିଜନରେ ଆମ ଦଳର ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ। କିନ୍ତୁ ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ଏବଂ ଆମେ ତାହାକୁ ସମ୍ମାନ ଦେଉଛୁ। ତାଙ୍କୁ ଏନ୍‌ଓସି ଦିଆଯାଇଛି। ଆଶା କରୁଛୁ ସେ ଆଗାମୀ ସିଜନରେ ଭଲ ପ୍ରଦର୍ଶନ କରନ୍ତୁ ବୋଲି ଭିସିଏ ଅଧିକାରୀ କହିଛନ୍ତି।

## ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ରେ ବିସିସିଆଇକୁ ସାମିଲ କରାଯିବ

**ନୂଆଦିଲ୍ଲୀ,୨୨।୭(ପି.ଟି.)**

ବୁଧବାର ସଂସଦରେ ଆଗତ ହେବାକୁ ଯାଉଥିବା ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ସାମିଲ କରାଯିବ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ କହାଯାଇଛି। ଏହି ବିଲ୍ ଆଇନରେ ପରିଣତ ହେବା ପରେ ସମସ୍ତ ଜାତୀୟ ମହାସଂଘ ଭଳି ବିସିସିଆଇକୁ ମଧ୍ୟ ଆଇନର ପାଳନ କରିବାକୁ ପଡ଼ିବ। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯିବା ପରେ ବିସିସିଆଇ ମଧ୍ୟ ଅଲିମ୍ପିକ୍ ଅଭିଯାନର ଅଂଶ ହୋଇଛି। କ୍ରୀଡ଼ା ପ୍ରଶାସନ ବିଲ୍‌ର ଉଦ୍ଦେଶ୍ୟ ହେଉଛି ନିର୍ଦ୍ଧାରିତ ସମୟରେ ନିର୍ବାଚନ, ଉତ୍ତରଦାୟୀ ପ୍ରଶାସନ ଓ ଆଥଲେଟ୍‌ଙ୍କ କଲ୍ୟାଣ ଲାଗି ଜାତୀୟ ଫେଡେରେଶନକୁ ସଂସ୍ଥାଗତ କରିବା।




### BRIDE WANTED

Handsome Karan Boy 1995, 5'10", B.Tech Serving Officer SBI, Bhubaneswar. "SUNASANSAR". 9937512659. D-76294

### GROOM WANTED

ବୟସ 28 କୌଣସି ଚାକିରୀ କରୁନଥିବା ସୁନ୍ଦରୀ ସୁଶୀଳ ଘରୋଇ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7326056138. D-1351



### SALE

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

**Sale of personal plot 60x80= 4800 sft Nearer to Phulanakhara, 11km from BBSR @ 1500 per sft with big compound wall, beautiful road, touching to a building 7809525452** D-1362

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286



5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

**3000sqft., 5500sqft. Godown & 25000sqft. open space with brickwall, Electricity & Water available at Manguli, Cuttack. Contact- 7978027615, 9871716662.** D-1392



Newly open SPA positively health benefits (expert therapist). Contact- 7327030529. D-76929

Newly open health benefits SPA by expert therapist. Contact- 8280961126. D-76928

### AFFIDAVIT

By virtue of an affidavit sworn before the Notary Public, Cuttack, dated 22.07.2025, I, SMT. JAIKADHI MAHAPATRA, Address: At-Club Pada, P.O.-Balangir, Dist.- Balangir, Odisha, PIN-767001 declare that I have changed my name from JAIKATI MOHAPATRA to SMT. JAIKADHI MAHAPATRA. Henceforth, I shall be known as SMT. JAIKADHI MAHAPATRA for all purposes. D-1388

I, Khusi Jain, D/o-Mukesh Kumar Jain, Resident of At/P.O.- Kursud, P.S.- Sindhekela, Dist.-Bolangir, PIN-767035, Odisha declare by this affidavit No.-06, date- 21.07.2025. That now onwards I shall be known as Khushi Jain for all future purposes. D-1387

I, Sri Mukesh Jain, S/o-Late Manik Chand Jain, Resident of At/ P.O.- Kursud, P.S.- Sindhekela, Dist.- Bolangir, PIN-767035, Odisha declare by this affidavit No.-05, date- 21.07.2025. That now onwards I shall be known as Mukesh Kumar Jain for all future purposes. D-1386

I, Jyotsnarani Bagh, W/o- Ghanashyam Rana, Resident of At - 31G, Ekta Nagar, Dist.- Sundargarh, PIN- 770001, Odisha declare by this affidavit No.- A 2935, dated 21.07.2025. That now onwards I shall be known as Jyotsna Bag for all future purposes. D-1385

By virtue of an affidavit sworn before Executive Magistrate, Chandbali, on dated 08.07.2025, I, Itishree Mohanty (20 yrs), D/o- Gourahari Mohanty, Vill- Kulhibindha, P.O.- Tentulidihi, P.S.- Chandbali, Dist.- Bhadrak, Odisha, PIN- 756133 declare that I have changed my name from Rajalaxmi Mohanty to Itishree Mohanty. Henceforth, I shall be known as Itishree Mohanty for all purposes.
Itishree Mohanty
D-1383

I, Mina Sahoo, D/o- Late Sridhar Sahoo, resident of Village/ P.O.- Astaranga, P.S.- Astaranga, Dist.- Puri, PIN- 752109, Odisha declare by this affidavit No.- 74, dtd. 21.07.2025. That now onwards I shall be known as **RONALISA BEHURA** for all purposes. D-75849

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Bhubaneswar vide CF.51/ dated 17.08.2021, I, Choudhury Bikram Keshari Praharaj (New Name), Address: Plot No.-1268, Siripur, Unit-8, Post- Baramunda, P.S.- Khandagiri, Dist.- Khordha, PIN- 751003 declare that I have changed my name from Bikram Keshari Praharaj (Old Name) to Choudhury Bikram Keshari Praharaj (New Name). Henceforth, I shall be known as CHOUDHURY BIKRAM KESHARI PRAHARAJ (New Name) for all purposes.
CHOUDHURY BIKRAM KESHARI PRAHARAJ
D-1397

I, Smt. Ranjana Pattnaik alias @Ranjana Patra, W/o- Ramakrishna Patra @Ramkrushna Patra, Ichhabatiguda, At/P.O.- Nabarangapur, Dist.- Nabarangapur at present residing at Village/Post- Dangarpaunsi, P.S.- Kundura, Dist.-Koraput, vide affidavit No.- 122, date 23.4.2025 sworn before the Executive Magistrate, Kundra, Dist.- Koraput, have declared that Ranjana Pattnaik and Ranjana Patra is one and same person for all future purpose. D-1393

I, Shanti Soreng, aged about 40 years, W/o- Kishor Soreng, Resident of Vill-Jhirpani, P.O.- Panchora, P.S.-Kutra, Dist.-Sundargarh, Odisha, do hereby solemnly affirm and declare as under, my son's Aadhaar Card vide No.- XXXX XXXX 5790 in which My Son name has been wrongly mentioned as Prabina Sareng instead of Praween Soreng. That Prabina Sareng and Praween Soreng denotes to one and same person, ie myself.
Praween Soreng
D-1391

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate, Khordha, dated 15.07.2025, I, Ganesh Chandra Nayak, Address: Vill- Doctor Lane, Khordha, P.O./P.S./Dist.-Khordha, Odisha, 752055 declare that I have changed the name of my son from Juel Jena to Juel Nayak. Henceforth, he shall be known as Juel Nayak for all purposes.
Ganesh Chandra Nayak
D-73594

I, Laxmidhar Sahoo, S/o- Bhikari Charan Sahoo and Laxmidhar Sahoo, S/o- Brundaban Sahoo is same person, At- 55, Budhanagar, Bhubaneswar. By affidavit I shall be known as Laxmidhar Sahoo, S/o- Bhikari Charan Sahoo for all purposes. D-76930

By virtue of an affidavit sworn before the Executive Magistrate, Birmaharajpur, date 18.07.2025, I, Rusudh Samal, R/o. Village- Kardapal, P.O.- Mursundhi, P.S.-Birmaharajpur, Dist.- Subarnapur, PIN- 767018 declare that I have changed my son's name from Maheswar Samal to Pritam Samal. Henceforth, he shall be known as Pritam Samal for all purposes.
Rusudh Samal
D-1391

I, Dinesh Chandra, S/o Late Sh. Mathura Dutt Pandey, Resident of Plot No. 125, Suanga, Near Radhe Krishna Temple, P.O.- Sarakantra, Dist. Khordha, Odisha, PIN- 751019, declare by this affidavit No.- 27383 dtd.- 15/07/2025 that now onwards I shall be known as DINESH CHANDRA PANDEY for all future purposes. D-1396

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନ ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ



✓ ଉମାକାନ୍ତ ମହାପାତ୍ର
ଆବିର୍ଭାବ: ୦୫.୦୫.୧୯୭୨
ତିରୋଧାନ: ୦୨.୦୮.୨୦୨୪
ବିଏଲ -୩୫, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର

ବାପା, ଚାହୁଁ ଚାହୁଁ ବର୍ଷେ ବିତିଗଲା। ତୁମେ ଯେଉଁଠି ବି ଥାଅ ଭଲରେ ଥାଏ। ଆମେ ତୁମର ଆଶୀର୍ବାଦକୁ ପାଥେୟ କରି ତୁମ ଆଶା ପୂରଣ କରିବାକୁ ଚେଷ୍ଟା କରିବୁ।
ତୁମର ହତଭାଗ୍ୟ ଝିଅ
ମନସ୍ୱିନୀ ମହାପାତ୍ର (ଟିକି)
ରୋଜାଲିନ ମହାପାତ୍ର (ପିକି)
ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୧୩୯୪

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ



✓ ଡାଃ. ଅମ୍ବିକା ପ୍ରସାଦ ମହାନ୍ତି
ଆବିର୍ଭାବ - ୦୩/୦୨/୧୯୩୫
ତିରୋଧାନ - ୨୩/୦୭/୨୦୧୯

ଚାହୁଁ ଚାହୁଁ ଛଅ ବର୍ଷ ବିତିଗଲା । ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସଭାବ ଓ କର୍ତ୍ତବ୍ୟନିଷ୍ଠାକୁ ପାଥେୟ କରି ବାଟ ଚାଲିବାକୁ ଚେଷ୍ଟା କରୁଛୁ । ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ଆମର ବିନମ୍ର

ଶ୍ରଦ୍ଧାଞ୍ଜଳି ସହ : ପୁତ୍ର/ପୁତ୍ରବଧୂ, ଝିଅ/ଜ୍ୱାଇଁ, ନାତି/ନାତୁଣୀ ଓ ବନ୍ଧୁ ଏବଂ ଆତ୍ମୀୟସ୍ୱଜନ ।
ଧ-୧୩୮୧

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଭଗବାନ ରାଉତ
ଆବିର୍ଭାବ: ୦୮।୦୪।୧୯୫୩
ତିରୋଧାନ: ୨୩।୦୭।୨୦୨୩
ଖଟଖୁରା, କାମାକ୍ଷାନଗର, ଢେଙ୍କାନାଳ

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କର ସର୍ବଦା ପାଥେୟ ହେଉ। ତୁମେ ଏ ଦୁନିଆରେ ନ ଥିଲେ ମଧ୍ୟ ଆମମାନଙ୍କ ପାଇଁ ତୁମର ସ୍ମୃତି ସର୍ବଦା ଜୀବିତ ହୋଇ ରହିଅଛି। ପ୍ରଭୁ ଶ୍ରୀଜଗନ୍ନାଥ ତୁମର ପବିତ୍ର ଆତ୍ମାଙ୍କୁ ଶାନ୍ତି ଦିଅନ୍ତୁ।
ତୁମର ହତଭାଗା: ପତ୍ନୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ଡୁଗୁ, ଚିଣ୍ଟୁ, ବୈଭବ, ଆରଭ, ଯୁହାନ ଓ ରାଉତ ପରିବାର ଏବଂ ବନ୍ଧୁ ପରିବାରବର୍ଗ
ଧ-୧୩୭୮

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ଜାଣି ରଖନ୍ତୁ



ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ। ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ସମ୍ଭାବନା ଥାଏ। ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । କୁକୁଡ଼ା ଘରକୁ ପରିଷ୍କାର ଏବଂ ଶୁଖିଲା ରଖନ୍ତୁ । ଲିଟରକୁ ନିୟମିତ ବଦଳାନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ବର୍ଷାଋତୁରେ ଗୋ-ମହିଷ ଓ ବାଛୁରୀମାନଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ସମ୍ଭାବନା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପଶୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏହି ମାସରେ ଗୋ-ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମହିଷଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ । ପଶୁମାନଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ସମ୍ଭାବନା ଥାଏ ।

## ସଅଳ ମୁଗ କିସମ

ଆଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇପିଏମ୍ ୦୨-୩, ଆଇପିଏମ୍ ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶୀ), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶୀକାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ । ବିହନକୁ ଫିମ୍ପିନାଶକ ଓ ଜୀବାଣୁ କଲ୍‌ଚର ଉପଚାରକରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପିଏସ୍‌ବି) ସହ ଗୋଳାଇ ବୁଣନ୍ତୁ । ଘାସମରା ବିଷ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ । ଘାସମରା ବିଷ ପ୍ରୟୋଗକରି ନ ଥିଲେ ବୁଣିବାର ୩ ସପ୍ତାହ ପରେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ ।



# ବାର୍ଡ ଫ୍ଲୁ : କାରଣ, ସତର୍କତା



ଡା. ବୀରକିଶୋର ପରିଡ଼ା

ଆଭିଆନ୍ ଇନ୍‌ଫ୍ଲୁଏଞ୍ଜା ହେଉଛି ଏକ ମାରାତ୍ମକ ଭୂତାଣୁଜନିତ ରୋଗ ଏବଂ ଏହା କୁକୁଡ଼ା, ବତକ, ଟର୍କି, ଗିନି କୁକୁଡ଼ା ବା ଚାଇନା କୁକୁଡ଼ା ଓ ପାଣିବୁଆ ଭଳି ପକ୍ଷୀଙ୍କଠାରେ ଦେଖାଦେଇ ପ୍ରଭୂତ କ୍ଷତି ଘଟାଇଥାଏ । ଏହାକୁ ବାର୍ଡ ଫ୍ଲୁ ବା ଫାଉଲ ପ୍ଲେଗ୍ ରୋଗ ମଧ୍ୟ କହିଥାନ୍ତି । ଏହି ରୋଗର ଭୂତାଣୁ କୁକୁଡ଼ା ବା ଆକ୍ରାନ୍ତ ପକ୍ଷୀ ମାଧ୍ୟମରେ ମନୁଷ୍ୟ, ଘୁଷୁରି ଓ ଘୋଡ଼ା ଆଦି ପ୍ରାଣୀଙ୍କଠାରେ ଇନ୍‌ଫ୍ଲୁଏଞ୍ଜା ରୋଗ ସୃଷ୍ଟି କରି ମୃତ୍ୟୁର କାରଣ ହୋଇଥାଏ । ସର୍ବପ୍ରଥମେ ୧୮୭୮ ମସିହାରେ ଇଟାଲୀରେ କୁକୁଡ଼ାଙ୍କଠାରେ ଏକ ମାରାତ୍ମକ କୁକୁଡ଼ାଙ୍କ ପ୍ଲେଗ ରୋଗ ରୂପରେ ଏହା ଦେଖାଦେଇଥିଲା । ବାର୍ଡ ଫ୍ଲୁ ଆମ ଦେଶରେ ପ୍ରଥମ ଥର ପାଇଁ ମହାରାଷ୍ଟ୍ରରେ ଦେଖାଯାଇଥିଲା ।

**କାରଣ :** ବାର୍ଡ ଫ୍ଲୁ ରୋଗର ଭୂତାଣୁ ହେଉଛି ଏକ ଖଣ୍ଡ ବିଖଣ୍ଡିତ ଆର.ଏନ.ଏ. ଯୁକ୍ତ ଏଚ୍-୫, ଏନ୍-୧ ଭୂତାଣୁ ଏବଂ ଅର୍ଥୋମିକ୍ସୋ ପରିବାରର ଅନ୍ତର୍ଭୁକ୍ତ । ଏହି ରୋଗର ଭୂତାଣୁ ଏଥିଯୋଗୁ ସହଜରେ ରୂପ ପରିବର୍ତ୍ତନ କରିଥାଏ । ଏହି ଭୂତାଣୁ ହେଉଛି ଇନ୍‌ଫ୍ଲୁଏଞ୍ଜା ଭୂତାଣୁ-ଏ ଶ୍ରେଣୀ ଅନ୍ତର୍ଭୁକ୍ତ । ଏହି ଭୂତାଣୁ ୭୦ଡିଗ୍ରୀ ସେଣ୍ଟିଗ୍ରେଡ ଉତ୍ତାପରେ ଅର୍ଦ୍ଧଘଣ୍ଟାରେ ମରିଯାଆନ୍ତି ।

**କିପରି ବ୍ୟାପେ :** ଏସିଆ ଓ ୟୁରୋପ ଭଳି ମହାଦେଶର ବିଦେଶୀ ଆଗନ୍ତୁକ ପକ୍ଷୀ, ପାଣିବୁଆ ଆଦି ଆମ ରାଜ୍ୟର ଚିଲିକା ହ୍ରଦ ବା ଅନ୍ୟାନ୍ୟ ଜଳାଶୟ ଘାଟକୁ ଆସିବା ଦ୍ୱାରା କିମ୍ବା ସ୍ଥଳ ବିଶେଷରେ ଅନ୍ୟାନ୍ୟ ଦେଶ ବା ରାଜ୍ୟର ସଂକ୍ରମିତ ପକ୍ଷୀ ବା କୁକୁଡ଼ା ଆସିବା ଦ୍ୱାରା ବାର୍ଡ ଫ୍ଲୁ ଆଞ୍ଚଳିକ ଦେଖାଦେଇଥାଏ । ଆକ୍ରାନ୍ତଙ୍କ ପାଟିରୁ ନିର୍ଗତ ଲାଳ, ମଳ, ପକ୍ଷ ଓ ସଂକ୍ରମିତ ପକ୍ଷୀ ଦ୍ୱାରା ପାଣି, ମାଟି, ବାୟୁ ଏବଂ ଖାଦ୍ୟ ମାଧ୍ୟମରେ ଏହି ରୋଗ ବ୍ୟାପିଥାଏ । ଅଣ୍ଡା ଓ ଅନ୍ୟାନ୍ୟ କୁକୁଡ଼ାଜାତ ଦ୍ରବ୍ୟ ମାଧ୍ୟମରେ ମଧ୍ୟ ଏହିରୋଗର ଭୂତାଣୁ ବ୍ୟାପିଥାଏ ।

**ସଂକ୍ରମଣ ସମୟ :** ଏହି ରୋଗର ଭୂତାଣୁ କୁକୁଡ଼ାଠାରେ ପ୍ରବେଶ କରିବା ପରଠାରୁ ଲକ୍ଷଣ ପ୍ରକାଶ ପାଇବା ପର୍ଯ୍ୟନ୍ତ ୩ ରୁ ୭ ଦିନ ସମୟ ନେଇଥାଏ । ଏହା କୁକୁଡ଼ାର ବୟସ ତଥା ଜାତି ଅନୁସାରେ ଅବଶ୍ୟ ଫରକ୍ ହୋଇଥାଏ ।

**ଲକ୍ଷଣ :** ଏହି ରୋଗ କୁକୁଡ଼ାଙ୍କଠାରେ ଦେଖାଯିବା ମାତ୍ରେ କୁକୁଡ଼ା ଅତ୍ୟଧିକ ଦୁର୍ବଳ ଦେଖାଯିବା ସହିତ ସେମାନଙ୍କ ପରଗୁଡ଼ିକ ଅସଜଡ଼ା ପରି ଦେଖାଯାଏ । ହଠାତ୍ ଅଣ୍ଡା ଦେବା ବନ୍ଦ କରି ଦିଅନ୍ତି । ପତଳା ପାଣି ପରି ଝାଡ଼ା ହୁଏ । ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ ବା ମୁକୁଟ, ୱାଟଲ ଏବଂ ଆଖି ଚତୁର୍ପାର୍ଶ୍ୱ ଫୁଲିଯାଏ । ଆକ୍ରାନ୍ତ କୁକୁଡ଼ାର ଅଣ୍ଡା ଖୋଳପା ନ ଥାଇ ଲଚଲଚିଆ ଅଣ୍ଡା ଦେଉଥାଏ । କୁକୁଡ଼ାଙ୍କ ଅଗ୍ରଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟିକା ପରି ଜଣାପଡ଼େ । କୁକୁଡ଼ାଙ୍କ ମୁହଁ ବା ମୁଣ୍ଡ ଫୁଲିଯାଏ । ଏହି ରୋଗ ଆରମ୍ଭର ୪୮ ଘଣ୍ଟା ମଧ୍ୟରେ କୁକୁଡ଼ା ମୃତ୍ୟୁବରଣ କରନ୍ତି । ଏହି ରୋଗରେ କୁକୁଡ଼ାଙ୍କ ସର୍ବାଧିକ ମୃତ୍ୟୁହାର ଶତକଡ଼ା ୧୦୦ଭାଗ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ଏହି ରୋଗ କୁକୁଡ଼ା ବା ପକ୍ଷୀ ମାଧ୍ୟମରେ ହିଁ ମନୁଷ୍ୟଙ୍କୁ ବ୍ୟାପିଥାଏ । ମନୁଷ୍ୟଙ୍କଠାରେ ଏହି ରୋଗ ଦେଖାଦେଲେ ଜ୍ୱର, କାଶ, ତଣ୍ଟିଦରଜ, ଗୋଲାପିଆ ଆଖି ସଂକ୍ରମଣ, ନିମୋନିଆ ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇବା ସହିତ ଶ୍ୱାସଜନିତ ଲକ୍ଷଣ ପ୍ରକାଶ ପାଇଥାଏ ।



"ବାର୍ଡ ଫ୍ଲୁ କୁକୁଡ଼ାଙ୍କଠାରେ ଦେଖାଯିବା ମାତ୍ରେ କୁକୁଡ଼ା ଅତ୍ୟଧିକ ଦୁର୍ବଳ ଦେଖାଯିବା ସହିତ ସେମାନଙ୍କ ପରଗୁଡ଼ିକ ଅସଜଡ଼ା ପରି ଦେଖାଯାଏ । ହଠାତ୍ ଅଣ୍ଡା ଦେବା ବନ୍ଦ କରି ଦିଅନ୍ତି । ପତଳା ପାଣି ପରି ଝାଡ଼ା ହୁଏ । ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ ବା ମୁକୁଟ, ୱାଟଲ ଏବଂ ଆଖି ଚତୁର୍ପାର୍ଶ୍ୱ ଫୁଲିଯାଏ । ଆକ୍ରାନ୍ତ କୁକୁଡ଼ାର ଅଣ୍ଡା ଖୋଳପା ନ ଥାଇ ଲଚଲଚିଆ ଅଣ୍ଡା ଦେଉଥାଏ । କୁକୁଡ଼ାଙ୍କ ଅଗ୍ରଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟିକା ପରି ଜଣାପଡ଼େ । କୁକୁଡ଼ାଙ୍କ ମୁହଁ ବା ମୁଣ୍ଡ ଫୁଲିଯାଏ । ଏହି ରୋଗ ଆରମ୍ଭର ୪୮ ଘଣ୍ଟା ମଧ୍ୟରେ କୁକୁଡ଼ା ମୃତ୍ୟୁବରଣ କରନ୍ତି ।"

**ରୋଗ ଚିହ୍ନଟ ପ୍ରଣାଳୀ :** ୧୧ ଦିନିଆ ଏମ୍ବ୍ରିଓଯୁକ୍ତ ଅଣ୍ଡାର ସଂସ୍ପର୍ଶରେ ଆସିଲେ ଅଣ୍ଡାସ୍ଥିତ ଛୁଆ ୪୮ ରୁ ୭୨ ଘଣ୍ଟା ମଧ୍ୟରେ ମୃତ୍ୟୁବରଣ କରନ୍ତି । ଅନ୍ୟାନ୍ୟ ପରୀକ୍ଷା ଦ୍ୱାରା ଯଥା - ଏଚ୍.ଏ, ଏଚ୍.ଆଇ., ଏ.ଜି.ପି.ଟି, ସି.ଏଫ୍.ଟି., ଏଲିଶା ଇତ୍ୟାଦି ପରୀକ୍ଷା ପାଇଁ କୁକୁଡ଼ାଙ୍କ ରକ୍ତ ବା ସିରମ୍ ସଂଗ୍ରହ କରିବାକୁ ପଡ଼ିଥାଏ ।

**ନମୁନା ସଂଗ୍ରହ:** ଜୀବନ୍ତ ଆକ୍ରାନ୍ତ କୁକୁଡ଼ାର ନାକ, ମଳଦ୍ୱାର ବା କ୍ଲୋକେଲ୍ ନିକଟରୁ ବିଶୋଧିତ ଉପାୟରେ ସ୍ୱାବ୍ ସଂଗ୍ରହ କରି ପଠାଯାଏ । ମୃତ କୁକୁଡ଼ାଙ୍କ ଫୁସଫୁସ, ଗ୍ରାଜିଆ, ଅନ୍ତନଳୀ, ଜୀବନ୍ତ କୁକୁଡ଼ାର ରକ୍ତ ବା ସିରମ୍ ସଂଗ୍ରହ କରି ବରଫ ମାଧ୍ୟମରେ ପଠାଯାଏ । ଏହି ନମୁନାଗୁଡ଼ିକ କେନ୍ଦ୍ର ସରକାରଙ୍କ ବିଭିନ୍ନ ଆଞ୍ଚଳିକ ରୋଗ ଚିହ୍ନଟ ପରୀକ୍ଷାଗାର, ମଧ୍ୟପ୍ରଦେଶ ଭୋପାଳସ୍ଥିତ ଜାତୀୟ ନିରାପଦ ପ୍ରାଣୀରୋଗ ପରୀକ୍ଷାଗାର, ଆଇଜତନଗର, କଲିକତା ଏବଂ ଭୁବନେଶ୍ୱରସ୍ଥିତ ଭାରତୀୟ ପ୍ରାଣୀ ଗବେଷଣା ପ୍ରତିଷ୍ଠାନକୁ ପଠାଯାଇଥାଏ ।

**ଚିକିତ୍ସା ପ୍ରଣାଳୀ :** ଏହି ରୋଗକୁ ସଂପୂର୍ଣ୍ଣ ପ୍ରତିହତ ବା ଚିକିତ୍ସା କରିବା ପାଇଁ ସେପରି କୌଣସି ଚିକିତ୍ସା ନାହିଁ । ମନୁଷ୍ୟଙ୍କଠାରେ ଏହି ରୋଗର ପ୍ରଭାବକୁ କମାଇବା ପାଇଁ ଆମାଣ୍ଟିଡିନ୍-ହାଇଡ୍ରୋକ୍ଲୋରାଇଡ୍ ଭଳି ଔଷଧ ବ୍ୟବହାର କରାଯାଏ । ଯେହେତୁ ଏହି ରୋଗର ଭୂତାଣୁ ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ଥାଏ ଏବଂ ଅବିରତ ରୂପ ବଦଳାଏ, ତେଣୁ ସେଥିପାଇଁ ସଂପୂର୍ଣ୍ଣ ଫଳପ୍ରଦ ଟିକା ପ୍ରସ୍ତୁତ କରିବା ସମ୍ଭବ ନୁହେଁ । ଆମ ରାଜ୍ୟର ଲୋକମାନେ କୁକୁଡ଼ା ମାଂସ ସିଝାଇ ଖାଇବାର ଅଭ୍ୟାସ ଯୋଗୁ ଆମ ପଦ୍ଧତିରେ ରନ୍ଧା ଯାଉଥିବା ଖାଦ୍ୟ ଦ୍ରବ୍ୟରେ ଭୂତାଣୁ ରହିବାର କୌଣସି ଆଶଙ୍କା ନ ଥାଏ । ତେଣୁ କୁକୁଡ଼ା ମାଂସ ଓ ଅଣ୍ଡା ଖାଇବାରେ ଭୟର କାରଣ ନାହିଁ । କିନ୍ତୁ କୁକୁଡ଼ା କାଟୁଥିବା ଲୋକ ସତର୍କତା ଅବଲମ୍ବନ କରିବା ଉଚିତ ।

**ରୋଗ ନିୟନ୍ତ୍ରଣ ଓ ସାବଧାନତା :** ବିଦେଶୀ ପକ୍ଷୀଙ୍କ ଆଗମନକୁ ବାରଣ ସହିତ ସେମାନେ ରହୁଥିବା ସ୍ଥାନ ବା ଜଳାଶୟର ଜଳକୁ ବ୍ୟବହାର କରିବା ଅନୁଚିତ । ବାହାର ରାଜ୍ୟ ବା ସ୍ଥାନରୁ କୁକୁଡ଼ା ଓ କୁକୁଡ଼ା ଜାତ ଦ୍ରବ୍ୟ ଯଥା- ଅଣ୍ଡା ଓ ମାଂସ ନେବା ଆଣିବା ଉପରେ କଟକଣା ଜାରି ରଖିବା ଉଚିତ । କୁକୁଡ଼ାମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ଘରେ ରଖିବା, କୁକୁଡ଼ାଙ୍କୁ ସୁଷମ ତଟକା ଖାଦ୍ୟ ପ୍ରଦାନ, ବାହ୍ୟ ଜୀବ ବା ପକ୍ଷୀ ଯାନବାହନ ବା ମନୁଷ୍ୟ ଫାର୍ମ ମଧ୍ୟକୁ ଅବାଧ ପ୍ରବେଶ ନିଷେଧ, ପରିଷ୍କାର ପାନୀୟ ଜଳଯୋଗାଣ, ଠିକ୍ ସମୟରେ ପ୍ରତିଷେଧକ ଟିକା ପ୍ରଦାନ, ମୃତ ପକ୍ଷୀଙ୍କୁ ବାହାରେ ନ ଫିଙ୍ଗି ପୋଡ଼ିଦେବା ବା ଗଭୀର ଗର୍ତ୍ତରେ ପୋତିଦେବା ଇତ୍ୟାଦି ଭଳି ପଦକ୍ଷେପ ଗ୍ରହଣ କଲେ ଏହି ରୋଗର ସମ୍ଭାବନାକୁ ସହଜରେ ଏଡାଇ ଦିଆଯାଇ ପାରିବ ।

**ବିଭାଗୀୟ ପଦକ୍ଷେପ :** ସରକାରଙ୍କ ତରଫରୁ ଏହି ରୋଗର ସଂପୂର୍ଣ୍ଣ ନିରାକରଣ ପାଇଁ ଅନେକ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରାଯାଉଅଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ସମସ୍ତ ପ୍ରାଣୀଚିକିତ୍ସା ଅଧିକାରୀମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଅଛି । ଏହି ରୋଗର ଭୂତାଣୁ ୭୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଉତ୍ତାପରେ ୩୦ ମିନିଟ୍ ମଧ୍ୟରେ ନଷ୍ଟ ହୋଇ ଯାଆନ୍ତି । ଆମ ପଦ୍ଧତିରେ ରନ୍ଧା ଯାଉଥିବା ଖାଦ୍ୟ ଦ୍ରବ୍ୟରେ ଭୂତାଣୁ ରହିବାର କୌଣସି ଆଶଙ୍କା ନାହିଁ । କୌଣସି କାରଣରୁ କୁକୁଡ଼ାଙ୍କ ବହୁ ସଂଖ୍ୟାରେ ମୃତ୍ୟୁ ଘଟିଲେ ବା ରୋଗ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେବା ବିଧେୟ ।

-ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଅଧିକ ଅମଳକ୍ଷମ ଟମାଟୋ ବିହନ



ଅଧିକ ଅମଳକ୍ଷମ ଟମାଟୋ ପାଇଁ ଉନ୍ନତ ବିହନ କିସମଗୁଡ଼ିକ ହେଲା- ବିଟି-୨, ବିଟି-୧୦, ବିଟି-୧୨, ନୀଳାଦ୍ରି, ସଦାବାହାର, ମାଧୁରୀ, ମହାରାଜ, ମର୍ଗିସନ୍, ରଶ୍ମି, ନବୀନ ଆଦି ବ୍ୟବହାର କରନ୍ତୁ । ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର । ୧ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ଫୁଟ୍ ଚଉଡା ଓ ୬ଇଞ୍ଚ ଉଚ୍ଚତା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ । ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ । ମଞ୍ଜିକୁ କାପ୍ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି ରଖି ପଟାଳିରେ ବୁଣାଯାଏ । ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ । ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ । ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ । ଚାରି ୫ରୁ ୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ । ଚାରିଗୁଡ଼ିକୁ ୬୦X୪୫ସେ.ମି. ବ୍ୟବଧାନରେ ଲଗାନ୍ତୁ । ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ ପିଡ଼ିଆ ବ୍ୟବହାର କରନ୍ତୁ ।

## ପନିପରିବା ଚାଷ



ବର୍ଷାଦିନେ ସାଧାରଣତଃ ବାଇଗଣ, ବିଲାତି ବାଇଗଣ, କୋବି, ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାକଡ଼, ଝୁଡ଼ଙ୍ଗ ଆଦି ପନିପରିବା ଫସଲ ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳଜମିରେ ଲଗାଯାଇଥାଏ । ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶୁଖା ଗୋବରଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର ଫସଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ । ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ କରି ତାକୁ ଚତୁର୍ପାର୍ଶ୍ୱ ନିବୁଜକରି ୭ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ । ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡାଇବାର ୫-୭ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଓଦାଳ ଗଳା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ । ଖରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଛଣ ଘର ମଧ୍ୟରେ କରନ୍ତୁ ।

## ଆଖୁଚାଷର ଭେଲାବନ୍ଧା କାମ

ଜମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ । ଫସଲ ୪-୫ ମାସର ହୋଇଥିଲେ ଭେଳା ବନ୍ଧା କାମ କରନ୍ତୁ । ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ । ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍/କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୩୭୫ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ । ସଅଳ କାଣ୍ଡବିନ୍ଧା କୀଟକୁ ଦମନକରିବା ପାଇଁ ହେକ୍ଟର ପ୍ରତି ୧୦ଟି ହିସାବରେ



ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କଣାରେ ଫିପ୍ରୋନିଲ୍ ଦାନାଦାର ବିଷର ୩-୪ଟି ଦାନା ପ୍ରୟୋଗ କରନ୍ତୁ । ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।

# ଅନୁମୋଦିତ ପ୍ରଣାଳୀରେ ଧାନ ତଳି ରୁଆ

ଯେଉଁ ଚାଷୀଭାଇମାନେ ଅନୁମୋଦିତ ପ୍ରଣାଳୀରେ ଧାନ ରୋଇ ସାରିଛନ୍ତି ଏବଂ ରୁଆର ୨୦ଦିନ ହୋଇଗଲାଣି, ଅନାବନା ଘାସ ବାଛି କିସମ ଅନୁଯାୟୀ ଏକର ପ୍ରତି ୧୨କି.ଗ୍ରା. ଯବକ୍ଷାରଜାନ ପିଲ ସାର ଆକାରରେ ପ୍ରୟୋଗ କରନ୍ତୁ । ତଳି ୩-୪ ସପ୍ତାହର ହୋଇଗଲେ ରୋଇବା ପାଇଁ ଉପଯୁକ୍ତ ହୋଇଥାଏ । ସେପରି ସ୍ଥଳେ ତଳି ରୋଇବା ପାଇଁ ମୁଖ୍ୟ କିଆରିକୁ କାଦୁଅ କରନ୍ତୁ । ପ୍ରଥମେ ୩-୪ ଓଡ଼ ଚାଷକରି ପାଣି ବାନ୍ଧି ରଖନ୍ତୁ । ରୋଇବା ପୂର୍ବଦିନ ଅତ୍ୟଧିକ ପାଣି ନିଗାଡ଼ିଦେଇ ଜମିକୁ କାଦୁଅ କରନ୍ତୁ । ସବୁଜ ସାର ପାଇଁ ଆଗୋଳା ବଢ଼ାଇଥିଲେ କାଦୁଅ ବେଳେ ଜଳକରି ମାଟିରେ ମିଶାଇ ଦିଅନ୍ତୁ । ଏକର ପ୍ରତି ୨କି.ଗ୍ରା. ଆଜୋଟୋବ୍ୟାକ୍ଟର (ମଧ୍ୟମ ଜମିରେ ) ବା ଆଜୋସ୍ପିରିଲମ୍ (ଖାଲଜମିରେ) ସହ ୨କି.ଗ୍ରା. ପିଏସ୍‌ବି ଖତ ସହ ମିଶାଇ ରୋଇବା ପୂର୍ବରୁ ଜମିରେ ପ୍ରୟୋଗ କରନ୍ତୁ । ଶେଷଓଡ଼ କାଦୁଅରେ କିସମ ଅନୁଯାୟୀ ଏକର



ପ୍ରତି ୬-୮କି.ଗ୍ରା. ଯବକ୍ଷାରଜାନ, ୧୨-୧୬କି.ଗ୍ରା. ଫସ୍‌ଫରସ୍ ଓ ୧୨-୧୬କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ । ତଳିଘରାରେ ଦାନାଦାର ବିଷ ପ୍ରୟୋଗ କରି ନ ଥିଲେ ପ୍ରତି ଲିଟର ପାଣିରେ ୧ମି.ଲି.ହିସାବରେ କ୍ଲୋରୋପାଇରିଫସ୍ ମିଶାଇ ତଳିର ଚେରକୁ ୮-୧୦ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ବିଶୋଧନ କରନ୍ତୁ । ଧାଡ଼ିକୁ ୧୫-୨୦ସେ.ମି. ବୁଦାକୁ ବୁଦା ୧୦ସେ.ମି. ବ୍ୟବଧାନ ରଖନ୍ତୁ । ବୁଦା ପ୍ରତି ୨ରୁ ୩ଟି କରି ତଳି ସିଧା ଓ ଅଗଭୀରରେ ରୁଅନ୍ତୁ । ରୁଆ ସମୟରେ କିଆରିରେ ନଖବୁଡ଼ା ପାଣି ରଖନ୍ତୁ ।

# କର ବା ମର ସ୍ଥିତିରେ ଭାରତ



କୋଚ୍ ଗୌତମ ଗମ୍ଭୀରଙ୍କ ଉପସ୍ଥିତିରେ ପିଚ୍ ନିରୀକ୍ଷଣ କରୁଛନ୍ତି ଅଧିନାୟକ ଶୁବମନ ଗିଲ୍।

## ଆଜିଠୁ ଚତୁର୍ଥ ଟେଷ୍ଟ

ମାଞ୍ଚେଷ୍ଟର,୨୨।୭(ପି.ଟି.)

ଆଜିଠାରୁ ଓଲ୍ଡ ଟ୍ରାଫୋର୍ଡଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି(ଏଟିଟି) କ୍ରିକେଟ୍ ଟେଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଖେଳାଯିବ। ଏପର୍ଯ୍ୟନ୍ତ ସିରିଜ୍‌ରେ ୩ ମ୍ୟାଚ୍ ଖେଳାଯାଇଥିବା ବେଳେ ଇଂଲଣ୍ଡ ଏବେ ୨-୧ରେ ଆଗରେ ରହିଛି। ଏଣୁ ଏହି ମ୍ୟାଚ୍ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ କର-ବା-ମର ସ୍ଥିତିରେ ଛିଡ଼ା ହୋଇଛି। ଦଳକୁ ୫ ଟେଷ୍ଟବିଶିଷ୍ଟ ସିରିଜ୍‌କୁ ବରାବର କରିବା ପାଇଁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଦରକାର। କିନ୍ତୁ ଓଲ୍ଡ ଟ୍ରାଫୋର୍ଡରେ ଭାରତ ପୂର୍ବରୁ କଦାପି କୌଣସି ଟେଷ୍ଟ ଜିତିନାହିଁ। ପୂର୍ବରୁ ଏଠାରେ ୯ ମ୍ୟାଚ୍ ଖେଳିଥିବା ଭାରତ ୪ଟିରେ ପରାଜିତ ହୋଇଥିବା ବେଳେ ୫ ମ୍ୟାଚ୍‌କୁ ଡ୍ର’ ରଖିଛି। ଏହି ରେକର୍ଡ ଅପେକ୍ଷା ଭାରତୀୟ ଦଳ ପାଇଁ ଟିମ୍ କମ୍ବିନେଶନ ଚିନ୍ତାର କାରଣ ପାଲଟିଛି। ଦଳରେ ଆହତ ଖେଳାଳିଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଚୂଡ଼ାନ୍ତ ଏକାଦଶରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିବ। ଲର୍ଡ୍ସ ଟେଷ୍ଟରେ ଖେଳିଥିବା ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଓ ପେସର ଆକାଶ ଦୀପଙ୍କ ସହିତ ଅର୍ଶଦୀପ ସିଂ ଆହତ ହୋଇଛନ୍ତି। ଲିଡ୍ସରେ ପ୍ରଥମ ଟେଷ୍ଟରେ ପରାଜିତ ହେବା ପରେ ଭାରତୀୟ ଦଳ ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍‌ରେ ୩ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର ଓ ନୀତୀଶଙ୍କୁ ଏକାଠି ଖେଳାଇଥିଲା। ପ୍ରଥମ ଟେଷ୍ଟରେ ଖେଳିଥିବା ଶାର୍ଦ୍ଦୂଳ ଠାକୁର ସିଧାସଳଖ ନୀତୀଶଙ୍କ ବଦଳରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇପାରନ୍ତି। ହରିୟାଣା ପେସର ଅଂଶୁଲ କାମ୍ବୋଜ୍‌ଙ୍କୁ ପଦାର୍ପଣ ସୁଯୋଗ ମିଳିପାରେ। ଗ୍ରୋଇନ୍ ଇଞ୍ଜୁରି କାରଣରୁ ଆକାଶ ଏହି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତେବେ କାମ୍ବୋଜ୍ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ମଧ୍ୟରୁ ଜଣଙ୍କୁ ତୃତୀୟ ପେସର ଭାବେ ଖେଳାଯିବ। ଆକାଶଙ୍କ ଭଳି କାମ୍ବୋଜ୍‌ଙ୍କ ନିକଟରେ ବଲ୍‌ରୁ ପ୍ରଚୁର ସିମ୍ ମୁଭ୍‌ମେଣ୍ଟ ହାସଲ କରିବାର ଦକ୍ଷତା ରହିଛି। ସେ ନିକଟରେ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଭାରତ ଏ’ ପାଇଁ ଭଲ ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ରେ ପ୍ରିମିୟର ପେସର ଯଶ୍‌ପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜଙ୍କ ଖେଳିବା ପକ୍କା। ଲର୍ଡ୍ସ ଟେଷ୍ଟକୁ ଛାଡ଼ିଦେଲେ ସିରିଜ୍‌ରେ ପ୍ରଥମ ଦୁଇ ଟେଷ୍ଟରେ ଭାରତୀୟ ବ୍ୟାଟରମାନେ ଭଲ ପ୍ରଦର୍ଶନ କରିଥିଲେ। ବ୍ୟାଟରଙ୍କ ମଧ୍ୟରେ ଅଧିନାୟକ ଗିଲ୍, ଭେଟେରାନ ଓପ୍‌ନର ଲୋକେଶ ରାହୁଲ, ଉଇକେଟ୍‌କିପର ରିଷଭ ପନ୍ତ, ଯୁବ ଓପ୍‌ନର ଯଶସ୍ୱୀ ଜୟସ୍ୱାଲ ଭଲ ଫର୍ମରେ ରହିଛନ୍ତି। କିନ୍ତୁ ବ୍ୟାଟିଂ ଲାଇନ୍‌ରେ କେବଳ ଗୋଟିଏ ପରିବର୍ତ୍ତନ କରାଯିବ ବୋଲି ଆଶା କରାଯାଉଛି। ପ୍ରଥମ ୩ ଟେଷ୍ଟରେ କରୁନ ନାୟାର ଆଖିଦୃଶିଆ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଯଦି ତାଙ୍କୁ ବାଦ୍ ଦିଆଯାଏ, ତେବେ ସାଇ ସୁଦର୍ଶନଙ୍କୁ ଦଳରେ ସାମିଲ କରାଯିବ। ଯଦି ନାୟାରଙ୍କୁ ଆଉ ଏକ ସୁଯୋଗ ଦିଆଯାଏ, ତେବେ ତାଙ୍କୁ ବଡ଼ ଇନିଂସ ଖେଳିବାକୁ ପଡ଼ିବ। ନ ହେଲେ ଏହା ତାଙ୍କ କ୍ୟାରିୟରର ଅନ୍ତିମ ଟେଷ୍ଟ ହୋଇପାରେ। ଗତ ମ୍ୟାଚ୍‌ରେ ଆହତ ସମସ୍ୟା ଯୋଗୁ ଉଇକେଟ୍ କିପିଂ କରି ନ ଥିବା ପନ୍ତ ଏବେ ପୂରା ଫିଟ୍ ଅଛନ୍ତି। ସେ ଟ୍ରେନିଂ ସେସନରେ ନିଜ ଫିଟ୍‌ନେସ୍‌ର ପ୍ରମାଣ ଦେଇଛନ୍ତି। ଲଗାତର ୪ ଅର୍ଦ୍ଧଶତକ ହାସଲ କରିଥିବା ଜାଡେଜା ଲୋୟର ମିଡଲ ଅର୍ଡର ସମ୍ଭାଳିବେ। କିନ୍ତୁ ବଲ୍‌ରେ ତାଙ୍କଠାରୁ ଅଧିକ ଯୋଗଦାନର ଆଶା କରାଯାଉଛି।

ତେବେ ଭାରତୀୟ ଦଳ ଇଂଲଣ୍ଡର ଅନ୍ୟ ଭେନ୍ୟୁ ଅପେକ୍ଷା ଓଲ୍ଡ ଟ୍ରାଫୋର୍ଡରେ ନିୟମିତ ଖେଳେନାହିଁ। ଭାରତ ଅନ୍ତିମଥର ୨୦୧୪ରେ ଏଠାରେ ଟେଷ୍ଟ ମ୍ୟାଚ୍ ଖେଳିଥିଲା। ଏହି ଭେନ୍ୟୁରେ ଅନ୍ତିମ ଭାରତୀୟ ବ୍ୟାଟର ଭାବେ ଶତକ କରିବାର ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାମରେ ରହିଛି, ଯାହାକି ସେ ୧୯୯୦ ଟୁର୍‌ରେ କରିଥିଲେ। ଗତ ସପ୍ତାହରେ ମାଞ୍ଚେଷ୍ଟରରେ ନିୟମିତ ବର୍ଷା ହୋଇଛି। ଏଣୁ ମ୍ୟାଚ୍‌ରେ ବର୍ଷାର ପ୍ରଭାବ ଦେଖିବାକୁ ମିଳିପାରେ। ଅନ୍ୟପକ୍ଷରେ ସିରିଜ୍‌ରେ ଡ୍ରାଇଭର ସିଟ୍‌ରେ ଥିବା ଘରୋଇ ଇଂଲଣ୍ଡ ତା’ର ଚୂଡ଼ାନ୍ତ ଏକାଦଶ ଘୋଷଣା କରିସାରିଛି। ସମ୍ଭାବ୍ୟ ଭାରତୀୟ ଦଳ: ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁନ ନାୟାର/ସାଇ ସୁଦର୍ଶନ, ଶୁବମନ ଗିଲ୍(ଅଧିନାୟକ), ରିଷଭ ପନ୍ତ(ଉଇକେଟ୍‌କିପର ଓ ଉପ ଅଧିନାୟକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ସିରାଜ, ଯଶ୍‌ପ୍ରୀତ ବୁମ୍‌ରା, ଅଂଶୁଲ କାମ୍ବୋଜ୍/ପ୍ରସିଦ୍ଧ କ୍ରିଷ୍ଣା। ଇଂଲଣ୍ଡ ଏକାଦଶ: ଜ୍ୟାକ୍ କ୍ରଲି, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍(ଉଇକେଟ୍‌କିପର), ଲିଆମ ଡସନ, କ୍ରିସ୍ ୱୋକ୍ସ, ବ୍ରାଇଡନ କାର୍ସ, ଜୋଫ୍ରା ଆର୍ଚ୍ଚର।

### ଓଲ୍ଡ ଟ୍ରାଫୋର୍ଡରେ ଦ୍ୱିପାକ୍ଷିକ ରେକର୍ଡ

ମୋଟ ଟେଷ୍ଟ: ୯, ଇଂଲଣ୍ଡ ବିଜୟୀ-୪, ଭାରତ ବିଜୟୀ-୦, ଡ୍ର-୫।
ଇଂଲଣ୍ଡ ବିଜୟୀ: ୧୯୫୨- ଏକ ଇନିଂସ ଓ ୨୦୭ ରନ୍, ୧୯୫୯- ୧୭୧ ରନ୍, ୧୯୭୪- ୧୧୩ ରନ୍, ୨୦୧୪- ଏକ ଇନିଂସ୍ ଓ ୫୪ ରନ୍।
ମ୍ୟାଚ୍ ଡ୍ର: ୧୯୩୬, ୧୯୪୬, ୧୯୭୧, ୧୯୮୨ ଓ ୧୯୯୦।
ସର୍ବାଧିକ ସ୍କୋର: ଇଂଲଣ୍ଡ- ୫୭୧/୮(ଘୋଷଣା), ୧୯୩୬। ଭାରତ-୪୩୨ ରନ୍, ୧୯୯୦।
ସର୍ବନିମ୍ନ ସ୍କୋର: ଭାରତ ୫୮/ଅଲ୍‌ଆଉଟ, ୧୯୫୨, ଇଂଲଣ୍ଡ: ୧୫୩/୫(ଘୋଷଣା), ୧୯୪୬।




# ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍



ଖେଲୋ ଇଣ୍ଡିଆ ସାଇକ୍ଲିଂ ଲିଗ୍ ଆରମ୍ଭରେ ଉପସ୍ଥିତ ସାଇକ୍ଲିଷ୍ଟ ଓ ଅତିଥିମାନେ।

ଭୁବନେଶ୍ୱର, ୨୨।୭(ତପନ ସ୍ୱାଇଁ)

ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ଆନୁକୂଲ୍ୟରେ ଗଞ୍ଜାମର ଗୋପାଳପୁରଠାରେ ପ୍ରଥମଥର ପାଇଁ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ସ୍ଥାନରୁ ୨୦୦ରୁ ଊର୍ଦ୍ଧ୍ୱ ମହିଳା ସାଇକ୍ଲିଷ୍ଟ ଓ ୧୬ ଟେକ୍ନିକାଲ ଅଫିସିଆଲ ଏଥିରେ ଅଂଶଗ୍ରହଣ କରିଥିଲେ। ଆୟୋଜକଙ୍କ ପକ୍ଷରୁ ସମସ୍ତ ପ୍ରତିଯୋଗୀଙ୍କୁ ସାଇକ୍ଲିଂ ହେଲ୍‌ମେଟ ପ୍ରଦାନ କରାଯାଇଥିଲା। ସିନିୟର ବର୍ଗରେ ୧୫ କିଲୋମିଟର, ଜୁନିୟର ଓ ଯୁଥ୍ ବର୍ଗରେ ୧୦ କି.ମି. ଲେଖାଏ ପ୍ରତିଯୋଗିତା ହୋଇଥିଲା। ମହିଳା ସିନିୟର ବର୍ଗର ରେସିଂ ସାଇକେଲ ଓ ସାଧାରଣ ସାଇକେଲ ବିଭାଗରେ ଯଥାକ୍ରମେ ଊର୍ମିଳା ବେହେରା ଓ ରତୁ ରାଓ ପ୍ରଥମ, ଲିଲି ମାଝି ଓ ସୋମାଲି ନାୟକ ଦ୍ୱିତୀୟ ଏବଂ ମୁସ୍କାନ କିଷନ ଓ ବନ୍ଦନା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ଜୁନିୟର ବର୍ଗରେ ମନୀଷା ସାହୁ, ଶିବାନୀ ସାଓ ଏବଂ ବନିତା କିଷନ ପ୍ରଥମ ୩ ସ୍ଥାନ ପାଇଥିଲେ। ଜୁନିୟର ଏବଂ ଯୁଥ୍ ବର୍ଗରେ ଯଥାକ୍ରମେ ସସ୍ମିତା ପଣ୍ଡା ଓ ତପସ୍ୱିନୀ ପାଣିଗ୍ରାହୀ ପ୍ରଥମ, ପୂର୍ବେଇ ମହାନ୍ତି ଓ ଅର୍ପିତା ପଣ୍ଡା ଦ୍ୱିତୀୟ ଏବଂ ସୁଶ୍ରୀ ସନ୍ତୋଷିନୀ ସେଠୀ ଓ କାଜଲ ଗୌଡ଼ ତୃତୀୟ ସ୍ଥାନ ହାସଲ କରିଥିଲେ। ଆୟୋଜକ କମିଟି ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ବିଷୋୟୀଙ୍କ ତତ୍ତ୍ୱାବଧାନ, ରାଜ୍ୟ ସାଇକ୍ଲିଂ ସଂଘ ସମ୍ପାଦକ ପ୍ରସନ୍ନ କୁମାର ରାଉତଙ୍କ ସଂଯୋଜନା ଓ ସଭାପତି ମିନତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଣିଜ୍ୟ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଏବଂ ଗଞ୍ଜାମ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ କେ. କାମେଶ୍ୱର ରାଓ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସଂଘ ଉପସଭାପତି ନୃସିଂହ ଚରଣ ସାହୁ, ଯୁଗ୍ମ ସମ୍ପାଦକ ଗୋପୀନାଥ ପଣ୍ଡା ଏବଂ ସଦସ୍ୟ ରାମକୃଷ୍ଣ ଦାସ, ସମ୍ବିତ୍ ମହାନ୍ତି, ଅପୂର୍ବ ରଞ୍ଜନ ବେହେରା, ମନୋରଞ୍ଜନ ବାରିକ ଓ ଅନୀତା କୁମାରୀ ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଦୀପ୍ତି ଶର୍ମାଙ୍କ ଉନ୍ନତି

ଦୁବାଇ, ୨୨।୭(ପି.ଟି.)

ଇଂଲଣ୍ଡ ବିପକ୍ଷ ଚଳିତ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରେ ଚମତ୍କାର ପ୍ରଦର୍ଶନ ଯୋଗୁ ଭାରତର ସ୍ମୃତି ମନ୍ଧାନା ସଦ୍ୟ ପ୍ରକାଶିତ ଆଇସିସି ମହିଳା ଦିନିକିଆ ବ୍ୟାଟର ର୍‍ୟାଙ୍କିଂ ତାଲିକାରେ ତାଙ୍କ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ଦୀପ୍ତି ଶର୍ମା ୧୦ ସ୍ଥାନ ଉପରକୁ ଉଠି ୨୩ତମ ସ୍ଥାନରେ ଅଛନ୍ତି। ସିରିଜର ପ୍ରଥମ ଦୁଇ ମ୍ୟାଚ୍‌ରେ ଉଭୟ ଭାରତ ଓ ଇଂଲଣ୍ଡ ଖେଳାଳିମାନ ଭଲ ପ୍ରଦର୍ଶନ କରିଥିବାରୁ ର୍‍ୟାଙ୍କିଂ ତାଲିକାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଦୀପ୍ତି ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ୬୨ ରନ୍‌କରି ଅପରାଜିତ ରହିଥିଲେ।

# ହରମନ୍‌ପ୍ରୀତଙ୍କ ଶତକ: ଭାରତର ବିଶାଳ ସ୍କୋର

ଲଣ୍ଡନ,୨୨।୭(ପି.ଟି.)

ଭାରତ ଓ ଇଂଲଣ୍ଡ ମହିଳା ଦଳ ମଙ୍ଗଳବାର ଦିନିକିଆ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ମହିଳା ଦଳ ଅଧିନାୟିକା ହରମନ୍‌ପ୍ରୀତ କୌରଙ୍କ ବିସ୍ଫୋରକ ଶତକ ବଳରେ ପ୍ରତିପକ୍ଷ ଇଂଲଣ୍ଡ ଆଗରେ ୩୧୯ ରନ୍‌ର ବିଶାଳ ଟାର୍ଗେଟ ଧାର୍ଯ୍ୟ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳକୁ ପ୍ରତିକା ରାୱଲ ଓ ସ୍ମୃତି ମନ୍ଧାନାଙ୍କ ଓପ୍‌ନିଂ ଯୋଡ଼ି ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲା। ଦୁହେଁ ପ୍ରଥମ ଉଇକେଟରେ ୬୪ ରନ୍ ଯୋଡ଼ିଥିଲେ। ହେଲେ ଏହି ଦୁଇ ଓପ୍‌ନର ୫ ଓଭର ବ୍ୟବଧାନରେ ଆଉଟ୍ ହୋଇଯାଇଥିଲେ। ପ୍ରତିକା ୨୬ ଓ ମନ୍ଧାନା ୪୫(୫ଚୌକା) ରନ୍‌କରି ପାଭିଲିଅନ ଫେରିଥିଲେ। ଅଧିନାୟିକା ହରମନ୍‌ପ୍ରୀତ ଓ ହର୍ଲିନ ଦେଓଲ ତୃତୀୟ ଉଇକେଟରେ ୮୧ ରନ୍ ଯୋଡ଼ିଥିଲେ। ମନ୍ଧାନାଙ୍କ ଭଳି ହର୍ଲିନ(୪୫ ରନ୍, ୪ ଚୌକା) ମଧ୍ୟ ଅଳ୍ପକେ ଅର୍ଦ୍ଧଶତକ ହାତଛଡ଼ା କରିଥିଲେ। ଏହାପରେ ହରମନ୍‌ପ୍ରୀତ ଓ ଜେମିମା ରୋଡ୍ରିଗୁଏଜ୍ ଚତୁର୍ଥ ଉଇକେଟ ପାଇଁ ୭୭ ବଲ୍‌ରେ ଦ୍ରୁତ ୧୧୦ ରନ୍‌କରି ଦଳକୁ ଏକ ବିଶାଳ ସ୍କୋର ଦିଗରେ ଆଗେଇ ନେଇଥିଲେ। ଜେମିମା ବ୍ୟକ୍ତିଗତ ଅର୍ଦ୍ଧଶତକ ପୂରଣ କରିବା ପରେ ଲୌରେନ ଫିଲରଙ୍କ ବଲ୍‌ରେ କ୍ୟାଚ୍‌ଆଉଟ୍ ହୋଇଥିଲେ। ହରମନ ୮୪ ବଲରେ ୧୪ ଚୌକା ବଳରେ ୧୦୨ ରନ୍‌ର ବିସ୍ଫୋରକ ପାଳି ଖେଳିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ସପ୍ତମ ଶତକ । ଶେଷରେ ରିଚା ଘୋଷ ଧୂଆଁଧାର ୩୮ ରନ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ ହରାଇ ୩୧୮ ରନ କରିଥିଲା।



ଶତକୀୟ ଇନିଂସ୍ ଅବସରରେ ହରମନପ୍ରୀତ୍ କୌର୍।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ମହିଳା ଦଳ: ୫୦ ଓଭରରେ ୩୧୮/୫ (ହରମନପ୍ରୀତ କୌର-୧୦୨, ସ୍ମୃତି ମନ୍ଧାନା-୪୫, ହର୍ଲିନ ଦେଓଲ-୪୫, ଜେମିମା ରୋଡ୍ରିଗୁଏଜ-୩୮*, ସୋଫି ଏକଲେଷ୍ଟୋନ-୧/୨୮, ଲୌରେନ ଫିଲର-୧/୬୪)।

# ଓଡ଼ିଶାର ଦ୍ୱିତୀୟ ପରାଜୟ

## ଜାତୀୟ ଜୁନିୟର ଫୁଟ୍‌ବଲ

ଭୁବନେଶ୍ୱର, ୨୨।୭(ତପନ ସ୍ୱାଇଁ)

ଅମୃତସରରେ ଚାଲିଥିବା ଜାତୀୟ ଜୁନିୟର ବାଳକ ଫୁଟ୍‌ବଲ ବି.ସି. ରୟ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ମଙ୍ଗଳବାର ସାହିବ୍‌ଜାଦା ଫତେ ସିଂ ଫୁଟ୍‌ବଲ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୧-୨ ଗୋଲରେ ମଣିପୁର ନିକଟରୁ ହାରିଯାଇଛି। ସଂଘର୍ଷପୂର୍ଣ୍ଣ ମ୍ୟାଚର ୨୬ତମ ମିନିଟ୍‌ରେ ମଣିପୁର ପକ୍ଷରୁ ଖଉତଲେଇବାମ ସୁଲ୍‌ତାନ ଗୋଲ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ଦଳକୁ ୧-୦ରେ ଅଗ୍ରଣୀ ରଖିଥିଲେ। ଓଡ଼ିଶା ଅଧିନାୟକ ଅମନ ଲାକ୍ରା ୫୭ତମ ମିନିଟ୍‌ରେ ଗୋଲଟି ପରିଶୋଧ କରିବାରୁ ମ୍ୟାଚ୍ ସମାନସ୍ତରକୁ ଚାଲିଆସିଥିଲା। ମାତ୍ର ୭୦ତମ ମିନିଟ୍‌ରେ ମଣିପୁରର ଅମୋମ କ୍ରିଶ୍ ସିଂ ସ୍କୋର କରିଥିବା ଗୋଲ୍‌ଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।



ଅମନ ଲାକ୍ରା

ପୂର୍ବରୁ ଗତ ରବିବାର ଗୁରୁ ନାନକ ଦେବ ୟୁନିଭର୍ସିଟି (ଜିଏନ୍‌ଡିୟୁ) ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ କର୍ଣ୍ଣାଟକଠାରୁ ୧-୩ ଗୋଲରେ ହାରିଯାଇଥିଲା। ଆସନ୍ତା ୨୪ରେ ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍ ଝାଡ଼ଖଣ୍ଡ ବିପକ୍ଷରେ ଖେଳିବ।

# ଆଜିଠାରୁ ଡୁରାଣ୍ଡ କପ୍ ଫୁଟ୍‌ବଲ

**କୋଲ୍‌କାତା, ୨୨।୭ (ପି.ଟି.):** ଆସନ୍ତା ଟପ୍ ଟିଅର ଘରୋଇ ଫୁଟ୍‌ବଲ ସିଜନକୁ ନେଇ ଅନିଶ୍ଚିତତା ଦେଖାଦେଇଥିବା ବେଳେ ବୁଧବାରଠାରୁ ଡୁରାଣ୍ଡ କପ୍‌ର ୧୩୪ତମ ସିଜନ ଆରମ୍ଭ ହେବାକୁ ଯାଉଛି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଏବଂ ଫୁଟ୍‌ବଲ ସ୍ପୋର୍ଟ୍ସ ଡେଭଲପ୍‌ମେଣ୍ଟ ଲିମିଟେଡ୍ (ଏଫ୍‌ଏସ୍‌ଡିଏଲ୍) ମଧ୍ୟରେ ମାଷ୍ଟର୍ସ ରାଉଣ୍ଡ ଏଗ୍ରିମେଣ୍ଟ(ଏମ୍‌ଆର୍‌ଏ)ର ନବୀକରଣ ହୋଇପାରିନାହିଁ, ଯାହା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର କାର୍ଯ୍ୟ ଓ ବ୍ୟବସାୟିକ ଢାଞ୍ଚାକୁ ନିୟନ୍ତ୍ରଣ କରିଥାଏ। ଏମ୍‌ଆର୍‌ଏର ମିଆଦ ଡିସେମ୍ବର ୮ରେ ଶେଷ ହେଉଛି। ଏପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ କୌଣସି ଅଗ୍ରଗତି ଘଟି ନ ଥିବାରୁ ସେପ୍ଟେମ୍ବରରେ ଆରମ୍ଭ ହେବାକୁଥିବା ଆଇଏସ୍‌ଏଲ୍ ଏଥର ଆୟୋଜନ ହେବ କି ନା ସେନେଇ ଅନିଶ୍ଚିତତା ଦେଖାଦେଇଛି।

# ରାଜ୍ୟ ପୋଲିସ ଭଲିବଲ, ବାସ୍କେଟ୍‌ବଲ ଉଦ୍‌ଘାଟିତ

କଟକ,୨୨।୭(କାର୍ତ୍ତିକ ସାହୁ)

କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନ ପରିସରରେ ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତା-୨୦୨୫ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ପୋଲିସ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଛନ୍ତି। ପ୍ରତିଯୋଗୀ ଓ କ୍ରୀଡ଼ା ପରିଚାଳକମାନଙ୍କୁ ଖେଳୁଆଡ଼ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଛନ୍ତି। ଚାମ୍ପିୟନଶିପ ଆୟୋଜନ ଓ ପରିଚାଳନା ନିମନ୍ତେ ସେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, ଆମେରିକାର ବର୍ମିଂହାମଠାରେ ଅନୁଷ୍ଠିତ ବିଶ୍ୱ ପୋଲିସ ଓ ଅଗ୍ନିଶମ କ୍ରୀଡ଼ା- ୨୦୨୫ରେ ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରି ଓଡ଼ିଶା ପୋଲିସର ୭ ଜଣ କୃତି କ୍ରୀଡ଼ାବିତ ଅପୂର୍ବ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ ସହ ଦେଶ, ରାଜ୍ୟ ତଥା ଓଡ଼ିଶା ପୁଲିସକୁ ଗୌରବାନ୍ୱିତ କରିଛନ୍ତି। ଭାରତୀୟ କ୍ରୀଡା ଇତିହାସରେ ଏକ ଗୌରବମୟ ଅଧ୍ୟାୟ ଲେଖି, ଓଡ଼ିଶା ପୋଲିସ ଖେଳାଳିମାନେ ବିଭିନ୍ନ ଆଥଲେଟିକ୍ସ ଏବଂ କରାଟେ ଇଭେଣ୍ଟରେ ବ୍ୟକ୍ତିଗତ ଭାବେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ କାଂସ୍ୟ ସମେତ ୨୦ ପଦକ ହାସଲ କରିଛନ୍ତି। ଏହି ଅସାଧାରଣ ସଫଳତା ଦେଶ, ରାଜ୍ୟ ଏବଂ ଓଡ଼ିଶା ପୋଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ମୁଖ୍ୟ ଅତିଥି କୁମାର କହିଛନ୍ତି। ସୂଚନା ଯୋଗ୍ୟ, ଆସନ୍ତା ୨୮ ପର୍ଯ୍ୟନ୍ତ ଷଷ୍ଠ ବାଟାଲିୟନର ବିଭିନ୍ନ ଗ୍ରାଉଣ୍ଡରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଚାମ୍ପିୟନଶିପରେ ସାରା ରାଜ୍ୟର ବିଭିନ୍ନ ଜିଲା ଏବଂ ବାଟାଲିୟନରୁ ୨୫ଟି ପୋଲିସ ଭଲିବଲ ଟିମ ଓ ୫ଟି ପୋଲିସ ବାସ୍କେଟବଲ ଟିମ ଅଂଶ ଗ୍ରହଣ କରିଛନ୍ତି। ସମୁଦାୟ ୪୨୯ ଜଣ ଖେଳାଳି ସାମିଲ ହୋଇଛନ୍ତି। ଉଦଘାଟନୀ ସମାରୋହରେ ଆଇଜିପି ଗଜଭିୟେ ସତୀଶ କୁମାର, ଏଆଇଜି (ମୁଖ୍ୟାଳୟ) ତପନ ନାରାୟଣ ରଥ, ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟ ନାରାୟଣ ମଲ୍ଲିକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନ୍ଧାତା ସାଇ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ପୋଲିସ ଅଧିକାରୀ, ସମସ୍ତ ଟିମର ଅଧିନାୟକ, ଖେଳାଳିମାନେ ଉପସ୍ଥିତ ଥିଲେ।




ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ଅବସରରେ ପ୍ରତିଯୋଗୀଙ୍କ ପରେଡ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ